# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୪/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 4/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 72 | ମୂଲ୍ୟ₹୭/-



ଓଡ଼ିଶା ସରକାର

DSPL-615

ଆମ ଓଡ଼ିଶା ନବୀନ ଓଡ଼ିଶା



ନୂଆ ଦିଲ୍ଲୀ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ
ଓଡ଼ିଆ ପାଠ୍ୟକ୍ରମରେ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର
ପ୍ରତିଷ୍ଠା ପାଇଁ

ଓଡ଼ିଶା ସରକାର ଏବଂ
ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆ ଦିଲ୍ଲୀ
ମଧ୍ୟରେ ବୁଝାମଣା ସ୍ମାରକ ପତ୍ର ସ୍ୱାକ୍ଷର

OIPR-11001/13/0064/2324

୪ ଫେବୃଆରୀ ୨୦୨୪
ଅପରାହ୍ନ ୩ଟା ୩୦

ଓଡ଼ିଆ ଭାଷାରେ ପ୍ରଗତିଶୀଳ ଗବେଷଣା ନିମନ୍ତେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହଭାଗିତା ଓ ସହଯୋଗିତା!!!
ଆମର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ତଥା ପ୍ରୋତ୍ସାହନ ନିମନ୍ତେ ଉଲ୍ଲେଖନୀୟ ଭିତ୍ତି ନିର୍ମାଣ।

ଉଚ୍ଚ ଶିକ୍ଷା ବିଭାଗ

# ଯକୃତ କ୍ୟାନ୍ସର ଓ ହେପାଟାଇଟିସ୍ 'ବି'

ବିଶ୍ୱ କର୍କଟ ଦିବସ



ଚଳିତବର୍ଷ ବିଶ୍ୱ କ୍ୟାନ୍ସର ଦିବସର ବାର୍ତ୍ତା ରହିଛି 'ଆଇ ଆମ୍ ଆଣ୍ଡ ଆଇ ଉଇଲ୍'। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନ୍ସର ଦିବସ ଭାବେ ପାଳନ କରାଯାଏ। ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତିବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି। ଏହାର ଭୟାବହତା ପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ଚିକିତ୍ସା ଓ ନିରାକରଣ ଉଦ୍ଦେଶ୍ୟରେ ଆଜିର ଦିନକୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଉଛି। କର୍କଟଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଏହି ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ। କର୍କଟ ରୋଗ ଚିହ୍ନଟ ପରେ ତା' ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥା'ନ୍ତି। ଏହି ଭୂତାଣୁ ଦ୍ୱାରା ଅନ୍ୟ ଲୋକମାନେ ମଧ୍ୟ ସଂକ୍ରମିତ ହୋଇଥା'ନ୍ତି। ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକ୍ସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡ଼ା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ ଏହି ସଂକ୍ରମଣର ସମ୍ଭାବନା ରହିଥାଏ। ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥା'ନ୍ତି, ଯାହାକୁ ସିଧାପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଏହି କ୍ଷେତ୍ରରେ ରୋଗୀକୁ ଭୋକ ଲାଗିନଥାଏ, ବାନ୍ତି ହୋଇଥାଏ, ଶରୀରରେ ଜ୍ୱର ଦେଖାଯାଏ, ଦେହ ଘୋଳାବିନ୍ଧା, କଷ୍ଟ ଲାଗେ, ଆଖି ଓ ଚର୍ମ ହଳଦିଆ ଦେଖାଯିବା ସହ ପରିସ୍ରା ଗାଢ଼ ରଙ୍ଗର ହୋଇଥାଏ। ମଳ ମଧ୍ୟ ହାଲୁକା ରଙ୍ଗର ହୋଇଥାଏ। ବେଳେବେଳେ ବୃକକ୍ ଓ ମସ୍ତିଷ୍କ ମଧ୍ୟ ଅକାମୀ ହୋଇଯାଏ ଓ ଏ କ୍ଷେତ୍ରରେ ରୋଗୀ ସଂଜ୍ଞାହୀନ ହୋଇଯାଏ।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ରହିଛନ୍ତି। ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥା'ନ୍ତି। ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ। କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥା'ନ୍ତି। ପ୍ରକାଶିତ ବିଭିନ୍ନ ରିପୋର୍ଟରେ ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୂନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ। ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକ ଜାଣିନଥା'ନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ। ଏହି ବାହକମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁର ପ୍ରବେଶ ଜଣେ ସୁସ୍ଥ ଲୋକକୁ ହୋଇପାରିବ। ହେପାଟାଇଟିସ୍ 'ବି' ଏଡ୍ସଠାରୁ ଶହେଗୁଣ ଅଧିକ ସଂକ୍ରାମକ। ଭାରତରେ ଏଡ୍ସ ଯୋଗୁ ସାରା ବର୍ଷରେ ଯେତେ ଲୋକ ମରନ୍ତି, ତା'ଠାରୁ ଅଧିକ ଗୋଟିଏ ଦିନରେ ହେପାଟାଇଟିସ୍ 'ବି' ଯୋଗୁ ମୃତ୍ୟୁବରଣ କରନ୍ତି। ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି। ପ୍ରତିବର୍ଷ ପ୍ରାୟ ୧ ଲକ୍ଷ ଲୋକ ଏହି ଭୂତାଣୁଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି। ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିଙ୍କୁ ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି। ଡାକ୍ତର ଓ ଶଲ୍ୟ ଚିକିତ୍ସକ, ସେବିକା, ପାଥୋଲୋଜି ଟେକ୍ନିସିଆନ୍ ଏବଂ ରକ୍ତଭଣ୍ଡାର ଓ ବୃକକ୍ ଡାଏଲିସିସ୍ ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଅଧିକ ସଂକ୍ରମଣ ହେବାର ସମ୍ଭାବନା। ସମଲିଙ୍ଗ ସଂଗମ ପ୍ରୟାସୀ ରୂପଜୀବୀ, ବିଶୃଙ୍ଖଳ ଅସୁରକ୍ଷିତ ଯୌନକ୍ରିୟା, ଇଞ୍ଜେକ୍ସନ ମାଧ୍ୟମରେ ନିଶାସେବନ କରୁଥିବା ବ୍ୟକ୍ତିମାନେ ମଧ୍ୟ ଏହି ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ଅଧିକ ସଂକ୍ରମଣ ହେବା ସମ୍ଭାବନା ରହିଛି। ଥାଲାସେମିଆ ଓ ହିମୋଫିଲିଆ ରୋଗୀ, ଯେଉଁମାନେ ବାରମ୍ବାର ରକ୍ତ ନିଅନ୍ତି ସେମାନେ ମଧ୍ୟ ଏଥିରେ ଆକ୍ରାନ୍ତ ହୁଅନ୍ତି। ହେପାଟାଇଟିସ୍ 'ବି' ପ୍ରତିଷେଧକ ଟିକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ। ସାଧାରଣତଃ ତିନୋଟି ଟିକା ଜଣେ ଲୋକକୁ ନେବାକୁ ପଡ଼ିଥାଏ। ପ୍ରଥମ ଟିକାର ଏକମାସ ପରେ ଦ୍ୱିତୀୟ ଟିକା ଓ ପ୍ରଥମ ଟିକାର ଛଅମାସରେ ତୃତୀୟ ଟିକା ନେବାକୁ ପଡ଼ିଥାଏ। ସାଧାରଣତଃ ଏହି ଟିକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ କୌଣସି ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇନାହିଁ, ଯଦ୍ଵାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବ। ତେବେ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟିକା ଦ୍ୱାରା ସମ୍ଭବ। ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ। ଅଭିଜ୍ଞ ଯକୃତ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ।

**– ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର**
ଏସ୍‌ସିବି ମେଡିକାଲ କଲେଜ, କଟକ
ମୋ: ୯୪୩୭୦୫୧୯୫୭

# ସୋମବାର ବିଜେଡି, ଭାଜପା, କଂଗ୍ରେସର ବିଧାୟକ ଦଳ ବୈଠକ

## ଶେଷ ଅଧିବେଶନ ପାଇଁ ସବୁ ଦଳ ଉପରେ ନଜର

ଭୁବନେଶ୍ୱର,୩।୨(ସୁନିତ୍ ମିଶ୍ର)

ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଆସନ୍ତା ୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ୨୦୨୪ ସାଧାରଣ ନିର୍ବାଚନ ନେଇ କୌଣସି ସମୟରେ ତାରିଖ ଘୋଷଣା ହୋଇଯାଇପାରେ। ଆସନ୍ତା ନିର୍ବାଚନ ପୂର୍ବରୁ ଏହା ଶେଷ ଅଧିବେଶନ ହୋଇପାରେ। ସରକାର ଏହି ଅଧିବେଶନରେ ଅନ୍ତରୀଣ ବଜେଟ ଗୃହରେ ଉପସ୍ଥାପିତ କରିବେ। ସମୟ ଦୃଷ୍ଟିରୁ ଦେଖିଲେ ନିର୍ବାଚନ ପୂର୍ବରୁ ଏହା ଶେଷ ଅଧିବେଶନ ହୋଇଥିବା କାରଣରୁ ବିରୋଧୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଶାସକ ଦଳକୁ ଟାର୍ଗେଟ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। କେଉଁସବୁ ପ୍ରସଙ୍ଗରେ ଶାସକ ଦଳକୁ ଘେରିଲେ ନିର୍ବାଚନରେ ତାହା ଫାଇଦା ଦେଇପାରିବ ସେନେଇ ବିରୋଧୀ ଶିବିରରେ ବେଶ୍ ଆଲୋଚନା ଚାଲିଛି। ମିଳିଥିବା ସୂଚନା ମୁତାବକ, ଶାସକ ବିଜେଡି ପକ୍ଷରୁ ସୋମବାର ପୂର୍ବାହ୍ନ ୧୦ଟା ସମୟରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ବିରୋଧୀଙ୍କୁ କିପରି ମୁକାବିଲା କରିହେବ ସେନେଇ ଦଳ ପକ୍ଷରୁ ଆଲୋଚନା ହେବ। ତେବେ କେନ୍ଦ୍ରୀୟ ଅବହେଳା ଏବଂ ଦରଦାମ୍ ବୃଦ୍ଧି ପ୍ରସଙ୍ଗରେ ବିଜେଡି ଦୀର୍ଘଦିନ ହେଲା ଚୁପ୍ ରହିବା ଯୋଗୁ ଏହି କଥା ଆଉ ଧରିବ ନାହିଁ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଏହାସହ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାର୍ଲାମେଣ୍ଟରେ ପାସ୍ ହେବାବେଳେ ବିଜେଡି ସମର୍ଥନ କରିଛି। ତେଣୁ କେଉଁ ପ୍ରସଙ୍ଗ ଉପରେ ଦଳ ବିଚାର କରି ବିରୋଧୀଙ୍କ ମୁକାବିଲା କରିବ ସେନେଇ ଚର୍ଚ୍ଚା ଜୋର୍ ଧରିଛି। ଭାଜପା ବିଧାୟକ ଦଳ ବୈଠକ ସୋମବାର ପୂର୍ବାହ୍ନ ୯ଟାରେ ଅନୁଷ୍ଠିତ ହେବ। ଦଳର ଜଣେ ବିଧାୟକଙ୍କ କହିଛନ୍ତି, କେନ୍ଦ୍ରୀୟ ଯୋଜନାକୁ ନିଜ ନାଁରେ ପ୍ରଚାର କରିବା, ନବ ଦାସ ହତ୍ୟାକାଣ୍ଡରେ ଏଫ୍‌ବିଆଇ ତଦନ୍ତ କ'ଣ ହେଲା ଆଦି ପ୍ରସଙ୍ଗ ଉପରେ ଆଲୋଚନା ହେବ। ମଙ୍ଗଳବାରଠାରୁ ରାହୁଲ ଗାନ୍ଧୀ ଅଢେଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ତେଣୁ ପ୍ରାୟ ସବୁ ବିଧାୟକ ଏବେ ରାଉରକେଲାରେ ଡେରା ପକାଇଛନ୍ତି। ତେଣୁ ସୋମବାର ଶେଷ ମୁହୂର୍ତ୍ତରେ କଂଗ୍ରେସ ବିଧାୟକ ଦଳ ବୈଠକ ହୋଇପାରେ ବୋଲି ବିଧାୟକ ସନ୍ତୋଷ ସିଂ ସାଲୁଜା ସୂଚନା ଦେଇଛନ୍ତି।




# ନିଖୋଜ ପିହୁ ମା'ଙ୍କ ସମେତ ୮ ଅଟକ

- ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇବାକୁ ସମ୍ବଲପୁର ଯାଉଥିଲେ
- ଅପରାହ୍ନ ୧ଟା ୩୦ରେ ଛାଡ଼ିଲା ଢେଙ୍କାନାଳ ପୋଲିସ

ଢେଙ୍କାନାଳ,୩।୨(ରତନ ନାୟାର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମ୍ବଲପୁରରେ ଭେଟି ଶନିବାର ଦାବି ଜଣାଇବାକୁ ଯାଉଥିବା ଯାଜପୁର ଜିଲା ବିଞ୍ଝାରପୁର ଥାନା ମଧୁସୂଦନପୁର ଗ୍ରାମର ନିଖୋଜ ଶିଶୁ ପିହୁଙ୍କ ମା'ଙ୍କ ସମେତ ମୋଟ୍ ୮ଜଣଙ୍କୁ ଢେଙ୍କାନାଳ ପୋଲିସ ଦୀର୍ଘ ସମୟ ଧରି ଅଟକ ରଖିଥିଲା। ଏକ କାର୍ ଯୋଗେ ସମ୍ପୃକ୍ତ ୮ ଜଣ ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଢେଙ୍କାନାଳ ଜିଲା ଭାପୁର ଫାଣ୍ଡି ପୂର୍ବରୁ ଢେଙ୍କାନାଳ ପୋଲିସ ସେମାନଙ୍କୁ ଅଟକାଇବା ସହ ଗୋବିନ୍ଦପୁର ଫାଣ୍ଡିକୁ ଆଣି ଅଟକ ରଖିଥିଲା। ତେବେ ଅପରାହ୍ନ ସାଢ଼େ ୧ଟା ସମୟରେ ଅଟକମାନଙ୍କୁ ପୋଲିସ ଫାଣ୍ଡିରୁ ଛାଡ଼ି ଦେଇଥିଲା।

ପ୍ରକାଶ ଯେ, ଯାଜପୁର ଜିଲା ବିଞ୍ଝାରପୁରର ୨ ବର୍ଷର ଶିଶୁକନ୍ୟା ପିହୁ ୨୦୨୦ ଅଗଷ୍ଟ ୯ରୁ ନିଖୋଜ ରହିଛନ୍ତି। ୪ ବର୍ଷ ପରେ ମଧ୍ୟ ପୋଲିସ ପିହୁଙ୍କୁ ଖୋଜିପାରି ନାହିଁ। ତେଣୁ ଘଟଣାର ସିବିଆଇ ତଦନ୍ତ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବି କରିବାକୁ ପିହୁଙ୍କ ମା' ମୋନାଲିସା ନାୟକ ସମ୍ବଲପୁର ଅଭିମୁଖେ ଏକ କାର୍‌ରେ ଯାଉଥିଲେ। ତାଙ୍କ ସହ ଜଗତସିଂହପୁର ଜିଲା କୁଜଙ୍ଗର ଅମୃତ ଦାସ ହତ୍ୟାକାଣ୍ଡର ନ୍ୟାୟ ପାଇଁ ଭାଇ ସୁବ୍ରତ ଦାସ, ମାହାଙ୍ଗାର ଦୀପ୍ତିକାନ୍ତ ସାହୁ ହତ୍ୟାକଣ୍ଡର ନ୍ୟାୟ ପାଇଁ ଭାଇ ଦିଲୀପ କୁମାର ସାହୁ, ଗୋପାଳପୁର ଗ୍ରାମର କ୍ଷେତ୍ରବାସୀ ସାହୁଙ୍କ ୧୬ବର୍ଷର ପୁଅ ଯୋଗେଶ୍ୱର ସାହୁ ହତ୍ୟାକାଣ୍ଡର ନ୍ୟାୟ ପାଇଁ କ୍ଷେତ୍ରବାସୀ ପ୍ରମୁଖ ସମ୍ବଲପୁର ଅଭିମୁଖେ ଯାଉଥିଲେ। ତେବେ ଭୋର୍ ସମୟରେ ଢେଙ୍କାନାଳ ପୋଲିସ ସେମାନଙ୍କୁ ଗାଡ଼ି ସହ ନେଇ ଗୋବିନ୍ଦପୁର ଫାଣ୍ଡିରେ ଅଟକ ରଖିଥିଲା। ପୋଲିସର ଏପରି କାର୍ଯ୍ୟକୁ ନେଇ ଅଟକମାନେ ତୀବ୍ର ପ୍ରତିବାଦ କରିଥିଲେ। ଫାଣ୍ଡି ମୁଖ୍ୟ ଗେଟ୍ ପାଖରେ ବସିରହି ସେମାନେ ପାଟିକରିଥିଲେ। ପୋଲିସ ସେମାନଙ୍କୁ ଗେଟ୍ ପାଖରୁ ଫାଣ୍ଡି ମଧ୍ୟକୁ ଭିଡ଼ି ନେଉଥିବା ଦେଖାଯାଇଥିଲା। ଏହାପରେ ଦିନ ପ୍ରାୟ ସାଢ଼େ ୧ଟା ସମୟରେ ଅଟକମାନଙ୍କୁ ପୋଲିସ ଫାଣ୍ଡିରୁ ଛାଡି ଦେଇଥିଲା। ଗଣମାଧ୍ୟମ ସମ୍ମୁଖରେ ପିହୁଙ୍କ ମା' ମୋନାଲିସା କହିଛନ୍ତି, ଝିଅ ନିଖୋଜ ଘଟଣାର ସିବିଆଇ ତଦନ୍ତ କରିବାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ପଠାଇଥିଲୁ। ଏପରି କି ସମ୍ବଲପୁର ଆସିଥିବା ପ୍ରଧାନମନ୍ତ୍ରୀଙ୍କୁ ନ୍ୟାୟ ପାଇଁ ଦାବି ଜଣାଇବାକୁ ଅନୁମତି ପାଇଥିଲୁ। ତେଣୁ ସମ୍ବଲପୁର ଅଭିମୁଖେ ଯାଉଥିଲୁ। ଏଥିରେ କ'ଣ ଭୁଲ ରହିଲା ଯେ, ପୋଲିସ ଆମକୁ ବାଟରୁ ଉଠାଇ ଆଣି ଅଟକ ରଖିଲା। ଏ ସଂକ୍ରାନ୍ତରେ ଢେଙ୍କାନାଳ ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ଓ ସଦର ଥାନା ଅଧିକାରୀ ଦୀପକ ଲେଙ୍କା କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଯାଉଥିବା କୌଣସି ଗାଡ଼ିକୁ ଅଟକାଯାଇନାହିଁ। କେବଳ ଆଇନଶୃଙ୍ଖଳା ପରିସ୍ଥିତି ସମ୍ଭାବନାକୁ ନଜରରେ ରଖି ଗୋଟିଏ କାର୍‌ରେ ଆସୁଥିବା କେତେଜଣଙ୍କୁ ଅଟକାଯାଇଥିଲା। ଅପରାହ୍ନ ସାଢେ ୧ଟା ମଧ୍ୟରେ ସେମାନଙ୍କୁ ଛାଡ଼ି ଦିଆଯାଇଛି।



ଗୋବିନ୍ଦପୁର ଫାଣ୍ଡିରେ ପିହୁଙ୍କ ମା' ସମେତ ଅନ୍ୟମାନେ ଅଟକ ରହିଛନ୍ତି।

# ଦୁର୍ଘଟଣାରେ ଗଲା ୮ ଜୀବନ

ତିଗିରିଆ/ନିଶ୍ଚିନ୍ତକୋଇଲି/ଯାଜପୁରରୋଡ୍,୩।୨
(ଜାଫର ଖାଁ/ ଅଶୋକ କୁମାର ମହାପାତ୍ର/ ପବିତ୍ର ରଞ୍ଜନ ମହାନ୍ତି)

ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୮ଜଣଙ୍କ ପ୍ରାଣହାନୀ ଘଟିଛି। କଟକ ଜିଲା ତିଗିରିଆ ଥାନା ଅନ୍ତର୍ଗତ ଗଦାଧରପୁର ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କାର ଭାରସାମ୍ୟ ହରାଇ ଜଣେ ବ୍ୟକ୍ତିଙ୍କ ଘର କାନ୍ଥରେ ପିଟି ହୋଇଯାଇଥିଲା। ଫଳରେ କାର୍‌ରେ ଥିବା ୪ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବାଙ୍କୀ ପାଳପୁଟ ଗ୍ରାମର ଚୁଲୁ ପରିଡା, ହରିରାଜପୁର ଗ୍ରାମର ରାମ ସ୍ୱାଇଁ, ବଡ଼ମ୍ବାର ଦିଲୀପ ମଲ୍ଲିକ ଓ ତପନ ରାଉତ। ବାଙ୍କୀ ଥାନା ଖଜୁରିପଡା ଗ୍ରାମରେ ସେମାନେ ବିବାହ ଭୋଜି ଖାଇ ଫେରୁଥିବାବେଳେ କାର୍‌ଟି ଭାରସାମ୍ୟ ହରାଇ ଜମ୍ନେଶ୍ୱର ବେହେରାଙ୍କ ଘର କାନ୍ଥରେ ପିଟି ହୋଇଯାଇଥିଲା। ସେହିପରି ସାଲେପୁର ଥାନା ଅଧୀନ ଜହ୍ନିଆ ପୋଲ ନିକଟରେ ଶନିବାର ଭୋର ସମୟରେ ଏକ ଯାତ୍ରୀବାହୀ ବସ୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ ଚାଳକ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଜଗତ୍‌ସିଂପୁର ଜିଲା ରଘୁନାଥପୁର ଥାନା ଗୋକୁଳପୁର ଗ୍ରାମର ସୁବ୍ରତ ସିଂ (୨୫) ଓ କଟକ ଜିଲା ଟାଙ୍ଗି ଥାନା ଭବତପୁର ଗ୍ରାମର ବିଶ୍ୱଜିତ ପଣ୍ଡା(୨୬)। ଖବରପାଇ ସାଲେପୁର ପୋଲିସ ପହଞ୍ଚି ୨ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘନ କୁହୁଡ଼ି ପାଇଁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ୟ ଏକ ଦୁର୍ଘଟଣାରେ ନିଶ୍ଚିନ୍ତକୋଇଲି ବ୍ଲକ ମଣିଜଙ୍ଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ରଞ୍ଜିତା ନାୟକଙ୍କ ଶୁକ୍ରବାର ଅପରାହ୍ନରେ ମୃତ୍ୟୁ ଘଟିଛି। ସେ ସ୍ୱାମୀ ସର୍ବେଶ୍ୱର ନାୟକଙ୍କ ସହ ଏକ ବାଇକ ଯୋଗେ ମଣିଜଙ୍ଗାସ୍ଥିତ ଘରକୁ ଆସୁଥିଲେ। ଏହି ସମୟରେ କଟକ ଗତିରାଉତପାଟଣା ନିକଟରେ ପଛରୁ ଆସୁଥିବା ଏକ ପିକ୍‌ଅପ ଭ୍ୟାନ ଉକ୍ତ ବାଇକ୍‌କୁ ଧକ୍କା ଦେଇ ଥିଲା। ଫଳରେ ରଞ୍ଜିତା ତଳେ ପଡ଼ିଯାଇଥିଲେ। ଏହିସମୟରେ ଭ୍ୟାନଟି ତାଙ୍କ ଉପରେ ଚଢ଼ିଯାଇଥିଲା। ସେହିପରି ଯାଜପୁରରୋଡ୍ ଥାନା ଫାୟାର ଷ୍ଟେଶନ ମିଲେଟାରି ଛକ ବାଇପାସ ରାସ୍ତାର ଗଣ୍ଡାନାଳ ନିକଟରେ ଏକ ବାଇକ ଡିଭାଇଡରରେ ପିଟିହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳର ଚଗୁଲି ଦେହୁରି(୩୨)। ଗୁରୁତର ସେହି ଥାନା ଅଞ୍ଚଳର ସୁଭାଷ ଦେହୁରି।



# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୪/୨୦୨୪ | Bhubaneswar, Sunday, February 4/2024 | ପୃଷ୍ଠା-୧







# ସ୍ୱତନ୍ତ୍ର ଭାଷା ନୀତି ହେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ଜନତା ମଇଦାନଠାରେ ଶନିବାର ଉଦ୍‌ଘାଟିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନ'ରେ ସମ୍ମାନିତ କରୁଛନ୍ତି।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ

- ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନ'
- ପ୍ରତିଭା ରାୟ, ସୀତାକାନ୍ତ ମହାପାତ୍ର, ପ୍ରଫେସର ଆର୍ଲୋ ଗ୍ରୀଫିଥ୍ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୩।୨(ଅସମାପିକା ସାହୁ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଭୁବନେଶ୍ୱର ଜନତା ମଇଦାନଠାରେ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ସମ୍ମିଳନୀରେ ଓଡ଼ିଶା ସମେତ ଦେଶ ବିଦେଶରେ ରହୁଥିବା ସମସ୍ତ ଓଡ଼ିଆ ଭଉଣୀଭାଇ ଏକ ସମୟରେ ବନ୍ଦେ ଉତ୍କଳ ଜନନୀ ଗାନ କରି ଓଡ଼ିଆ ଭାଷାର ଏହି ମହୋତ୍ସବରେ ସାମିଲ ହୋଇଥିଲେ। ସମ୍ମିଳନୀରେ ଯାହା ପ୍ରସ୍ତାବ ଆସିବ, ରାଜ୍ୟ ସରକାର ତାହାକୁ ଆଧାର କରି ଏକ ସ୍ୱତନ୍ତ୍ର ଭାଷା ନୀତି ପ୍ରସ୍ତୁତ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଓଡ଼ିଆ ଜାତିର ଭବିଷ୍ୟତ ବିକାଶ ରାସ୍ତାକୁ ଏହି ସମ୍ମିଳନୀ ପ୍ରଶସ୍ତ କରିବ। ଓଡ଼ିଆ ଜାତିର, ଓଡ଼ିଆ ଭାଷାର ଭବିଷ୍ୟତ ଉଜ୍ଜ୍ୱଳ ହେବ। ନୂଆ ସଂସ୍କୃତି ଓ ବୈଷୟିକ ଜ୍ଞାନର ପ୍ରଭାବ ଭାଷା ଉପରେ ରହୁଛି। ତେଣୁ ଭାଷାର ସବୁ ଦିଗ ଉପରେ ଆଲୋଚନା ହେଉ। ଭଲ ସାହିତ୍ୟ ସୃଷ୍ଟି ସହ ଓଡ଼ିଆ ଭାଷାର ଅଧିକ ବ୍ୟବହାର ଉପରେ ଆଲୋଚନା ହେଉ। ଏହି ସମ୍ମିଳନୀରେ ଆମେ ଆମ ଭାଷାର ଇତିହାସ ଜାଣିବା। ବର୍ତ୍ତମାନକୁ ଦେଖିବା ଓ ଭବିଷ୍ୟତ ପାଇଁ ରାସ୍ତା ତିଆରି କରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ବିଭାଗୀୟ ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ ସ୍ୱାଗତ ଭାଷଣ ଦେଇ କହିଲେ, ଆମ ସମସ୍ତଙ୍କ ପାଇଁ ଏହି ☞ପୃଷ୍ଠା-୨

# ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ୍

- ୬୮ ହଜାର କୋଟିର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ
- ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ ଶୁଭାରମ୍ଭ
- ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ ଜାରି ରଖିବାକୁ ପ୍ରତିଶ୍ରୁତି

ସମ୍ବଲପୁର,୩।୨(ଭବାନୀ ଶଙ୍କର ଭୋଇ)



ଆଇଆଇଏମ୍ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

ସମ୍ବଲପୁର ବସନ୍ତପୁର ନିକଟରେ ନବନିର୍ମିତ ଆଇଆଇଏମ୍ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଅପରାହ୍ଣ ୨ଟା ୪୫ ମିନିଟରେ ପ୍ରଧାନମନ୍ତ୍ରୀ ମୋଦି ସ୍ୱତନ୍ତ୍ର ବିମାନ ଯୋଗେ ଆଇଆଇଏମ୍ ପରିସରରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇବା ପରେ ସେଠାରେ ଉପସ୍ଥିତ ଥିବା ପଶ୍ଚିମ ଓଡ଼ିଶାର ପଦ୍ମ ପୁରସ୍କାର ପାଇଥିବା ହଳଧର ନାଗ, ଜିତେନ୍ଦ୍ର ହରିପାଲ, କ୍ରିଷ୍ଣା ପଟେଲ, ମିତ୍ରଭାନୁ ଗୌନ୍ତିଆଙ୍କ ସମେତ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ବିନୋଦ ପଶାୟତ ଓ ଭାଗବତ ପଧାନ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଆଇଆଇଏମ୍ ସ୍ଥାୟୀ କ୍ୟାମ୍ପସ୍‌କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଇଆଇଏମ୍‌ର ଏକ ମଡେଲ ଜରିଆରେ କ୍ୟାମ୍ପସ୍ ବିଷୟରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ଅତିଥିମାନଙ୍କୁ ଅବଗତ କରାଇଥିଲେ। ପରେ ଆଇଆଇଏମ୍ କ୍ୟାମ୍ପସ୍ ପରିସରରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ପ୍ରଧାନମନ୍ତ୍ରୀ ଯୋଗ ଦେଇଥିଲେ। ଏହି ସଭାରେ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ମେରେ ମିତ୍ର ନବୀନ ପଟ୍ଟନାୟକ ବୋଲି ସମ୍ବୋଧନ କରିଥିଲେ। ଆଜିର ଦିନକୁ ଓଡ଼ିଶା ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଦିନ ବୋଲି ବର୍ଣ୍ଣନା କରିଥିଲେ।

୨୦୧୫ରୁ ଆଇଆଇଏମ୍ ସମ୍ବଲପୁରର ସ୍ଥାପନ ହେବା ପରେ ପ୍ରଥମେ ଘରୋଇ କଲେଜରେ ପାଠପଢା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର କ୍ୟାମ୍ପସ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରକୁ ସ୍ଥାନାନ୍ତର କରାଯାଇଥିଲା। ବସନ୍ତପୁରଠାରେ ☞ପୃଷ୍ଠା-୨

# ଆଡ଼ଭାନୀଙ୍କୁ ଭାରତରତ୍ନ



ଲାଲ୍‌କୃଷ୍ଣ ଆଡ଼ଭାନୀ

ନୂଆଦିଲ୍ଲୀ,୩।୨(ପି.ଟି.)

ବର୍ଷୀୟାନ ଭାଜପା ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଏହା ଘୋଷଣା କରିବା ଅବସରରେ ଏହା ତାଙ୍କ ପାଇଁ ଭାବବିହ୍ୱଳ ମୁହୂର୍ତ୍ତ ବୋଲି କହିଛନ୍ତି। ଆଡଭାନୀ ଆମ ସମୟର ସବୁଠୁ ସମ୍ମାନିତ ରାଷ୍ଟ୍ରନେତା ଏବଂ ଭାରତର ବିକାଶ ପାଇଁ ତାଙ୍କର ଅବଦାନ ସ୍ମରଣୀୟ। ସେ ତୃଣମୂଳ ସ୍ତରରୁ ଦେଶ ପାଇଁ କାମ କରି ଉପପ୍ରଧାନମନ୍ତ୍ରୀ ହୋଇଥିଲେ। ବହୁଦଶନ୍ଧି ଧରି ତାଙ୍କର ସେବା ଏବଂ ସ୍ୱଚ୍ଛତା ଓ ସଂହତି ପ୍ରତି ତାଙ୍କର ଅଟଳ ପ୍ରତିବଦ୍ଧତା ରାଜନୀତିରେ ଉଦାହରଣ ହୋଇ ରହିବ। ମୋଦି ଭାରତରତ୍ନ ପାଇଁ ଆଡଭାନୀଙ୍କ ନାଁ ଘୋଷଣା କରିବା ଅବସରରେ ☞ପୃଷ୍ଠା-୧୩


ଆଜିର ସମ୍ପାଦକୀୟ

ବିଚାରଧାରାରୁ ଦୂରରେ








# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଟିଭିର ମିନି ମାରାଥନ୍, ସ୍ଥାନ: ୭ମ ବାଟାଲିଅନ ଗ୍ରାଉଣ୍ଡ, ସମୟ: ସକାଳ ୭ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୦ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ରାଜଭବନ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ସ୍ଥାନ: ଜନତା ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।
- ଷ୍ଟେଟ୍ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ନ୍ୟାଶନାଲ ଗ୍ରୀନ୍ ମେଟାଲ ସମ୍ମିଳନୀ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୧ଟା।
- ଓଡ଼ିଶା କେନେଲ କ୍ଲବ ଅଲ୍ ବ୍ରିଡ ଡଗ୍ ଶୋ', ସ୍ଥାନ: ଓୟୁଏଟି ଭେଟେରିନାରି କଲେଜ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର କାହାଣୀ ଉତ୍ସବ, ସ୍ଥାନ: ଇନ୍ଦିରା ଗାନ୍ଧୀ ପାର୍କ, ବୁଦ୍ଧଜୟନ୍ତୀ ପାର୍କ, କଳାଭୂମି, ଅବଦୁଲ କଲାମ୍ ପାର୍କ, ଅପରାହ୍ନ ୨ଟା ୩୦।
- ମଧୁସୂଦନ ଦାସଙ୍କ ୯୦ତମ ମହାପ୍ରୟାଣ ଦିବସ ଅବସରରେ ମଧୁମନ୍ତ୍ର ଉତ୍ସବ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ସନ୍ଧ୍ୟା ୬ଟା।
- ଏକାମ୍ର ଉତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ମା' ଜାଡ଼ମଲୀ ନାଟ୍ୟ ପରିଷଦ ପକ୍ଷରୁ ସାମାଜିକ ନାଟକ 'ସବୁ ପର ଏଠି ଲୁହ ନିଜର', ସ୍ଥାନ: ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ଶାସନ ଗ୍ରାମ ସତସଙ୍ଗ ପଡ଼ିଆ, ସମୟ: ରାତି ୧୧ଟା।
- ମହିଳା ହକି ପ୍ରୋ-ଲିଗ୍ (ଆଜିର ମ୍ୟାଚ)

ଚାଇନା ବନାମ ଅଷ୍ଟ୍ରେଲିଆ
ସମୟ: ଅପରାହ୍ନ ୫ଟା ୩୦
ଭାରତ ବନାମ ନେଦରଲାଣ୍ଡ୍ସ
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ

## ପୁରୀ

- ନିମାପଡ଼ାସ୍ଥିତ ଜାଗୃତି ଯୁବପରିଷଦ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ୯୦ତମ ପୁଣ୍ୟତିଥି ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଶହୀଦ ସ୍ମୃତି ସଂସଦ ଭବନ, ସକାଳ ୯ଟା।
- ପିପିଲି ବ୍ଲକ ନିକଟସ୍ଥ ବେଦିକ ଟେକ୍ନୋ ସ୍କୁଲର ବାର୍ଷିକ ସାଂସ୍କୃତିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।

## କଟକ

- ରେଭେନ୍ସା ବାଳିକା ବିଦ୍ୟାଳୟରେ ମଧୁସ୍ମୃତି ଉତ୍ସବ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସେଲ୍ସ ଏକ୍ଜିକ୍ୟୁଟିଭ ଆସୋସିଏଶନର ୨୬ତମ ବାର୍ଷିକୋତ୍ସବ, ସ୍ଥାନ: ସାରଳା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା କବାଡି ଆସୋସିଏଶନ ପକ୍ଷରୁ ୭୧ତମ ବରିଷ୍ଠ ରାଜ୍ୟ କବାଡି ଚାମ୍ପିୟନଶିପ୍ ଉଦ୍ଯାପନୀ ସମାରୋହ, ସ୍ଥାନ: ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୦ତମ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ:ସତ୍ୟଭାମାପୁର,ସାଲେପୁର, ସନ୍ଧ୍ୟା ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କର୍ମଶାଳା, ନିଶ୍ଚିନ୍ତକୋଇଲି ବ୍ଲକ ଯମରା ପଞ୍ଚାୟତ, ପୂର୍ବାହ୍ନ ୧୦ଟା, ଓର୍ତ୍ତି ଗ୍ରାମପଞ୍ଚାୟତ, ପୂର୍ବାହ୍ନ ୧୧ଟା, ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତ ପୂର୍ବାହ୍ନ ୧୦ଟା୩୦।
- ମହାପୁରୁଷ ଅଚ୍ୟୁତାନନ୍ଦ ମିନିଷ୍ଟାଡିୟମର ଲୋକାର୍ପଣ ଉତ୍ସବ, ନେମାଳ, ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ମା'ବରୁଣେଇ ଖବରକାଗଜ ବିତରକ ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ରୋଟାରୀ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ ଜନ୍ମ ଉତ୍ସବ, ସ୍ଥାନ: ସତସଙ୍ଗ ବିହାର, ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର

- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୮୯ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ବାଲେଶ୍ୱର ଷ୍ଟେଶନ କ୍ଲବ, ସମୟ: ଅପରାହ୍ନ ୫ଟା।
- ଏକ୍ସପୋ ଓଡ଼ିଶା ୨୦୨୪ର ଉଦ୍ଯାପନୀ ଉତ୍ସବ, ସ୍ଥାନ-ବାଲେଶ୍ୱର ଆଇଟିଆଇ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

- ବାଲିଆପାଳ ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାଲିଆପାଳ ସୁବର୍ଣ୍ଣରେଖା ଖେଳ ପଡ଼ିଆ, ପୂର୍ବାହ୍ନ ୧୧ଟା।
- ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାଲିଆପାଳ ଶୁଭମ ଗେଷ୍ଟ ହାଉସ, ସମୟ: ଅପରାହ୍ନ ୪ଟା।
- ଗଣବ୍ରତ ଉପନୟନ, ସ୍ଥାନ: ଶ୍ରୀଶ୍ରୀ ଅର୍ଦ୍ଧପୂର୍ଣ୍ଣା ନୀଳକଣ୍ଠେଶ୍ୱର ମନ୍ଦିର, ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ବଜରଙ୍ଗବାଲି କ୍ରିକେଟ କ୍ଲବର ୩୮ତମ ଉଦ୍ଯାପନୀ ଉତ୍ସବ , ସ୍ଥାନ: ପାରୁଳି, ସମୟ: ଅପରାହ୍ନ ୫ଟା।
- କ୍ୟାନସର କେୟାର ଏଜୁକେଶନ ପକ୍ଷରୁ ସଚେତନତା ପାଇଁ ଗଣଦୌଡ଼, ସ୍ଥାନ: ଥାନା ଛକ, ଭୋଗରାଇ, ସମୟ ପୂର୍ବାହ୍ନ ୮ଟା।

## ମୟୂରଭଞ୍ଜ

- ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ, ସ୍ଥାନ-ରାଣୀବନ୍ଧ, ଗୋପବନ୍ଧୁ ନଗର, ପୂର୍ବାହ୍ନ ୧୦।
- ମାଟି ମା'ର ସମ୍ମାନ ପାଇଁ ସଚେତନତା ସଭା, ସ୍ଥାନ-ଚିତ୍ରଡ଼ା ସାଇ ମନ୍ଦିର ପାଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୦।
- ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ବାର୍ଷିକୋତ୍ସବ ଏବଂ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦।

## ଭଦ୍ରକ

- ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ତ୍ରୟୋଦଶ ବାର୍ଷିକୋତ୍ସବ, ସତ୍‌ସଙ୍ଗ ବିହାର ସାମ୍ନା ପଡ଼ିଆ, ବାସୁଦେବପୁର, ଅପରାହ୍ନ ୫।
- ଧାମରା ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ପ୍ରତିବାଦ ସଭା, ଆରଡ଼ି, ପୂର୍ବାହ୍ନ ୧୧।

## କେନ୍ଦୁଝର

- ଠାକୁର ଅନୁକୂଳଚନ୍ଦ୍ରଙ୍କର ଆବିର୍ଭାବ ମହୋତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର ପ୍ରାଙ୍ଗଣ, ଜେଏମ୍ଏଫସି କୋର୍ଟ ନିକଟ, ବଡ଼ବିଲ, ସମୟ: ସକାଳ ୬ ଟା
- ଏସସି/ଏସ୍‌ଟି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ୨ ଦିନିଆ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଏକଲବ୍ୟ ମଡେଲ ସ୍କୁଲ, ସଦର ବ୍ଲକ୍, ସମୟ:୧୦ ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ମନୋହରପୁର ପଞ୍ଚାୟତ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ସ୍କୁଲ କ୍ରିକେଟ, ହାୱା ମଇଦାନ, ପୂର୍ବାହ୍ନ ୯ଟା
- ନାଟ୍ୟ କଳା ପରିଷଦର ବୈଠକ, ସାମ୍ବାଦିକ ଭବନ, ପୂର୍ବାହ୍ନ ସାଢ଼େ ୧୦ଟା।
- ଜିଲା ବର୍ଷୀୟାନ କ୍ରୀଡ଼ା ସଂଘ ଆୟୋଜିତ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍ଯାପନୀ ଉତ୍ସବ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୪ଟା।
- କୃଷକ ପ୍ରଶିକ୍ଷଣ ଶିବିର, ଝୁଝୁମୁରା ବ୍ଲକ ପରିସର, ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା।

## ବଲାଙ୍ଗୀର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଲୋଇସିଂହା ବ୍ଲକ ବାନିପାଲି ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଅଖିଳ ବିଶ୍ୱ ଗାୟତ୍ରୀ ନାମଯଜ୍ଞ ଲାଗି କଳସ ଶୋଭାଯାତ୍ରା, ସଇଁତଳା ହାଟପଦା, ସକାଳ ୮ଟା।
- ଜନକଲ୍ୟାଣ ଟ୍ରଷ୍ଟର ବାର୍ଷିକ ଉତ୍ସବ, ବେଲପଡା ବାଗଉଡାର ନର୍ସରି, ପୂର୍ବାହ୍ନ ୧୧ଟା।
- ସେଲାପଥର ସାହିତ୍ୟ ସଂସ୍କୃତି ପରିଷଦର ପୁଷ୍ପୁନି ଭେଟ୍‌ଘାଟ୍, ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତର ଚାଉଳବାଞ୍ଜି, ପୂର୍ବାହ୍ନ ୧୧ଟା।

## ବରଗଡ଼

- ବହି ଉନ୍ମୋଚନ ଉତ୍ସବ, କବିତା ଆସର, ଗାନ୍ଧୀ ଭବନ, ବରଗଡ଼, ପୂର୍ବାହ୍ନ ୧୦ଟା।
- ମନୋହର ସାଂସ୍କୃତିକ ସଂସଦର ସମ୍ବର୍ଦ୍ଧନା ସଭା, ଗାନ୍ଧୀ ଭବନ, ବରଗଡ଼, ଅପରାହ୍ନ ୩ଟା।
- ଜିଲାସ୍ତରୀୟ ନୂଆଁ-ଓ କାର୍ଯ୍ୟକ୍ରମ, ଜମୁର୍ଡା ସ୍କୁଲ ସମ୍ମୁଖ ପଡ଼ିଆ, ପୂର୍ବାହ୍ନ ୧୧ଟା।
- ଅତାବିରା ବ୍ଲକସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ, ଖଇରପାଲି ସରକାରୀ ୟୁ.ପି ସ୍କୁଲ, ପୂର୍ବାହ୍ନ ୯ଟା।

## ରାଉରକେଲା

- ପ୍ରାକ୍ତନ ଛାତ୍ର ସଂଘର ବାର୍ଷିକୋତ୍ସବ, ୟୁଜିଆଇ ପଡିଆ, ପୂର୍ବାହ୍ନ ୧୦ଟା।
- ପୁସ୍ତକ ମେଳାର ତୃତୀୟ ଦିବସରେ ଆଲୋଚନାଚକ୍ର, ଭଞ୍ଜଭବନ, ପୂର୍ବାହ୍ନ ୧୧ଟା।
- ଅନ୍ୱେଷଣର ବାର୍ଷିକୋତ୍ସବ, ବାଲିଯୋଡି, ପୂର୍ବାହ୍ନ ୧୦ଟା।
- ସାଗରିକାର ବନ୍ଧୁ ମିଳନ, ଲୁଗୁନ ପାର୍କ, ୧୨ଟା ୩୦ମିନିଟ୍।
- ଅନୁକୂଳଚନ୍ଦ୍ରଙ୍କ ଇଷ୍ଟ ଦୀପାନ ଉତ୍ସବ, ସେକ୍ଟର-୯, ସକାଳ ୮ଟା।
- ପ୍ରକାଶ ସ୍ମାରକୀ କ୍ରିକେଟ ଫାଇନାଲ ମ୍ୟାଚ୍, ଡିଏଭି ପଡିଆ, ପୂର୍ବାହ୍ନ ୧୧ଟା।
- ଆୟକର ବିଭାଗ ଓ ଜିଏସ୍‌ଟି ବାର୍ ଆସୋସିଏଶନର କର୍ମଶାଳା, ଲାଇଫ ଲାଇନ ପଡିଆ, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା, ପାନପୋଷ, ସକାଳ ୮ଟା।

## ସୁନ୍ଦରଗଡ଼

- ବ୍ଲକ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଜନଜାତି ସାଂସ୍କୃତିକ ନୃତ୍ୟ ଆଭୂଷଣ, ବାଦ୍ୟଯନ୍ତ୍ର ଏବଂ କ୍ରୀଡ଼ା ସାମଗ୍ରୀ ବଣ୍ଟନ ସମାରୋହ, ସ୍ଥାନ: ବଡ଼ଗାଁ ମିନି ଷ୍ଟାଡିୟମ୍, ସମୟ: ୧୦ଟା

## ନୂଆପଡ଼ା

- ବିଭିନ୍ନ ଲୋକାଭିମୁଖୀ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କୋମନା ବ୍ଲକ ଗଣ୍ଡାମେର ଖେଳ ପଡିଆ, ସମୟ: ପୂର୍ବାହ୍ନ ସାଢେ ୧୦ଟା
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୪୫
- -ମିନି ଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଡୁମେରପାଣି, ସମୟ: ଅପରାହ୍ନ ୨ଟା ୪୫।

## କଳାହାଣ୍ଡି

- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: କର୍ଲାମୁଣ୍ଡା ବସ୍ତି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବିଶ୍ୱ କର୍କଟ ଦିବସ ପାଳନ, ସ୍ଥାନ : ଭବାନୀପାଟଣା ନର୍ସିଂ କଲେଜ, ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- କ୍ରିକେଟ ଟୁର୍ନାମେଣ୍ଟ ଉଦଯାପନୀ ଉତ୍ସବ, ରେକଡୋଲ, ଅପରାହ୍ନ ୪ଟା ।

## ସୁବର୍ଣ୍ଣପୁର

- -ବୀରମହାରାଜପୁର ବ୍ଲକ ଗୁଦୁଗୁଦା ଗ୍ରାମରେ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ଗୁଦୁଗୁଦା ଖେଳପଡିଆ, ମଧ୍ୟାହ୍ନ ୧୨ଟା।
- -ମୋ ପଞ୍ଚାୟତ ବିକାଶ ସଚେତନତା କାର୍ଯ୍ୟକ୍ରମ, ବହଳପଦର ଖେଳପଡିଆ, ପୂର୍ବାହ୍ନ ୧୧ଟା ।

## ଅନୁଗୋଳ

- ମନ୍ଦିର ପ୍ରତିଷ୍ଠା ଓ ଭଜନ ସନ୍ଧ୍ୟା, ସ୍ଥାନ-କଣିହାଁ ବ୍ଲକ ଟୋଲକବେଡା ଗ୍ରାମ, ସମୟ-ସକାଳ ୮ଟାରୁ ନଗର ପରିକ୍ରମା
- ଜଙ୍ଗଲ ନିଆଁ ରୋକିବାକୁ ମାରାଥନ କାର୍ଯ୍ୟକ୍ରମ, ଆଠମଲ୍ଲିକ ମିନି ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ, ସ୍ଥାନ-ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସର ଆଠମଲ୍ଲିକ, ସମୟ- ପୂର୍ବାହ୍ନ ୧୧ଟା।
- ଏନ୍‌ସିସି ଏ ସାର୍ଟିଫିକେଟ୍ ପରୀକ୍ଷା, ସ୍ଥାନ-ଅନୁଗୋଳ ସରସ୍ୱତୀ ଶିଶୁ ମନ୍ଦିର, ସମୟ-ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ସନ୍ଧ୍ୟାତାରା ପକ୍ଷରୁ ବାର୍ଷିକ ସାରସ୍ୱତ ମହୋତ୍ସବ, ସ୍ଥାନ-ଗୋପବନ୍ଧୁ ଟାଉନହଲ ଢେଙ୍କାନାଳ,ସମୟ-ପୂର୍ବାହ୍ନ ୧୦ଟା ୪୫।
- ଟାଟାଷ୍ଟିଲ ମେରାମଣ୍ଡଳି ଓ ଜିଲା ପ୍ରଶାସନ ପକ୍ଷରୁ ହାଫ୍ ମାରାଥନ, ସ୍ଥାନ-କପିଳାସ ନିରୁପମା ହୋଟେଲ ସନ୍ନିକଟ, ସମୟ-ସକାଳ ୭ଟା।

## ଗଞ୍ଜାମ

- ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ-ବ୍ରହ୍ମପୁର ଉତ୍କଳ ଆଶ୍ରମ
- ସମୟ-ସନ୍ଧ୍ୟା ସାଢ଼େ ୬ଟା
- ବିଶ୍ୱ କର୍କଟ ଦିବସ, ସ୍ଥାନ-ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆ, ସମୟ-ସକାଳ ସାଢ଼େ ୮ଟା
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜିଲାସ୍ତରୀୟ ଜନ୍ମ ମହୋତ୍ସବ, ସ୍ଥାନ- ବ୍ରହ୍ମପୁର ଆମ୍ବପୁଆ ବିବେକ ବିହାର, ସମୟ- ପୂର୍ବାହ୍ନ ୧୧ଟା
- ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ସ୍ଥାନ-ବୁଗୁଡ଼ା ବିରଞ୍ଚି ନାରାୟଣ ବାଳିକା ହାଇସ୍କୁଲ, ସମୟ-ପୂର୍ବାହ୍ନ ୧୦ଟା
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ କାର୍ଯ୍ୟକ୍ରମ, ସ୍ଥାନ-ବୁଗୁଡ଼ା ପୋଚାଲୁଣ୍ଡି ହାଇସ୍କୁଲ ଖେଳ ପଡିଆ, ସମୟ-ପୂର୍ବାହ୍ନ ୧୧ଟା
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ କାର୍ଯ୍ୟକ୍ରମ, ସ୍ଥାନ-ଛତ୍ରପୁର ବ୍ଲକ ନରେନ୍ଦ୍ରପୁରପଂଚାୟତ ଅଫିସ ନିକଟ, ସମୟ-ପୂର୍ବାହ୍ନ ୧୧ଟା
- ଯୁବ ଓଡ଼ିଶା ନବୀନ ଓଡ଼ିଶା ସଚେତନତା, ଭଞ୍ଜନଗର ବ୍ଲକ ବ୍ରାହ୍ମଣ ପଦର, ପୂର୍ବାହ୍ନ ୧୦ଟା
- ବିଭିନ୍ନ ପ୍ରକଳ୍ପ ଉଦଘାଟନ, ଜଗନ୍ନାଥପ୍ରସାଦ ବ୍ଲକ ତରସିଁ ପଞ୍ଚାୟତ, ସକାଳ ୯ଟା
- ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ଆସିକା ବ୍ଲକ ବାଲିସିରା, ପୂର୍ବାହ୍ନ ୧୦ଟା

## ଜଗତ୍‌ସିଂହପୁର

- ଆନ୍ତର୍ଜାତିକ ଗଲ୍ଫ ଟୁର୍ନାମେଣ୍ଟ,ସ୍ଥାନ: ପାରାଦୀପ ଗଲ୍ଫ ପଡ଼ିଆ, ସମୟ: ସକାଳ ୭ଟା।
- ବରିଷ୍ଠ ନାଗରିକ ଚିକିତ୍ସା ଶିବିର, ସ୍ଥାନ: ଭାରତୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ମାଲଣ୍ଡ, ତିର୍ତ୍ତୋଲ, ସମୟ: ସକାଳ ୧୦ଟା।
- ଜୟପ୍ରକାଶ ଶିକ୍ଷାନିକେତନର ବାର୍ଷିକୋତ୍ସବ, ସ୍ଥାନ: ରଘୁନାଥପୁର ବ୍ଲକ ରାମଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଆବିର୍ଭାବ ମହୋତ୍ସବ ସହ ଲଥାଙ୍ଗ ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକ ସତ୍‌ସଙ୍ଗ ଉତ୍ସବ, ସ୍ଥାନ: ସତ୍‌ସଙ୍ଗ କେନ୍ଦ୍ର ଲଥାଙ୍ଗ,ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅନିଲ ମେମୋରିଆଲ ଗୋଲଡେନ୍ କପ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: ପୁନଙ୍ଗ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ୧୨୩ତମ ଜୟନ୍ତୀ, ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ପରମାନନ୍ଦ ଶରଣଙ୍କ ରଜତ ଜୟନ୍ତୀ ସମାରୋହ, ଧର୍ମଶାଳା ନୀଳକଣ୍ଠପୁରସ୍ଥିତ ପରମାନନ୍ଦ କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା୩୦।
- ଶ୍ରୀଶ୍ରୀ ଦେବେଶ୍ୱର ମହାଦେବଙ୍କ ବାର୍ଷିକ ଜନ୍ମୋତ୍ସବ ପାଇଁ ପ୍ରସ୍ତୁତି ବୈଠକ। ସ୍ଥାନ- ଯାଜପୁର ରୋଡ ମହତାବ ନଗର ମନ୍ଦିର କମ୍ୟୁନିଟି ଗୃହ। ସମୟ-ରାତି ୭ଟା।

## କେନ୍ଦ୍ରାପଡ଼ା

- ସାଇନାଥ କଳା ପରିଷଦ ପକ୍ଷରୁ ଜିଲା ଯୁବ ପ୍ରତିଭା ମହୋତ୍ସବ, ସ୍ଥାନ- ଖୁସି ମଣ୍ଡପ, ଅଙ୍ଗୁଳାଇ, ମାର୍ଶାଘାଇ, ସମୟ- ପୂର୍ବାହ୍ନ ୧୦ଟା
- ଭାଷା ସାହିତ୍ୟ ଆଲୋଚନା, ପବ୍ଲିକ୍ ରିଡିଂ ରୁମ୍, କେନ୍ଦ୍ରାପଡ଼ା ସହର, ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ ତମ ଜନ୍ମୋତ୍ସବ, ସତସଙ୍ଗ ବିହାର, ଓଡ଼ଗାଁ, ରବିବାର, ଭୋର ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ।
- ପଞ୍ଚୁ ପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୩ୟ ଦିବସ, ନୂଆଗାଁ ମହୋତ୍ସବ ପଡିଆ, ଅପରାହ୍ନ ୧ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ରେ ସଭା, ସନ୍ଧ୍ୟା ସାଢ଼େ ୬ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ

## କୋରାପୁଟ

- ବ୍ଲକସ୍ତରୀୟଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ
- ସ୍ଥାନ: ଏକ୍ସବୋର୍ଡ ସ୍କୁଲ ପରିସର
- ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳୀୟ ଜ୍ୟୋତିଷ କର୍ମକାଣ୍ଡ ଆଲୋଚନାଚକ୍ର
- ସ୍ଥାନ: ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିସର
- ସମୟ: ପୂର୍ବାହ୍ନ ସାଢେ ୯ଟା।

## ନବରଙ୍ଗପୁର

- କୃଷକ ମେଳା ଓ କୃଷକ ଉତ୍ପାଦନ ସଙ୍ଗଠନର ବାର୍ଷିକ ଅଧିବେଶନ, ସ୍ଥାନ: ତେନ୍ତୁଳିଖୁଣ୍ଟି ନେତାଜୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା ୩୦
- ବ୍ଲକସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ, ସ୍ଥାନ: ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ଟା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଃଖୀ ଆଗରେ ଦୁଃଖ କହିଲେ**
**ପାଣି ପରି ଯାଏ,**
**ସୁଖୀ ଆଗରେ ଦୁଃଖ କହିଲେ**
**ମୁତ୍ତୁକି ହସା ଦିଏ।**

ଜଣେ ଦରଦୀ ବ୍ୟକ୍ତି ପାଖରେ ଦୁଃଖ ପ୍ରକାଶ କଲେ ଦୁଃଖ କିଛି ମାତ୍ରାରେ ଲାଘବ ହୋଇଯାଏ। ପରନ୍ତୁ ସୁଖ ସାଗରରେ ବୁଡି ରହିଥିବା ବ୍ୟକ୍ତି ଦୁଃଖ କ'ଣ ଜାଣି ନ ଥାଏ। ଏଭଳି ସ୍ଥିତିରେ ସୁଖୀ ବ୍ୟକ୍ତି ଆଗରେ ଦୁଃଖ ପ୍ରକାଶ କଲେ ଆଶ୍ୱାସନା ବଦଳରେ ତାଚ୍ଛଲ୍ୟ ବା ଉପହାସ ମିଳିବା ହିଁ ସାର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଦାନ୍ତକାଠି,**
**ପୁରୁଷ ବଚନ ଗୁରୁ ପରିମାଣ,**
**ସ୍ତିରୀଙ୍କ ବଚନ ବାଡ଼ି ତାଟି।**

ସାଧାରଣତଃ ପୁରୁଷଙ୍କ ବଚନ ଦୃଢ଼ ହୋଇଥାଏ। ସେହିପରି ସ୍ତ୍ରୀ ବା ମହିଳାଙ୍କ ବଚନ ଆବଦ୍ଧ କାନ୍ଥ ମଧ୍ୟରେ ସୀମିତ ରହିଥାଏ ବୋଲି ଏଠାରେ ଦର୍ଶାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ ବନ୍ଧୁ ପରିଜନଙ୍କୁ ଦେଖିବା ପାଇଁ ମନ ବ୍ୟାକୁଳିତ ହେବ। ଭୁଲ୍ ବୁଝାମଣା କାରଣରୁ ସବୁ ସୁବିଧା ଥିଲେ ମଧ୍ୟ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ଲୋକସମ୍ପର୍କ ରକ୍ଷା କରିବା ଦିଗରେ ପଛେଇ ଯାଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟା ଦୂରେଇଯିବ।

**ବୃଷ** ଦୃଢ଼ ମନୋବଳ ହେତୁ ଖୁସି ମିଜାଜରେ କାମ କରିବାର ସୌଭାଗ୍ୟ ଅର୍ଜନ କରିବେ। ବନ୍ଧୁମିଳନ ପରିପ୍ରେକ୍ଷୀରେ ଆଜି ଭଲ ଖାଇବାକୁ ମିଳିବ ଏବଂ ଖର୍ଚ୍ଚ କରିବାକୁ ଅର୍ଥର ଅଭାବ ରହିବ ନାହିଁ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ନିଜ ଉପରକୁ ଝାମେଲା ଆସିପାରେ। କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି କୌଣସି କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦରକାରୀ କାଗଜପତ୍ର କିମ୍ବା ସୁନା ଜିନିଷ ହଜିଯିବା ଆଶଙ୍କା ରହିଛି। ସଙ୍ଗଠନରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଲକ୍ଷ୍ୟ ହାସଲରେ ଆଗେଇଯିବେ। ସ୍ୱାସ୍ଥ୍ୟ ସମସ୍ୟା ପ୍ରଗତିର ପଥରୋଧ କରିବ।

**କର୍କଟ** ପ୍ରତିବନ୍ଧକଜନିତ ଅସୁବିଧା ମଧ୍ୟରେ ଗତି କଲେ ମଧ୍ୟ ପାରିବାରିକ, ପ୍ରଶାସନ କ୍ଷେତ୍ରରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ଖୁସି ରହିବେ। ଆନୁଷ୍ଠାନିକ କାମ, ମନୋରଞ୍ଜନ, ଆଧ୍ୟାତ୍ମିକ ଆଲୋଚନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଛୋଟ ଘଟଣାକୁ କେନ୍ଦ୍ରକରି ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ।

**ସିଂହ** ସାମାଜିକ ସ୍ତରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ହେବେ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଅପରାହ୍ନେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ପରିବାରରେ କିମ୍ବା କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** ଆଜି ସକାଳୁ କୌଣସି ଶୁଭଖବର ମନକୁ ଆହ୍ଲାଦିତ କରିବ। କିନ୍ତୁ ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବା କାରଣରୁ ମନ ସୁଖ ରହିବ ନାହିଁ। ଏଣେ କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ନାସ୍ତିବାଣୀ ଶୁଣାଇପାରେ। କର୍ମ କ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ବିଭିନ୍ନ ଯୋଜନାର କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ। ଆଜିର କର୍ମକ୍ଷେତ୍ରରେ ଜଣେ ଅପରିଚିତ ବ୍ୟକ୍ତି ବହୁତ ସାହାଯ୍ୟ କରିବେ। ପୁତ୍ରକନ୍ୟାଙ୍କ ବିବାହ ବିଷୟକୁ କେନ୍ଦ୍ରକରି ସମସ୍ୟା ଲାଗି ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ବିବାଦୀୟ ସ୍ଥିତିଜନିତ ମାନସିକ ଦ୍ୱନ୍ଦ୍ୱ ଭିତରେ ଗତି କରିବେ।

**ବିଛା** ଆଜି ଅତୀତ ସ୍ମୃତିଚାରଣ କରି ମାନସିକ ସ୍ତରରେ ବିଚଳିତ ବୋଧ କରିପାରନ୍ତି। ଉଚ୍ଚ ଆଶା ଧରି ଆଗେଇବା ପାଇଁ ଚେଷ୍ଟା କରିବେ, କିନ୍ତୁ ସମ୍ପୂର୍ଣ୍ଣ ସନ୍ତୋଷଜନକ ନ ହୋଇପାରେ। ଫେରନ୍ତା ବାଟରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ବନ୍ଧୁଙ୍କ ସହ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ।

**ଧନୁ** ଆଜି ଆପଣଙ୍କ କାର୍ଯ୍ୟପ୍ରଣାଳୀ ଓ ବିଚାରଧାରାକୁ ଅନ୍ୟମାନେ ସମ୍ମାନ କରିବେ। ଦେହ ଭଲ ରହିଲେ ମଧ୍ୟ ଆଣ୍ଠୁଗଣ୍ଠି ବାତଜନିତ ରୋଗରେ କଷ୍ଟ ପାଇପାରନ୍ତି। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ପାରିବାରିକ ଅଶାନ୍ତି ଅନୁଭବ କରିପାରନ୍ତି। ଅବଶ୍ୟ ଏହା ବେଶୀ ସମୟ ରହିବ ନାହିଁ।

**ମକର** ସତର୍କତା ମଧ୍ୟରେ ଚଳିଲେ ମଧ୍ୟ ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି ପଡ଼ୋଶୀ ପ୍ରତିବାଦ କରିପାରନ୍ତି। ସଭାସମିତି, କଳା ସାହିତ୍ୟ, ଆନୁଷ୍ଠାନିକ କାମରେ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ବ୍ୟବସାୟ ମାନ୍ଦା ହେବ ନାହିଁ, କିନ୍ତୁ କ୍ଷତି ନ ହେଲେ ମଧ୍ୟ ବିଶେଷ ଲାଭ ହେବ ନାହିଁ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**କୁମ୍ଭ** ହାତକୁ ନେଇଥିବା କାମ ସୁରୁଖୁରୁରେ ହୋଇଯିବାରୁ ଆନନ୍ଦିତ ହେବେ। ମନର ବଳ ଖୁବ୍ ଟାଣ ରହିବ ଏବଂ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ନିଜ ପରିସରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପରିସ୍ଥିତିବଶତଃ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ କଳହ ଦେଖାଦେଇପାରେ। ଖୋଜୁଥିବା ଲୋକଟିର ଖବର କିମ୍ବା ହଜିଯାଇଥିବା ଜିନିଷ ଆଜି ସାୟାହ୍ନେ ପାଇପାରନ୍ତି। ପରିସ୍ଥିତିରେ ପଡ଼ି ବନ୍ଧୁଙ୍କ ଆଗରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାପୂର୍ବରୁ ସମସ୍ୟା ଆସିପାରେ।

ଆଜି ଫେବୃଆରୀ ୪ ତାରିଖ, ମାଘକୃଷ୍ଣ ନବମୀ ରବିବାର, ବିଶ୍ୱ କର୍କଟ ଦିବସ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୬।୨୪ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୪ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୨ ଗତେ ଘ.୦୫।୩୬ ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ସ୍ୱତନ୍ତ୍ର ଭାଷା ନୀତି...

ସମ୍ମିଳନୀ ହେଉଛି ଏକ ଭାଷାର ପର୍ବ ଓ ଉତ୍ସବ। ଓଡ଼ିଶାରେ ରୂପାନ୍ତର ପ୍ରକ୍ରିୟା ଜାରି ରହିଛି। ରୂପାନ୍ତର ପ୍ରକ୍ରିୟାରେ ଭାଷାର ବହୁତ ବଡ଼ ଭୂମିକା ରହିଛି। ସେଥିପାଇଁ ଆମ ଭାଷାର ଗୌରବ ବୃଦ୍ଧି ଓ ଜୟଗାନ ଲାଗି ମୁଖ୍ୟମନ୍ତ୍ରୀ ଏହି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ କରିଛନ୍ତି। ସମ୍ମିଳନୀର ପ୍ରସଙ୍ଗ ରହିଛି 'ଭାଷା ହିଁ ଭବିଷ୍ୟତ'। ଏହି ସମ୍ମିଳନୀରେ ୪ଟି ଦେଶର ଭାଷା ବିଶେଷଜ୍ଞଙ୍କ ସମେତ ୧୦୦ରୁ ଅଧିକ ବିଦ୍ୱାନ୍ ଏକତ୍ରିତ ହୋଇଛନ୍ତି। ବୈଷୟିକ ଜ୍ଞାନକୌଶଳ ପ୍ରୟୋଗରେ ଆମ ଭାଷାର ଅଭିବୃଦ୍ଧି ପାଇଁ ସେମାନେ ଆମକୁ ଦିଗ୍‌ଦର୍ଶନ ଦେବେ ବୋଲି ସୁଜାତା ଆଶାବ୍ୟକ୍ତ କରିଛନ୍ତି। ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଲେ, ଏହି ସମ୍ମିଳନୀ ହେଉଛି ଓଡ଼ିଆ ଅସ୍ମିତାର ପରିଚୟ। ଶାସ୍ତ୍ରୀୟ ଭାଷା ଓଡ଼ିଆକୁ ଅଧିକ ଲୋକପ୍ରିୟ କରିବା ଏବଂ ଆମ ଭାଷାକୁ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଜରିଆରେ କିଭଳି ଆଗକୁ ନେଇପାରିବା, ତା' ହେଉଛି ଏହି ସମ୍ମିଳନୀର ଆଭିମୁଖ୍ୟ। ଅନ୍ୟତମ ଅତିଥିଭାବେ ସାଉଥ୍-ଇଷ୍ଟ ଏସିଆନ୍ ହିଷ୍ଟ୍ରିର ପ୍ରଫେସର ଆର୍ଲୋ ଗ୍ରୀଫିଥ୍‌ସ ଯୋଗଦେଇ କହିଲେ, ୨୫ବର୍ଷ ହେବ ବାରମ୍ବାର ଓଡ଼ିଶା ଆସି ମୁଁ ଓଡ଼ିଆ ଭାଷା ଶିଖିପାଇଛି। ଭାରତ ଭିତରେ ଓଡ଼ିଶା ମୋ ଘର, ଓଡ଼ିଆ ମୋ ଭାଷା। ଛେନାପୋଡ଼ ମୋର ପ୍ରିୟ ମିଠା। ମୁଁ ଜଗନ୍ନାଥଙ୍କୁ ଭଲପାଏ, ଓଡ଼ିଆ ଭାଷାକୁ ବ୍ୟବହାର କରେ ବୋଲି ସେ କହିଥିଲେ।

ଏହି ଅବସରରେ ଦୁଇ ଓଡ଼ିଆ ଜ୍ଞାନପୀଠ ପୁରସ୍କାର ବିଜେତା ପଦ୍ମବିଭୂଷଣ ଡକ୍ଟର ସୀତାକାନ୍ତ ମହାପାତ୍ର, ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ଗ୍ରହଣ କରି ସୀତାକାନ୍ତ କହିଲେ, ଓଡ଼ିଆ ଭାଷାର ଭବିଷ୍ୟତ ବହୁତ ଉଜ୍ଜ୍ୱଳ। ଭାଷା ସାହିତ୍ୟ କେବଳ ଆତ୍ମସନ୍ତୋଷ ପାଇଁ ନୁହେଁ, ପାଠକ ସୃଷ୍ଟିର ମଧ୍ୟ ଆବଶ୍ୟକତା ରହିଛି। ପ୍ରତିଭା ରାୟ କହିଲେ, ମାନବ ଜାତିର ବିସ୍ମୟକର ଉଦ୍ଭାବନ ହେଉଛି ଭାଷା। ହଜାର ହଜାର ବର୍ଷରେ ଭାଷାଟିଏ ଜନ୍ମ ନିଏ। କିନ୍ତୁ ଲିଖନ, ପଠନ ଓ ବ୍ୟବହାର ନ ହେଲେ, ଭାଷାଟିଏ ମରିଯାଏ। ଏଥିସହ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓଡ଼ିଆ ଭାଷାର ବିକାଶ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ଭାଷାବିତ୍ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନ'ରେ ସମ୍ମାନିତ କରିଥିଲେ। ପୁରସ୍କାର ସ୍ୱରୂପ ତାଙ୍କୁ ମାନପତ୍ର ସହ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ଦେବୀପ୍ରସନ୍ନ କହିଲେ, ମୁଁ ଦେଶ ବିଦେଶର ବହୁ ଜାଗାରେ ସମ୍ମାନିତ ହୋଇଛି। କିନ୍ତୁ ଆଜିକାର ସମ୍ମାନ ମୋ ଜୀବନର ସବୁଠାରୁ ବଡ଼ ସମ୍ମାନ। ଏ ସମ୍ମାନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସମ୍ମାନ ବୋଲି ସେ ପ୍ରକାଶ କରି ଧନ୍ୟବାଦ ଜଣାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ପ୍ରଫେସର ଆର୍ଲୋ ଗ୍ରୀଫିଥ୍‌ସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ।

ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବାରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଆନନ୍ଦ ପ୍ରକାଶ କରି କହିଲେ, ଭାଷା ହିଁ ଭବିଷ୍ୟତ। ଓଡ଼ିଆ ଭାଷାର ଉନ୍ନତି ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଖୋଲାଯାଇଛି। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଓଡ଼ିଆ ଭାଷା ଶିକ୍ଷାକୁ ଉତ୍ସାହିତ କରାଯାଇଛି। 'ଅକ୍ଷର ଭୂମି' ଏ ସମ୍ମିଳନୀର ସ୍ମାରକୀ ଭାବେ ଓଡ଼ିଆ ଭାଷାର ଜୟଗାନ କରୁଛି। ଏହି ଅବସରରେ ଆଦିକବି ସାରଳା ଦାସଙ୍କୁ ପ୍ରଣାମ ଜଣାଇବା ସହିତ ଓଡ଼ିଆ ଭାଷାର ଗୌରବ ବୃଦ୍ଧି କରିଥିବା ସମସ୍ତ ଲେଖକ, ସାହିତ୍ୟିକ ଓ କବିମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନ ଜଣାଇ ଭାଷା ସମ୍ମିଳନୀକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଆ ଭାଷା ପାଇଁ ଆଜି ଆମେ ସମସ୍ତେ ଗୋଟିଏ ମଞ୍ଚରେ ଏକାଠି ହୋଇଛୁ। ଦେଶ ବିଦେଶରେ ଥିବା ଓଡ଼ିଆମାନେ ମଧ୍ୟ ଏଥିରେ ଯୋଡ଼ି ହୋଇଛନ୍ତି। ବିଶିଷ୍ଟ ଲେଖକ ଓ ଗବେଷକମାନେ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଏହା ଏକ ଗୌରବର ସମୟ। ଆମେ ସମସ୍ତେ ଓଡ଼ିଆ। ଓଡ଼ିଆ ଆମ ଭାଷା ଓ ପରିଚୟ। ଭାଷା ଗୋଟିଏ ଜାତିର ମୁକୁଟ। ଏହା ଆମ ସମସ୍ତଙ୍କୁ ଏକତାର ମହାମନ୍ତ୍ର ଦେଇଥାଏ। ଶେଷରେ ଓଡ଼ିଆ ଭାଷାର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଉତ୍ସବରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରୀଷ୍ଣନ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି ସମ୍ମିଳନୀ ଚାଲିବ।

## ଆଇଆଇଏମ୍‌ର ସ୍ଥାୟୀ...

୨୦୦ ଏକର ଜମିରେ ୪୦୦ କୋଟି ଟଙ୍କା ବିନିଯୋଗରେ ୨୦୨୧ରେ ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ଆରମ୍ଭ ହୋଇଥିଲା। କରୋନା କାଳରେ ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ହୋଇ ରେକର୍ଡ ସମୟ ମଧ୍ୟରେ ଶେଷ ହେବା ସହ ଉଦ୍‌ଘାଟନ କରାଯାଉଥିବା ମୋଦି କହିଥିଲେ। ଆଜିର କାର୍ଯ୍ୟକ୍ରମରେ ସାରା ଦେଶରୁ ଆସିଥିବା ୫୦୦୦ରୁ ଅଧିକ ବୁଦ୍ଧିଜୀବୀଙ୍କ ସମାଗମ ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୬୮ହଜାର କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଥିଲା। ଏହା ମଧ୍ୟରେ ପ୍ରାୟ ୨୮,୯୮୦ କୋଟି ଟଙ୍କାର ଏକାଧିକ ଶକ୍ତି ପ୍ରକଳ୍ପର ଶିଳାନ୍ୟାସ କରାଯାଇ ରାଷ୍ଟ୍ରକୁ ସମର୍ପିତ କରାଯାଇଥିଲା। ପ୍ରାୟ ୨୧୧୦ କୋଟି ଟଙ୍କା ବ୍ୟୟରେ ବିକଶିତ ଜାତୀୟ ରାଜପଥର ତିନୋଟି ସଡକ କ୍ଷେତ୍ର ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା। ପ୍ରାୟ ୨୧୪୬ କୋଟି ଟଙ୍କାର ରେଳ ପ୍ରକଳ୍ପର ଶିଳାନ୍ୟାସ କରି ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଥିଲେ। ସମ୍ବଲପୁର ରେଳ ଷ୍ଟେଶନର ପୁନର୍ବିକାଶ ପାଇଁ ଶିଳାନ୍ୟାସ କରାଯାଇଥିଲା। ଓଡ଼ିଶାକୁ ଶିକ୍ଷା ଓ ଦକ୍ଷତା ବିକାଶର କେନ୍ଦ୍ର କରିବା ପାଇଁ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି ବୋଲି ମୋଦି କହିଥିଲେ। ସେ ଆହୁରି କହିଥିଲେ, ସମସ୍ତ ରାଜ୍ୟ ବିକାଶ ହେଲେ ବିକଶିତ ଭାରତର ଲକ୍ଷ୍ୟ ହାସଲ ହୋଇପାରିବ। ବିଗତ ୧୦ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ନୀତିରୁ ଓଡ଼ିଶା ଅଧିକ ଉପକୃତ ହୋଇଛି। ଏହାଦ୍ୱାରା ଗରିବ, ଶ୍ରମିକ, ଦିନମଜୁରିଆ, ବ୍ୟବସାୟୀ, କୃଷକ ଶ୍ରେଣୀର ଲୋକେ ଲାଭ ପାଇବେ। ଓଡିଶାକୁ ଶିକ୍ଷାର କେନ୍ଦ୍ର ତଥା ଦକ୍ଷତା ବିକାଶ ପାଇଁ କେନ୍ଦ୍ର ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ବିଗତ ୧୦ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡିଶାର ପେଟ୍ରୋଲିୟମ ଓ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ପ୍ରାୟ ୧.୨୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯାଇଛି। ଏହାସହ ରାଜ୍ୟର ରେଳ ବଜେଟରେ ୧୨ ଗୁଣରୁ ଅଧିକ ବୃଦ୍ଧି ଘଟିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଓଡ଼ିଶାରେ ୫୦,୦୦୦ କିଲୋମିଟର ରାସ୍ତା ନିର୍ମାଣ କରାଯାଉଥିବା ପ୍ରଧାନମନ୍ତ୍ରୀ କହିଥିଲେ। ଏହାସହ ତିନୋଟି ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ ବିଷୟରେ ସେ ସୂଚନା ଦେଇ କହିଥିଲେ, ଏହାଦ୍ୱାରା ଦୂରତା ହ୍ରାସ ସହିତ ଓଡିଶା ଓ ଝାଡଖଣ୍ଡ ମଧ୍ୟରେ ଆନ୍ତଃ ରାଜ୍ୟ ସଂଯୋଗ ବୃଦ୍ଧି ପାଇବ। ଏହି ଅବସରରେ ଝାରସୁଗୁଡା ହେଡ୍ ପୋଷ୍ଟ ଅଫିସ୍‌କୁ ହେରିଟେଜ୍ ବିଲ୍ଡିଂ ଭାବେ ଦେଶ ପାଇଁ ଉତ୍ସର୍ଗ କରିଥିଲେ। ପ୍ରଧାନମନ୍ତ୍ରୀ ସମ୍ବଲପୁର-ତାଳଚେର ଦୋହରୀକରଣ, ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ପ୍ରକଳ୍ପର ଝାରତରଭାଠାରୁ ସୋନପୁର ପର୍ଯ୍ୟନ୍ତ ନୂତନ ରେଳ ଲାଇନର ଉଦ୍‌ଘାଟନ କରିଛନ୍ତି। ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସକୁ ଶୁଭାରମ୍ଭ କରି ମୋଦି କହିଛନ୍ତି, ଏହା ଦ୍ୱାରା ଭକ୍ତମାନଙ୍କ ପାଇଁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହଜ ହେବ। ଖଣି ନୀତିରେ ପରିବର୍ତ୍ତନ ପରେ ଓଡିଶାର ଆୟ ୧୦ ଗୁଣ ବୃଦ୍ଧି ପାଇଛି ବୋଲି କହିଥିଲେ। ଖଣିରୁ ଓଡ଼ିଶା ଏପର୍ଯ୍ୟନ୍ତ ୨୫,୦୦୦ କୋଟିରୁ ଅଧିକ ଟଙ୍କା ପାଇଛି ଏବଂ ଖଣି ଖନନ କରୁଥିବା ଅଞ୍ଚଳର ଲୋକଙ୍କ କଲ୍ୟାଣ ପାଇଁ ଏହି ଟଙ୍କା ବ୍ୟବହାର କରାଯାଉଛି। ଆଗକୁ ମଧ୍ୟ ଓଡିଶାର ବିକାଶ ପାଇଁ କାର୍ଯ୍ୟ ଜାରି ରଖିବେ ବୋଲି ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।




# ୬୦ହଜାର କୋଟିର କାମଚଳା ବଜେଟକୁ ଅନୁମୋଦନ

## ମନ୍ତ୍ରୀ ପରିଷଦ ବୈଠକ

ଭୁବନେଶ୍ୱର,୩।୨(ଅନିଲ ଦାସ)

ଆଗକୁ ସାଧାରଣ ନିର୍ବାଚନ ଥିବାରୁ ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକବର୍ଷ ପାଇଁ ୪ ମାସିଆ କାମଚଳା ବଜେଟ ଆଣିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଲୋକସେବା ଭବନରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ପ୍ରାୟ ୬୦ହଜାର କୋଟିର କାମଚଳା ବଜେଟକୁ ଅନୁମୋଦନ କରାଯାଇଛି। ଫେବୃଆରୀ ୮ ତାରିଖରେ ଏହି କାମଚଳା ବଜେଟକୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାର ଅନୁମୋଦନ ପାଇଁ ଉପସ୍ଥାପନ କରିବେ। ନିର୍ବାଚନକୁ ଯିବା ପୂର୍ବରୁ ରାଜ୍ୟ ସରକାରଙ୍କ ଏହା ହେଉଛି ଶେଷ ବଜେଟ। ଏହି ବଜେଟରେ ରାଜ୍ୟ ସରକାର ଗ୍ରାମାଞ୍ଚଳ ଭିତ୍ତିଭୂମି, ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ପାନୀୟ ଜଳ, ମିଶନ ଶକ୍ତି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଭିତ୍ତିଭୂମି ଉନ୍ନୟନ, ଜନଜାତି ବିକାଶ, ପୁଞ୍ଜିନିବେଶ ଉପରେ ଗୁରୁତ୍ୱ ଦେଇଛନ୍ତି। ନବୀନ ଓଡ଼ିଶା ଉପରେ ବିଶେଷ ଫୋକସ ଦିଆଯାଇଥିବା ସୂଚନା ମିଳିଛି।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକବର୍ଷ ପାଇଁ ୨ଲକ୍ଷ ୩୦ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଥିଲେ। ଏଥିରେ ୨୪ଟି ନୂଆ ଯୋଜନା ପାଇଁ ବ୍ୟୟବରାଦ ହୋଇଥିଲା। ବଜେଟରେ ପ୍ରଶାସନିକ ଖର୍ଚ୍ଚ ୯୪ ହଜାର କୋଟି ହୋଇଥିବା ବେଳେ କାର୍ଯ୍ୟକ୍ରମ ଖର୍ଚ୍ଚ ୧ ଲକ୍ଷ ୨୫ ହଜାର କୋଟି, ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩,୬୦୦ କୋଟି, ସ୍ଥାନୀୟ ନିକାୟ ଓ ଉନ୍ନୟନ ସଂସ୍ଥାଗୁଡ଼ିକୁ ହସ୍ତାନ୍ତର ବାବଦରେ ୭,୩୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା।

# ଅକ୍ଷରଭୂମିର ଉଚ୍ଚ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

## ରୁଚିପୂର୍ଣ୍ଣ କଳାକୃତି ପାଇଁ ପୂର୍ତ୍ତ ବିଭାଗକୁ ଧନ୍ୟବାଦ ଜଣାଇଲେ

ଭୁବନେଶ୍ୱର,୩।୨(ଅନିଲ ଦାସ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କଳାମଣ୍ଡଳ ପ୍ରାଙ୍ଗଣରେ ଅକ୍ଷରଭୂମି ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ସ୍ମୃତିକୁ ଚିରସ୍ମରଣୀୟ କରିବା ସହିତ ଏହି ସମ୍ମିଳନୀର ସ୍ମାରକୀ ଭାବେ ଅକ୍ଷରଭୂମି ଓଡ଼ିଆ ଭାଷା, କଳା ଓ ସଂସ୍କୃତିର ଜୟଗାନ କରିବ। ଓଡ଼ିଆ ଭାଷାର ଗୌରବ ବିଷୟରେ ଏହା ଆଗାମୀ ପିଢ଼ିକୁ ପ୍ରେରଣା ଦେବ।

ମୁଖ୍ୟମନ୍ତ୍ରୀ କଳିଙ୍ଗ ଶୈଳୀରେ ନିର୍ମିତ ଏହି ସୁଦୃଶ୍ୟ କଳାକୃତି ଅକ୍ଷରଭୂମିର ଉଚ୍ଚ ପ୍ରଶଂସା କରିଛନ୍ତି। ଓଡ଼ିଆ ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷରକୁ ଯେପରି କଳାତ୍ମକ ଭାବେ ସେଠାରେ ସଜ୍ଜିତ କରି ରଖାଯାଇଛି ତାହା ଓଡ଼ିଆ ଭାଷାର ସୌନ୍ଦର୍ଯ୍ୟକୁ ସଫଳ ଭାବେ ଉପସ୍ଥାପିତ କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ ମତଦେବା ସହ ତା'ର ଉଚ୍ଚ ପ୍ରଶଂସା କରିଛନ୍ତି। ଅକ୍ଷରଭୂମିର ନିର୍ମାଣ ଦାୟିତ୍ୱ ନେଇଥିବା ଏବଂ ଏହାକୁ ସଫଳ ଭାବେ ସମ୍ପନ୍ନ କରିଥିବା ପୂର୍ତ୍ତ ବିଭାଗକୁ ଏଥିପାଇଁ ସେ ଧନ୍ୟବାଦ ଜଣାଇଛନ୍ତି।

Shri Dharmasthala Manjunatheshwara Institute for Management Development (SDMIMD)
Mysore, Karnataka
2-Year Fully Residential
Post Graduate Diploma in Management (PGDM)-2024-26
Approved by AICTE | Accredited by NBA | MBA Equivalence by AIU
- Ranked among top B-Schools in India and Internationally accredited
- International Tie-up with 18 reputed Universities across the world
- Best in class Placements - 10 Lakhs Average Salary, 14 Lakhs Highest Salary
- Scholarships worth Rs. 1.5 Crores to meritorious students
- Single Occupancy hostel rooms | Students from 20 states
- Collateral Free Educational loan support from SBI (Scholar Loan), BOB, UBI & HDFC CREDILA
- Partnership with Infosys Spring Board for Academic Enhancement with Joint Certification
- Partnership with BCIC for Industry Projects
Last date to apply: 28th February 2024
www.sdmimd.ac.in | e-mail: admissions@sdmimd.ac.in
Contact: 95350 07893
EFMD ACCREDITED | PGDM · ACBSP ACCREDITED · AACSB Business Education Alliance · BSIS Business School Impact System · QS I-GAUGE Indian University Rating DIAMOND

# ୨ ଦିନ ଘନକୁହୁଡ଼ି: ୧୩ ଜିଲାକୁ ୟେଲୋ ୱାର୍ନିଂ

## ଯାନବାହନ ନିୟନ୍ତ୍ରଣ ପାଇଁ ପରିବହନ ବିଭାଗକୁ ଏସ୍‌ଆରସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୩।୨(ଅନିଲ ଦାସ)

ରାଜ୍ୟରୁ ଧୀରେ ଧୀରେ ଶୀତ ଅପସରି ଯାଉଥିବା ବେଳେ ଦିନ ଓ ରାତିର ତାପମାତ୍ରା ବଢ଼ିବା ଆରମ୍ଭ କଲାଣି। ଦିନର ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀକୁ ଛୁଇଁଥିବା ବେଳେ ରାତ୍ରିର ସର୍ବନିମ୍ନ ତାପମାତ୍ରା ୨୧ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଅନ୍ୟପକ୍ଷରେ ଅଧାରୁ ଅଧିକ ଜିଲା ଏବେ କୁହୁଡ଼ି କବଳରେ କବଳିତ ହୋଇଛି। ଆସନ୍ତା ୨ ଦିନ ଘନକୁହୁଡ଼ି ଜାରି ରହିବ। ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଜିଲାରେ ଘନକୁହୁଡ଼ି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, ନୟାଗଡ଼, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା ଏବଂ ପୁରୀ ଜିଲାର କେତେକ ସ୍ଥାନରେ ଘନକୁହୁଡ଼ି ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ୫ ତାରିଖରେ କନ୍ଧମାଳ, ରାୟଗଡ଼ା, କୋରାପୁଟ, କଳାହାଣ୍ଡି, ନୟାଗଡ଼ ଏବଂ କଟକ ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡି ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି। ଏହି ସବୁ ଜିଲାରେ ଦୃଶ୍ୟମାନ ଦୂରତା ୫୦ରୁ ୨୦୦ ମିଟର ମଧ୍ୟରେ ରହିବ। ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ଅଧିକ ରହୁଥିବାରୁ ଏଭଳି ପରିସ୍ଥିତି ଦେଖାଦେଇଛି। ଘନକୁହୁଡ଼ି ସମୟରେ ଗାଡ଼ି ଚଳାଚଳ ଉପରେ ନଜର ରଖିବା ସହ ଡ୍ରାଇଭରମାନଙ୍କୁ ସଚେତନ କରିବାକୁ ପୋଲିସ ଏବଂ ପରିବହନ ବିଭାଗକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଅରୂପାନନ୍ଦ ଦାସ ରାଜ୍ୟ ଆଇନଜୀବୀ ପରିଷଦର ଏକ୍‌ଜିକ୍ୟୁଟିଭ କମିଟି ଅଧ୍ୟକ୍ଷ

**କଟକ,୩।୨ (କାର୍ତ୍ତିକ ସାହୁ):** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଏକ୍‌ଜିକ୍ୟୁଟିଭ କମିଟି ଅଧ୍ୟକ୍ଷ ଭାବେ ଆଇନଜୀବୀ ଅରୂପାନନ୍ଦ ଦାସ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ପରିଷଦ ସଭାଗୃହରେ ଶନିବାର ଆୟୋଜିତ ପ୍ରଥମ ଏକ୍‌ଜିକ୍ୟୁଟିଭ କମିଟି ବୈଠକରେ ଏହି ମନୋନୟନ କରାଯାଇଛି। ଏହି ବୈଠକରେ ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟ ବିଭୁ ପ୍ରସାଦ ତ୍ରିପାଠୀ, ଧନଞ୍ଜୟ ମୁଣ୍ଡ, ସଞ୍ଜିତ୍ କୁମାର ପାଣିଗ୍ରାହୀ, ତପନ କୁମାର ବିଶ୍ୱାଳଙ୍କ ସମେତ ନିମନ୍ତ୍ରିତ ସଦସ୍ୟ ଭାବେ ସୌରଚନ୍ଦ୍ର ମହାପାତ୍ର, ମାନସ କୁମାର ଚାନ୍ଦ, ଲକ୍ଷ୍ମୀନାରାୟଣ ପଟେଲ ଯୋଗଦେଇଥିଲେ। ଅରୂପାନନ୍ଦ ଏବେ ହାଇକୋର୍ଟରେ ଅତିରିକ୍ତ ସରକାରୀ ଓକିଲ ଭାବେ କାର୍ଯ୍ୟରତ ଅଛନ୍ତି। ସେ ହେଉଛନ୍ତି ଅବସରପ୍ରାପ୍ତ ଜିଲା ଓ ସେସନ୍ସ ଜଜ୍ ସଚ୍ଚିଦାନନ୍ଦ ଦାସଙ୍କ ପୁତ୍ର।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




In a world gone tame, the new Sonet is here to set you free. Sleek in design, throbbing with power, gloriously polished and spacious on the inside; it's packed with tech & features you'll be hard-pressed to find anywhere else in the segment. So, climb into the new Sonet and let your wild side come out to play.

**Technology. Redefined.** Leading the segment, yet again.




**Safety. Redefined.** The beast with 10 Autonomous ADAS Features# + Robust 15 Standard Safety Features across variants

**Forward Collision Warning (FCW)** alerts the driver and prevents imminent collision | **Forward Collision-Avoidance Assist (FCA)** alerts the driver of imminent collision with a car/ cyclist/ pedestrian ahead, and applies brakes | **Lane Departure Warning, Lane Keep & Follow Assist (LDW, LKA & LFA)** alerts the driver whenever the car is out of its lane, and counter steers to keep it centered | **High Beam Assist (HBA)** automatically adjusts the high beam/ low beam based on the oncoming vehicle's headlamp intensity | **Leading Vehicle Departure Alert (LVDA)** informs the driver if the vehicle in front starts moving and driver does not react | **Driver Attention Warning (DAW)** alerts the driver based on driver's attention level

**Host of Other Wild Features:** Electric Sunroof | Find My Car with Surround View Monitoring | Powerful Smartstream G1.0 T-GDi Petrol Engine (88 kW & 6 000 rpm) | Refined 1.5/ CRDi VGT Diesel Engine (85 kW & 4 000 rpm) | Rear Disc Brakes | Advance Kia Connect** with Alexa Home to Car Connectivity | Sleek LED Fog Lamps | LED Ambient Sound Lighting | GT Line & X-Line Differentiated Body Kit | Exclusive Matte Graphite Exterior Color

**Kia Service** Connected · Adaptive · Responsive · Engage | 3 Years Unlimited km Warranty | Extended Warranty Up to 5 Years | My Convenience Plus Best-in-class Cost of Ownership^^ | Scratch Care Program* | IoT Based Smart Services## | 24x7 | 3 Years Nationwide RSA**

Book now | Call 1800 108 5000 | 093195 91407 | Visit www.kia.com | Kia Sonet | kiacare@kiaindia.net | Look for "Kia India" @

Terms & Conditions Apply. *Ex-showroom price all India. The product & feature images shown in this ad are for representation purpose only. Features and specifications as shown may not be part of standard fitment and may vary. The colors shown are subject to availability and may not be available across all variants and may differ slightly from those shown in this ad. Segment is defined as vehicle with length between 3 990 mm – 3 999 mm and height - 1 570 mm. *The tests of protection from virus & bacteria are conducted with a defined process, under particular circumstances in a controlled environment and the results may vary. #Available only with GTX+ and X-Line variants. Advanced Driver Assistance System (ADAS) is not a substitute for human eye and driver vigilance. It is an assistance feature that enhances driving experience and safety. Effectiveness of ADAS may vary based on actual situation and all objects around vehicle may not be detected. The driver shall remain responsible for safe, vigilant, and attentive driving. **Kia Connect comes with 3 years free subscription. Amazon Alexa and smartwatch device are not standard car accessories & the customer needs to purchase from a third party. Kia Connect features may vary depending on the variant, device compatibility, software and network availability both in the vehicle and Alexa device. Kia Connect skill is only available in India and can be interacted with in English and Hindi. ^^Computed cumulatively with all benefits from comprehensive coverage. *Program coverage includes 1 scratch repair free of cost in an ownership period of 12 month from date of sale, applicable for new Sonet retailed up to 30th April. 2024. ##IoT based workshops for live vehicle tracking for digital experience. **RSA coverage across India except Andaman & Nicobar Islands and Lakshadweep. The specifications and features may vary depending on models/ variants. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications, Kia Connect features and other details of any model as mentioned in this brochure or to discontinue any model without prior notice. For more details visit your local Kia dealership. Kia India Pvt. Ltd. (Formerly known as Kia Motors India Private Limited) urges you to follow traffic rules, these are meant to keep you safe on roads.

Scan to know more

FOR INFORMATION CONTACT: SAMBALPUR: CENTRAL KIA, PH: 7440004263, ROURKELA: KRISHNA KIA, PH: 7852941115, BALASORE: BASANTI KIA, PH: 7077732182, BERHAMPORE: CENTRAL KIA, PH: 7440002919, BHUBANESHWAR: TRUPTI KIA, PATRAPADA, PH: 7064414001/ 7064414004/ 7064414005, CENTRAL KIA, PAHAL, PH: 7440002919, ANGUL: CENTRAL KIA, PH: 7440002919

INNOCEAN-0012/24

> ଯେଉଁମାନେ ଶାସନକ୍ଷମତାର ଅଧିକାରୀ– ସେମାନଙ୍କର ସାମାଜିକ ସ୍ଥିତିର ଉଚ୍ଚତା ଯାହା ହେଉନା କାହିଁକି– ସେମାନଙ୍କୁ ଯଥାର୍ଥ ସତ୍ୟଦ୍ରଷ୍ଟାମାନଙ୍କ ନିକଟରୁ ଅନୁପ୍ରେରଣା ଗ୍ରହଣ କରିବାକୁ ହେବ। ସେହି ସତ୍ୟ ଦ୍ରଷ୍ଟାମାନଙ୍କ ସଂକଳ୍ପ ଏବଂ ଭଗବତ୍ ସଂକଳ୍ପ ଏକ। –ଶ୍ରୀମା



# ବିଚାରଧାରାରୁ ଦୂରରେ



**ଆକାର ପଟେଲ**

ଭାରତୀୟ ଜନତା ପାର୍ଟି(ଭାଜପା) ତା' ୱେବ୍‌ସାଇଟ୍‌ରେ କହିଛି, ''ଅବିଭାଜ୍ୟ ମାନବବାଦର ଦର୍ଶନ ବା ବିଚାରଧାରା ଏକକକୁ ସୂଚିତ କରେ ଯାହାର କେବଳ ଭୌତିକ ବିଷୟ ନୁହେଁ ବରଂ ଆଧ୍ୟାତ୍ମିକ ଦିଗ ରହିଛି। ଏହା ଅର୍ଥନୈତିକ ବିକାଶର ଏକକ ଅବିଚ୍ଛେଦ୍ୟ ଆଭିମୁଖ୍ୟକୁ ପ୍ରକାଶ କରେ, ଯାହା ପରିବାର, ସମାଜ ଏବଂ ରାଷ୍ଟ୍ର ସହ ଜଡ଼ିତ।'' ଏହିସବୁ ଶବ୍ଦର ଅର୍ଥ କ'ଣ? ଆଧ୍ୟାତ୍ମିକ ଦିଗ ସହିତ ଏକ ସରକାର ଏବଂ ରାଜନୈତିକ ଦଳର କ'ଣ ସମ୍ପର୍କ ଅଛି ଏବଂ ଏହା ଯଦି ସମ୍ଭବ ହୁଏ ତେବେ ଏହି ଆଧ୍ୟାତ୍ମିକ ଦିଗକୁ ଦେଶର ସାଧାରଣ ସୁଯୋଗଗୁଡ଼ିକ ସହିତ କିପରି ଉପଯୋଗ କରାଯାଇପାରିବ? ଏହି ଶବ୍ଦଗୁଡ଼ିକ ନୀତି ମାଧ୍ୟମରେ ଭାଜପାର ଇସ୍ତାହାରରେ କିମ୍ବା ବଜେଟରେ କିପରି ପ୍ରତିଫଳିତ ହୁଏ? ଯଦି ସେସବୁ ହେଉଛି ତେବେ ସେଗୁଡ଼ିକ କିଭଳି ଅନ୍ୟ ଦଳର ନୀତିରୁ ବାଦ୍ ପଡ଼ିଛନ୍ତି? ଆସନ୍ତୁ, କିଛି ବର୍ଷ ପୂର୍ବେ ପ୍ରକାଶିତ ଭାଜପା/ ଜନସଂଘର ଇସ୍ତାହାରକୁ ଦେଖିବା। ଆଶ୍ଚର୍ଯ୍ୟର କଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏହାର ସ୍ଥିତି ଓଲଟପାଲଟ ହୋଇଯାଇଛି ଓ ଏହା କାହିଁକି ହୋଇଛି ତାହା ବୁଝାପଡୁନାହିଁ। ଜନସଂଘ ୧୯୫୪ ଓ ପୁନର୍ବାର ୧୯୭୧ ଇସ୍ତାହାରରେ ସମସ୍ତ ଭାରତୀୟ ନାଗରିକଙ୍କ ସର୍ବାଧିକ ଆୟକୁ ମାସିକ ୨,୦୦୦ ଟଙ୍କା ଏବଂ ସର୍ବନିମ୍ନ ୧୦୦ ଟଙ୍କାରେ ଅର୍ଥାତ୍ ୨୦:୧ ଅନୁପାତରେ ସୀମିତ ରଖିବାକୁ ସ୍ଥିର କରିଥିଲା। ଏହି ବ୍ୟବଧାନକୁ ହ୍ରାସକରି ୧୦: ୧ରେ ପହଞ୍ଚିବା ଯାଏ କାର୍ଯ୍ୟ ଜାରି ରଖିବ ଏବଂ ସମସ୍ତ ଭାରତୀୟ କେବଳ ସେମାନଙ୍କ ସ୍ଥିତିକୁ ଆଧାରକରି ଏହି ପରିସର ଭିତରେ ଆୟ କରିପାରିବେ। ଦଳ ମଧ୍ୟ ସହରରେ ବାସୋପଯୋଗୀ ଘରର ଆକାର ଛୋଟ କରିବା ସହ ୧୦୦୦ ବର୍ଗ ଗଜ୍‌ରୁ ଅଧିକ ପ୍ଲଟ୍ ଦିଆଯିବ ନାହିଁ ବୋଲି କହିଥିଲା। ୧୯୫୪ରେ କହିଥିଲା ଯେ କେବଳ ପୂର୍ବରୁ କେବେ ଚାଷ ହୋଇ ନ ଥିବା ଜମିକୁ ହଳ କରିବା ପାଇଁ ଟ୍ରାକ୍ଟର ବ୍ୟବହାର କରାଯିବ ଓ ସାଧାରଣ ହଳ ଉଦ୍ଦେଶ୍ୟରେ ସେଗୁଡ଼ିକର ବ୍ୟବହାର ବନ୍ଦ ହେବ। ଅବଶ୍ୟ ବଳଦ ଓ ଷଣ୍ଢ ହତ୍ୟା ରୋକିବାକୁ ଏହା ଏକ ପ୍ରୟାସ କରୁଥିଲା। ୧୯୫୧ରେ ଗୋହତ୍ୟା ନିଷେଧାଦେଶ ସମ୍ପର୍କରେ ସ୍ପଷ୍ଟ କରାଯାଇଥିଲା ଯେ, କୃଷିରେ ଏକ ଅର୍ଥନୈତିକ ୟୁନିଟ୍ କରିବା ପାଇଁ ଏହା ଦରକାର। ୧୯୫୪ରେ ଏହା ଅଧିକ ଧର୍ମୀୟ ବିଷୟ ଥିଲା ଏବଂ ଗୋ– ସୁରକ୍ଷାକୁ ଏକ 'ଧର୍ମୀୟ ଦାୟିତ୍ୱ' ଭାବେ ପ୍ରକାଶ କରିଥିଲା। ଯଦିଓ ଏହା ଏବେ ନିଜକୁ ଏକକ ନାଗରିକ ସଂହିତାର ଅଗ୍ରଦୂତ ବୋଲି କହୁଛି, ତଥାପି ଦଳ ଛାଡ଼ପତ୍ର ଏବଂ ଏକକ ପରିବାରକୁ କ୍ରମାଗତ ଭାବରେ ବିରୋଧ କରିଥିଲା। ଏହାର ଇସ୍ତାହାର (୧୯୫୭ ଓ ୧୯୫୮) ଦର୍ଶାଏ ଯେ ଯୌଥ ପରିବାର ଏବଂ ସ୍ଥାୟୀ ବିବାହ ହିନ୍ଦୁ ସମାଜର ଆଧାର ଭାବେ ରହିଆସିଛି। ଏହି ଆଧାରକୁ ପରିବର୍ତ୍ତନ କରୁଥିବା ଆଇନଗୁଡ଼ିକ ଶେଷରେ ସମାଜକୁ ଭାଗଭାଗ କରିଦେବ। ଏଣୁ ଜନସଂଘ ହିନ୍ଦୁ ବିବାହ ଏବଂ ହିନ୍ଦୁ ଉତ୍ତରାଧିକାର ଆଇନକୁ ରଦ୍ଦ କରିବ।

ଜାତି ହିଂସା ଉପରେ ଜନସଂଘର ୧୯୭୩ ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଅଧିକାଂଶ କ୍ଷେତ୍ରରେ ବିବାଦ ହରିଜନ ଏବଂ ହିନ୍ଦୁ ଜାତିଙ୍କ ମଧ୍ୟରେ ନୁହେଁ, ବରଂ ଏହା ହରିଜନ ଏବଂ ଏକ ଗୋଷ୍ଠୀର ଲୋକଙ୍କ ମଧ୍ୟରେ ଅଛି ଯେଉଁମାନେ କ୍ଷମତାରେ ଅଛନ୍ତି ଏବଂ ସେମାନେ ଉଚ୍ଚ ଜାତିର। ଅର୍ଥାତ୍, ଜାତି କେବଳ ବିବାଦର ଉତ୍ସ ନୁହେଁ। ସାଂସ୍କୃତିକ ଦୃଷ୍ଟିରୁ ଦଳ ମଦ୍ୟପାନ ବିରୋଧରେ ଦୃଢ଼ ଭାବରେ ଠିଆହୋଇ ଦେଶବ୍ୟାପୀ ନିଷେଧାଦେଶ ଦାବି କରିଥିଲା। ଦଳ ଚାହୁଁଥିଲା ସମସ୍ତ କ୍ଷେତ୍ରରେ ଇଂରାଜୀ ବଦଳରେ ସ୍ଥାନୀୟ ଭାଷା ଏବଂ ବିଶେଷକରି ହିନ୍ଦୀ ବ୍ୟବହାର କରାଯିବ। କୌତୂହଳର ବିଷୟ, ଜନସଂଘ କହିଥିଲା ଯେ, ଏହା ୟୁଏପିଏ ଭଳି ପ୍ରିଭେନ୍‌ସନ ଡିଟେନସନ ଆଇନ(ଅପରାଧ ସନ୍ଦେହରେ ଅଟକ ରଖାଯିବା)କୁ ପ୍ରତ୍ୟାହାର କରିବ ଯାହା ବ୍ୟକ୍ତିଗତ ସ୍ୱାଧୀନତାର ସମ୍ପୂର୍ଣ୍ଣ ବିରୋଧୀ। ଏହି ପ୍ରତିଶ୍ରୁତି ୧୯୫୦ ଦଶକରେ ବାରମ୍ବାର ଦିଆଯାଇଥିଲା। ତଥାପି ୧୯୬୭ ସୁଦ୍ଧା ଏହା ସ୍ୱୀକୃତ ହେବାକୁ ଲାଗିଲା ଏବଂ କୁହାଗଲା ଯେ, ଦେଶର ଶତ୍ରୁଙ୍କୁ ସମର୍ଥନ କରୁଥିବା ଏବଂ ବ୍ୟାଘାତକାରୀ ତତ୍ତ୍ୱଗୁଡ଼ିକ ମୌଳିକ ଅଧିକାରକୁ ଯେଭଳି ଶୋଷଣ ନ କରନ୍ତି ତାହା ନିଶ୍ଚିତ କରାଯିବା ଲାଗି ପଦକ୍ଷେପ ନିଆଯିବ। ପରେ ସଂଘ ଏବଂ ଭାଜପା ପ୍ରିଭେନ୍‌ସନ ଡିଟେନସନ ପାଇଁ ଅଧିକ ଉତ୍ସାହୀ ହୋଇପଡ଼ିଲେ। ୧୯୫୪ରେ ଦଳ କହିଥିଲା, ଏହା ସମ୍ବିଧାନର ପ୍ରଥମ ସଂଶୋଧନ ଯାହା 'ଯୁକ୍ତିଯୁକ୍ତ ପ୍ରତିବନ୍ଧକ' ଲଗାଇ ବାକ୍ ସ୍ୱାଧୀନତାକୁ ବନ୍ଦ କରି ଦେଇଛି, ତାହାକୁ ପ୍ରତ୍ୟାହାର କରିବ। ଏହି ସଂଶୋଧନ ମୂଳତଃ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଛଡ଼ାଇ ନେଇଛି। ଅବଶ୍ୟ ୧୯୫୪ ପରେ ପ୍ରଥମ ସଂଶୋଧନକୁ ରଦ୍ଦ କରାଯାଉ ବୋଲି ଦାବି କରିଥିଲା ଏବଂ ଭାରତୀୟଙ୍କ ପାଇଁ ଅଭିବ୍ୟକ୍ତି, ସଙ୍ଗଠନ ଏବଂ ସମାବେଶ ସ୍ୱାଧୀନତା ଫେରାଇ ଦିଆଯାଉ। କିନ୍ତୁ ତାହା ଜନସଂଘ ଇସ୍ତାହାରରୁ ଅଦୃଶ୍ୟ ହୋଇଗଲା। ଭାଜପା ସମ୍ବିଧାନ ଅନୁଯାୟୀ ଅବିଭାଜ୍ୟ ମାନବବାଦ ହେଉଛି ପାର୍ଟିର 'ମୌଳିକ ବା ମୂଳ ବିଚାରଧାରା'। ସମ୍ବିଧାନର ପ୍ରଥମ ପାରା ଅନୁଯାୟୀ ଭାରତ ଏକ ସଂଘୀୟ ରାଜ୍ୟର ଦେଶ ହେବ, ଅର୍ଥାତ୍ ବିହାର ମାତା, ବଙ୍ଗ ମାତା, ପଞ୍ଜାବ ମାତା, କନ୍ନଡ ମାତା, ତାମିଲ ମାତା ସମସ୍ତଙ୍କୁ ଏକାଠି କରି ଭାରତମାତା ହେବା କହି ଏହା ଭାଷାଭିତ୍ତିକ ରାଜ୍ୟଗୁଡ଼ିକର ଧାରଣାକୁ ବିରୋଧ କରେ। ଏହା ଅତ୍ୟନ୍ତ ହାସ୍ୟାସ୍ପଦ। ଆମେ ପ୍ରଦେଶଗୁଡ଼ିକୁ ଭାରତମାତାର ଅଙ୍ଗ ବୋଲି ଭାବିଛୁ ଏବଂ ଏକକ ମାତା ଭାବରେ ନୁହେଁ। ତେଣୁ ସମ୍ବିଧାନ ସଂଘୀୟ ପରିବର୍ତ୍ତେ ଏକୀକୃତ ହେବା ଉଚିତ। ଏଥିପାଇଁ ଶେଷ ଥର ଭାଜପା କେବେ ପଦକ୍ଷେପ ନେବା ଶୁଣିଥିଲେ କି? ଜନସଂଘ ଏହାର ବହୁସଂଖ୍ୟକବାଦକୁ ସ୍ପଷ୍ଟ ଭାବରେ ପ୍ରକାଶ କରିବାରେ ଅସମର୍ଥ ହୋଇଥିଲା। କାରଣ ବାବ୍ରି ମସ୍‌ଜିଦ ବିରୋଧରେ ଅଭିଯାନ ଭଳି ମୁସଲମାନ ବିରୋଧୀ ଭାବନାକୁ ଏକତ୍ରିତ କରିବା ପାଇଁ ଏହାର ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମର ଅଭାବ ଥିଲା। କିନ୍ତୁ ପରେ ଭାଜପା ପୂରା ଦମ୍‌ରେ ତାହା କରିବାକୁ ସକ୍ଷମ ହେଲା। ଭାଜପା ଥରେ କ୍ଷମତା ହାସଲ ହେବା ପରେ ବହୁ ଦଶନ୍ଧିଧରି ଜନସଂଘ ଇସ୍ତାହାରରେ ସମର୍ଥନ କରୁଥିବା ଏବଂ ଦାବିକରି ଆସୁଥିବା 'ମୌଳିକ ବିଚାରଧାରା'ରୁ ପୂରା ଦୂରେଇଯାଇଛି।

Email:aakar.patel@gmail.com

# ରାଜନୀତି କେଲେଙ୍କାରିର ସଂସ୍କୃତିକୁ ଉଧେଉଛି



**ସହଦେବ ସାହୁ**

ଭାରତର ଆଇନ ନ ମାନୁଥିବା ଅର୍ଥବ୍ୟବସ୍ଥା କେଲେଙ୍କାରିର ସଂସ୍କୃତିକୁ ଉଧେଉଛି। କର୍ପୋରେଟ୍ ପରିଚାଳନାରେ ମାଲ୍ ପ୍ରାକ୍ଟିସ୍ (ଅବୈଧ କାରବାର) ଯଥା କମ୍ପାନୀର ମାଲିକ ଓ କମ୍ପାନୀ ଚାଲୁ କରିଥିବା ଲୋକ ପୁଞ୍ଜି ଲଗାଇଥିବା ଲୋକମାନଙ୍କୁ ଠକନ୍ତି। ରାଜନେତାଙ୍କ ପ୍ରଭାବ ଲଗାଇ ସହଜରେ ବ୍ୟାଙ୍କରୁ ଶହ ଶହ କୋଟି ଟଙ୍କା ଋଣ ନେଇପାରନ୍ତି, କିନ୍ତୁ ଋଣ ପରିଶୋଧରେ ଖିଲାପ କଲେ ଆଇନ–ଜାଲକୁ ଏଡ଼ାଇ ଯାଆନ୍ତି। ନୈତିକ ଆଚରଣ ଓ ସାଧାରଣ ଦାୟିତ୍ୱବୋଧ ଏତେ କମିଯିବାର କାରଣ ସରକାର ଚଳାଉଥିବା ରାଜନେତାମାନେ ପ୍ରୋତ୍ସାହନ ଦେଉଛନ୍ତି!

ଭାତହାଣ୍ଡିରୁ ଗୋଟିଏ ଚିପିଲେ ସହି। ଯୁକ୍ତରାଷ୍ଟ୍ର ଆମେରିକା ଅନୁକରଣରେ ଆମ ଦେଶରେ କର୍ପୋରେଟ୍ କଲ୍‌ଚର ଆରମ୍ଭ ହେଲା ବେଳକୁ ଦେଶରେ ରାଜନୀତି ଏତେ ଗୋଳମାଳିଆ ଆଉ ଅର୍ଥନୀତି ଏତେ ସଙ୍କଟାପନ୍ନ ହୋଇଥିଲା ଯେ ହର୍ଷଦ୍ ମେହେଟ୍ଟାର କାରନାମାକୁ କେଲେଙ୍କାରି ବୋଲି କେହି କହୁ ନ ଥିଲେ। ଘଟଣା(epi–sode)ଟି ତତ୍କାଳୀନ ପରିସ୍ଥିତିର ଦାସ ଥିଲା, ତାକୁ ଲୋକେ ଏବେ ପ୍ରସଙ୍ଗକୁ ଆଣୁନାହାନ୍ତି। ଏବେ ସ୍କାମ୍ ବା କେଲେଙ୍କାରି ଆମ ଅର୍ଥନୀତିର ଏକ ଅଙ୍ଗ ହୋଇଗଲାଣି। ଆଇନର ପବିତ୍ରତା ସରକାର ରକ୍ଷା କରୁନାହାନ୍ତି, ଆଇନ ରାଜନେତାମାନେ ଦେଖାଉଥିବା ରାସ୍ତାରେ ଯାଉଛି। ଯଦି କେହି ଆଇନ ଲାଗୁ କରୁଥିବା ଅଧିକାରୀ(ରେଗୁଲେଟର) ଆଇନକୁ ତା' ବାଟରେ ନେବାକୁ ଚେଷ୍ଟା କରୁଥାନ୍ତି ସେ ଅଫିସରକୁ କାମ ଅଧାରୁ ବଦଳିକରି ନିଜ ମର୍ଜି ଅନୁଯାୟୀ ଯିଏ କାମ କରିବ ତାକୁ ନେଇଆସନ୍ତି। ଅବାଧ ବଜାର (ଫ୍ରି ମାର୍କେଟ) ରାଜନେତାଙ୍କ ଲୋଭ ଆଗରେ ବଳିପଡ଼େ, ବିବେକ (ପ୍ରୁଡେନ୍ସ) ଓ ନ୍ୟାୟ (ଫେଆର୍‌ନେସ୍) ଉଭେଇଯାଏ।

ଲୋକେ ଦେଖିଲେ, ୧୯୯୦ ମାର୍ଚ୍ଚରେ ମୁମ୍ବାଇର ଭିକ୍ରୋଲିରେ ଏକ କୁଡ଼ିଆରେ ରହୁଥିବା ୩୬ ବର୍ଷର ମେହେଟ୍ଟା ମାସକ ଭିତରେ ୱର୍ଲିରେ ଏକ ୧୦ କୋଟି ଟଙ୍କିଆ ପ୍ରାସାଦକୁ ଉଠିଗଲା, ସେଠି ଥିଲା ଗଲ୍ଫ କୋର୍ଷ, ମେହେଟ୍ଟାର ଗଣ୍ଡା ଗଣ୍ଡା ଗାଡ଼ି ରଖିବା ଜାଗା ଆଉ ଜାପାନୀ ଉଦ୍ୟାନ: ମେ' ମାସରେ ଆଇଏମ୍ଏଫ୍ କହିଲା ଇଣ୍ଡିଆରେ ଷ୍ଟକ୍ ମାର୍କେଟର ଯୁଗ ଆସିଗଲା, ଅଗଷ୍ଟରେ ମାର୍କିନ୍ ସିଟି ବ୍ୟାଙ୍କ ଲିଙ୍କଲଭର ଇଣ୍ଡିଆ କ୍ୟାପିଟାଲ ମାର୍କେଟର ସ୍ୱର୍ଗ ହୋଇଯିବ। ୧୯୯୨ରେ 'ହର୍ଷଦ୍ ମେହେଟ୍ଟା କେଲେଙ୍କାରିର ଖୁଲାସା ହୋଇଗଲା ପରେ ବି ଲୋକେ ଶେୟାର କିଣିବା ପାଇଁ ବ୍ୟାଙ୍କ ଦ୍ୱାରରେ ଭିଡ଼ ଜମାଇଲେ। ୧୯୯୧ ଅଗଷ୍ଟରେ ପି.ଭି. ନରସିଂହରାଓଙ୍କ ଅର୍ଥମନ୍ତ୍ରୀ ମନମୋହନ ସିଂ ଆମଦାନୀ ଓ ଶିଳ୍ପ ଉପରୁ କଟକଣା ଉଠାଇ ଦେଇଥିଲେ ବି ଆବଶ୍ୟକ ମାନବ ସମ୍ବଳ ଏବଂ ଭିତ୍ତିଭୂମି ଅଭାବରୁ ଶିଳ୍ପ ତ ଆସିଲା ନାହିଁ ବରଂ ବିଶୃଙ୍ଖଳ ପୁଞ୍ଜିବାଦୀ ବଜାର ଉଧେଇଲା। ମେହେଟ୍ଟାର ସଫଳତା ଦେଖି ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନେ ତାକୁ ବିନାସୁଧରେ ପାଣ୍ଠି ଯୋଗାଇଲେ, ଷ୍ଟେଟ୍ ବ୍ୟାଙ୍କ ମଧ୍ୟ ୫୦୦ କୋଟି ଦେଇଥିଲା, କିନ୍ତୁ ସମ୍ପୃକ୍ତ ଅଧିକାରୀମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ବ୍ୟାଙ୍କମାନଙ୍କୁ ଇନ୍‌ସ୍ପେକ୍ସନ କରିଥିବା ରିଜର୍ଭ ବ୍ୟାଙ୍କର ଅଫିସରମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ମେହେଟ୍ଟା ଅକାଳରେ ମରିଯିବାରୁ ଶେୟାର୍ ବଜାରରେ ଜୀବନଯାକର ସଞ୍ଚୟ ହରାଇ ଆତ୍ମହତ୍ୟା କରିଥିବା ଲୋକଙ୍କ ଅଭିଶାପ ବୋଲି କୁହାଗଲା ସିନା, ସ୍ପଷ୍ଟ ଦିବାଲୋକରେ ଠକିବା ଲୋକଙ୍କ ଅଭ୍ୟାସରେ ପଡ଼ିଗଲା, ରାଜନେତାମାନଙ୍କ ବାହୁତଳେ ଠକିବା ବଢ଼ିଗଲା। ରାତାରାତି ଧନୀ ହେଉଥିବା ଲୋକେ କହିଲେ, ବେଶି ପଇସା କରିବା କ'ଣ ପାପ? ସେମାନେ ଯେ ରାଜନେତାମାନଙ୍କ ହାତମୁଠାରେ ଥିବା କୋଅପରେଟିଭ୍ ବ୍ୟାଙ୍କମାନଙ୍କରୁ ସହଜରେ ଋଣ ଉଠାନ୍ତି। କମ୍ପାନୀର ଶେୟାର ମୂଲ୍ୟ ବଢୁଥିଲେ ବି ଋଣର ଖିଲାପ କରନ୍ତି। ତାହା କେତନ ପାରେଖ ମାଧବପୂରା ମର୍କାଣ୍ଟାଇଲ୍ କୋଅପରେଟିଭ୍ ବ୍ୟାଙ୍କକୁ ବ୍ୟବହାର କରିଥିବା ପ୍ରମାଣ କରେ।

ମେହେଟ୍ଟା ପାଖରେ କାମ କରିଥିବା ୩୫ ବର୍ଷୀୟ କେତନ ପାରେଖ କେତେକ ଅଖ୍ୟାତ ଆଇଟି ଓ କମ୍ୟୁନିକେଶନ କମ୍ପାନୀର ସବୁ ଶେୟାର ନିଜ ହାତରେ ରଖି ଅଳ୍ପ କିଛି ଶେୟାର କିଣାବିକା ପାଇଁ ଛାଡ଼ି(ଫ୍ଲୋଟିଂ ଷ୍ଟକ୍) ଦର ଏତେ ବଢ଼ାଇଦେଲା ଯେ ୨୦୦୧ରେ ତାହାର କେଲେଙ୍କାରି ଧରାପଡ଼ିଲା ବେଳକୁ ସେ ବିଲିଅନେୟାର ହୋଇଯାଇଥିଲା। ଆମ ଦେଶର କର୍ପୋରେଟ୍ ଶାସନ ଭିତରେ ଏତେ ମୂଷାଗାତ ଅଛି ଯେ କମ୍ପାନୀର ମାଲିକ ଓ ପ୍ରମୋଟରମାନେ ସହଜରେ ପୁଞ୍ଜି ନିବେଶକାରୀମାନଙ୍କୁ ଠକିପାରୁଛନ୍ତି। କେତନ



ଆରମ୍ଭରେ ଗୌତମ ଆଦାନୀଙ୍କ କର୍ମଚାରୀମାନଙ୍କ ସହ କାମ କରିଥିଲେ। ଯେଉଁ ମରିସସ୍ ନିଜ ଦେଶର କମ୍ପାନୀମାନଙ୍କ ଉପରେ ଟିକସ ବସାଏ ନାହିଁ, ସେଠାରେ ନାମକୁମାତ୍ର କମ୍ପାନୀ ବସାଇ ଭାରତକୁ ରପ୍ତାନି କରୁଥିବା ଦେଖାଇ ଆଦାନୀଙ୍କ ଷ୍ଟକ୍ ମୂଲ୍ୟ ବଢ଼ାଇଥିଲା। ମରିସସ୍‌ରୁ ଭାରତ ଆସୁଥିବା ପୁଞ୍ଜି ବା ଆମଦାନୀ ଉପରେ ଆଉ ଟିକସ ବସିବ ନାହିଁ ବୋଲି ଭାରତ ସରକାର ୧୯୮୩ରୁ ଏକ ଚୁକ୍ତି କରିଥିଲେ। ବିଦେଶୀ ପୁଞ୍ଜି ଆସିଲା ବୋଲି ଆଦାନୀ କମ୍ପାନୀ ଦେଖାଉଥିଲା। ୨୦୦୩ରେ ସେବି(ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ) ଜରିମାନା କଲା ଓ ବାରଣ କଲା। ତା' ସତ୍ତ୍ୱେ ପାରେଖ ତା' କାରବାର ଜାରି ରଖିଥିଲା ବୋଲି ୨୦୧୮ରେ ସ୍ୱତନ୍ତ୍ର କୋର୍ଟ ପାରେଖକୁ ୩ ବର୍ଷ ଜେଲ୍‌ଦଣ୍ଡ ଦେଲେ। କାରଣ ସେ ସେବିକୁ ଜରିମାନା ଅର୍ଥ ଦେଲାନାହିଁ। ଏ ସବୁଥିରେ ରାଜନେତାମାନେ ପାରେଖକୁ ସାହାଯ୍ୟ କରିଥିଲେ। ଜଏଣ୍ଟ ପାର୍ଲାମେଣ୍ଟାରି କମିଟି ଦୋଷ ଧରିଥିଲେ ବି ଏମ୍‌ପିମାନେ ପାରେଖ ସହ ମିଳାମିଶା ବେଶ୍ ଚାଲୁ ରଖିଥିଲେ। ଫାଇନାନ୍ସ ସେକ୍ରେଟାରି (ମଣ୍ଟେକ୍ ସିଂ ଆହଲୁୱାଲିଆ) ୧୯୯୩ ନଭେମ୍ବରରେ ଓ ପରେ ରେଭିନ୍ୟୁ ସେକ୍ରେଟାରି ପାରେଖର କାରବାରକୁ ବନ୍ଦ କରିବାକୁ କହିଲେ ମଧ୍ୟ ଅର୍ଥମନ୍ତ୍ରୀ ମନମୋହନ ସିଂ ଟାଳଟୁଳ କଲେ। ସୁପ୍ରିମ୍‌କୋର୍ଟ ବି ମରିସସ୍ ସହ ଟିକସଛାଡ଼ ଚୁକ୍ତି ଉପରେ ହସ୍ତକ୍ଷେପ କରିବାକୁ ମନାକଲେ। ୨୦୧୨ରେ ଠକ କମ୍ପାନୀମାନଙ୍କୁ ଟିକସଛାଡ଼ରୁ ବଞ୍ଚିତ କରିବାକୁ ଯାଞ୍ଚ ଆରମ୍ଭ ହେଲା, ୨୦୧୬ ମେ'ରେ 'ପାନାମା ପେପର୍ସ' ସରକାରଙ୍କୁ ବାଧ୍ୟକଲା–ସ୍ୱଳ୍ପ ସମୟର ପୁଞ୍ଜି ଆହରଣ (କ୍ୟାପିଟାଲ ଗେନ୍ସ) ଉପରେ ୧୫% ଟିକସ ଜାରି କଲା। ମରିସସ୍‌ରୁ ପୁଞ୍ଜି ଆସିବା କମିଗଲା ସିନା, କିନ୍ତୁ ଅନ୍ୟ ଟ୍ୟାକ୍ସ ହାଭେନ୍‌ରୁ ବଢ଼ିଗଲା। ତା'ମାନେ ଠକ ନିବେଶକାରୀଙ୍କ ଉପରେ କଟକଣା ଏକ ଛଳନା ଥିଲା। ଯୁକ୍ତରାଷ୍ଟ୍ର ଆମେରିକାରେ ତ ଶହ ଶହ କମ୍ପାନୀ ନିବେଶକାରୀର ପରିଚୟ ଲୁଚାନ୍ତି, ଗୋଲ୍ଡମ୍ୟାନ୍ ସାକ୍ସ ଓ ମୋର୍ଗାନ୍ ଷ୍ଟାନ୍‌ଲି ଭଳି ବଡ଼ ବଡ଼ ଅର୍ଥସଂସ୍ଥା ବି। ସରକାର ଅଯଥା ଟିକସ ହରାଉଛନ୍ତି। କେତନ ପାରେଖ ତ ଗଲାଣି, କିନ୍ତୁ ତାଙ୍କ କାରନାମାରେ ପ୍ରଭାବିତ ହୋଇ ଏବେ ବି ଶେୟାର ବଜାର (ଷ୍ଟକ୍ ମାର୍କେଟ) ଟାକ୍ସ ହାଭେନ୍ ବାଟେ ଆମଦାନୀ, ରପ୍ତାନି ଦେଖାଇ ସେମାନଙ୍କ ଷ୍ଟକ୍ ପ୍ରାଇସ୍ ବଢ଼ାଉଛନ୍ତି। ସରକାର କୋଟି କୋଟି ଟଙ୍କା ଟିକସ ହରାଉଛନ୍ତି ଜାଣି ସୁଦ୍ଧା ରାଜନେତାମାନେ ଗଳାବାଟକୁ ବନ୍ଦ କରିବାର ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଇ ଦେଉନାହାନ୍ତି। ୨୦୨୩ ଜାନୁଆରୀରେ ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ସଂସ୍ଥା ପ୍ରକାଶ କଲା ଯେ, ଆଦାନୀ ଗୋଷ୍ଠୀ ମରିସସ୍ ଓ ଅନ୍ୟ ଦରିଆପାରି ଟ୍ୟାକ୍ସ ହାଭେନ୍‌କୁ ଲଗାଇ ତାଙ୍କ କମ୍ପାନୀର ଷ୍ଟକ୍ ପ୍ରାଇସ୍ ହେରଫେର କରୁଛି। ବିଦେଶୀ ପୁଞ୍ଜି ଆଶାରେ ପାଗଳ ସରକାର କର୍ପୋରେଟ୍ ସେକ୍ଟରରେ ଚାଲିଥିବା କେଲେଙ୍କାରିକୁ ପ୍ରଶ୍ରୟ ଦେଉଛନ୍ତି। ଏପରିକି ହିଣ୍ଡେନ୍‌ବର୍ଗ ମାମଲାରେ ଆମର ଉଚ୍ଚତମ ନ୍ୟାୟାଳୟ ସରକାରଙ୍କ ବିଦେଶୀ ପୁଞ୍ଜି ଆହରଣ ନିଶାରେ ସରକାରଙ୍କ ଏପରି ଆଚରଣ ଉପରେ ରୋକ୍ ଲଗାଇନାହାନ୍ତି। ଏ ପରିପ୍ରେକ୍ଷୀରେ ସେନ୍‌ସେକ୍ସ ଉଚ୍ଚକୁ ଉଠିଲେ ଆର୍ଥିକ ବିଶୃଙ୍ଖଳା ଓ ଭ୍ରଷ୍ଟାଚାର ସେହି ପରିମାଣରେ ବଢ଼ିଛି ବୋଲି ଭାବିବାକୁ ପଡ଼ିବ।

sahadevas@yahoo.mail

# ଓଡ଼ିଆ ଲିପି ଓ ଭାଷାର ଉତ୍ସ ସନ୍ଧାନ

(ଉତ୍ତରାର୍ଦ୍ଧ)



**ଡ. ହୃଷୀକେଶ ମଲ୍ଲିକ**

ଓଡ଼ିଆ ଲିପି ଓ ଭାଷାର ଉତ୍ସ ସନ୍ଧାନ ପ୍ରସଙ୍ଗରେ ଇତିହାସର ବହୁ ଉନ୍ମୋଚିତ ହୋଇ ନ ଥିବା ଅଧ୍ୟାୟ ଯେକୌଣସି ଗବେଷକଙ୍କ କୌତୂହଳ କେବଳ ଉଦ୍ଦୀପିତ କରେନାହିଁ, ବରଂ ଓଡ଼ିଆ ଲିପି ଓ ଭାଷାର ବିବର୍ତ୍ତନକୁ ନୂତନ ଜ୍ଞାନାଲୋକରେ ଉଦ୍‌ଭାସିତ କରିଥାଏ। ପ୍ରାଚୀନ ଇଣ୍ଡୋ–ଜର୍ମାନ୍ ବା ଇଣ୍ଡୋ–ୟୁରୋପୀୟ ଲୋକଙ୍କୁ କୁହାଯାଉଥିଲା 'ଉଇରୋ'। ପି. ଗିଲ୍‌ସ ଏହି ଶବ୍ଦଟିର ବ୍ୟବହାର କରି କହିଛନ୍ତି ଯେ, 'WIROS' ଶବ୍ଦର ଅର୍ଥ ହେଉଛି ଆଦିମତମ ଭାଷା। 'WIROS'ର ଅନ୍ୟ ଅର୍ଥ ହେଉଛି 'ଲୋକ'। ଏହା ଏକ ଜର୍ମାନୀ ଶବ୍ଦ। ପ୍ରାଚୀନ ଓଡ଼ିଶାର ବାସିନ୍ଦା ଓଡ଼ିଆମାନଙ୍କୁ 'ଉଡ୍ର' କୁହାଯାଏ। ଗ୍ରୀକ୍, ଇଂରେଜ ଓ ଆଭେସ୍ତାନମାନେ 'D'କୁ 'R'ଭାବେ ଉଚ୍ଚାରଣ କରନ୍ତି। ଏଥିରୁ 'URO' ଶବ୍ଦର ସୃଷ୍ଟି। ଆଲେକ୍‌ଜାଣ୍ଡାର୍‌ଙ୍କ ଭାରତ ଆକ୍ରମଣ କାଳ(ଖ୍ରୀ:ପୂ:୩୨୬–୩୨୫)ରେ କଶ୍ମୀର ନିକଟବର୍ତ୍ତୀ ଉତ୍ତର–ପଶ୍ଚିମ ଭାରତରେ ଅବସ୍ଥାନ କରୁଥିବା ଅଣବୈଦିକ ଆର୍ଯ୍ୟମାନଙ୍କୁ 'ଉର' ବା ଉରସା (URASA) କୁହାଯାଉଥିଲା। 'ୟୁରୋ', 'ଉଇରୋ' ବା 'ଉଡ୍ର' କହିଲେ ପୂର୍ବେ ଇଣ୍ଡୋ–ୟୁରୋପିଆନ୍ ଜାତିକୁ ବୁଝାଯାଉଥିଲା। ଯଦି ସଂସ୍କୃତକୁ ଇଣ୍ଡୋ–ୟୁରୋପୀୟ ଭାଷାର ଉତ୍ସ ଭାବେ ଗ୍ରହଣ କରା ନ ଯାଏ, ତେବେ 'ଉଡ୍ର' (ଆଧୁନିକ ଓଡ଼ିଶା)କୁ ଏହାର ଉତ୍ସ ଭାବେ ଗ୍ରହଣ କରାଯିବା ସମ୍ପର୍କରେ ଅଧିକ ଅଧ୍ୟୟନ ଓ ଗବେଷଣା କରିବାକୁ ପଡ଼ିବ। ଶାସ୍ତ୍ରୀୟ ଭାଷା ସଂସ୍କୃତ ବୈଦିକ ଉପଭାଷାର କ୍ରମପରିଣତ ଏକ ସୋପାନ। ଏହା ନିଶ୍ଚିତ ଯେ ବୈଦିକ ଆର୍ଯ୍ୟମାନେ ଉତ୍ତର–ପଶ୍ଚିମ ଭାରତରେ ବହୁଳ ଭାବେ ବସବାସ କରୁଥିଲେ। ଏହା ପୂର୍ବରୁ ଆର୍ଯ୍ୟମାନେ ମଧ୍ୟ ପୂର୍ବ ଭାରତରେ ବସବାସ କରୁଥିଲେ, ଯାହାର ପରିସରଭୁକ୍ତ ଉଡ୍ର ଜାତି। ଭାରତରୁ ଆର୍ଯ୍ୟମାନେ ଅନ୍ୟତ୍ର ଯାଇଥିବାର ସମ୍ଭାବନାକୁ ମଧ୍ୟ ଉପେକ୍ଷା କରାଯାଇ ନ ପାରେ। ସେ ଯାହାହେଉନା କାହିଁକି ଦ୍ୱିତୀୟ ଶାସ୍ତ୍ରୀୟ ଆର୍ଯ୍ୟ ଭାଷା 'ଉଡ୍ର'(ଓଡ଼ିଆ) ଯେ ସଂସ୍କୃତ ଭାଷାଠାରୁ ପ୍ରାଚୀନ, ଏଥିରେ ସନ୍ଦେହର ଅବକାଶ ନାହିଁ।

ଅନୁଧ୍ୟାନରୁ ଜଣାଯାଇଛି ଯେ, ଶାସ୍ତ୍ରୀୟ ସଂସ୍କୃତଠାରୁ 'ପାଲି' ଯେହେତୁ ପ୍ରାଚୀନ, ଏହାକୁ ମଧ୍ୟ ଇଣ୍ଡୋ–ଆର୍ଯ୍ୟ ଭାଷା ଭାବେ ଗ୍ରହଣ କରାଯାଏ। କାରଣ ଏହା ବେଦଭାଷା ଓ ପ୍ରାଚୀନ ସଂସ୍କୃତର ପରବର୍ତ୍ତୀ ଭାଷା।




ପାଲି ଓ ଅନ୍ୟ କେତେକ 'ପ୍ରାକୃତ' ଯଥା ମାଗଧୀ, ଅର୍ଦ୍ଧମାଗଧୀ, ସୌରସେନୀ ଓ କେତେକ ପରିମାଣରେ ମହାରାଷ୍ଟ୍ରୀ ଭାଷା ଉପରେ 'ଉଡ୍ର'(ଓଡ଼ିଆ) ଭାଷାର ପ୍ରଭାବ ଲକ୍ଷ୍ୟ କରାଯାଏ। କେତେକ ଭାଷା–ବିଦ୍ୱାନ୍ 'ଉଡ୍ର'କୁ 'ପ୍ରାକୃତ' ଭାବେ ବିବେଚନା କରନ୍ତି। 'ଉଡ୍ର' ଏକଦା 'ଉଡ୍ର'(ଓଡ଼ିଶା), କଳିଙ୍ଗ, ଉତ୍କଳ, ତୋଷଳ, କଙ୍ଗୋଦ ଓ ଦକ୍ଷିଣକୋଶଳର ଭାଷା ଥିଲା। ଏହି ବୃହତ୍ତର ଓଡ଼ିଶାର ଭାଷା ସମଗ୍ର ପୂର୍ବ ଭାରତକୁ ବିସ୍ତାରିତ ହୋଇଥିଲା। ଭାଷା–ବିଦ୍ୱାନ୍ ଶ୍ରୀ କୀର୍ତ୍ତନ ନାରାୟଣ ପାଢ଼ୀ ତାଙ୍କର 'ଆମ ଓଡ଼ିଆ ଭାଷା' ବହିରେ ପାଲି ଭାଷା 'ଉଡ୍ର'(କଳିଙ୍ଗ) ଭାଷାରୁ ସୃଷ୍ଟି ବୋଲି ପ୍ରାମାଣିକ ମତ ଦେଇଛନ୍ତି। ଏହି ମତକୁ ଉପେକ୍ଷା କରାଯାଇ ନ ପାରେ। ଶାସ୍ତ୍ରୀୟ ସଂସ୍କୃତ ଭାଷା ପୂର୍ବରୁ 'ଉଡ୍ର'(ଓଡ଼ିଆ) ଥିଲା ପୂର୍ବ ଭାରତର ବୃହତ୍ତମ ଆର୍ଯ୍ୟ ଭାଷା। ସୁତରାଂ ଏହା ମାଗଧୀ ପ୍ରାକୃତକୁ ପ୍ରଭାବିତ କରିଛି, ଯାହା 'ପାଲି'ର ପ୍ରମୁଖ ଉପାଦାନ।

ଓଡ଼ିଆ ଭାଷାର ପ୍ରାଚୀନତା ସପକ୍ଷରେ ଆମକୁ ଅନେକ ପୌରାଣିକ ତଥ୍ୟ ମିଳିଥାଏ। ରାମାୟଣ ଓ ମହାଭାରତ ବ୍ୟତିରେକେ ବହୁ ପ୍ରାଚୀନ କାବ୍ୟ ଓ ପୁରାଣରେ 'ଉଡ୍ର' ନାମ ଉଲ୍ଲେଖ ଥିବା ଏହାର ପ୍ରମାଣ। ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରେ ମନୁଙ୍କ ପରବର୍ତ୍ତୀ ରଚନାରେ 'ଉଡ଼' ବା 'ଓଡ଼' ପରିବର୍ତ୍ତେ 'ଓଡ୍ର' ଶବ୍ଦର ପ୍ରଚଳନ ଦେଖିବାକୁ ମିଳେ। 'ଓରୁଆ'(ORUA) ଶବ୍ଦର ସାମ୍ୟ ଗ୍ରୀକ୍ ଶବ୍ଦ 'ORUZA' ଓ ଲାଟିନ୍ ଶବ୍ଦ 'ORUZA' ସହ ରହିଛି। ସମଗ୍ର ବିଶ୍ୱରେ ଧାନ (RICE) ଓଡ଼ିଶାରେ ପ୍ରଥମେ ଉତ୍ପାଦିତ ହୋଇଥିଲା। ଏହା ଏକ ଗୃହୀତ ସତ୍ୟ। ତେଣୁ 'ଅରୁଆ' (ORUA)ର ପ୍ରୟୋଗ ହିଁ ବ୍ୟାପକ ଭାବେ ଆଜ ଅବଧି ଓଡ଼ିଶାରେ ହୋଇଥାଏ। 'ଉଷୁନା' ଓ 'ଅରୁଆ' ଶବ୍ଦ ସର୍ବଜନବିଦିତ। ଓରୁଆ ଉଡ୍ର ଭାଷାର ଶବ୍ଦ। 'ଓଡ଼' ବା 'ଉଡ଼' ପରିବର୍ତ୍ତେ 'ଉଡ୍ର' ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀ(ମନୁ) ପରବର୍ତ୍ତୀ ରଚନାରେ ଲୋକପ୍ରିୟ ହୋଇଥିବାରୁ ଓଡ଼ିଆ ଭାଷାର ଉତ୍ସକୁ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ ଠାବ କରାଯିବା ଅମୂଳକ ନୁହେଁ।

ମୋ: ୯୮୫୩୨୮୭୭୫୫

## ଏଇ ଭାରତରେ

ବୟସ ମାତ୍ର ୧୮ । କିନ୍ତୁ ଏଗ୍ରି ରୋବୋ ତିଆରି କରି କୃଷି କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି ରାଜସ୍ଥାନ କୋଟାର ଆର୍ଯ୍ୟନ୍ ସିଂ । ଏହି ରୋବୋ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଚାଲୁଛି। ଏହା ଦ୍ୱାରା ଜଳସେଚନ ଓ ଅନ୍ୟାନ୍ୟ କାର୍ଯ୍ୟ ସୁରୁଖୁରୁରେ ସଞ୍ଚାଳନ କରାଯାଇପାରୁଛି। ଆର୍ଯ୍ୟନଙ୍କ ଜନ୍ମ ଏକ କୃଷକ ପରିବାରରେ। ସେ କୃଷକ ଜୀବନର କଷ୍ଟକର ତଥା ଅଭାବୀ ଜୀବନକୁ ନିକଟରୁ ଦେଖିବା ପରେ ସେମାନଙ୍କୁ ସାହାଯ୍ୟ କରିବା ଲାଗି ସ୍ଥିର କରିଥିଲେ, ଯାହାର ଫଳସ୍ୱରୂପ ସେ ଏହି ରୋବୋ ନିର୍ମାଣ କରିଛନ୍ତି। ପ୍ରଥମେ ୧୦ମ ଶ୍ରେଣୀରେ ପଢ଼ିବା ସମୟରେ ଏଭଳି ରୋବୋ ନିର୍ମାଣ କରିବାକୁ ଚିନ୍ତା କରିଥିଲେ। ପରେ କୋଭିଡ୍–୧୯ ଲକ୍‌ଡାଉନ ସମୟରେ ଏଥିପାଇଁ ସେ ବହୁ ସମୟ ପାଇଥିଲେ ଓ ଟେକ୍ନୋଲୋଜି ଉପରେ ନିଶ୍ଚିତ ହୋଇଥିଲେ। ଆର୍ଯ୍ୟନ ବିଟେକ୍ ଛାତ୍ର ହୋଇଥିବାରୁ ଏହି ରୋବୋ ନିର୍ମାଣ କରିବା ତାଙ୍କ ପାଇଁ ସହଜ ହୋଇଥିଲା। କଲେଜର ପରୀକ୍ଷାଗାରରେ ପ୍ରାଧ୍ୟାପକମାନେ ତାଙ୍କୁ ଏ ଦିଗରେ ସହଯୋଗ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୪ ଫେବୃଆରୀ ୧୯୭୫**

- ଫିଲିପାଇନ୍‌ସ ଯାତ୍ରୀବାହୀ ବିମାନ ମାନିଲା ବିମାନଘାଟିଠାରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୫ ବିମାନଚାଳକଙ୍କ ସମେତ ୩୧ଜଣ ଯାତ୍ରୀଙ୍କ ମୃତ୍ୟୁ।
- ଅର୍ଥ ମନ୍ତ୍ରଣାଳୟ ବ୍ୟୟ ବିଭାଗ ଜଏଣ୍ଟ ସେକ୍ରେଟାରୀ ଶ୍ରୀ ଏ.ବି. ଦାତାର ଭାରତୀୟ ଚଳାଚଳ କର୍ପୋରେସନର ନୂଆ ଡାଇରେକ୍ଟର ନିଯୁକ୍ତ।
- ବିଭିନ୍ନ ରାଜ୍ୟଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ବହୁମୁଖୀ ଯୋଜନାଗୁଡ଼ିକର ଉନ୍ନତିକଳ୍ପେ କେନ୍ଦ୍ର ପକ୍ଷରୁ ୨ କୋଟି ୮୩ ଲକ୍ଷ ଟଙ୍କା ମଞ୍ଜୁର।

## ପାଠକ ଶ୍ରେଷ୍ଠ ବିଚାରକ

### ତେଲ ଦର ଶୀଘ୍ର ହ୍ରାସ ପାଉ

ମହାଶୟ,
ଗତ ୨ ବର୍ଷରୁ ଅଧିକ ସମୟ ଧରି ଅଶୋଧିତ ତୈଳ ଦର ବିଶ୍ୱ ବଜାରରେ ହ୍ରାସ ପାଉଥିବା ସତ୍ତ୍ୱେ ସରକାର ପେଟ୍ରୋଲ ଓ ଡିଜେଲ ଦର ହ୍ରାସ କରିନାହାନ୍ତି। ଶେଷଥର ପାଇଁ ଗତ ୨୦୨୦ ମସିହା ଏପ୍ରିଲ ମାସ ପ୍ରଥମ ସପ୍ତାହରେ ହ୍ରାସ ପାଇଥିଲା। ଏହାଫଳରେ ତୈଳ କମ୍ପାନୀମାନେ ପ୍ରଚୁର ଲାଭ ପାଉଥିବା ବେଳେ କୋଟି କୋଟି ଖାଉଟି କ୍ଷତି ସହି ଆସୁଛନ୍ତି। ୨୦୨୨–୨୩ ମସିହାରେ କମ୍ପାନୀମାନଙ୍କ ଲାଭ ପୂର୍ବବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି। ଗତ ଦୁଇବର୍ଷ ଧରି କେନ୍ଦ୍ର ସରକାର କମ୍ପାନୀମାନଙ୍କୁ ପୋଷୁଥିବା ବେଳେ ଖାଉଟିମାନଙ୍କ ପ୍ରତି ଅବିଚାର କରିଆସୁଛନ୍ତି। ଏଣୁ ପେଟ୍ରୋଲ ଓ ଡିଜେଲ ଦର ଅତିଶୀଘ୍ର ହ୍ରାସ କରାଯିବା ଉଚିତ।

**– ଅକ୍ଷୟ କୁମାର ମହାନ୍ତି,**
**ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

### ଅବହେଳା ଯୋଗୁ ଜଳ ଯୋଗାଣ ବନ୍ଦ

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶାସନ ଶ୍ରୀରାମଚନ୍ଦ୍ର ଗ୍ରାମରେ ଜନସାଧାରଣ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସ୍ଥାନୀୟ ଲୋକ ପ୍ରତିନିଧି ଓ ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଦୀର୍ଘବର୍ଷ ଧରି ସ୍ଥାନୀୟ ଜନସାଧାରଣ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଗତ କିଛିମାସ ତଳେ ବ୍ଲକ ଅଧ୍ୟକ୍ଷ ଓ ସ୍ଥାନୀୟ ବିଡିଓ ଗ୍ରାମରେ ରାସ୍ତା ଅବରୋଧ କରିଥିବା ଗ୍ରାମବାସୀଙ୍କୁ ପାନୀୟଜଳ ବ୍ୟବସ୍ଥା ଶୀଘ୍ର ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଜନସାଧାରଣ ପାଣି ମୁନ୍ଦେ ନ ପାଇ ପେଟରୋଗରେ ଆକ୍ରାନ୍ତ ହେଉଛନ୍ତି। ବସୁଧା ଯୋଜନା ସ୍ଥାନୀୟ ସେବାୟତ ସାହି ପର୍ଯ୍ୟନ୍ତ ଆସିଥିଲେ ମଧ୍ୟ ଶାସନ ଶ୍ରୀରାମଚନ୍ଦ୍ରପୁର ବାସିନ୍ଦା ଏହି ଯୋଜନାରୁ ବଞ୍ଚିତ ହେବା ମୁଖ୍ୟ ଆଲୋଚନାର ବିଷୟ ହୋଇଛି। ସ୍ଥାନୀୟ ବିଧାୟକ, ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ମନ୍ତ୍ରୀ ଆଶୁ ବ୍ୟବସ୍ଥା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

–ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | 2 | | 6 | 4 | |
| 4 | | 8 | | 5 | 9 | | | |
| | 1 | 2 | 7 | | | | 8 | |
| | | | 9 | | | | 2 | |
| | 3 | 9 | | | | 4 | | |
| | | | | | 7 | | 5 | |
| | | 6 | 3 | | | 7 | | |
| | | | | 6 | | | | |
| 8 | | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 4 | 6 | 7 | 5 | 3 | 9 | 8 |
| 3 | 5 | 8 | 2 | 1 | 9 | 4 | 7 | 6 |
| 7 | 9 | 6 | 3 | 8 | 4 | 5 | 2 | 1 |
| 9 | 8 | 7 | 1 | 3 | 2 | 6 | 5 | 4 |
| 2 | 3 | 5 | 4 | 6 | 7 | 1 | 8 | 9 |
| 4 | 6 | 1 | 9 | 5 | 8 | 2 | 3 | 7 |
| 6 | 4 | 9 | 8 | 2 | 3 | 7 | 1 | 5 |
| 5 | 1 | 2 | 7 | 9 | 6 | 8 | 4 | 3 |
| 8 | 7 | 3 | 5 | 4 | 1 | 9 | 6 | 2 |

ଗତ କାଲିର ଉତ୍ତର

## ଚିରନ୍ତନୀ

ନୟନ ଜଳେ ତମସା କୋଳେ
ପାହିଛି କେତେ ଶ୍ରାବଣ ରାତି
କେତେ ଫଗୁଣ ମଧୁର ଗନ୍ଧେ
ଉଲୁସି ମୋର ଉଠିଲା ଛାତି।
(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପ୍ରତିଶୋଧ ନେଲା ଆମେରିକା

## ଇରାକ୍, ସିରିଆରେ ଏୟାର ଷ୍ଟ୍ରାଇକ୍: ୩୯ ନିହତ



ୱାଶିଂଟନ୍/ବାଗଦାଦ୍,୩।୨
ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର

ଗତ ଅକ୍ଟୋବର ୭ରୁ ଇସ୍ରାଏଲ ଓ ହମାସ୍ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଜାନୁୟାରୀ ୨୮ରେ ଆତଙ୍କବାଦୀମାନେ ଜୋର୍ଡାନ୍‌ସ୍ଥିତ ଆମେରିକୀୟ ସେନା ଶିବିର ଟାୱାର ୨୨ରେ ଡ୍ରୋନ୍ ମାଡ଼ କରିଥିଲେ। ଏହି ଆକ୍ରମଣରେ ୩ ଆମେରିକୀୟ ସୈନ୍ୟ ନିହତ ଓ ୪୦ରୁ ଅଧିକ ଆହତ ହୋଇଥିଲେ। ଯୁଦ୍ଧର ୪ ମାସ ଭିତରେ ଏହା ଥିଲା ଆମେରିକୀୟ ସୈନ୍ୟଙ୍କ ଉପରେ ସବୁଠୁ ବଡ଼ ଆକ୍ରମଣ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଏହାର ପ୍ରତିଶୋଧ ନେବ ବୋଲି ଚେତାବନୀ ଦେଇଥିଲା। ଆମେରିକୀୟ ସେନା ଶନିବାର ଇରାକ୍ ଓ ସିରିଆରେ ଇରାନୀୟ ରିଭୋଲ୍ୟୁଶନାରି ଗାର୍ଡ୍ସ (ଆଇଆର୍‌ଜିସି) ଏବଂ ଅନ୍ୟ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଉପରେ ଏୟାର ଷ୍ଟ୍ରାଇକ୍ କରିଛି। ମୋଟ ୮୫ଟି ସ୍ଥାନରେ ଦୂରଗାମୀ ବି-୧ ବମ୍ବର୍ସରୁ ଟାର୍ଗେଟ କରାଯାଇଛି। ଏଥିରେ ଇରାକ୍‌ର ପପୁଲାର ମୋବିଲାଇଜେଶନ୍ ଫୋର୍ସର ୧୬ ନିହତ ହୋଇଛନ୍ତି। ନିଜ ସାର୍ବଭୌମତ୍ୱ ବିରୋଧରେ ସଦ୍ୟ ଆକ୍ରମଣ ପାଇଁ ଆମେରିକାକୁ ପରିଣାମ ଭୋଗିବାକୁ ପଡ଼ିବ ବୋଲି ବାଗ୍‌ଦାଦ୍ ଚେତାବନୀ ଦେଇଛି। ସେହିପରି ସିରିଆରେ ଟାର୍ଗେଟ ସ୍ଥଳଗୁଡ଼ିକର ସୁରକ୍ଷା ଦାୟିତ୍ୱରେ ୨୩ ଜଣ ନିହତ ହୋଇଥିବା ସିରିଆନ୍ ଅବ୍‌ଜର୍ଭେଟୋରି ଫର୍ ହ୍ୟୁମାନ୍ ରାଇଟ୍ସ ନିର୍ଦ୍ଦେଶକ ରାମି ଅବ୍‌ଦୁଲରହମନ ସୂଚନା ଦେଇଛନ୍ତି। ଇରାନ୍ ଭିତରେ ଆକ୍ରମଣ ହୋଇ ନ ଥିଲେ ମଧ୍ୟ ଏଥିଯୋଗୁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଆମେରିକା ସେନା ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର, ରକେଟ, ମିଶାଇଲ, ଡ୍ରୋନ୍ ମହଜୁଦ ଥିବା ସ୍ଥାନଗୁଡ଼ିକରେ ଏୟାର ଷ୍ଟ୍ରାଇକ୍ କରାଯାଇଛି। ଲେବାନନ୍‌ରୁ ଇରାକ୍ ଏବଂ ୟେମେନ୍‌ରୁ ସିରିଆ ପର୍ଯ୍ୟନ୍ତ ଆଇଆର୍‌ଜିସିର ବୈଦେଶିକ ଓ ଅର୍ଦ୍ଧସାମରିକ ବଳ ଉପରକୁ ଏହି ଟାର୍ଗେଟ କରାଯାଇଛି। ସେଥିରୁ ସିରିଆର ୪ ଓ ଇରାକ୍‌ର ୩ଟି ସ୍ଥାନ ରହିଛି। ଏହା ସଫଳ ହୋଇଥିବା ଆମେରିକା ଜଏଣ୍ଟ ଷ୍ଟାଫ୍ ନିର୍ଦ୍ଦେଶକ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଡୋଗ୍‌ଲାସ୍ ସିମ୍ସ ସୂଚନା ଦେଇଛନ୍ତି। ଡେଲାୱେରସ୍ଥିତ ଡୋଭର ବାୟୁସେନା ଘାଟିରେ ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି, ଆମେ ଆଜି ଜବାବ ଦେବା ଆରମ୍ଭ କରିଛୁ। ଏହା ଜାରି ରହିବ। ଟାର୍ଗେଟ ସ୍ଥଳ ଓ ସମୟ ଆମେ ବାଛିବୁ। ଆମେରିକୀୟ ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ୍ କହିଛନ୍ତି, ଆଇଆର୍‌ଜିସି ଏବଂ ଏହାସହ ଜଡ଼ିତ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଛନ୍ତି। ଆମେରିକୀୟ ବଳ ଉପରେ ଆକ୍ରମଣକୁ ରାଷ୍ଟ୍ରପତି ଓ ମୁଁ ବରଦାସ୍ତ କରିବୁ ନାହିଁ। ଏହା ଆରମ୍ଭ ମାତ୍ର। ଅନ୍ୟପକ୍ଷେ ପେଣ୍ଟାଗନ୍ କହିଛି, ପ୍ରତ୍ୟକ୍ଷ ଆକ୍ରମଣ ପାଇଁ ରିପବ୍ଲିକାନ୍‌ଙ୍କ ପକ୍ଷରୁ ବାଇଡେନ୍‌ଙ୍କ ଉପରେ ଚାପ ପଡୁଥିଲେ ମଧ୍ୟ ଇରାନ୍ ସହ ଆମେ ଯୁଦ୍ଧ ଚାହୁଁନାହୁଁ। ତେହରାନ୍ ମଧ୍ୟ ଯୁଦ୍ଧ ଚାହେଁ ନାହିଁ ବୋଲି ଆମେ ମନେକରୁଛୁ। ଆକ୍ରମଣ ପୂର୍ବରୁ ଇରାନ୍ ରାଷ୍ଟ୍ରପତି ଇବ୍ରାହିମ୍ ରଇସି କହିଥିଲେ, ଆମେ ଯୁଦ୍ଧ ଆରମ୍ଭ କରିବାକୁ ଚାହୁଁନାହୁଁ। କିନ୍ତୁ ଆମକୁ ଆକ୍ରମଣ କଲେ ମୁହଁତୋଡ଼ ଜବାବ ଦେବୁ। ହ୍ୱାଇଟ୍ ହାଉସ୍ ଜାତୀୟ ସୁରକ୍ଷା ପରାମର୍ଶଦାତା ଜନ୍ କିର୍ବି କହିଛନ୍ତି, ଜୋର୍ଡାନ୍ ଆକ୍ରମଣ ପରଠାରୁ ଇରାନ୍ ସହିତ ବାଇଡେନ୍ ପ୍ରଶାସନ ଯୋଗାଯୋଗ କରିନାହିଁ। ଇରାନ୍‌ର ପରାମର୍ଶଦାତାମାନେ ଉଭୟ ଇରାକ୍ ଏବଂ ସିରିଆରେ ସଶସ୍ତ୍ର ଗୋଷ୍ଠୀଙ୍କୁ ସହଯୋଗ କରୁଛନ୍ତି। ଇରାକ୍‌ରେ ପ୍ରାୟ ୨,୫୦୦ ଏବଂ ସିରିଆରେ ୯୦୦ ଆମେରିକୀୟ ସୈନ୍ୟ ରହିଛନ୍ତି। ସେପଟେ ହମାସ୍ ଆକ୍ରମଣର ଜବାବ ଦେବାକୁ ଯାଇ ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲର ବୋମାମାଡ଼ ଯୋଗୁ ପାଲେଷ୍ଟିନୀୟଙ୍କ ଗଣପଳାୟନ ଜାରି ରହିଛି। ପାଲେଷ୍ଟିନୀୟଙ୍କ ସମର୍ଥନରେ ବାହାରିଥିବା ୟେମେନ୍‌ର ହୁତି ବିଦ୍ରୋହୀମାନେ ଲୋହିତ ସାଗରରେ ଯାତାୟାତ କରୁଥିବା ଜାହାଜଗୁଡ଼ିକ ଉପରେ ଡ୍ରୋନ୍ ଓ ମିଶାଇଲ ମାଡ଼ କରୁଛନ୍ତି। ଇରାନ୍ ସମର୍ଥିତ ଇରାକୀ ଗୋଷ୍ଠୀ ନୁଜାବା କହିଛି, ଗାଜା ଯୁଦ୍ଧର ଶେଷ ପର୍ଯ୍ୟନ୍ତ ଏବଂ ଆମେରିକୀୟ ସୈନ୍ୟ ଇରାକ୍ ନ ଛାଡ଼ିବା ଯାଏ ସେମାନଙ୍କ ଉପରେ ଆକ୍ରମଣ ଜାରି ରହିବ।

### ଘନେଇଲା ଯୁଦ୍ଧ ସଙ୍କଟ

ଇସ୍ରାଏଲ୍-ହମାସ୍ ଯୁଦ୍ଧ ପରଠୁ ଇରାକ୍, ସିରିଆ ଓ ଜୋର୍ଡାନ୍‌ରେ ଆମେରିକୀୟ ସୈନ୍ୟଙ୍କ ଉପରେ ୧୬୦ରୁ ଅଧିକ ଥର ଆକ୍ରମଣ କରାଗଲାଣି। ସପ୍ତାହେ ତଳେ ଜୋର୍ଡାନ୍‌ର ଟାୱାର ୨୨ରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୩ ଆମେରିକୀୟ ସୈନ୍ୟ ନିହତ ଓ ୪୦ ଆହତ ହୋଇଥିଲେ। ଆମେରିକା ସେନା ଶନିବାର ଏହାର ଜବାବରେ ଇରାକ୍ ଓ ସିରିଆରେ ଆଇଆର୍‌ଜିସି ଏବଂ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ୮୫ ସ୍ଥାନରେ ଏୟାର ଷ୍ଟ୍ରାଇକ୍ କରିଛି। ଜବାବୀ କାର୍ଯ୍ୟାନୁଷ୍ଠାନରେ ଇରାକ୍‌ର ୧୬ ଓ ସିରିଆର ୨୩ ନିହତ ହୋଇଛନ୍ତି। ଇରାକ୍ ଏହାର ପ୍ରତିବାଦରେ ଆମେରିକା ରାଷ୍ଟ୍ରଦୂତଙ୍କୁ ସମନ କରିଛି। ଆମେରିକୀୟ ସୈନ୍ୟଙ୍କ ସଦ୍ୟ ଆକ୍ରମଣ ଯୋଗୁ ଉତ୍ତେଜନା ବଢ଼ିବ ବୋଲି ଇରାନ୍ କହିଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି, ମଧ୍ୟପ୍ରାଚ୍ୟ କିମ୍ବା ବିଶ୍ୱର କୌଣସି ଦେଶରେ ଆମେ ଆଉ ସଂଘର୍ଷ ଚାହୁଁନାହିଁ। କିନ୍ତୁ ତୁମେ ଯଦି ଜଣେ ଆମେରିକୀୟଙ୍କ କ୍ଷତି କରିବ, ଆମେ ଏହାର ଜବାବ ଦେବୁ।



ଜୋର୍ଡାନ୍‌ର ଟାୱାର ୨୨ରେ ନିହତ ୩ ଆମେରିକୀୟ ସୈନ୍ୟଙ୍କ ପରିବାରକୁ ଡେଲାୱେରସ୍ଥିତ ଡୋଭର ବାୟୁସେନା ଘାଟିରେ ଭେଟୁଛନ୍ତି ରାଷ୍ଟ୍ରପତି ଜୋ ବାଇଡେନ୍।





## ବିବାଦରେ ସୁନ୍ଦର ଯିଶୁ

ମାଡ୍ରିଡ୍,୩।୨

ସ୍ପେନ୍‌ର ଦକ୍ଷିଣାଞ୍ଚଳ ସହର ସେଭିଲେରେ ଯିଶୁଖ୍ରୀଷ୍ଟଙ୍କ ଏକ ପୋଷ୍ଟରକୁ ନେଇ ବିବାଦ ତେଜିଛି। ଉକ୍ତ ପୋଷ୍ଟରରେ ଯିଶୁଙ୍କ ଅଣ୍ଟାରେ ଏକ ଛୋଟ କପଡ଼ା ରହିଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିତ୍ରକର ସଲୁଷ୍ଟିଆନୋ ଗାର୍ସିଆଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରରେ ଯିଶୁଙ୍କ ମୁହଁରେ କୌଣସି କ୍ଷତ ଚିହ୍ନ ନାହିଁ। ଯିଶୁଙ୍କ ପାରମ୍ପରିକ ଚିତ୍ରଗୁଡ଼ିକ ସହ ଏହାର ସାମଞ୍ଜସ୍ୟ ନ ଥିବାରୁ ବିଭିନ୍ନ ମହଲରେ ଚିତ୍ରକରଙ୍କୁ ସମାଲୋଚନା କରାଯାଇଛି। ଅନେକେ ଏହାକୁ ଅନୁପଯୁକ୍ତ ତଥା ଅତ୍ୟାଧୁନିକ ଯିଶୁ ଆଖ୍ୟା ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଝଡ଼ ଉଠିଛି।

## ଇସ୍ତଫା ଦେଲେ ପଞ୍ଜାବ ରାଜ୍ୟପାଳ

### ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ସହ ପଡୁ ନ ଥିଲା

ଚଣ୍ଡିଗଡ଼, ୩।୨



ପଞ୍ଜାବର ରାଜ୍ୟପାଳ ତଥା ଚଣ୍ଡିଗଡ଼ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଶାସକ ବନୱାରିଲାଲ୍ ପୁରୋହିତ ନିଜ ପଦରୁ ଶନିବାର ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ନିଜ ଇସ୍ତଫାପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇଛନ୍ତି। ଏହାପୂର୍ବରୁ ସେ ଶୁକ୍ରବାର ଦିଲ୍ଲୀରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଥିଲେ। ରାଜ୍ୟପାଳ ଥିବା ସମୟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ସହ ଅନେକ ସମୟରେ ତାଙ୍କର ବିବାଦ ଲାଗି ରହୁଥିଲା। ବିଧାନସଭାରୁ ପାରିତ ହେଉଥିବା ବିଲ୍‌କୁ ରାଜ୍ୟପାଳ ଅନୁମୋଦନ କରୁ ନ ଥିବା ଅଭିଯୋଗ କରିଥିଲେ ଭଗୱନ୍ତ ମାନ୍। ସେହିପରି ଗତ ସପ୍ତାହରେ ହୋଇଥିବା ଚଣ୍ଡିଗଡ଼ ମେୟର ନିର୍ବାଚନରେ ଚଞ୍ଚକତାକରି ଭାଜପାକୁ ଜିତାଯାଇଥିବା ଅଭିଯୋଗ କରି ଚଣ୍ଡିଗଡ଼ ପ୍ରଶାସନକୁ ଦାୟୀ କରିଥିଲେ ବିରୋଧୀ କଂଗ୍ରେସ ଓ ଏଏପି।

## ଭାଜପା ଏମ୍‌ପି ରୀତା ବହୁଗୁଣାଙ୍କୁ ୬ ମାସ ଜେଲ

**ଲକ୍ଷ୍ନୌ, ୩।୨:** ୨୦୧୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଆଚରଣବିଧି ଉଲ୍ଲଘଂନ କରିଥିବା ଅଭିଯୋଗରେ ପ୍ରୟାଗରାଜର ଭାଜପା ଏମ୍‌ପି ରୀତା ବହୁଗୁଣା ଜୋଷୀଙ୍କୁ ୬ ମାସ ଜେଲ ଦଣ୍ଡ ଶୁଣାଇଛନ୍ତି ଲକ୍ଷ୍ନୌର ସ୍ୱତନ୍ତ୍ର ଅଦାଲତ। ଏହାସହ ରୀତାଙ୍କ ଉପରେ ହଜାର ଟଙ୍କାର ଜରିମାନା ଲଗାଇଛନ୍ତି। ଲକ୍ଷ୍ନୌର ଏମ୍‌ପି-ଏମ୍‌ଏଲ୍ଏ କୋର୍ଟର ସ୍ୱତନ୍ତ୍ର ଜଜ୍ ଅମ୍ବରୀଶ କୁମାର ଶ୍ରୀବାସ୍ତବ ଏହି ରାୟ ଶୁଣାଇଛନ୍ତି। ୧୭ ଫେବୃୟାରୀ ୨୦୧୨ରେ ଲକ୍ଷ୍ନୌ-କ୍ୟାଣ୍ଟ ଆସନରୁ କଂଗ୍ରେସ ପ୍ରାର୍ଥୀ ଥିବା ରୀତା ନିର୍ବାଚନ ପ୍ରଚାରର ସମୟ ଶେଷ ହେବା ପରେ ବଜରଙ୍ଗ ନଗର ଅଞ୍ଚଳରେ ସଭା କରିଥିଲେ। ନିର୍ବାଚନ ଆଚରଣବିଧିକୁ ଉଲ୍ଲଘଂନ କରି ସଭା କରିଥିବାରୁ ତାଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏଫ୍‌ଆଇଆର୍ ଦେଇଥିଲେ ନିର୍ବାଚନ ଅଧିକାରୀ।

## ମାଛଧରା ବୋଟ୍‌ରେ ଭାରତୀୟ ଯବାନଙ୍କ ପ୍ରବେଶ

### ସ୍ପଷ୍ଟୀକରଣ ମାଗିଲା ମାଳଦ୍ୱୀପ

ନୂଆଦିଲ୍ଲୀ,୩।୨

ଭାରତୀୟ ତଟସୁରକ୍ଷା ବାହିନୀର ଯବାନମାନେ ମାଳଦ୍ୱୀପର ବିନା ପରାମର୍ଶରେ ଏହାର ୩ଟି ମାଛଧରା ବୋଟ୍‌ରେ ଯାଇ ଅର୍ଥନୈତିକ ଜୋନ୍‌ରେ ପ୍ରବେଶ କରିଛନ୍ତି। ଏହା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ଦର୍ଶାଇ ମାଳଦ୍ୱୀପ ନୂଆଦିଲ୍ଲୀକୁ ସ୍ପଷ୍ଟୀକରଣ ମାଗିଛି। ଲାକ୍ଷାଦ୍ୱୀପକୁ ନେଇ ଭାରତ ଓ ମାଳଦ୍ୱୀପ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଦେଖାଦେଇଥିବାବେଳେ ଏହି ଘଟଣା ସମ୍ପର୍କକୁ ଅଧିକ ଖରାପ କରିପାରେ ବୋଲି କୁହାଯାଉଛି। ଅଭିଯୋଗ ଉପରେ ନୂଆଦିଲ୍ଲୀ ପକ୍ଷରୁ କିଛି କୁହାଯାଇ ନାହିଁ। ମାଳଦ୍ୱୀପ ପ୍ରତିରକ୍ଷା ମନ୍ତ୍ରଣାଳୟର ବିବୃତି ଅନୁଯାୟୀ ସ୍ଥାନୀୟ ବୋଟ୍‌ରେ ଚଢ଼ିଥିବା ବିଦେଶୀ ସୈନ୍ୟ ଭାରତୀୟ ତଟସୁରକ୍ଷା ଜାହାଜ ୨୪୬ ଏବଂ ୨୫୩ର ଥିଲେ। ମାଳଦ୍ୱୀପ ଫିସିଂ ୟୁନିୟନ ପକ୍ଷରୁ ପୋଷ୍ଟ କରାଯାଇଥିବା ଏକାଧିକ ଭିଡିଓରେ କଳା ପୋଷାକ ପରିହିତ ଯବାନମାନେ ଏକ ବୋଟ୍‌ରେ ଥିବା ଦେଖିବାକୁ ମିଳିଛି। ଅନ୍ୟ ଏକ ଭିଡିଓରେ ଭାରତୀୟ ତଟସୁରକ୍ଷା ଜାହାଜ ଦେଖାଯାଇଛି। ତେବେ ଉକ୍ତ ଭିଡିଓର ସତ୍ୟତା ଯାଞ୍ଚ ହୋଇନାହିଁ।

## ଆସ୍ଥା ଭୋଟରେ ଭାଗ ନେବେ ହେମନ୍ତ

ରାଞ୍ଚି, ୩।୨

ଚଳିତ ଫେବୃଆରୀ ୫ ତାରିଖରେ ଝାଡ଼ଖଣ୍ଡ ବିଧାନସଭାରେ ହେବାକୁ ଥିବା ଚମ୍ପାଇ ସୋରେନ୍ ସରକାରଙ୍କ ଆସ୍ଥା ଭୋଟରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଭାଗ ନେଇପାରିବେ। ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ହେମନ୍ତ ସୋରେନଙ୍କୁ ଗିରଫକରି ଅଧିକ ପଚରାଉଚରା ପାଇଁ ୫ ଦିନିଆ ରିମାଣ୍ଡରେ ରଖିଥିବାବେଳେ ଏହି ରାୟ ଶୁଣାଇଛନ୍ତି ରାଞ୍ଚିର ଏକ ସ୍ୱତନ୍ତ୍ର କୋର୍ଟ। ଝାଡ଼ଖଣ୍ଡ ବିଧାନସଭାର ଜଣେ ସଦସ୍ୟ ହୋଇଥିବାରୁ ଆସ୍ଥା ଭୋଟରେ ଭାଗନେବାକୁ ଅନୁମତି ଦେବାପାଇଁ ସୋରେନଙ୍କ ପକ୍ଷରୁ ଶୁକ୍ରବାର ଆବେଦନ କରାଯାଇଥିଲା। ଏହି ଆବେଦନକୁ ଗ୍ରହଣ କରିଛନ୍ତି କୋର୍ଟ। ସୂଚନାଯୋଗ୍ୟ, ଶୁକ୍ରବାର ଝାଡ଼ଖଣ୍ଡର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଚମ୍ପାଇ ସୋରେନଙ୍କୁ ଶପଥପାଠ କରାଇଥିଲେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ। ଏହାପୂର୍ବରୁ ତାଙ୍କ ପାଖେ ୪୩ ଜଣ ବିଧାୟକଙ୍କର ସମର୍ଥନ ରହିଥିବା ନେଇ ଏକ ସମର୍ଥନ ପତ୍ର ସେ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ।

## ଶିବସେନା ନେତାଙ୍କୁ ଥାନାରେ ଗୁଳିକଲେ ଭାଜପା ବିଧାୟକ

ମୁମ୍ବାଇ,୩।୨



ଭାଜପା ବିଧାୟକ ଗଣପତ ଗାଇକ୍‌ୱାର୍ଡ



ଶିବସେନା ନେତା ମହେଶ ଗାଇକ୍‌ୱାର୍ଡ

ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଏବଂ ଭାଜପାର ମେଣ୍ଟ ସରକାର ଚାଲିଥିବାବେଳେ ଶୁକ୍ରବାର ରାତିରେ ଏକ ନାଟକୀୟ ଘଟଣାକ୍ରମ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ପୁଅ ଶ୍ରୀକାନ୍ତ ଶିନ୍ଦେଙ୍କ ସଂସଦୀୟ ଆସନ କଲ୍ୟାଣ ଅଧୀନରେ ଆସୁଥିବା ଠାଣେ ଜିଲାର ଉଲ୍‌ହାସନଗର ଅଞ୍ଚଳର ଏକ ଥାନାରେ ଜଣେ ଶିବସେନା ନେତାଙ୍କୁ ଜଣେ ଭାଜପା ବିଧାୟକ ଗୁଳି କରିଛନ୍ତି। ପୋଲିସ ସୂଚନାନୁସାରେ ଭାଜପାର କଲ୍ୟାଣ ଇଷ୍ଟ ବିଧାୟକ ଗଣପତ ଗାଇକ୍‌ୱାର୍ଡଙ୍କ ପୁଅ ଉଲହାସନଗର ନିକଟସ୍ଥ ହିଲ୍ ଲାଇନ୍ ଥାନାକୁ ଶୁକ୍ରବାର ଏତଲା ଦେବା ପାଇଁ ଯାଇଥିଲେ। ସେହି ସମୟରେ କଲ୍ୟାଣର ଶିବସେନା ମୁଖ୍ୟ ମହେଶ ଗାଇକ୍‌ୱାର୍ଡ ନିଜ ସହଯୋଗୀମାନଙ୍କୁ ଧରି ଥାନରେ ପହଞ୍ଚିଥିଲେ। କିଛି ସମୟ ପରେ ଗଣପତ ମଧ୍ୟ ସେଠାରେ ପହଞ୍ଚିଥିଲେ। ଥାନା ଭିତରେ ଗଣପତ ଓ ମହେଶଙ୍କ ଆଲୋଚନା ଚାଲିଥିବାବେଳେ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଗଣପତ ଉତ୍ୟକ୍ତ ହୋଇ ମହେଶ ଓ ତାଙ୍କ ସହଯୋଗୀ ରାହୁଲ ପାଟିଲଙ୍କୁ ଗୁଳି କରିଥିଲେ। ୨ ମିନିଟ୍ ବିଶିଷ୍ଟ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ମହେଶଙ୍କୁ ଗୁରୁତର ଅବସ୍ଥାରେ ଜୁପିଟର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁହିଁଙ୍କ ଦେହରୁ ୬ଟି ଗୁଳି କଢ଼ାଯାଇଛି। ଭାଜପା ବିଧାୟକ ଗଣପତଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ଜମି ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଥିବା ପୋଲିସ କହିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ କହିଛନ୍ତି।

## ମୁଁ ଜୀବିତ: ପୁନମ୍ ପାଣ୍ଡେ

ମୁମ୍ବାଇ,୩।୨

ମୁଁ ଏଇଠି ଅଛି, ବଞ୍ଚିଛି। ସର୍ଭିକାଲ କ୍ୟାନ୍‌ସର (ଗର୍ଭାଶୟ ଗ୍ରୀବା କର୍କଟ) ମୋ ଜୀବନ ନେଇପାରିଲା ନାହିଁ କହି ଶନିବାର ସମସ୍ତଙ୍କୁ ଚକିତ କରିଦେଇଛନ୍ତି ଅଭିନେତ୍ରୀ ତଥା ମଡେଲ ପୁନମ୍ ପାଣ୍ଡେ। କଣ୍ଟ୍ରୋଭର୍ସି କୁଇନ୍ ନାମରେ ପରିଚିତ ୩୨ ବର୍ଷୀୟା ପୁନମ୍ ସର୍ଭିକାଲ କ୍ୟାନ୍‌ସରରେ ପୀଡ଼ିତ ହୋଇ ପ୍ରାଣ ହରାଇଥିବା ଖବର ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଆସିବା ପରେ ଶୁକ୍ରବାର ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସାମାଜିକ ଗଣମାଧ୍ୟମରେ ୟୁଜର୍ସ ଓ ଫ୍ୟାନ୍‌ମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାରେ ଲାଗିଥିବାବେଳେ ସେ ମୁହଁ ଦେଖାଇଛନ୍ତି। ସେ କହିଛନ୍ତି, ସର୍ଭିକାଲ କ୍ୟାନ୍‌ସର ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସେ ଓ ତାଙ୍କ ଟିମ୍ ମୃତ୍ୟୁ ଖବର ପ୍ରସାର କରିଥିଲେ। ଏହି ରୋଗ ଏତେ ଭୟାବହ ଯେ ଏଥିରେ ଆକ୍ରାନ୍ତ ଅନେକ ହଜାର ମହିଳା ପ୍ରାଣ ହରାଉଛନ୍ତି। କିନ୍ତୁ ଏଥିରୁ ଆରୋଗ୍ୟ ହେବା ସମ୍ଭବ। ଏନେଇ ସଚେତନତା ସୃଷ୍ଟି ଜରୁରୀ ହୋଇପଡ଼ିଛି।



ରୋଗ ସମ୍ପର୍କରେ ଲୋକଙ୍କୁ ଜଣାଇବା ପାଇଁ ସେ ଏପରି କରିଥିଲେ। ତାଙ୍କର ଏହି କାଣ୍ଡକୁ ସେଲିବ୍ରିଟି, ସୋସିଆଲ ମିଡିଆ ୟୁଜର୍ସ 'ସବୁଠୁ ନିକୃଷ୍ଟ ପବ୍ଲିସିଟି ଷ୍ଟଣ୍ଟ' ରୂପେ ଅଭିହିତ କରିଛନ୍ତି।

## କେଜ୍‌ରିୱାଲଙ୍କ ଘରେ କ୍ରାଇମ୍ ବ୍ରାଞ୍ଚ

### ନୋଟିସ୍ ଦେବାକୁ ଯାଇ ୫ ଘଣ୍ଟା ଡ୍ରାମା

**ନୂଆଦିଲ୍ଲୀ,୩।୨(ପି.ଟି.):** ଆମ ଆଦ୍‌ମୀ ପାର୍ଟିର ବିଧାୟକମାନଙ୍କୁ ଭାଜପା କିଣିବା ପାଇଁ ଉଦ୍ୟମ କରୁଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଅଭିଯୋଗ କରିଥିବାବେଳେ ଏଥିପାଇଁ ତଦନ୍ତରେ ସାମିଲ ହେବା ନିମନ୍ତେ ନୋଟିସ୍ ଦେବାକୁ କ୍ରାଇମ୍ ବ୍ରାଞ୍ଚର ଏକ ଟିମ୍ ଶନିବାର ତାଙ୍କ ବାସଭବନରେ ପହଞ୍ଚିଥିଲା। ନୋଟିସ୍‌ରେ କେଜ୍‌ରିୱାଲଙ୍କ ନାଁ ଥିବାରୁ କେବଳ ତାଙ୍କୁ ନୋଟିସ ହସ୍ତାନ୍ତର କରାଯିବ ବୋଲି ଟିମ୍ କହିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ନୋଟିସ୍ ଗ୍ରହଣ କରିବାକୁ କହିଥିଲେ। ବ୍ୟକ୍ତିଗତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ନୋଟିସ୍ ହସ୍ତାନ୍ତର ନିମନ୍ତେ ଥିବା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଏଏପି ନେତା ଜସ୍ମିନ୍ ଶାହ ଟିମ୍‌କୁ ପ୍ରଶ୍ନ କରିଥିଲେ। ସେମାନଙ୍କ ପାଖରେ କୌଣସି ଉତ୍ତର ନ ଥିଲା। ତେଣୁ ସେମାନେ କେବଳ ନାଟକବାଜି କରିବା ପାଇଁ ଆସିଥିବା ସ୍ପଷ୍ଟ ହୋଇଛି ବୋଲି ଜସ୍ମିନ୍ ସୋସିଆଲ ମିଡିଆ ଏକ୍ସ'ରେ ଲେଖିଛନ୍ତି। ଦୀର୍ଘ ୫ ଘଣ୍ଟାର ଡ୍ରାମାବାଜି ପରେ କ୍ରାଇମ୍ ବ୍ରାଞ୍ଚ ଟିମ୍ କେଜରିୱାଲଙ୍କୁ ନୋଟିସ୍ ଦେଇଥିଲା।

## ଇଟାଲୀ ଯୁବରାଜ ଭିକ୍ଟୋରିଓଙ୍କ ପରଲୋକ

ରୋମ୍,୩।୨



ଭିକ୍ଟୋରିଓ ଏମାନୁଏଲେ ଅଫ୍ ସାଭୟ

ଇଟାଲୀର ଶେଷ ରାଜା ଉମ୍ବେର୍ଟୋ ଦ୍ୱିତୀୟଙ୍କ ପୁଅ ଯୁବରାଜ ଭିକ୍ଟୋରିଓ ଏମାନୁଏଲେ ଅଫ୍ ସାଭୟଙ୍କର ଶନିବାର ଜେନେଭାରେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ଭିକ୍ଟୋରିଓଙ୍କୁ ୯ ବର୍ଷ ହୋଇଥିବାବେଳେ ତାଙ୍କ ପରିବାର ଇଟାଲୀରୁ ନିର୍ବାସିତ ହୋଇଥିଲେ। ଏହା ପରଠାରୁ ଭିକ୍ଟୋରିଓ ସୁଇଜରଲାଣ୍ଡରେ ରହୁଥିଲେ। ତାଙ୍କ ବାପା ଉମ୍ବେର୍ଟୋ ଇଟାଲୀକୁ ମାତ୍ର ୩୪ ଦିନ ଶାସନ କରିଥିଲେ। ୧୯୪୬ରେ ଯେତେବେଳେ ଇଟାଲୀୟମାନେ ରାଜତନ୍ତ୍ର ଉଚ୍ଛେଦ ସପକ୍ଷରେ ଭୋଟ ଦେଲେ, ସେତେବେଳେ ଭିକ୍ଟୋରିଓ ଓ ତାଙ୍କ ପରିବାର ନିର୍ବାସନରେ ଯିବା ପାଇଁ ରାଜି ହୋଇଥିଲେ। ନୂଆ ଇଟାଲୀୟ ରିପବ୍ଲିକ୍‌ର ଗଣତନ୍ତ୍ର ପୂର୍ବତନ ରାଜା, ସେମାନଙ୍କ ପରିବାରକୁ ଇଟାଲୀ ମାଟିରେ ପ୍ରବେଶ ଅନୁମତି ଦେଇ ନ ଥିଲା। ୨୦୦୨ରେ ଏହି ନିଷେଧାଦେଶ ଉଠାଇ ଦିଆଯାଇଥିଲା। ସେହି ସମୟରେ ଭିକ୍ଟୋରିଓ ଓ ତାଙ୍କ ପୁଅ ଇଟାଲୀ ଫେରିଥିଲେ ମଧ୍ୟ ଉତ୍ତେଜନା ଦେଖାଦେବାକୁ ପରେ ସମ୍ପତ୍ତି ଛାଡ଼ି ସୁଇଜରଲାଣ୍ଡ ପଳାଇଥିଲେ।

## ଆର୍‌ଟିଆଇ ଆଇନ ଊର୍ଦ୍ଧ୍ୱରେ ନୁହେଁ ସିବିଆଇ

### ଦୁର୍ନୀତି ଅଭିଯୋଗରେ ତଥ୍ୟ ଦାଖଲ କରିବାକୁ ଅନୁମତି ଦିଆଯାଇଛି: ହାଇକୋର୍ଟ

ନୂଆଦିଲ୍ଲୀ,୩।୨(ପି.ଟି.)





କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ତଥ୍ୟ ଜାଣିବା ଅଧିକାର(ଆର୍‌ଟିଆଇ) ଆଇନ ପରିସରରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇ ନାହିଁ। ଦୁର୍ନୀତି ଏବଂ ମାନବାଧିକାର ଉଲ୍ଲଂଘନ ଅଭିଯୋଗରେ ଉକ୍ତ ତଦନ୍ତକାରୀ ସଂସ୍ଥାକୁ ତଥ୍ୟ ପ୍ରଦାନ ଲାଗି ସ୍ୱଚ୍ଛତା ଆଇନ ଅନୁମତି ଦେଇଛି ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଆର୍‌ଟିଆଇ ଆଇନର ଧାରା ୨୪ କେତେକ ସଂସ୍ଥା ପାଇଁ ଲାଗୁ ହେଉ ନାହିଁ। ତଦନୁଯାୟୀ ଆଇନର ଦ୍ୱିତୀୟ ଅନୁସୂଚୀରେ ସିବିଆଇ ନାଁ ରହିଛି। ତେବେ ଏହାର ଅର୍ଥ ନୁହେଁ ଯେ, ଏଭଳି ସଂସ୍ଥା ପାଇଁ ସମ୍ପୂର୍ଣ୍ଣ ଆଇନ ଲାଗୁ ହେବ ନାହିଁ। ଧାରା ୨୪ର ବ୍ୟବସ୍ଥା ଅନୁଯାୟୀ ଯଦି ସମ୍ପୃକ୍ତ ସଂସ୍ଥା ବିରୋଧରେ ଦୁର୍ନୀତି କିମ୍ବା ମାନବାଧିକାର ଉଲ୍ଲଂଘନର ଅଭିଯୋଗ ଥାଏ, ତେବେ ଆର୍‌ଟିଆଇ ଆବେଦନକାରୀଙ୍କୁ ଏହା ଉପରେ ତଥ୍ୟ ଦେବା ଲାଗି ଆଇନ ଅନୁମତି ଦେଇଛି। ତାହାକୁ ଆର୍‌ଟିଆଇ ଆଇନର ଦ୍ୱିତୀୟ ଅନୁସୂଚୀରେ ସଂଗଠନଗୁଡ଼କ ପାଇଁ ଉଲ୍ଲେଖ କରାଯାଇଥିବା ବ୍ୟତିକ୍ରମରେ ସାମିଲ କରାଯାଇ ପାରିବ ନାହିଁ ବୋଲି ଜଷ୍ଟିସ୍ ସୁବ୍ରମଣ୍ୟମ ପ୍ରସାଦ ତାଙ୍କ ରାୟରେ କହିଛନ୍ତି। ସୂଚନାଯୋଗ୍ୟ, ଭାରତୀୟ ବନ୍ୟ ସେବା (ଆଇଏଫ୍‌ଏସ୍) ଅଫିସର ସଞ୍ଜୀବ ଚତୁର୍ବେଦୀଙ୍କୁ କେତେକ ତଥ୍ୟ ଦେବା ପାଇଁ କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ୨୦୧୯ ନଭେମ୍ବରରେ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏମ୍ସର ଜୟପ୍ରକାଶ ନାରାୟଣ ଆପେକ୍ସ ଟ୍ରମା ସେଣ୍ଟର ମେଡିକାଲ ଷ୍ଟୋର ପାଇଁ ଡିସ୍‌ଇନ୍‌ଫେକ୍ଟାଣ୍ଟ ଓ ଅନ୍ୟାନ୍ୟ ସାମଗ୍ରୀ କିଣାରେ ଦୁର୍ନୀତି ଅଭିଯୋଗ ଉପରେ ଚତୁର୍ବେଦୀ ଆର୍‌ଟିଆଇରେ ତଥ୍ୟ ମାଗିଥିଲେ। ସେତେବେଳେ ସେ ଏମ୍ସର ମୁଖ୍ୟ ଭିଜିଲାନ୍ସ ଅଫିସର ଥିଲେ।



ସମ୍ବଲପୁର ରେମେଡ଼ଠାରେ ଶନିବାର ଆୟୋଜିତ ବିଶାଳ ଗ୍ୟାରେଣ୍ଟି ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ।

# ମୋଦି ଗ୍ୟାରେଣ୍ଟି ମାନେ ପୂରା ଗ୍ୟାରେଣ୍ଟି : ପ୍ରଧାନମନ୍ତ୍ରୀ

ସମ୍ବଲପୁର,୩।୨(ପ୍ରମୋଦ ବହିଦାର)

ଯାହାର କେହି ନାହିଁ ତାଙ୍କ ପାଇଁ ମୋଦି ଅଛି। ବର୍ତ୍ତମାନ ଦେଶରେ ଯୁବବର୍ଗ ଆଉ ବେକାର ରହିବେ ନାହିଁ। ସେମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଯୁବବର୍ଗଙ୍କୁ ବ୍ୟାଙ୍କରଣର ବ୍ୟବସ୍ଥା କରାଯାଇଥିବା ବେଳେ ଏଥିପାଇଁ ସେମାନଙ୍କୁ ଆଉ କୌଣସି ଗ୍ୟାରେଣ୍ଟି ଦେବାକୁ ପଡୁନାହିଁ। କାରଣ ଯୁବପିଢ଼ିଙ୍କ ପଛରେ ମୋଦି ଗ୍ୟାରେଣ୍ଟି ଅଛି। ଶନିବାର ସମ୍ବଲପୁର ରେମେଡ଼ଠାରେ ଆୟୋଜିତ ବିଶାଳ ଗ୍ୟାରେଣ୍ଟି ସମାବେଶରେ ଉଦ୍‌ବୋଧନ ଦେଇ ଭାଜପାର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି।

ସାଧାରଣ ନିର୍ବାଚନ ପୂର୍ବରୁ ଏଠାରେ ଅନୁଷ୍ଠିତ ରାଜନୈତିକ ସମାବେଶରେ ପ୍ରବେଶ ବେଳେ ମୋଦିଙ୍କ ସ୍ୱାଗତାର୍ଥେ ମହିଳାଙ୍କ ହୁଳହୁଳି ଓ ପୁରୁଷଙ୍କ ଭାରତ ମାତା କୀ ଜୟ, ମୋଦି ଜିନ୍ଦାବାଦ ଆଦି ସ୍ଲୋଗାନରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା। ରାଜ୍ୟ ସଭାପତି ମନମୋହନ ସାମଲ ପ୍ରଧାନମନ୍ତ୍ରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏହି ଅବସରରେ ସେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆଣିବା ଲାଗି ଉପସ୍ଥିତ ଜନତାଙ୍କୁ ନିବେଦନ କରିଥିଲେ। ତେବେ ମୋଦି ତାଙ୍କ ଅଭିଭାଷଣ ଦେବା ପୂର୍ବରୁ 'ଜୟ ଜଗନ୍ନାଥ', 'ଜୟ ମାଁ ସମଲେଇ' କହିବା ସହ ସମ୍ବଲପୁରୀ ଭାଷାରେ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସର୍ବପ୍ରଥମେ ବର୍ଷିଆନ ଭାଜପା ନେତା ତଥା ରାମମନ୍ଦିର ଅଭିଯାନର ପୁରୋଧା ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ଭାରତ ରତ୍ନ ସମ୍ମାନ ଘୋଷଣା ସମ୍ପର୍କିତ ଖୁସି ଖବର ଦେଇଥିଲେ। ଆଡଭାନୀଙ୍କୁ ଶୁଭେଚ୍ଛା ଜଣାଇ ଏହା ରାଷ୍ଟ୍ରସେବା ପ୍ରତି ଏକ ସର୍ବୋଚ୍ଚ ସମ୍ମାନ ବୋଲି କହିଥିଲେ। ଏହି ଅବସରରେ ମୋଦି ପଶ୍ଚିମ ଓଡ଼ିଶାର ୪ଜଣ ପଦ୍ମ ପୁରସ୍କାର ବିଜେତାଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଆଇଆଇଏମ୍, ସମ୍ବଲପୁରଠାରେ ଉଦ୍‌ଘାଟିତ ହୋଇଥିବା ୬୮,୧୬୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ବିଷୟରେ ଅବତାରଣା କରିଥିଲେ। ଭାଜପା ସରକାର ଓଡ଼ିଶାର ବିକାଶ ପାଇଁ ଅର୍ଥର କୌଣସି ପ୍ରକାର ଅଭାବ ହେବାକୁ ଦେବ ନାହିଁ ବୋଲି କହିଥିଲେ। ୬୦ ବର୍ଷରେ ପୂର୍ବ ସରକାର ଯାହା କରିନାହିଁ, ତାହା ଭାଜପା ସରକାର ମାତ୍ର ୯ ବର୍ଷରୁ ସାମାନ୍ୟ ଅଧିକ ସମୟରେ ତା'ଠାରୁ ଢେର କରି ଦେଖାଇଛି। ଓଡ଼ିଶାର ଗମନାଗମନର ସୁବିଧା ପାଇଁ ଜାତୀୟ ରାଜପଥ ନିର୍ମାଣ କ୍ଷେତ୍ରରେ ପୂର୍ବ ସରକାରଙ୍କ ଠାରୁ ୭ ଗୁଣ ଓ ରେଲୱେରେ ୧୨ ଗୁଣ ଅଧିକ ବ୍ୟୟମଞ୍ଜୁର କରିଛି। ନୂଆ ବଜେଟରେ ଦେଶରେ ଗରିବଙ୍କ ବିକାଶ ପାଇଁ ଗ୍ୟାରେଣ୍ଟି ଦେଇଛି ଭାଜପା ସରକାର। କ୍ଷୁଦ୍ର ଚାଷୀଙ୍କଠାରୁ ଆରମ୍ଭ କରି ନାମମାତ୍ର ଓ ଭାଗ ଚାଷୀ, ଦିନ ମଜୁରିଆ ପର୍ଯ୍ୟନ୍ତ ସମସ୍ତଙ୍କ ବିକାଶର ଗ୍ୟାରେଣ୍ଟି ଏଥିରେ ଅନ୍ତର୍ଭୁକ୍ତ। ଦେଶରେ ଗରିବଙ୍କୁ ୪ କୋଟି ପକ୍କାଘର ଯୋଗାଇ ଦିଆଯାଇଥିବା ବେଳେ ସେଥିମଧ୍ୟରୁ ୨୫ ଲକ୍ଷ ପକ୍କାଘର ଓଡ଼ିଶାବାସୀଙ୍କୁ ପ୍ରଦାନ କରାଯାଇଛି। ସେହିପରି କୃଷକଙ୍କ ବିକାଶକୁ ନେଇ ସେ କହିଲେ, ପିଏମ୍ କିଷାନ ଯୋଜନାରେ ଓଡ଼ିଶାର ୪୦ ଲକ୍ଷ ଚାଷୀ ଲାଭାନ୍ୱିତ ହୋଇଛନ୍ତି। ଏହା କହିଲା ବେଳେ ସେ ପୂର୍ବ କଂଗ୍ରେସ ସରକାରଙ୍କୁ ସମାଲୋଚନା କରି କହିଲେ, କଂଗ୍ରେସ ଶାସନ ବେଳେ ଓଡ଼ିଶାରେ ଚାଷୀଙ୍କଠାରୁ ମାତ୍ର ୩୬ ହଜାର କୋଟି ଟଙ୍କାର ଧାନ କ୍ରୟ କରାଯାଉଥିଲା। ଭାଜପା କ୍ଷମତାକୁ ଆସିଲା ପରେ ବର୍ତ୍ତମାନ ଓଡ଼ିଶାରୁ ୧ ଲକ୍ଷ ୧୦ ହଜାର କୋଟି ଟଙ୍କାର ଧାନ କ୍ରୟ କରାଯାଉଛି। ସେହିପରି ରାଜ୍ୟରେ ମତ୍ସ୍ୟଜୀବୀ, ପଶୁପାଳନକୁ ପ୍ରୋତ୍ସାହିତ କରାଯାଉଥିବା ବେଳେ ଚାଷୀଙ୍କ ଉତ୍ପାଦନ ବୃଦ୍ଧି ଓ ରୋଜଗାରକୁ ପ୍ରାଥମିକତା ଦିଆଯାଉଥିବା କହିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟବୀମାକୁ ପୂର୍ବରୁ ଥିବା ୧ ଲକ୍ଷ ଟଙ୍କାକୁ ୫ ଲକ୍ଷକୁ ବୃଦ୍ଧି କରାଯାଇଛି। ଏହାବ୍ୟତୀତ ଦେଶର ବିଦ୍ୟୁତ ହିତାଧିକାରଙ୍କ ଖର୍ଚ୍ଚ ହ୍ରାସ ପାଇଁ ଲକ୍ଷ୍ୟ ରଖିଛି ଭାଜପା ସରକାର। ରୁଫ୍‌ଟପ୍ ସୋଲାର ବିଦ୍ୟୁତ୍ ପ୍ରକଳ୍ପ ଦ୍ୱାରା ସମ୍ପୃକ୍ତ ପରିବାର ମୁକ୍ତ ବିଦ୍ୟୁତ୍ ଶକ୍ତି ପାଇବା ସହ ବଳକା ବିଦ୍ୟୁତ୍ ଶକ୍ତିକୁ ବିକ୍ରୟ କରି ରୋଜଗାରକ୍ଷମ ହୋଇ ପାରିବେ। ଫଳରେ ସୂର୍ଯ୍ୟ ଭଗବାନଙ୍କ ରାଜ୍ୟ ଓଡ଼ିଶା ସୌର ଶକ୍ତିରେ ଚମକି ଉଠିବ ବୋଲି ମୋଦି କହିଛନ୍ତି ।

ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କ ବିକାଶ ସମ୍ପର୍କରେ ସୂଚନା ଦେଇ ସେ କହିଲେ, ବର୍ତ୍ତମାନଠାରୁ ଆଶାଦିଦି ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରାଯିବ। ପ୍ରଧାନମନ୍ତ୍ରୀ ଭାବେ ରାଜ୍ୟର ମା' ଭଉଣୀଙ୍କୁ ଲକ୍ଷପତି ଦିଦି ହେବାର ଗ୍ୟାରେଣ୍ଟି ଦେଇଥିଲେ ମୋଦି। ଏହାବ୍ୟତୀତ ରାଜ୍ୟର ୬୦ ଲକ୍ଷ ପରିବାରଙ୍କୁ ପାଇପ୍ ଜଳ ଯୋଗାଣ ପାଇଁ ମୋଦି ଏହି ଅବସରରେ ଗ୍ୟାରେଣ୍ଟି ଦେଇଥିଲେ। ସେହିପରି ସମ୍ବଲପୁର ହସ୍ତତନ୍ତ, ବୁଣାକାରଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଯଦ୍ୱାରା ମେକ୍ ଇନ୍ ଇଣ୍ଡିଆ ଯୋଜନା ପାଇଁ ସମ୍ବଲପୁର ଏକ ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର ସାବ୍ୟସ୍ତ ହେବ ବୋଲି ସେ କହିଥିଲେ। ଏହାସହ ଆଦିବାସୀ କଲ୍ୟାଣକୁ ମଧ୍ୟ ପ୍ରାଥମିକ ଦିଆଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିଷୟରେ ଅବତାରଣା କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜିଲା ସଭାପତି ଗିରୀଶ ପଟେଲ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯଥାକ୍ରମେ ସମ୍ବଲପୁରର ଆରାଧ୍ୟ ଦେବୀ ମାଁ ସମଲେଶ୍ୱରୀ ଓ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ର ଉପହାର ଦେଇଥିଲେ। କୁଚିଣ୍ଡା ବିଧାୟକ ରବି ନାୟକ ଓ ସୀମାଞ୍ଚଳ ଖଟେଇ ମଞ୍ଚ ପରିଚାଳନା କରିଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍ କେ ସିଂ, କେନ୍ଦ୍ର ଆଦିବାସୀ ବ୍ୟାପର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଭାଜପା ରାଜ୍ୟ ସଭାପତି ସାମଲ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ, ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଭାଜପାର ବରିଷ୍ଠ ନେତା କନକ ବର୍ଦ୍ଧନ ସିଂଦେଓ, ଭାଜପା ଜିଲା ସଭାପତି ପ୍ରମୁଖ ମଞ୍ଚାସୀନ ଥିଲେ।

# ଆଡଭାନୀଙ୍କୁ 'ଭାରତ ରତ୍ନ' ମିଳିବା ଖୁସି ଦେଇଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୩।୨(ସୁନିତ୍ ମିଶ୍ର)

ଭାଜପାର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀଙ୍କୁ 'ଭାରତ ରତ୍ନ'ରେ ସମ୍ମାନିତ କରିବାର ନିଷ୍ପତ୍ତି ପ୍ରତ୍ୟେକ ଦେଶବାସୀଙ୍କ ପାଇଁ ଆନନ୍ଦର ବିଷୟ। ଭାଜପାର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଭାବେ ଏହି ଖବର ଖୁସି ଦେଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି , ଭାରତୀୟ ରାଜନୀତିରେ ଲାଲକୃଷ୍ଣ ଆଡଭାନୀଙ୍କ ଅବଦାନକୁ ତୁଳନାକରି ହେବନାହିଁ। ତାଙ୍କୁ ଅତି ନିକଟରୁ ଜାଣିଛି। ସେ ସ୍ୱଚ୍ଛ, ଅଧ୍ୟୟନଶୀଳ ତଥା ସ୍ପଷ୍ଟ ଏବଂ ନୈତିକତାଯୁକ୍ତ ରାଜନୀତିର ମୂର୍ତ୍ତିମନ୍ତ ପ୍ରତୀକ। ରାଷ୍ଟ୍ରସେବା ଓ ସାଂସ୍କୃତିକ ନବଜାଗରଣକୁ ସେ ନିଜ ଜୀବନର ଲକ୍ଷ୍ୟ କରିଥିଲେ। ସମାଜ, ସଂସ୍କୃତି ଓ ସଭ୍ୟତାର ଉତ୍ଥାନ ପାଇଁ ପ୍ରତିଟି ମୁହୂର୍ତ୍ତରେ ସମର୍ପିତ ଆଡଭାନୀଙ୍କ ପାଇଁ 'ଭାରତ ରତ୍ନ' ଏକ ଉପଯୁକ୍ତ ସମ୍ମାନ। ତାଙ୍କ ମହାନ୍ ଜୀବନାଦର୍ଶ ଅନେକ କୋଟି ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ। କେନ୍ଦ୍ର ସରକାରଙ୍କ ତରଫରୁ ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରାଯିବା ଅତ୍ୟନ୍ତ ଗୌରବର ବିଷୟ। ଏହି ଅଭୂତପୂର୍ବ ନିଷ୍ପତ୍ତି ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଧର୍ମେନ୍ଦ୍ର କୃତଜ୍ଞତା ଜଣାଇଛନ୍ତି।

# ଝାଡ଼ଖଣ୍ଡରେ ଭାଜପାର ଷଡ଼ଯନ୍ତ୍ରକୁ ପଣ୍ଡକଲା ଇଣ୍ଡିଆ ମେଣ୍ଟ: ରାହୁଲ

ପାକୁର,୩।୨(ପି.ଟି.)

ଝାଡ଼ଖଣ୍ଡର ନିର୍ବାଚିତ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଭାଜପା ଉଦ୍ୟମ କରିଥିଲା। ତେବେ ଏହାର ଷଡ଼ଯନ୍ତ୍ର ବିରୋଧରେ ଇଣ୍ଡିଆ ମେଣ୍ଟ ଛିଡ଼ାହେବା ସହ ଲୋକପ୍ରିୟ ଜନାଦେଶକୁ ଚୋରି ହେବାକୁ ଦେଇନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଝାଡ଼ଖଣ୍ଡରେ ପ୍ରବେଶ କରିବା ଅବସରରେ ରାହୁଲଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ଉପସ୍ଥିତ ଥିଲେ। ଉପସ୍ଥିତ ସମାବେଶକୁ ଉଦ୍‌ବୋଧନ ଦେଇ ରାହୁଲ କହିଥିଲେ, ଭାଜପା ପାଖରେ ଅର୍ଥବଳ ଓ ତଦନ୍ତକାରୀ ସଂସ୍ଥା ରହିଛି। ତେବେ ସେ କିମ୍ବା କଂଗ୍ରେସ ଏହାକୁ ଭୟ କରୁନାହାନ୍ତି। ଶାସକ ଦଳର ବିଭାଜନକାରୀ ନୀତି ବିରୋଧରେ ଲଢ଼େଇ ଜାରି ରହିବ ବୋଲି ରାହୁଲ କହିଥିଲେ। ଗତବର୍ଷର ଭାରତ ଯୋଡ଼ୋ ଯାତ୍ରା ଆର୍‌ଏସ୍‌ଏସ୍ ଏବଂ ଭାଜପାର ବିଭାଜନକାରୀ ଏଜେଣ୍ଡା ବିରୋଧରେ ଥିଲାବେଳେ ବର୍ତ୍ତମାନର ଯାତ୍ରା ଦେଶବାସୀଙ୍କୁ ନ୍ୟାୟ ପ୍ରଦାନ ପାଇଁ। ସାରା ଦେଶରେ ଅନ୍ୟାୟ ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନତାଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଥିବାବେଳେ ବେରୋଜଗାରୀ ବଢ଼ିଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତରେ ନିଯୁକ୍ତି ପାଇବା ଯୁବବର୍ଗଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ରାହୁଲ କହିଛନ୍ତି। ମୋଦି ସରକାରଙ୍କ ବିମୁଦ୍ରୀକରଣ ନୀତି ଏବଂ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି କାର୍ଯ୍ୟକାରିତାକୁ ରାହୁଲ ନିନ୍ଦା କରିଛନ୍ତି। ଦେଶରେ ନିଯୁକ୍ତି ସୃଷ୍ଟିର ମେରୁଦଣ୍ଡ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ହୋଇଥିବାବେଳେ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି କାର୍ଯ୍ୟକାରିତା ଯୋଗୁ ସେଗୁଡ଼ିକ ଧ୍ୱଂସ ହୋଇଯାଇଛି। ଗତ ୪୦ ବର୍ଷ ମଧ୍ୟରେ ବେରୋଜଗାରୀ ଶୀର୍ଷରେ ପହଞ୍ଚିଥିବା ରାହୁଲ ଅଭିଯୋଗ କରିଛନ୍ତି।


ଝାଡ଼ଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍‌ଙ୍କ ସହ ରାହୁଲ ଗାନ୍ଧୀ।

# କେନ୍ଦୁଝରକୁ ଅବହେଳା ନା ସଙ୍ଗଠନ ପ୍ରତି ବିମୁଖ

କେନ୍ଦୁଝର,୩।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ସାଧାରଣ ନିର୍ବାଚନ ପୂର୍ବରୁ ସବୁ ବିଷୟ ଉପରେ ଲୋକେ ଟିକିନିକି ନଜର ରଖିଛନ୍ତି। ଏବେ କେନ୍ଦୁଝର ଜିଲାରେ ଆଲୋଚନା ଚାଲିଛି, ୫ ବର୍ଷ ମଧ୍ୟରେ ରାଜ୍ୟରୁ କେନ୍ଦ୍ରରେ ପାୱାରଫୁଲ ମନ୍ତ୍ରୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଜିଲାବାସୀଙ୍କୁ ଅଣଦେଖା କରିଚାଲିଛନ୍ତି। ଉଭୟ ମନ୍ତ୍ରୀ ହେବା ପରେ ସେମାନଙ୍କ ପାଦ ଜିଲାରେ ପଡ଼ିନାହିଁ। ପଡ଼ୋଶୀ ଜିଲାରେ ପଇଁତରା ମାରିବା ସହ ବିକାଶର ପ୍ରକଳ୍ପ ବିଛାଡ଼ି ଦେଉଥିବା ବେଳେ କେନ୍ଦୁଝରକୁ ଦିନଟିଏ ବି ଆସି ନାହାନ୍ତି। କେବଳ ଆଶ୍ୱାସନାର ବିଷୟ, ଆଖିଦୃଶିଆ ପ୍ରକଳ୍ପ କରି ନ ଥିଲେ ମଧ୍ୟ ଅନ୍ୟତମ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଜିଲାକୁ ଅନେକ ଥର ଗସ୍ତ କରିଛନ୍ତି।

ଜିଲାର ଲୁହାପଥର ପରିବହନରୁ ରେଲ୍‌ୱେ ସର୍ବାଧିକ ରାଜସ୍ୱ ପାଉଥିବା ବେଳେ କେନ୍ଦୁଝରକୁ ରେଳପଥ କ୍ଷେତ୍ରରେ ଅବହେଳା କରାଯାଇ ଆସୁଛି। ଏଣୁ ରାଜ୍ୟର ସାଂସଦ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବା ପରେ ଜିଲାବାସୀ ବହୁ ଆଶାବାଦୀ ହୋଇ ପଡ଼ିଥିଲେ। ତାଙ୍କୁ କିଛି ଦିନ ତଳେ ଭାଜପା ବିଧାୟକ ମୋହନ ମାଝୀ ଦେଖାକରି କେନ୍ଦୁଝର ଦେଇ ନୂଆଦିଲ୍ଲୀ ଟ୍ରେନ୍ ଚଳାଇବାକୁ ଦାବି କରିଥିଲେ। ମନ୍ତ୍ରୀ ଟ୍ରେନ୍ ଚଳାଇବା ନେଇ ପ୍ରତିଶ୍ରୁତି ଦେଇଥିଲେ ବୋଲି ତାଙ୍କ ସହିତ ଯାଇଥିବା ଭାଜପା ନେତା ଅଜୟ ସାହୁ କହିଛନ୍ତି। ଏହାକୁ ନେଇ ଜିଲାବାସୀ ଉତ୍ସାହିତ ହୋଇପଡ଼ିଥିଲେ। ତେବେ ଦିନଗଡ଼ିବା ସହ କେନ୍ଦ୍ରମନ୍ତ୍ରୀଙ୍କ କାର୍ଯ୍ୟକାଳ ସରିବାକୁ ବସିଥିଲେ ହେଁ ଟ୍ରେନ୍ ନ ଚାଲିବା ଜିଲା ତଥା ନିଜ ଦଳ ପ୍ରତି ମନ୍ତ୍ରୀଙ୍କ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ହେଉଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦ୍ୱାରା ଉପସ୍ଥାପିତ ଅନ୍ତରୀଣ ବଜେଟରେ ବଡ଼ବିଲରୁ କିରିବୁରୁ ଓ ଗନ୍ଧମାର୍ଦ୍ଦନ ଖଣିରୁ ଗୁହାଳଡ଼ିହି ରେଳ ଷ୍ଟେଶନ ନୂତନ ରେଳପଥ ନେଇ ଘୋଷଣା କରାଯାଇଛି। ଦେଖିବାକୁ ଗଲେ ଏସବୁ ଖଣିଜ ପଥର ପରିବହନ କରି ଅଧିକ ଲାଭ ଉଠାଇବା ଲାଗି ବ୍ୟବସ୍ଥା ହୋଇଛି। କିନ୍ତୁ ଯାତ୍ରୀବାହୀ ଟ୍ରେନ୍ ସମ୍ବନ୍ଧୀୟ କୌଣସି ବିଷୟ ଉଲ୍ଲେଖ କରାଯାଇନାହିଁ। ପୁଣି ଜିଲାରେ ଚାଲିଥିବା ଦୁଇଟି ଟ୍ରେନ୍‌ରେ ବଗି ସଂଖ୍ୟା ହ୍ରାସ କରାଯାଇଥିବାରୁ ଲୋକମାନେ ଠିଆ ହୋଇ ଅନେକ ସମୟରେ ଯାତାୟାତ କରୁଥିବା ଦେଖାଯାଉଛି। ରେଳମନ୍ତ୍ରୀ ଖୋଦ୍ ନିଜ ଦଳର ବିଧାୟକଙ୍କ ଏକମାତ୍ର ଦାବି ପୂରଣ କରିପାରି ନ ଥିବାରୁ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର କହିଛନ୍ତି, ଜିଲାବାସୀଙ୍କ ପ୍ରତି ମନ୍ତ୍ରୀଙ୍କ ଭାବନା ଯେମିତି ରହିଛି, ଆଗାମୀ ଦିନରେ ଭାଜପାକୁ ସେମାନେ ଠିକ୍ ସମୟରେ ଜବାବ ଦେବେ।

ସେହିପରି କେନ୍ଦ୍ରରେ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଥିବା ଧର୍ମେନ୍ଦ୍ର ମଧ୍ୟ କେନ୍ଦୁଝର ପାଇଁ ସେମିତି କିଛି କରି ନ ଥିବା ଆଲୋଚନା ହେଉଛି। ଜିଲାରୁ ରାଜକୋଷକୁ ଅନେକ ହଜାର କୋଟି ଟଙ୍କା ଖଣି ରାଜସ୍ୱ ଯାଉଛି। ହେଲେ ବେରୋଜଗାର ସମସ୍ୟା ସହିତ ଖଣିଜ ପଥରର ସଦୁପଯୋଗ କରିବା ପାଇଁ ବହୁ ବର୍ଷ ହେଲା ହୋଇ ଆସୁଥିବା ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ଦାବି କେବଳ ଦାବିରେ ରହିଯାଇଛି। ଖଣିଜସମ୍ପଦ ଭରା ଜିଲାରେ ରାଷ୍ଟ୍ରାୟତ୍ତ କମ୍ପାନୀ ଜରିଆରେ ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ନେଇ କେହି ଆଗ୍ରହ ପ୍ରକାଶ କରି ନାହାନ୍ତି। ଏହାଛଡ଼ା ଶିକ୍ଷାର ବିକାଶ ଦିଗରେ ଅନ୍ୟ ଜିଲାକୁ ଯେଉଁଭଳି ଅନୁଦାନ ମିଳୁଛି, ସେଭଳି ଆର୍ଥିକ ସହାୟତା କେନ୍ଦୁଝରକୁ ମିଳୁନାହିଁ। ଏଣୁ ଦୁଇ ମନ୍ତ୍ରୀଙ୍କ କେନ୍ଦୁଝର ଭଳି ଆଦିବାସୀ ବହୁଳ ଜିଲାକୁ ଏହା ଅବହେଳା ନା ଏଠାରେ ଥିବା ଭାଜପା ସଙ୍ଗଠନକୁ ଅଣଦେଖା ବୋଲି ଅନେକେ ପ୍ରଶ୍ନ ଉଠାଇଛନ୍ତି। ଭାଜପା ବିଧାୟକ ମୋହନ ମାଝୀ କହିଛନ୍ତି, ଦାବି ଉପସ୍ଥାପନ କରିଛୁ, କାମ ହେବ। ଦୁଇମନ୍ତ୍ରୀଙ୍କ ଯୋଗୁ ରାଜ୍ୟରେ କିଛି ବର୍ଷ ହେଲା ବହୁ ବିକାଶମୂଳକ କାର୍ଯ୍ୟ ହୋଇଛି। ତେବେ ସେମାନଙ୍କୁ କେନ୍ଦୁଝର ଜିଲାକୁ ଆମେ ବୋଧହୁଏ ଠିକ୍ ଭାବରେ ଡାକିପାରିନୁ।

# ସରକାର ଚାଷୀଙ୍କ ବଡ଼ ଶତ୍ରୁ: କଂଗ୍ରେସ

ଭୁବନେଶ୍ୱର,୩।୨(ସୁନିତ୍ ମିଶ୍ର)

ରାଜ୍ୟର ଶାସନ ଦାୟିତ୍ୱରେ ଥିବା ସରକାର ଚାଷୀଙ୍କ ସବୁଠୁ ବଡ଼ ଶତ୍ରୁ। କୃଷକଙ୍କ ବନ୍ଧୁ ବୋଲି ଦାବି କରୁଥିବା ଏହି ସରକାର ବାସ୍ତବରେ ଚାଷୀଙ୍କୁ ଲୁଟ୍ କରିବାରେ ଧୁରନ୍ଧର। କାଳିଆ ଯୋଜନାରେ ରାଜ୍ୟର ଚାଷୀଙ୍କୁ ୧,୮୭୯ କୋଟି ଟଙ୍କାର ସହାୟତା ଦେଉଥିବାବେଳେ ସେମାନଙ୍କ ଠାରୁ ୫,୮୭୭ କୋଟି ଟଙ୍କା ଲୁଟ୍ କରୁଥିବା କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ସୁଦର୍ଶନ ଦାସ କହିଛନ୍ତି, ରାଜ୍ୟର ବିଜେଡି ସରକାର ଚାଷୀଙ୍କୁ ଯେତିକି ସହାୟତା ଦେଉଥିବା ନେଇ ଦାବି କରୁଛନ୍ତି, ତା'ର ୩ ଗୁଣା ଚାଷୀଙ୍କଠାରୁ ଲୁଟୁଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ ୨୦୨୩-୨୪ ବର୍ଷ ପାଇଁ ୭୯ ଲକ୍ଷ ମେଟ୍ରିକ ଟନ୍ ଧାନ ସରକାର କିଣିବେ ବୋଲି ଘୋଷଣା କରିଥିଲେ। ସେହିପରି ୧୨.୩୫ ଲକ୍ଷ ପଞ୍ଜୀକୃତ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୨୧୮୩ ଟଙ୍କାରେ ଧାନ କିଣାଯିବ ବୋଲି ନିର୍ଦ୍ଧାରଣ କରାଯାଇଛି। ମଣ୍ଡିରେ ଧାନ ବିକ୍ରି ବେଳେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ହାରାହାରି ୭ କିଲୋ ଧାନ କଟ୍‌ନି ଛଟ୍‌ନି କରାଯାଉଛି, ଯାହାର ମୂଲ୍ୟ ୧୩୫ ଟଙ୍କା। ଅଖା ମିଲ୍ ମାଲିକ ଦେବା କଥା। ମାତ୍ର ଚାଷୀ ତାକୁ ଭରଣା କରୁଛି ଓ ସେ ବାବଦକୁ ୬୪ ଟଙ୍କା ଦେବାକୁ ବାଧ୍ୟ ହେଉଛି। ପୁଣି ଧାନ ବସ୍ତା ଲୋଡିଂ ପାଇଁ କୁଇଣ୍ଟାଲ ପିଛା ହାରାହାରି ୧୦ ଟଙ୍କା ଚାଷୀ ଖର୍ଚ୍ଚ କରୁଛି। ଅର୍ଥାତ୍ ମୋଟ୍ ଉପରେ ଚାଷୀ କୁଇଣ୍ଟାଲ ପିଛା ହାରାହାରି ୨୨୭ ଟଙ୍କା ଖର୍ଚ୍ଚ କରୁଛି। ୭୯ ଲକ୍ଷ ଟନ୍ ଧାନ ପାଇଁ ସର୍ବମୋଟ୍ ୧୭୯୩ କୋଟି ଟଙ୍କା ଚାଷୀଙ୍କ ଉପରେ ବୋଝ ପଡୁଛି। ଏହା କ'ଣ ଚାଷୀଙ୍କୁ ଶୋଷଣ ନୁହେଁ କି ବୋଲି ଦାସ ପ୍ରଶ୍ନ କରିଛନ୍ତି। ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅମିୟ ପଟ୍ଟନାୟକ କହିଛନ୍ତି, ରାଜ୍ୟ ସରକାର ୨୪ବର୍ଷ ଭିତରେ ୨୪ଟି ଶୀତଳ ଭଣ୍ଡାର ନିର୍ମାଣ କରିପାରିନାହାନ୍ତି। ରାଜ୍ୟର ୩୫ ଶତାଂଶ ଜମିକୁ ଜଳସେଚନ ସୁବିଧା ଦେବାର ପ୍ରତିଶ୍ରୁତି ସରକାର ଦେଇଥିଲେ। ମାତ୍ର ତାହା ପ୍ରତାରଣାରେ ପରିଣତ ହୋଇଛି ବୋଲି ଅମିୟ କହିଛନ୍ତି।

# କଂଗ୍ରେସ ଗଣମାଧ୍ୟମ ବିଭାଗକୁ ସଶକ୍ତ କର: ଅଜୟ କୁମାର

ଭୁବନେଶ୍ୱର,୩।୨(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗ ନବଗଠିତ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନଠାରେ ବିଭାଗର ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଦଳର ଗଣମାଧ୍ୟମ ବିଭାଗକୁ ସଶକ୍ତ, କ୍ରିୟାଶୀଳ ଓ ଉତ୍ତରଦାୟୀ ରହିବାକୁ ପରାମର୍ଶ ଦେଇଛନ୍ତି। ଆସନ୍ତା ନିର୍ବାଚନରେ ଗଣମାଧ୍ୟମ ବିଭାଗ କିପରି ଉଭୟ କେନ୍ଦ୍ରରେ ଓ ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ରାଜ୍ୟବାସୀଙ୍କ ସାମ୍ନାରେ ଉଜାଗର କରିବ ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏହାସହ ଜିଲା ଓ ବିଧାନସଭାରେ ଗଣମାଧ୍ୟମ ବିଭାଗର ରୂପରେଖ ପ୍ରସ୍ତୁତ କରିବାକୁ ଅଜୟ କୁମାର ନିର୍ଦ୍ଦେଶ ଦେଇଛନ୍ତି। ପିସିସି ସହ ପ୍ରଭାରୀ କ୍ରିଷ୍ଟୋଫର ତିଲକ ସୋସିଆଲ ମିଡିଆ ଓ ଗଣମାଧ୍ୟମ ବିଭାଗ ପ୍ରଚାର ଏବଂ ପ୍ରସାର ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ କହିଛନ୍ତି। ଏହି ଅବସରରେ ବିଶ୍ୱରଞ୍ଜନ ମହାନ୍ତି ନବଗଠିତ ଗଣମାଧ୍ୟମ ବିଭାଗର ସମସ୍ତ ବରିଷ୍ଠ ମୁଖପାତ୍ର, ମୁଖପାତ୍ର, ସମ୍ପାଦକ, ପ୍ୟାନେଲିଷ୍ଟ, ମିଡିଆ କୋଅର୍ଡିନେଟରମାନଙ୍କୁ ସ୍ୱାଗତ ଜଣାଇବା ସହ ଆଗାମୀ ନିର୍ବାଚନରେ ଗଣମାଧ୍ୟମ ବିଭାଗର ରଣନୀତି ସମ୍ପର୍କରେ ମତ ପ୍ରକାଶ କରିଛନ୍ତି।

# ଉତ୍କଳଙ୍କ କୁଶପୁତ୍ତଳିକା ଦାହକଲେ ବିଧାୟିକାଙ୍କ ସମର୍ଥକ

ପାଟକୁରା, ୩।୨(ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଜେଡିରେ ଏବେ ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି। ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ବିରୋଧରେ ବିଜେଡି ଜିଲା ସଭାପତି ଉତ୍କଳ କେଶରୀ ପରିଡ଼ା ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏହାର ପ୍ରତିବାଦରେ ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ସମର୍ଥକମାନେ ଶନିବାର ଅପରାହ୍ନରେ ଗରଦପୁର ବ୍ଲକ ଅନ୍ତର୍ଗତ କଳାବୁଦା ବାରୁଣୀ ଛକଠାରେ ପରିଡ଼ାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତଠାରେ ପାଟକୁରା ସ୍ୱାଭିମାନ ମଞ୍ଚ ପକ୍ଷରୁ ଆୟୋଜିତ ସଭାରେ ପରିଡ଼ା ଗୋଖାକୁ ପୋଖରୀ ହୁଡ଼ାରେ ବସାଇଲେ ପୋଖରୀରେ କେତେ ମାଛ କହିଦେବ ବୋଲି କହିଥିଲେ। ଏହାଛଡ଼ା ମାଡୁଆଳି ହାତରେ ଗଡୁ ଧରି ଆସିଥିଲେ, ଏବେ ନେତା ହୋଇ ଅନେକ କୋଟି ଟଙ୍କା ରୋଜଗାର କରି ପରିବାର ରାଜନୀତି କରୁଛନ୍ତି। ପାଟକୁରାବାସୀ ଭାରି ସ୍ୱାଭିମାନୀ, ଏହାକୁ ବରଦାସ୍ତ କରିବେନି ବୋଲି ସେ କହିଥିଲେ। ଏଭଳି ମନ୍ତବ୍ୟକୁ ନେଇ ବିଧାୟିକା ଅଗ୍ରୱାଲଙ୍କ ସମର୍ଥକମାନେ ଶନିବାର ଜୋର୍‌ଦାର ପ୍ରତିବାଦ କରିଛନ୍ତି। ଏପରିକି ଜିଲା ସଭାପତିଙ୍କୁ ଗରଦପୁର ବ୍ଲକ ଅଞ୍ଚଳରେ ପୂରାଇ ନ ଦେବାକୁ ଘୋଷଣା କରିଛନ୍ତି। ଆମ୍ବାର ଅଧ୍ୟକ୍ଷ ବାସୁଦେବ ବେହେରା, ପୂର୍ବତନ ସରପଞ୍ଚ ଅରୁଣ ନାୟକ, ସୂର୍ଯ୍ୟମଣି ସେଠୀ, ପୂର୍ବତନ ସମିତିସଭ୍ୟ ଭଜହରି ସେନାପତି, ପୂର୍ବତନ ସମିତିସଭ୍ୟ ତଥା ଜିଲା ବିଜେଡି ସମ୍ପାଦକ ହେମନ୍ତ କୁମାର ସେଠୀ, ପୂର୍ବତନ ସରପଞ୍ଚ ଅନୁଜ ମହାନ୍ତି, ବ୍ଲକ ବିଜେଡି ସଭାନେତ୍ରୀ ଶାନ୍ତିଲତା ପଟ୍ଟନାୟକ, ସୁଧାସ୍ମିତା ଲେଙ୍କା, ପୂର୍ବତନ ସମିତି ସଭ୍ୟ ପ୍ରହ୍ଲାଦ ସାହୁ, କମଳ କୁମାର ମିଶ୍ର, ଦୀପକ ମହାପାତ୍ର, ବସନ୍ତ ବେହେରା ପ୍ରମୁଖ ଜିଲା ବିଜେଡି ସଭାପତି ପରିଡ଼ାଙ୍କୁ ବାଲିଚୋର କହିବା ସହ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ଏହାଛଡ଼ା ଗୋଖାଜାତିକୁ ହୀନଦୃଷ୍ଟିରେ ଦେଖିବା ଦ୍ୱାରା ସେ ଗୋଟିଏ ଜାତିକୁ ଅପମାନ କରିଛନ୍ତି। ଏହି ଜାତିଆଣ ମନ୍ତବ୍ୟ ପାଇଁ ତାଙ୍କୁ ଜିଲା ବିଜେଡି ସଭାପତି ପଦରୁ ବହିଷ୍କୃତ ପାଇଁ ଦାବି କରିଛନ୍ତି। ସାଧାରଣ ନିର୍ବାଚନକୁ ଆଉ ମାତ୍ର କେଇଟା ଦିନ ଥିବାରୁ ବିଜେଡି ସଙ୍ଗଠନ ମଧ୍ୟରେ ଏପରି ମତପାର୍ଥକ୍ୟ ଲାଗି ଦଳକୁ ବହୁ ମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ହସ୍ତକ୍ଷେପ କଲେ ଅବସ୍ଥାରେ ସୁଧାର ଆସିବ ବୋଲି ଦଳୀୟ କର୍ମୀମାନେ ଆଲୋଚନା କରୁଛନ୍ତି।


କଳାବୁଦା ବାରୁଣୀ ଛକରେ ପ୍ରତିବାଦ ସଭାରେ ବିଜେଡି ଜିଲା ସଭାପତିଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।



ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ କିସ୍ ପରିସରରେ ୪୦ହଜାର ଛାତ୍ରୀଛାତ୍ର ଓଡ଼ିଶା ମାନଚିତ୍ରରେ ପ୍ରସ୍ତୁତ ମାନବ ମାନଚିତ୍ରରେ ଠିଆହୋଇ ଓଡ଼ିଶା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରୁଛନ୍ତି।



ଭୁବନେଶ୍ୱର ଜନତା ମଇଦାନରେ ଶନିବାର ଉଦ୍‌ଘାଟିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଓଡ଼ିଆ ଲିପି ସମ୍ପର୍କରେ ଜାଣୁଛନ୍ତି।

# ସଭିଏଁ ଗାଇଲେ 'ବନ୍ଦେ ଉତ୍କଳ ଜନନୀ'

**ଭୁବନେଶ୍ୱର, ୩।୨ (ଅସମାପିକା ସାହୁ/ଶର୍ମିଷ୍ଠା ପାଣିଗ୍ରାହୀ)**

ଭୁବନେଶ୍ୱର ଜନତା ମଇଦାନରେ ଶନିବାର ଉଦ୍‌ଘାଟିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ସ୍ମରଣୀୟ କରିବା ପାଇଁ ରାଜ୍ୟ ତଥା ଦେଶ ବିଦେଶରେ ରହୁଥିବା ଓଡ଼ିଆମାନେ ପୂର୍ବାହ୍ନ ସାଢ଼େ ୧୧ଟାରେ ଏକକାଳୀନ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ସବୁ ବିଭାଗ, ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଏହି ଅବସରରେ ଭୁବନେଶ୍ୱରସ୍ଥିତ କିସ୍ ପରିସରରେ ୪୦ହଜାର ଛାତ୍ରୀଛାତ୍ର ଓଡ଼ିଶା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଏଥିସହ ବଲାଙ୍ଗୀର, କଳାହାଣ୍ଡି, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ଶାଖା କ୍ୟାମ୍ପସରେ ମଧ୍ୟ ଏକ ସଙ୍ଗେ ଛାତ୍ରୀଛାତ୍ର ରାଜ୍ୟ ସଙ୍ଗୀତ ଗାନ କରି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଗୌରବ ବୃଦ୍ଧି କରିଥିଲେ। ଛାତ୍ରୀଛାତ୍ରମାନେ ଓଡ଼ିଶା ମାନଚିତ୍ରରେ ପ୍ରସ୍ତୁତ ମାନବ ମାନଚିତ୍ରରେ ଠିଆହୋଇ ଏହି ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ସମଗ୍ର ରାଜ୍ୟ ଉତ୍ସବ ମୁଖରିତ ହୋଇଥିବା ବେଳେ କିସ୍ ଛାତ୍ରୀଛାତ୍ରଙ୍କ ସାମୂହିକ ରାଜ୍ୟ ସଙ୍ଗୀତ ଗାନ ଏହାକୁ ଆହୁରି ଗରିମାମୟ କରିଥିଲା। ସେହିଭଳି ଲୋକସେବା ଭବନରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀମାନେ ସମ୍ମିଳିତ ଭାବେ 'ବନ୍ଦେ ଉତ୍କଳ ଜନନୀ' ଗାନ କରି ଓଡ଼ିଆ ଭାଷାର ଏହି ମହୋତ୍ସବରେ ସାମିଲ ହୋଇଥିଲେ।



ଲୋକସେବା ଭବନରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସହ ଯୋଡ଼ି ହେଉଛନ୍ତି।

## ଭାଷାର ବ୍ୟବହାର ପରିବାର, ପ୍ରାଥମିକ ସ୍କୁଲରୁ ଆରମ୍ଭ ହେଉ



ଭାଷା ସମ୍ମିଳନୀ ପାଇଁ ମୁଁ ଦିଲ୍ଲୀରୁ ଆସିଛି। ମୋ ଭାଷା ମୋ ପାଇଁ ଆଗ। ଆମେ ଯେତେ ବାହାରେ ରହିଲେ ମଧ୍ୟ ଓଡ଼ିଆ କହିବାରେ କୌଣସି ଲାଜ କରିବା କଥା ନୁହେଁ। ମୁଁ ମଧ୍ୟ ଅନେକ ଭାଷା ଶିଖିଛି। ମାତ୍ର ଓଡ଼ିଆ ଲୋକଙ୍କୁ ଦେଖିଲେ ମୁଁ ଓଡ଼ିଆରେ କଥା କୁହେ। ଏହା ଗୋଟେ ବଡ଼ କଥା ନୁହେଁ। ଅନ୍ୟ ଭାଷା ଶିଖ, ମାତ୍ର ନିଜ ଭାଷାକୁ ବ୍ୟବହାର କର। ଭାଷା ଖାଲି କହିଲେ କି ଲେଖିଲେ ହେବନି, କଳାତ୍ମକ ବୋଧତା ଦ୍ୱାରା ମଧ୍ୟ ଭାଷାକୁ ବ୍ୟାପକ କରିପାରିବା। ବିଶ୍ୱବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ କି ବଡ଼ ସମ୍ମିଳନୀ ଆୟୋଜନ କରିବା ଅପେକ୍ଷା ଭାଷାର ବ୍ୟବହାର ପରିବାର ଓ ପ୍ରାଥମିକ ସ୍କୁଲରୁ ଆରମ୍ଭ ହେବା ଆବଶ୍ୟକ।

**-ଯତୀନ ଦାସ, ବିଶିଷ୍ଟ ଚିତ୍ରଶିଳ୍ପୀ**

## ଜାଗରଣ ସୃଷ୍ଟି କରିବ ଭାଷା ସମ୍ମିଳନୀ



ସରକାରଙ୍କ ପକ୍ଷରୁ ପ୍ରଥମଥର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ହୋଇଛି। ଏହି ସମ୍ମିଳନୀ ଓଡ଼ିଆ ଭାଷାକୁ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆଙ୍କ ପାଖେ ପହଞ୍ଚାଇବ। ବାହାରେ ରହୁଥିବା ଓଡ଼ିଆ, ଯେଉଁମାନେ ଭାଷା ପ୍ରତି ଟିକେ ଉଦାସୀନ ହୋଇ ଆସୁଥିଲେ, ସେମାନଙ୍କ ଭିତରେ ଏକ ଜାଗରଣ ସୃଷ୍ଟି କରିବ। ଅନ୍ୟ ଭାଷାର ଚାପରେ ସେମାନେ ଅନେକ ସମୟରେ ବିସ୍ମୃତ ହୋଇଯାଉଛନ୍ତି। ସେମାନେ କିଭଳି ତାଙ୍କ କର୍ମସ୍ଥଳ ଓ ପରିବାର ମଧ୍ୟରେ ଓଡ଼ିଆ ଭାଷାକୁ ବ୍ୟବହାର କରିବେ, ସେ ନେଇ ଏକ ବାର୍ତ୍ତା ଏହି ସମ୍ମିଳନୀ ଦେଉଛି। ସେହିପରି ତରୁଣ ପିଢ଼ିର ପିଲାମାନେ ମଧ୍ୟ ଅନ୍ୟ ଭାଷା ପ୍ରତି ଆକର୍ଷିତ ହେଉଥିଲେ। ଓଡ଼ିଆ ଭାଷା ଯେ ବିଶ୍ୱରେ ଏକ ସର୍ବଶ୍ରେଷ୍ଠ ଭାଷା ଓ ଆମ ଭାଷାର ଏକ ଗୁରୁତ୍ୱ ରହିଛି, ତାହା ସେମାନେ ଏହି ସମ୍ମିଳନୀରୁ ଜାଣିପାରିବେ।

**-ହୃଷୀକେଶ ମଲ୍ଲିକ, ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ**

## ସମ୍ମିଳନୀର ଉଦ୍ଦେଶ୍ୟ ଯୁବପିଢ଼ି ବୁଝିବା ଉଚିତ



ଯୁବପିଢ଼ିଙ୍କ ପାଇଁ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଏକ ବାର୍ତ୍ତା ଦେଉଛି। ଓଡ଼ିଆ ଭାଷାର ଏକ ଭବିଷ୍ୟତ ଅଛି ବୋଲି ସେମାନେ ହୃଦ୍‌ବୋଧ କରିବେ। ଓଡ଼ିଆ ଭାଷା ପଢ଼ିବେ, ଆଉ ଜାଣିବେ। ଓଡ଼ିଆ ଭାଷାରେ ଆମର ଭବିଷ୍ୟତ ଅଛି। ଏହି ସମ୍ମିଳନୀର ଉଦ୍ଦେଶ୍ୟ ଯଦି ଯୁବପିଢ଼ି ବୁଝିପାରିବେ ତା'ହେଲେ ଏହି ସମ୍ମିଳନୀ ସଫଳ ବୋଲି କୁହାଯାଇପାରିବ। ସର୍ବଭାରତୀୟ ସ୍ତରରେ ଆମେ ଆମର ଆଞ୍ଚଳିକ ପରିଚୟକୁ ଭୁଲିଗଲେ ଆମର ଆଉ କିଛି ଅସ୍ତିତ୍ୱ ରହିବ ନାହିଁ। ତେଣୁ ଆଗକୁ ଏଭଳି କାର୍ଯ୍ୟକ୍ରମ ଆହୁରି ହେବା ଆବଶ୍ୟକ।

**-ପ୍ରୀତିଶ ଆଚାର୍ଯ୍ୟ, ଐତିହାସିକ**

## ଭାଷା ସହିତ ସଂସ୍କୃତି ଓ ସଭ୍ୟତା ଯୋଡ଼ିବାକୁ ସୁନ୍ଦର ପ୍ରୟାସ



ଆଗରୁ ସରକାରୀ ସ୍ତରରେ ଭାଷା ଉପରେ ଛୋଟ ଛୋଟ ସମ୍ମିଳନୀ ଆୟୋଜନ କରାଯାଉଥିଲା। ମାତ୍ର ପ୍ରଥମଥର ଏଭଳି ଏକ ବଡ଼ ସମ୍ମିଳନୀ ଆୟୋଜନ କରାଯାଇଛି। ଭାଷା ସହିତ ସଂସ୍କୃତି ଓ ସଭ୍ୟତାକୁ ଯୋଡ଼ିବା ପାଇଁ ଏହାଏକ ସୁନ୍ଦର ସମ୍ମିଳନୀ। ଓଡ଼ିଆ ଭାଷାର କ୍ରମ ବିକାଶଠୁ ନେଇ ଆଧୁନିକ ଭାଷା, କଳା, ସଂସ୍କୃତି, ନୌବାଣିଜ୍ୟ ସମ୍ପର୍କିତ ଆଲୋଚନା ହେଉଛି। ଓଡ଼ିଆ ଭାଷାକୁ ଡିଜିଟାଇଜେଶନ କିଭଳି କରାଯାଇପାରିବ ତାହା ମଧ୍ୟ ଏହି ସମ୍ମିଳନୀରେ ବିଚାରବିମର୍ଶ କରାଯିବ। ବିଶେଷକରି ଯୁବପିଢ଼ିଙ୍କ ଉପରେ ଏହାର ପ୍ରଭାବ ପଡ଼ିବ। ବିଶ୍ୱଦରବାରରେ ମଧ୍ୟ ଭାଷାର ବ୍ୟବହାର ପାଇଁ ସଚେତନତା ବଢ଼ିବ।

**-ରାଜକିଶୋର ଦାସ, ଓଡ଼ିଆ କବି**



ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମବିଭୂଷଣ ଡକ୍ଟର ସୀତାକାନ୍ତ ମହାପାତ୍ର, ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ ଓ ପ୍ରଫେସର ଆର୍ଲୋ ଗ୍ରୀଫିଥ୍‌ସ୍‌ଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଓଡ଼ିଆ ଚଳଚ୍ଚିତ୍ରରେ ଯେତେସବୁ ପ୍ରଥମ

ସମ୍ମିଳନୀରେ 'ପ୍ରଥମତଃ- ଓଡ଼ିଆ ଚଳଚ୍ଚିତ୍ରରେ ଯେତେସବୁ ପ୍ରଥମ' ନାମକ ଏକ ପ୍ରଦର୍ଶନୀ ଓଡ଼ିଆ ଭାଷାର ଅନ୍ୟତମ ନିଦର୍ଶନ ପାଲଟିଛି। ଏଥିରେ ଓଡ଼ିଆ ଚଳଚ୍ଚିତ୍ରର ଯେତେସବୁ ପ୍ରଥମ ସେ ସମ୍ପର୍କିତ ତଥ୍ୟ ପୋଷ୍ଟର ମାଧ୍ୟମରେ ସ୍ଥାନିତ ହୋଇଛି। ମାଟିର ମଣିଷ: ୧୯୬୮ ମସିହାରେ ବିଦେଶ ବଜାରରେ ପ୍ରଥମ ପ୍ରଦର୍ଶନ, ବାବୁଲା: ପ୍ରଥମ ଓଡ଼ିଆ ଶିଶୁ ଚଳଚ୍ଚିତ୍ର, ହିସାବନିକାଶ: ପ୍ରଥମ ଓଡ଼ିଆ ସିନେମା ସ୍କୋପ୍ ଚଳଚ୍ଚିତ୍ର, ସଂସାର: ପ୍ରଥମ ପ୍ରମୋଦକର ମୁକ୍ତ ଚଳଚ୍ଚିତ୍ର, ଦସ୍ୟୁ ରତ୍ନାକର: ପ୍ରଥମ ଆଂଶିକ ଚଳଚ୍ଚିତ୍ର, ଭୂଖା: ପ୍ରଥମ ସମ୍ବଲପୁରୀ ଚଳଚ୍ଚିତ୍ର, ଇନ୍ଦ୍ରଧନୁ ଛାଇ: ପ୍ରଥମ ଓ ଏକମାତ୍ର ଆନୁଷ୍ଠାନିକ ଓଡ଼ିଆ ଚଳଚ୍ଚିତ୍ର ଯାହା କାନ୍‌ସ ଫେଷ୍ଟିଭାଲରେ ପ୍ରଦର୍ଶନ, ଗପ ହେଲେ ବି ସତ: ସମ୍ପୂର୍ଣ୍ଣ ରଙ୍ଗୀନ ଚଳଚ୍ଚିତ୍ର, ତୁଳସୀ ଅପା: ପ୍ରଥମ ଜୀବନୀ ବୃତ୍ତାନ୍ତ ଚଳଚ୍ଚିତ୍ର, ଚକ୍‌ଲେଟ: ପ୍ରଥମ ଡିଜିଟାଲ ଚଳଚ୍ଚିତ୍ର ଆଦି ସଂକ୍ରାନ୍ତରେ ତଥ୍ୟ ଦିଆଯାଇଛି।



## ଓଡ଼ିଆ ଅକ୍ଷର-ଶବ୍ଦର ଖେଳ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷା ପ୍ରତି ଆକୃଷ୍ଟ କରିବା ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ବିଭିନ୍ନ ପ୍ରତିଯୋଗିତା ଓ କୌତୂହଳପୂର୍ଣ୍ଣ ଖେଳର ଆୟୋଜନ କରାଯାଇଛି। ଏଥିରେ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସହ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟ ଅଂଶଗ୍ରହଣ କରିଛନ୍ତି। ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଶେଖରପୁର ଡିଏଭି, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ୟୁନିଟ୍-୮, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ୟୁନିଟ୍-୯ର ୨୦୦ ଛାତ୍ରୀଛାତ୍ର ସେମାନଙ୍କ ଶିକ୍ଷକଙ୍କ ସହ ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ଆକର୍ଷଣୀୟ ଖେଳ ଓ ପ୍ରତିଯୋଗିତା ମଧ୍ୟରୁ ଓଡ଼ିଆ ଅକ୍ଷର-ଶବ୍ଦ ଖେଳ ନିକଟରେ ଛାତ୍ରୀଛାତ୍ରଙ୍କ ଅଧିକ ଭିଡ଼ ଦେଖିବାକୁ ମିଳିଛି। ଗୋଟିଏ ଓଡ଼ିଆ ଅକ୍ଷରକୁ ନେଇ କିଏ ସର୍ବାଧିକ ଶବ୍ଦ କହିପାରୁଛି, ସେ ନେଇ ହୋଇଥିବା ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କୁ ଖୁବ୍ ଆକର୍ଷିତ କରୁଛି। ଏହାସହ ସୁଲେଖନୀ(କାଲିଗ୍ରାଫି) ମାଧ୍ୟମରେ ଛାତ୍ରୀଛାତ୍ର ସେମାନଙ୍କ ନାମକୁ ସୁନ୍ଦର ଭାବରେ ଓଡ଼ିଆ ଭାଷାରେ ଲେଖାଉଛନ୍ତି । ଓଡ଼ିଆ ଭାଷାରେ ଟାଟୁ ବା ଚିତାକୁଟା କଳା କରିବାର ଆୟୋଜନ କରାଯାଇଛି। ସେହିପରି ଓଡ଼ିଆ ଭାଷା ଓ ଓଡ଼ିଆ ସଂସ୍କୃତିକୁ ନେଇ ପ୍ରାୟ ୧୮ରୁ ଅଧିକ ପୋଷ୍ଟକାର୍ଡ ପ୍ରଦର୍ଶନ କରାଯାଇଛି। ସେହି ପୋଷ୍ଟକାର୍ଡରେ ଛାତ୍ରୀଛାତ୍ର ଓଡ଼ିଆ ଭାଷାରେ ଚିଠି ଲେଖି ପୋଷ୍ଟ କରୁଛନ୍ତି।



## ବିଦେଶୀଙ୍କ ମୁହଁରୁ ଓଡ଼ିଆ ଅଭିଭାଷଣ ଆକର୍ଷିତ କଲା

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଘାଟନ ଅବସରରେ ଅନ୍ତର୍ଜାତୀୟ ବୈଦିକ ଭାଷା ବିଜ୍ଞାନର ପ୍ରଫେସର ଆର୍ଲୋ ଗ୍ରୀଫିଥ୍‌ସ୍ ଅତିଥି ଭାବେ ଯୋଗଦେଇଥିଲେ। ସେ ଓଡ଼ିଆରେ ତାଙ୍କ ଅଭିଭାଷଣ ରଖିଥିଲେ। ଜଣେ ବିଦେଶୀଙ୍କ ମୁହଁରୁ ଓଡ଼ିଆ ଶୁଣି ଉପସ୍ଥିତ ଦର୍ଶକ ଖୁସିରେ ତାଳି ମାରିଥିଲେ। ବିଦେଶୀ ଉଚ୍ଚାରଣରେ ସ୍ୱଷ୍ଟ ଓ ସୁନ୍ଦର ଓଡ଼ିଆ କଥା ସମସ୍ତଙ୍କୁ ଆକର୍ଷିତ କରିଥିଲା। ସଭାରେ ଓଡ଼ିଆ ଭାଷାକୁ କିଭଳି ଜାଣିଲେ ଓ ଶିଖିଲେ ବୋଲି ପଚାରିବାରୁ ସେ କହିଥିଲେ, ଗୋଟିଏ ଭାଷାକୁ ଜାଣିବାକୁ ଇଚ୍ଛା କଲେ, ସେହି ଭାଷାକୁ ଶିଖିପାରିବ ଓ ବ୍ୟବହାର କରିପାରିବ। ମୁଁ ଓଡ଼ିଆ ଭାଷା କହିପାରୁଛି, ଓଡ଼ିଶାର ସଂସ୍କୃତିକୁ ଜାଣିପାରୁଛି। କାରଣ ମୋର ବ୍ୟକ୍ତିଗତ ଇଚ୍ଛା ଥିଲା। ଓଡ଼ିଶା ସହିତ ମୋର ୨୫ବର୍ଷର ସମ୍ପର୍କ। ମୁଁ ଓଡ଼ିଶାକୁ ଗବେଷଣା କରିବା ପାଇଁ ଆସିଥିଲି। ତାଳପତ୍ର ପୋଥି ଉପରେ ଗବେଷଣା କରିବା ସମୟରେ ମୁଁ ଓଡ଼ିଶାର ସଂସ୍କୃତିକୁ ଜାଣିପାରିଥିଲି। ଓଡ଼ିଶାରେ ମୋର ବହୁତ ଖୁସିର ମୁହୂର୍ତ୍ତ ରହିଛି। ଓଡ଼ିଶାର ଅନେକ ଲୋକଙ୍କ ସହ ମିଶିଛି। ଏଠାକାର ଲୋକମାନେ ମୋର ପରିବାର ଭଳି ବୋଲି ସେ କହିଥିଲେ।



## ସମ୍ମିଳନୀ ପରିସରରେ ପ୍ରଦର୍ଶିତ ଓଡ଼ିଆ ଭାଷାର ପୁରୁଣା ପ୍ରିଣ୍ଟିଂ ମେଶିନ।



## ସଂକ୍ଷେପରେ

### ତହସିଲ କାର୍ଯ୍ୟାଳୟ ମରାମତିରେ ଅନିୟମିତତା

**ଦେଓଗାଁ, ୩।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ତହସିଲ କାର୍ଯ୍ୟାଳୟରେ ମରାମତି ନାଁରେ ଲୁଟ୍ ଚାଲିଥିବା ଅଭିଯୋଗ ହେଉଛି। ତହସିଲ କାର୍ଯ୍ୟାଳୟର ମରାମତି ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଆବଣ୍ଟିତ ହୋଇଛି। ହେଲେ ତାହା ଠିକାଦାର ପୋଷା ନୀତିରେ ଆରଡି ବିଭାଗ ଜାଣତରେ ହରିଲୁଟ ଚାଲିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନାମତେ ତହସିଲ କାର୍ଯ୍ୟାଳୟକୁ ଛଅ ମାସ ତଳେ ମରାମତି ଓ କଲରିଂ କରାଯାଇଥିଲା । ହେଲେ ପୁଣି ସେହି ତହସିଲ ଅଫିସକୁ ଆଉଥରେ ମରାମତି ଓ କଲରିଂ କାମ ଆରମ୍ଭ ହୋଇଛି । ଲାଗିଥିବା ଝରକା ଓ କାଚ କବାଟଗୁଡିକର କେବଳ ଫ୍ରେମ ବଦଳାଇ ସେହି କାଚକୁ ନୂଆଁ ଫ୍ରେମରେ ଲଗାଉଥିବା ଦେଖିବାକୁ ମିଳିଛି । ତହସିଲ କର୍ମଚାରୀ ବିରୋଧ କରୁଥିଲେ ମଧ୍ୟ ଠିକାଦାର କିଛି ନ ଶୁଣି ନିଜ ମର୍ଜିରେ କାମ କରୁଛନ୍ତି । ତେଣୁ କାମର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ବିଭାଗୀୟ ଜେଇ ମୁକୁନ୍ଦ କିଷାନଙ୍କୁ ପଚାରିବାରୁ ଭାଙ୍ଗି ଯାଇଥିବା ସ୍ଥାନଗୁଡିକୁ ମରାମତି କରିବା କଥା ଏବଂ ଝରକା କବାଟ ସମ୍ପୂର୍ଣ୍ଣ ନୂଆ ହେବା କଥା। ତେବେ ଘଟଣାସ୍ଥଳକୁ ଯାଇ ତଦାରଖ କରିବି ବୋଲି କହିଥିଲେ ।

### ପ୍ରକଳ୍ପ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲୋଇସିଂହା,୩।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢ଼ୀପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜ୍ୟୋତ୍ସ୍ନା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି, କୁଶଙ୍ଗ କଲେଜ ଅଧ୍ୟକ୍ଷ ପରମେଶ୍ୱର ସିଂ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଯୋଗେଶ୍ୱର ନନ୍ଦ, ନେତ୍ରାନନ୍ଦ ବେହେରା ମହାବୀର ପଧାନ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ସିଂ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଛାତ୍ରୀଛାତ୍ର ଭଦ୍ର ଓ ନମ୍ର ହୁଅନ୍ତୁ। ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଗଠନ ପାଇଁ ଅଭିଭାବକ ଏବଂ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ବେହେରା ସ୍କୁଲର ଅସମ୍ପର୍ଣ୍ଣ କୋଠା କାମ ସାରିବା ପାଇଁ ଅନୁଦାନର ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ୩ ଜଣ ସ୍ୱତନ୍ତ୍ର ଅତିଥି ଏବଂ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ମୋନାଲିକା ପଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

### ପାଟଣେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ମୁରିବାହାଲ,୩।୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଲେବଡା ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ କିଶୋର ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱନ୍ତ୍ ଅନୁଷ୍ଠିତ ବଉତ୍ସବ ରେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ହଂସରାଜ ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଡିଆରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ, ପୂର୍ବତନ ପ୍ରଧାନଶିକ୍ଷକ ରଞ୍ଜିତ ସାହୁ, ଲେବଡା ସରପଞ୍ଚ ଦମୟନ୍ତୀ ହାତୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ଼ମ୍ବରୁଧର ମାଝି, ସିଆରସିସି ପଦ୍ମଲୋଚନ ତାଣ୍ଡି ଉପସ୍ଥିତ ଥିଲେ। ମୁଖ୍ୟବକ୍ତାଭାବେ ବିଜେପୁର ସରକାରୀ ହାଇସ୍କୁଲ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦାସ ଯୋଗଦେଇ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତା ମନୋଭାବ ନେଇ ଆଗକୁ ବଢନ୍ତୁ ବୋଲି କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ବଲାଙ୍ଗୀର ଜିଲାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ‘ଓଡ଼ିଆ ଭାଷାରେ ରହିଛି ଓଡ଼ିଆଙ୍କ ପରିଚୟ’

**ବଲାଙ୍ଗୀର,୩।୨(ବୀରେନ୍ଦ୍ର କୁମାର ଝାଙ୍କର)**

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ବଲାଙ୍ଗୀର ଜିଲାରେ ସାରସ୍ୱତ ଏବଂ ସ୍ମରଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ବୈଠକ ଗୃହରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ଉପସ୍ଥିତିରେ ସମସ୍ତ ପଦାଧିକାରୀ ଓ କର୍ମଚାରୀ ସମୂହ ଭାବେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଲମ୍ବୋଧର ଧାରୁଆ ଓ ମହେନ୍ଦ୍ର ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ତଥା ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ପରିଷଦ କାର୍ଯ୍ୟାଳୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ମ୍ୟୁନିସିପାଲିଟି ଅଫିସରେ ପୌରାଧ୍ୟକ୍ଷା ଲିକା ସାହୁ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ବକ୍ତବ୍ୟ ରଖି ପୌରାଧ୍ୟକ୍ଷା ସାହୁ ଏଇ ଭାଷା ସମ୍ମିଳନୀ ବିଶ୍ୱସ୍ତରରେ ଓଡିଆଙ୍କୁ ଓଡ଼ିଶା ସହ ଯୋଡିବ ଏବଂ ଓଡିଆ ସଂସ୍କୃତିକୁ ଉଜାଗର କରିବାରେ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ଓଡିଆ ଭାଷାର ପ୍ରଚାରପ୍ରସାର ଏବଂ ଭାଷା ସମ୍ମିଳନୀର ବାର୍ତ୍ତା ପହଞ୍ଚାଇବାକୁ ସେ ଭାଷା ସମ୍ମିଳନୀ ରଥର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ପୁଇଁତଲା ବ୍ଲକ୍ ଅଫିସ ପରିସରରେ ଅନୁଷ୍ଠିତ ସମାରୋହରେ ବିଡିଓ ଅମରେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଚେୟାରମ୍ୟାନ୍ ସରୋଜ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ଶିବଦତ୍ତ ମିଶ୍ର, କୁମରମଣି ସେଠ୍ ଓ ହିମାଂଶୁ ମିଶ୍ର ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଓଡିଆ ଭାଷାର ସମୃଦ୍ଧି ପାଇଁ କାର୍ଯ୍ୟ କରିଥିବା କବି ଅଧ୍ୟାପକ ନବୀନ ବିଶ୍ୱବନ୍ଧୁ, ଲୋକ କଳାକାର ଓ କବି ଦିଲୀପ ଦୀପ, ଗ୍ରନ୍ଥକାର ତଥା ବ୍ଲକ୍ ପ୍ରକଳ୍ପ ସଂଯୋଜକ ରାଜେଶ ଝାଙ୍କର ଓ କବି ଅନୀଲ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିପିଏମ ଦୁର୍ଗାପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବକ୍ତବ୍ୟ ରଖି ଅଧ୍ୟାପକ ବିଶ୍ୱବନ୍ଧୁ କହିଥିଲେ ଯେ, ଓଡିଆ ଭାଷା ହିଁ ଓଡିଆଙ୍କ ପରିଚୟ। ସାଂସ୍କୃତିକ, ସାମାଜିକ ସ୍ୱାତନ୍ତ୍ରତାକୁ ବଜାୟ ରଖିବାକୁ ହେଲେ ଓଡିଆ ଭାଷା ପ୍ରୀତି ସହ ଓଡିଆ ଭାଷାର ସୁରକ୍ଷା ଓ ଆଞ୍ଚଳିକ ଭାଷାର ଗୁରୁତ୍ୱକୁ ଉପଲବ୍ଧ କରିବାକୁ ହେବ ବୋଲି ସେ କହିଥିଲେ।





ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ରଥକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି(ବାମ)। ପୁଇଁତଲା ବ୍ଲକ୍ ପରିସରରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅବସରରେ ମଞ୍ଚାସୀନ ଅତିଥି ଓ ଆଲୋଚକ।

**ଟିଟିଲାଗଡ,(ଶରତ ମିଶ୍ର):** ଟିଟିଲାଗଡ଼ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ସମାରୋହରେ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ ଭାଷା, ଜଗନ୍ନାଥ ସଂସ୍କୃତି ବିଶ୍ୱରେ ଆମର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ଉପଜିଲାପାଳ ରେହାନ କ୍ଷେତ୍ରୀ, ସାହିତ୍ୟିକ ତଥା ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଘନଶ୍ୟାମ ଜୈନ, ଡ଼. ଯୁଗଳ କିଶୋର ଷଡ଼ଙ୍ଗୀ, ଭିକାରି ଚରଣ ମିଶ୍ର, ଜ୍ୟୋତିପ୍ରକାଶ ଗଡତିଆ ଯୋଗଦେଇ ରାଜ୍ୟରେ ଓଡ଼ିଆ ଭାଷା ପ୍ରଚଳନକୁ କଡାକଡି ପାଳନ କରିବା ଉପରେ ଯୋର ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ ମଞ୍ଚାସୀନ ଥିଲେ। ଅଧ୍ୟାପିକା ବନ୍ଦନା କର ସଭା ପରିଚାଳନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ମଞ୍ଚାସୀନ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରିବା ସହ କୃତୀ ପ୍ରତିଯୋଗୀଙ୍କ ପୁରସ୍କୃତ କରିଥିଲେ।

**କଣ୍ଟାବାଞ୍ଜି(ଗୁରୁଦୟାଲ ହଂସ):** କଣ୍ଟାବାଞ୍ଜି ସ୍ନାତକ ମହିଳା ମହାବିଦ୍ୟାଳୟରେ ଅଧକ୍ଷ୍ୟ ରାଜେନ୍ଦ୍ର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଯୁଧିଷ୍ଠିର ବେହେରା ଓଡ଼ିଆ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ସୋମନାଥ ମେହେର ସଭା ପରିଚାଳନା କରିଥିଲେ।

**ମୁରିବାହାଲ(ଶ୍ରୀବତ୍ସ ବେହେରା):** ମୁରିବାହାଲ ବ୍ଲକରେ ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଜିଲା ପରିଷଦ ଉପାଧକ୍ଷ ମିଥିଳା ମାଝି, ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ, ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଭୋଇ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ଘନଶ୍ୟାମ ଖମାରୀ ଉପସ୍ଥିତ ରହି ଓଡ଼ିଶା ଭାଷା ସାରା ବିଶ୍ୱରେ ପରିଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ଦିଲ୍ଲୀପ କୁମାର ପଶାୟତ ଯୋଗଦେଇ ଭାଷା ସଂସ୍କୃତି, ଐତିହ, ପରମ୍ପରା ବଞ୍ଚାଇବା ପ୍ରତି ଓଡ଼ିଆର କର୍ତ୍ତବ୍ୟ ବୋଲି କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଭଷା ସମ୍ବନ୍ଧୀୟ କୋଶଲି କବିତା ପାଠରେ ଥବିର ସା, ଗୋପୀନାଥ ମେହେର, ମନୋହର ବାଗ, ସୁଭଦ୍ରା ମହାକୁର, ହୃଦାନନ୍ଦ ରଣା, ତପସ୍ୱିନୀ ଦୀପ ସ୍ୱରଚିତ କବିତା ପଠା କରିଥିଲେ । ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିପିଏମ ଗୋପାଳକୃଷ୍ଣ ଦୀପ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ସଫଳ ସମାପନରେ ବିଏସ୍ଏସ୍‌ଓ,ରିଙ୍କୁ ମେହେର, ଜିପିଓ ଏନ.ଜେ. ଥିଓଫିଲ, ହରିହର ବାଗ, ପିଏ ଆଦିତ୍ୟ ପ୍ରସାଦ ହୋତା, ସୌମ୍ୟରଞ୍ଜନ ଦେହୁରୀ ସହଯୋଗ କରିଥିଲେ।

**ଲାଠୋର(ଭୁବନେଶ୍ୱର ବାରିକ):** ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଜପସ୍ୱିନି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ଆ ସାହିତ୍ୟ ଭାଷା ଉପରେ ବକ୍ତବ୍ୟ ରଖି ଯମୁନା ରଣା, ମହାରଥୀ ରଣା ଏବଂ ପ୍ରମିଳା ଭୋଇ ଅତିଥିଙ୍କ ଦ୍ୱାରା ସମ୍ମାନୀତ ହୋଇଥିଲେ।

**ଦେଓଗାଁ(କୃଷ୍ଣପ୍ରସାଦ ପାଣିଗ୍ରାହୀ):** ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱ ଓ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ଏବିଡିଓ ପୁଷ୍ପାଞ୍ଜଳି ନାଏକ, ଏବିଇଓ ଅଜିତ କୁମାର ମିଶ୍ର ଯୋଗଦେଇଥିଲେ। ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ସମସ୍ତେ ଚେଷ୍ଟିତ ହେବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସାହିତ୍ୟିକ ଶ୍ୟାମସୁନ୍ଦର ଦାସ, ଦଶରଥ ସାମଲ, ଉମାଶଙ୍କର ସିଂ, ଏବିଇଓ ମିଶ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

**ଖପ୍ରାଖୋଲ(ଅଭୟ ତ୍ରିପାଠୀ):** ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ବିଡିଓ ବିଜୟ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି ସହକାରୀ ଯନ୍ତ୍ରୀ କୁଳମଣି ଭୋଇ, ଜିପିଓ ପରମେଶର ନାଏକ ଯୋଗଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ କବି ଧରମ ସିଂ ଧରୁଆ ଓ ଅଭୟ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେକ୍ସନ ଅଫିସର ବ୍ରଜବନ୍ଧୁ ଠାକୁର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ରାମାନନ୍ଦ ବେହେରା ଉପସ୍ଥିତ ଥିଲେ। ଧଣ୍ଡାମୁଣ୍ଡା ପଞ୍ଚାୟତରେ ସରପଞ୍ଚ ବୈଦ୍ୟନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

**ବେଲପଡା(ମନୋଜ କୁମାର ମିଶ୍ର):** ବେଲପଡା ବ୍ଲକରେ ବିଡ଼ିଓ ରାଜେଶ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧକ୍ଷା ଟିନା କୁମ୍ଭାର, ସାହିତ୍ୟିକ ଡ଼.ଗୋବର୍ଦ୍ଧନ ନାୟକ, ଶିକ୍ଷାବିତ୍ ଗୀତାଞ୍ଜଳୀ ନାୟକ, ନିରଞ୍ଜନ ବେହେରା, ହରେକୃଷ୍ଣ ବାରିକ ଯୋଗଦେଇଥିଲେ। ଏବିଡିଓ ସୁରଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାମଜୁରି ସ୍କୁଲ ପ୍ରଧାନଶିକ୍ଷକ ଯୁବରାଜ ବିଭାରଙ୍କ ସହ ୨୫ କବୟିତ୍ରୀକବି ଓ ଆଦର୍ଶ ଶିକ୍ଷକଙ୍କୁ ସମ୍ମାନୀତ କରାଯାଇଥିଲା।



ବେଲପଡାରେ ଆଦର୍ଶ ଶିକ୍ଷକ ଯୁବରାଜ ବିଭାରଙ୍କୁ ସମ୍ମାନିତ କରାଯାଉଛି।



ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ସାହିତ୍ୟିକ ଶ୍ୟାମସୁନ୍ଦର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ଖପ୍ରାଖୋଲ ବ୍ଲକ ପ୍ରଶାସନ ପକ୍ଷରୁ କବି ଧରମ ସିଂ ଧରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ



ଅତିଥିଙ୍କ ଗହଣରେ କବିତା ପାଠୋତ୍ସବରେ ସମବେତ ମହିଳା।

**ଲୋଇସିଂହା,୩।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମିଶନ ଶକ୍ତି ସଭାଗୃହରେ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ଯୁଧିଷ୍ଠିର ମେହେର ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। କବି ସମ୍ମିଳନୀକୁ ସିଡିପିଓ ଗାୟତ୍ରୀ ବାରିକ ଅଧ୍ୟକ୍ଷତା କରିଥିଲେ। ବିଡିଓ ମେହେର ମୁଖ୍ୟଅତିଥି, ବିଏଲଏଫ ରଶ୍ମୀତା ସିଂଦେଓ,ବିପିଏମ ମଧୁସ୍ମିତା ବିଶ୍ୱାଳ ସମ୍ମାନୀତ ଅତିଥି, ଶିକ୍ଷକ ଶିକ୍ଷକ ସୌମ୍ୟରଞ୍ଜନ ଦାଶ ବିଚାରକ ଭାବେ ଯୋଗଦେଇଥିଲେ । ଓଡିଆ କବି ସମ୍ମିଳନୀରେ ସ୍ୱୟଂସହାୟିକା ଗୋଷ୍ଠୀ ୩୦ ଜଣ ମା’ କବିତା ପାଠ କରିଥିଲେ। ମିଶନ ଶକ୍ତି ଉପରେ କବିତା ପାଠ କରିଥିବା କେଉଁଟିପାଲିର ଶାନ୍ତିଲତା କହିଣ୍ଡା ପ୍ରଥମ, ମାଟିକୁ ନେଇ କବିତା ପାଠ କରିଥିବା ଯୋଗୀସର୍ଡାର ଗୀତାଞ୍ଜଳି ପଧାନ ଦ୍ୱିତୀୟ, ନାରୀ ଉପରେ କବିତା ପାଠ କରିଥିବା ଝାରମୁଣ୍ଡାର ବବିତା ସାହୁ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। ବିପିଏଲ ସ୍ୱର୍ଣ୍ଣପ୍ରଭା ନାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

**ଟିଟିଲାଗଡ଼, ୩।୨(ଶରତ ମିଶ୍ର)**

ଟିଟିଲାଗଡ଼ ଥାନା ଅନ୍ତର୍ଗତ ନାନାଝେର ଗ୍ରାମର ଜଣେ ଯୁବକ ନିଜ ଘରେ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର କିରଣ ଭୋଇ। ଶନିବାର ତାଙ୍କ ସ୍ତ୍ରୀ ଏବଂ ଦୁଇ ସନ୍ତାନ ଘରେ ନ ଥିବାବେଳେ କିରଣ ଘରେ ଏକୁଟିଆ ଥିଲେ। ଅପରାହ୍ନରେ ଘର ଦ୍ୱାର ନଖୋଲିବାରୁ ପଡୋଶୀ ପୋଲିସକୁ ଖବର ଦେଇଥିଲେ। ମାଇକ୍ରୋ ଫାଇନାନ୍ସ ଋଣ ନେଇ ମାନସିକ ନିର୍ଯାତନା କାରଣରୁ ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଭାରପ୍ରାପ୍ତ ମାଜିଷ୍ଟ୍ରେଟ ସୁଭାଶିଷ ଶତପଥିଙ୍କ ସମ୍ମୁଖରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର ହୋଇଛି । ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ଅବନୀ ସାହୁ କହିଛନ୍ତି।

## କେନ୍ଦୁପତ୍ର ତୋଳାଳି ସମାବେଶ

**ବେଲପଡ଼ା, ୩।୨(ମନୋଜ କୁମାର ମିଶ୍ର)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପାଟଣାଗଡ ଡିଭିଜନ ପକ୍ଷରୁ ବେଲପଡା ହାଇସ୍କୁଲ ଖେଳ ପଡ଼ିଆରେ ଏକ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଛା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପ୍ରତାପ ମେହେର, ଆଲୋକ ପାଣିଗ୍ରାହୀ, ବିଞ୍ଝାଲୁ ସାହୁ ମଞ୍ଚାସୀନ ଥିଲେ। କେନ୍ଦୁପତ୍ରରୁ ଜିଏସ୍‌ଟି ଛାଡ଼ ନ କରିବାକୁ ନେଇ ସମ୍ପାଦକ ପରିଛା କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**ଲୋଇସିଂହା,୩।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ଧର୍ମପରାୟଣ ମହିଳା ପେମେଇ ବାରିକ(୭୩)ଙ୍କ ଶନିବାର ପରଲୋକ ହୋଇଯାଇଛି ।



ମୃତ୍ୟୁଶଯ୍ୟା ନିକଟରେ ବଡଭାଇ ବିଶ୍ୱାମିତ୍ର ବାରିକ ଓ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ପୈତୃକ ଜମିରେ ଅନ୍ତିମ ସତ୍କାର କରାଯାଇଥିଲା। ସୁଶାନ୍ତ ବାରିକ ମୁଖାଗ୍ନି ଦେଇଥିଲେ । ଅବିବାହିତା ଥିବା ପେମେଇଙ୍କର ଗାଁର ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ସମ୍ପୃକ୍ତି ଥିଲା। ବୟସାଧିକ କାରଣରୁ କିଛିଦିନ ହେଲା ସେ ଶଯ୍ୟାଶାୟୀ ଥିଲେ।

## ଶିକ୍ଷା ଅଧିକାର, ସ୍ୱାସ୍ଥ୍ୟଗତ ଯତ୍ନକୁ ଗୁରୁତ୍ୱ

**ଲାଠୋର, ୩।୨(ଭୁବନେଶ୍ୱର ବାରିକ)**

### କରୁଆଁଝରରେ କିଶୋରୀ ମେଳା

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅନ୍ତର୍ଗତ ମସିଣା ଅଙ୍ଗନୱାଡ଼ି କେନ୍ଦ୍ରରେ ଶନିବାର କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି । ମହିଳା ଓ ଶିଶୁ ବିକାଶ ବିଭାଗ ଲାଠୋର କ୍ଷେତ୍ର ପରିଦର୍ଶିକା ଅଞ୍ଜଳି ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ୱାର୍ଡସଭ୍ୟ ଟଙ୍କ ନାଗ, ଗ୍ରାମ୍ୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପଞ୍ଚୁ କୁମ୍ଭାର, ସହକାରୀ ଶିକ୍ଷକ ଯଶୋବନ୍ତ ତାଣ୍ଡି ଯୋଗ ଦେଇଥିଲେ । ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଯୋଗ ଦେଇଥିବା ୬୦ଜଣ କିଶୋରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ବାଲ୍ୟ ବିବାହ, ଶିକ୍ଷା ଅଧିକାର ଏବଂ ସ୍ୱାସ୍ଥ୍ୟଗତ ଯତ୍ନ ଉପରେ ଅତିଥିମାନେ ସୂଚନା ଦେଇଥିଲେ। ପରେ ବାଳିକାମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ନୃତ୍ୟ, ମ୍ୟୁଜିକ ଚେୟାର ଓ ପୁଚିଖେଳ ଆୟୋଜନ କରାଯାଇଥିଲା। ଏଥିରେ ଭାଗନେଇ ନୃତ୍ୟରେ ରିନା ବନଛୋର ପ୍ରଥମ, ଅଙ୍କିତା ମଲ୍ଲିକ ଦ୍ୱିତୀୟ, ମଞ୍ଜୁଲତା ନାଗ ତୃତୀୟ ହୋଇଥିଲେ। ମ୍ୟୁଜିକ ଚେୟାରରେ ମଞ୍ଜୁଲତା ନାଗ ପ୍ରଥମ, ଡାଳିମ୍ବ ନାଗ ଦ୍ୱିତୀୟ ଏବଂ ଆସମତି ଗଏତା ତୃତୀୟ ହୋଇଥିଲେ। ପୁଚିରେ ମଞ୍ଜୁଲତା ନାଗ, ହୀରା ଗଏତା, ଜ୍ୟୋତ୍ସ୍ନା ବାରିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

## ଜୟଜଗନ୍ନାଥ ଫୁଟବଲ: ଘୁଷୁରାମୁଣ୍ଡା ଚାମ୍ପିୟନ

**ମୁରିବାହାଲ,୩।୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଚଲକି ଜେ.ଜେ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଚଲକି ହାଇସ୍କୁଲ ଖେଳ ପଡିଆରେ ଫାଇନାଲ ଖେଳ ଚଲକି ଓ ଘୁଷୁରାମୁଣ୍ଡା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଶେଷରେ ଟାଇବ୍ରେକରେ ଚଲକିକୁ ୪-୩ଗୋଲରେ ହରାଇ ରେଘୁଷୁରାମୁଣ୍ଡା ବିଜୟୀ ହୋଇ ଟ୍ରଫି ହାସଲ କରିଥିଲା। ଆୟୋଜିତ ପୁରଷ୍କାର ବିତରଣ ସଭାରେ ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟ କମିଟି ସଭାପତି ହୀରାଲାଲ ଜୈନ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ଯୋଗଦେଇ ବିଜେତା ଘୁଷୁରାମୁଣ୍ଡା ଟ୍ରଫି ନଗଦ ୭ ହଜାର ଓ ଉପବିଜେତା ଦଳ ଚଲକିକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳି ଦୀପକ ବାଗ, ଶ୍ରେଷ୍ଠ ଗୋଲକିପରି ପିଣ୍ଟୁ ବାଗ, ଶ୍ରେଷ୍ଠ ଡିଫେନ୍ସ ଦେବାଶିଷ ସାହୁ, ପ୍ଲେୟାର ଅଫ ଦ ମ୍ୟାଚ ହିମାଂଶୁ ସାହୁ ବିବେଚିତ ହୋଇଥିଲେ। ସମ୍ମାନୀତ ଅତିଥି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷ ନିରୂପମା ମାଝି, ଧରିତ୍ରୀ ଖବରଦାତା ତଥା ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ନିର୍ବାହୀ ଅଧିକାରୀ ମିଳନ ରାଜପଲିଆ, ଭାସ୍କର ସାହୁ, କ୍ରୀଡାବିତ ସିଦ୍ଧେଶ୍ୱର ଦାସ, ଯୁଧିଷ୍ଠିର ପୁଟେଲ, ପିଙ୍କି ଖର୍ସେଲ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ସମ୍ପାଦକ ସତ୍ୟବ୍ରତ ଭୋଇ, କୋଷାଧକ୍ଷ ପ୍ରଶାନ୍ତ ଭୋଇ, ରାଜେଶ ବେହେରା ହିରନ ପାତ୍ର, ବିଶ୍ୱନାଥ ନାହକ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଚାଷୀଙ୍କ ପକ୍ଷରୁ ୮ ଦଫା ଦାବିପତ୍ର ପ୍ରଦାନ

ତରଭା,୩।୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଞ୍ଚଳର ଚାଷୀଙ୍କ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷୀମାନେ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟରେ ଏକତ୍ରିତ ହୋଇ ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ତରଭା ମୁଖ୍ୟରାସ୍ତା ଦେଇ ବ୍ଲକ ସମ୍ମୁଖରେ ପହଞ୍ଚିବା ପରେ ତରଭା ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀ ନେତା ମିତ୍ରବ୍ରତ ମିଶ୍ରଙ୍କ ନେତୃତ୍ୱରେ ଭବାନୀଶଙ୍କର ମିଶ୍ର, ଭୋଳା ବର୍ମା, ଶିବପ୍ରସାଦ କୁଅଁର, ପ୍ରକାଶ ହରିପାଳ, ଗୋବର୍ଦ୍ଧନ ମିଶ୍ର, ବିଶ୍ୱମ୍ଭର ନାଏକ, ଧର୍ମେନ୍ଦ୍ର ଗୁରୁ, ବୈକୁଣ୍ଠ ଶତପଥୀ, ହାରଧାନ ବାରତା, ସୋମନାଥ ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ଶୋଭାଯାତ୍ରାରେ ସାମିଲ ଥିଲେ । ଦାବିଗୁଡ଼ିକ ମଧ୍ୟରେ ଛତିଶଗଡ ଭଳି ଧାନ କୁଇଣ୍ଟାଲ ପ୍ରତି ୯୧୬ ଟଙ୍କା ବୋନସ ଓଡ଼ିଶାର ଚାଷୀମାନଙ୍କୁ ଦେବା, ଧାନର ସହାୟକ ମୂଲ୍ୟ ୩୫୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି, ଉଠା ଜଳସେଚନ ପ୍ରକଳ୍ପ ଏବଂ ଗଭୀର ନଳକୂପ ପ୍ରକଳ୍ପର ବିଦ୍ୟୁତ୍ ଦେୟ ମାଗଣା, ପ୍ରତ୍ୟେକ ଜମିକୁ ଗୋଟିଏ ଫସଲର କଳସେଚନ ନିଶ୍ଚିତ କରାଯିବା, ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଚାଷୀ ପଞ୍ଚାୟତ ଗଠନ, ସମସ୍ତ କୃଷି ଋଣ ଛାଡ, ଚାଷୀଙ୍କ ପିଲାଙ୍କ ପାଇଁ ସମସ୍ତ ଶିକ୍ଷା ଦେୟମୁକ୍ତ କରାଯିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି ।

### ପଞ୍ଚାୟତସ୍ତରୀୟ କିଶୋରୀ ମେଳା

ବୌଦ୍ଧ,୩।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁର ଗ୍ରାମ ପଞ୍ଚାତରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଶନିବାର ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ମେଳାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତର ସରପଞ୍ଚ ଚନ୍ଦନା ବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସିଡିପିଓ ଦିପ୍ତୀମୟୀ ପାତ୍ର, ଭୁବନେଶ୍ୱର ସେଠୀ, ଭାନୁମତୀ ଦାଶ ଯୋଗ ଦେଇଥିଲେ । ମେଳାରେ କିଶୋରୀମାନଙ୍କ ଉଚ୍ଚତା, ଓଜନ ମାପ କରାଯିବା ସହିତ ହେମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା । ଏଥିରେ ୧୫ରୁ ୧୯ ବର୍ଷର କିଶୋରୀମାନଙ୍କୁ ନେଇ ନାଚ, ଗୀତ, ମ୍ୟୁଜିକ ଚେୟାର ଓ ପୁଚିଖେଳ ଅନୁଷ୍ଠିତ ହୋଇଥିଲା । ଶେଷରେ କୃତି କିଶୋରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମସ୍ତ ଅଙ୍ଗନୱାଡି ଓ ଆଶାକର୍ମୀ ସହଯୋଗ କରିଥିଲେ ।

### ଜଷ୍ଟିସ ସାବିତ୍ରୀ ରଥଙ୍କ ବୌଦ୍ଧ କୋର୍ଟ ପରିଦର୍ଶନ



ବୌଦ୍ଧ,୩।୨(ଅଜିତ କୁମାର ବାରିକ )

ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ସାବିତ୍ରୀ ରଥ ଶନିବାର ସନ୍ଧ୍ୟାରେ ବୌଦ୍ଧ କୋର୍ଟ ପରିଦର୍ଶନ କରିଥିଲେ । ଜଷ୍ଟିସ ରଥଙ୍କୁ ଜିଲା ବିଚାର ବିଭାଗୀୟ ଓ ଜିଲା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ସ୍ୱାଗତ କରାଯାଇଥିଲା । ସେ ଜିଲା କୋର୍ଟର ସମସ୍ତ କୋର୍ଟ ରୁମ ବୁଲି ଦେଖିବା ସହ ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଜିଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ ତାରେଣୀ କୁମାର ମହାପାତ୍ର ଓକିଲଙ୍କ ଅସବୁିଧା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ । ପରିଦର୍ଶନ ସମୟରେ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ, ଅତିରିକ୍ତ ଜିଲା ଦୌରାଜଜ୍ ସରୋଜିନୀ ପତି, ସିଜେଏମ ବିଶେଶ୍ୱର ବିଶ୍ୱ ପ୍ରକାଶ ରାୟ, ରେଜିଷ୍ଟ୍ରାର ସୁଚିତ୍ରା ପରମଗୁରୁ, ସବଜଜ୍ ଶୀତିକଣ୍ଠ ପ୍ରଧାନ, ଏସ୍‌ଡିଜେଏମ ସୁଶ୍ରୀ ସଙ୍ଗୀତା ଦାସ, ସମସ୍ତ ବିଚାରପତି ଓ ତାରେଣୀ କୁମାର ମହାପାତ୍ର, ବିଶ୍ୱଜିତ ମିଶ୍ର, ଜୁଲିୟସ ସିଜର ମହାକୁଲ, ପ୍ରଦୀପ କୁମାର ମହରାଣା, ଅମ୍ରିତ ପ୍ରଧାନ, ପ୍ରୀତମ ମିଶ୍ର, ଅବିନାଶ ମେହେର, ଜିଲା ସଭିଲ ଏବଂ କ୍ରିମନାଲ ବାର୍‌ର ଆଇନଜୀବୀ ରାଜୀବ କୁମାର ଦଲାଲ ଓ ସମସ୍ତ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁରରୁ ପୁରୀକୁ ରେଳ ଚଳାଚଳର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

- ରେଳ ମାନଚିତ୍ରରେ ଯୋଡ଼ିହେଲା ସୁବର୍ଣ୍ଣପୁର
- ଝାରତରଭା-ସୋନପୁର ରେଳ ସେକ୍ସନ ଉଦ୍‌ଘାଟିତ

ସୋନପୁର,୩।୨(ମୃତ୍ୟୁଞ୍ଜୟ ଶତପଥୀ)



ଷ୍ଟେଶନରେ ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ୍‌ର ଶୁଭାରମ୍ଭ।

ବହୁ ପ୍ରତୀକ୍ଷିତ ଡବଲ ପ୍ଲାଟ୍‌ଫର୍ମ, ଫୁଟ୍ ଓଭରବ୍ରିଜ୍ ଓ ପାସେଞ୍ଜର ରିଜର୍ଭେଶନ କାଉଣ୍ଟର ବିଶିଷ୍ଟ ସୁବର୍ଣ୍ଣପୁର ରେଳଷ୍ଟେଶନ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସେହିଭଳି ସୁବର୍ଣ୍ଣପୁର ଜିଲାର ଝାରତରଭା-ସୋନପୁର ରେଳ ସେକ୍ସନ ୨୧.୭ କିଲୋମିଟରକୁ ଉଦ୍‌ଘାଟନ ସହ ସୁବର୍ଣ୍ଣପୁରରୁ ଶ୍ରୀକ୍ଷେତ୍ର ପୁରୀକୁ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ସମ୍ବଲପୁରରୁ ଭିଡିଓ କନ୍‌ଫରେନ୍ସିଂ ଯୋଗେ ରେଳ ସେକ୍ସନ ଓ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଫଳରେ ସ୍ୱାଧୀନତାର ଦୀର୍ଘବର୍ଷ ପରେ ରେଳ ମାନଚିତ୍ରରେ ଯୋଡ଼ିହୋଇଛି ସୁବର୍ଣ୍ଣପୁର। ଏଥିପାଇଁ ଜିଲାରେ ଏକ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା। ସକାଳଠାରୁ ନୂତନ ରେଳ ଷ୍ଟେଶନରେ ଗହଳି ଲାଗିଥିଲା। ରେଳ ବିଭାଗ ପକ୍ଷରୁ ଷ୍ଟେଶନ ଓ ଟ୍ରେନ୍‌କୁ ସଜ୍ଜିତ କରାଯିବା ସହ ଉଦ୍‌ଘାଟନୀ ଉତ୍ସବର ଆୟୋଜନ ହୋଇଥିଲା। ସ୍କ୍ରିନ୍‌ରେ ଉଦ୍‌ଘାଟନୀ ଉତ୍ସବ ଓ ପ୍ରତ୍ୟକ୍ଷରେ ଟ୍ରେନ୍ ଗଡ଼ିବାର ମୁହୂର୍ତ୍ତକୁ ଉପଭୋଗ କରିବା ପାଇଁ ଲୋକେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ। ଦଳମତ ନିର୍ବିଶେଷରେ ଜିଲାବାସୀ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଥିଲେ। ଅପରାହ୍ନରେ ପରୀକ୍ଷାମୂଳକ ଭାବେ ଟ୍ରେନ୍ ବଲାଙ୍ଗୀର ଅଭିମୁଖେ ଗଡ଼ିଥିଲା। ଆସନ୍ତା ୮ ତାରିଖ ଗୁରୁବାର ସନ୍ଧ୍ୟା ସାଢ଼େ ୭ଟାରେ ପୁରୀରୁ ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ ଟ୍ରେନ୍ (ନଂ.୧୮୪୨୧) ଭାୟା ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ସମ୍ବଲପୁର ଓ ବଲାଙ୍ଗୀର ହୋଇ ଶୁକ୍ରବାର ସକାଳ ସାଢ଼େ ୫ଟାରେ ସୋନପୁରରେ ପହଞ୍ଚିବ। ସେହିପରି ସୋନପୁର-ପୁରୀ ଟ୍ରେନ୍ (ନଂ. ୧୮୪୨୨) ଶୁକ୍ରବାର ସନ୍ଧ୍ୟା ସାଢ଼େ ୫ଟାରେ ସୋନପୁରରୁ ଛାଡ଼ି ପୁରୀ ଷ୍ଟେଶନରେ ଶନିବାର ସକାଳ ସାଢ଼େ ୭ଟାରେ ପହଞ୍ଚିବ ବୋଲି ଜଣାପଡ଼ିଛି। ଏହି ଟ୍ରେନ୍ ୮ଟି ଜିଲା ଓ ମୋଟ ୫୪୨ କିଲୋମିଟର ପଥ ଅତିକ୍ରମ କରିବ। ଏହାଦ୍ୱାରା ପାତାଳି ଶ୍ରୀକ୍ଷେତ୍ର ସୁବର୍ଣ୍ଣପୁରରୁ ଶ୍ରୀକ୍ଷେତ୍ର ପୁରୀକୁ ଯାତାୟାତ ସହଜ ହୋଇପାରିବ। ସୁବର୍ଣ୍ଣପୁରକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ରେଳ ବିଭାଗର ପ୍ରସ୍ତାବ ଅନୁଯାୟୀ ପ୍ରତ୍ୟହ ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବାର ଯୋଜନା ରହିଛି। ରେଳ ଚଳାଚଳର ଶୁଭାରମ୍ଭ ଫଳରେ ସୁବର୍ଣ୍ଣପୁର ଜିଲାବାସୀଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ପୂରଣ ହୋଇଛି। ଏହି କାର୍ଯ୍ୟକ୍ରମ ଅବସରରେ ସମ୍ବଲପୁରରେ ପ୍ରଧାନମନ୍ତ୍ରୀଙ୍କ ସହିତ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଳ, ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ। ସେହିପରି ସୁବର୍ଣ୍ଣପୁରରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓଙ୍କ ପ୍ରତିନିଧି ରାଜେଶ ଅଗ୍ରୱାଲ, ସୁବର୍ଣ୍ଣପୁରର ପ୍ରାକ୍ତନ ନଗରପାଳ ପ୍ରମୋଦ ମହାପାତ୍ର, ରେଳ ବିଭାଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ନିର୍ମାଣ) ଏ .ଜି ଶ୍ରୀନିବାସ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ସାଧାରଣ ଜନତା।

## ରେଳ ଲାଇନ ସଂଘର୍ଷ ସମିତି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ରେଳପଥ ସଂଘର୍ଷ ସମିତିର କର୍ମକର୍ତ୍ତା ଖୁସି ମନାଉଛନ୍ତି।

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ବ୍ୟବସାୟ ଦୃଷ୍ଟିରୁ ସଫଳ ପ୍ରକଳ୍ପ ନୁହେଁ ବୋଲି କେନ୍ଦ୍ରର ତତ୍କାଳୀନ କ୍ଷମତାସୀନ ସରକାର କହି ଆସୁଥିଲେ। ଏପରିକି ଏହି ପ୍ରକଳ୍ପ ପାଇଁ ନାମକୁ ମାତ୍ର ବ୍ୟୟ ବରାଦ ହେଉଥିଲା। ସେହି ଅର୍ଥ ସର୍ଭେରେ ହିଁ ସରି ଯାଉଥିଲା। ତେଣୁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ବଲାଙ୍ଗୀର, ଖୋର୍ଦ୍ଧା, ସୁବର୍ଣ୍ଣପୁର, ନୟାଗଡ ଓ ବୌଦ୍ଧ ଜିଲାର ସଚେତନ ନାଗରିକଙ୍କୁ ନେଇ ଗଠନ ହୋଇଥିଲା ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ ସଂଘର୍ଷ ସମିତି। ସମିତି ନେତୃତ୍ୱରେ ଆନ୍ଦୋଳନ ହୋଇ ଆସୁଥିଲା। ତେଣୁ ସୁବର୍ଣ୍ଣପୁରରୁ ଟ୍ରେନ୍‌ର ଶୁଭାରମ୍ଭ ଅବସରରେ ସମିତିର ଗୋବିନ୍ଦ ମହାରଣା, ଶ୍ୟାମାଓଁ ପ୍ରସାଦ ମିଶ୍ର, ପୁରୁଷୋତ୍ତମ ପାଣିଗ୍ରାହୀ, ଜିତେନ୍ଦ୍ର ପଟ୍ଟନାୟକ, ଶେଷଦେବ ମେହେର ଓ ପ୍ରିୟବ୍ରତ ସାହୁ ପ୍ରମୁଖଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରା ଯାଇଥିଲା।

## ୧୩୨ ବର୍ଷର ସ୍ୱପ୍ନ ଏବେ ବି ଅଧୁରା

ଦିନେ ନୁହେଁ କି ବର୍ଷେ ଦୀର୍ଘ ଦଶନ୍ଧି ପରେ ବି ସ୍ୱପ୍ନ ପୂରଣ କରି ପାରିଲାନି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ । ଜେଜେ ଶୁଣିଥିଲେ ବଲାଙ୍ଗୀରରୁ ଖୋର୍ଦ୍ଧା ଭାୟା ସୁବର୍ଣ୍ଣପୁର, ବୌଦ୍ଧ ଓ ନୟାଗଡ ଦେଇ ରେଳ ଗଡ଼ିବ। ନାତି ରେଳ ଗଡିବା ଦେଖିଲା। ହେଲେ ପ୍ରକଳ୍ପ କେବେ ସମ୍ପୂର୍ଣ୍ଣ ହେବ ତାର ଉତ୍ତର କାହାରି ପାଖରେ ନାହିଁ। କାରଣ ବୌଦ୍ଧ ଜିଲାରେ ରେଳପଥ କାମ ଏବେ ବି ବାକି ଅଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ଦୈର୍ଘ୍ୟ ୩୦୧ କିଲୋମିଟର। ୧୩୨ ବର୍ଷର ପ୍ରୟାସ ପରେ ଏଯାଏ ଶେଷ ହୋଇପାରିଛି ମାତ୍ର ୧୬୧ କିଲୋମିଟର। ୧୮୯୨ ମସିହାରେ ସମ୍ବଲପୁରକୁ ସୋନପୁର ଭାୟା ଦେଇ ଖୋର୍ଦ୍ଧା ରୋଡକୁ ରେଳପଥ ନିର୍ମାଣ କରିବାକୁ ପ୍ରଥମେ ସର୍ଭେ ହୋଇଥିଲା। ରେଳପଥର ଦୈର୍ଘ୍ୟ ଥିଲା ୧୧୪ ମାଇଲ। ସର୍ବମୋଟ ୨ କୋଟି ୨୭ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ହୋଇଥିଲା। ୧୯୪୫ ମସିହାରେ ପୁଣି ଥରେ ଖୋର୍ଦ୍ଧା-ବଲାଙ୍ଗୀର ପ୍ରକଳ୍ପର ସର୍ଭେ ହେଲା। ପଶ୍ଚିମ ଓଡିଶା ସହ ଉପକୂଳ ଓଡିଶାକୁ ଯୋଗାଯୋଗ ଓ ସାଂସ୍କୃତିକ ଭାବର ଆଦାନ ପ୍ରଦାନ ପାଇଁ ଏହି ପ୍ରକଳ୍ପ ପ୍ରାକ୍ ସ୍ୱାଧୀନତା ସମୟରେ ପରିକଳ୍ପନା କରା ଯାଇଥିଲା। ତେବେ ସ୍ୱାଧୀନତା ଆନ୍ଦୋଳନ ଓ ରାଜନୈତିକ ଅସ୍ଥିରତା ଯୋଗୁ ପ୍ରକଳ୍ପ କାମ ଆଗେଇ ପାରିନଥିଲା। ୧୯୯୪ ମସିହାରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ୨୦୦୧ ଜୁନ୍ ମାସରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ତେବେ ଆଶାନୁରୂପ ଅନୁଦାନ ନ ମିଳିବା କାରଣରୁ ପ୍ରକଳ୍ପ କାର୍ଯ୍ୟ ବହୁ ବିଳମ୍ବ ହୋଇଛି। ଗତ କିଛି ବର୍ଷ ହେବ ବଜେଟ୍‌ରେ ଆଖିଦୃଶିଆ ବ୍ୟୟବରାଦ ପରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଏବେ ଖୋର୍ଦ୍ଧାରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ପ୍ରାୟ ୧୧୦ କିଲୋମିଟର ଓ ବଲାଙ୍ଗୀର ପଟୁ ୫୧କିଲୋମିଟର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବୌଦ୍ଧ ଜିଲାରେ କାମ ଚାଲୁ ରହିଛି। ଆସନ୍ତା ୨୦୨୬ ମସିହା ସୁଦ୍ଧା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ବିଭାଗ ଲକ୍ଷ୍ୟ ରଖିଛି ।

## ଭାଷା, ସାହିତ୍ୟ ଓ ସୃଜନଶୀଳ ଉତ୍ସବ

ଖୁଣ୍ଟିଗୋରା,୩।୨(ମକରନ୍ଦ ସାହୁ)



ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଇରମାଳରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଉପଲକ୍ଷେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା, ଆମ୍ବଗାଁ ଓ ଉମା ପଞ୍ଚାୟତର ୪ଟି ସ୍କୁଲରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାନକଲରା କୋଠା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦେବାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍କୁଲ ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ରୋହିତ ଭୋଇ ମୁଖ୍ୟଅତିଥି, ବିଦ୍ୟାଳୟର ଅଧ୍ୟକ୍ଷ ସିନ୍ଧୁ ରଣା, ପୂର୍ବତନ ସଭ୍ୟ ଠୁନକୁ ରଣା ଯୋଗଦେଇ ବକ୍ତବ୍ୟ ରଖିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଧର୍ମାନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଗୋବର୍ଦ୍ଧନ ମଲ୍ଲିକ, ଶିକ୍ଷୟିତ୍ରୀ ସସ୍ମିତା ମଲ୍ଲିକ ସହଯୋଗ କରିଥିଲେ। ଖଇରମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟିର ସଭାପତି ଦେବେନ୍ଦ୍ର ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବାକର ମିଶ୍ର, ସିଆରସିସି ଶତ୍ରୁଘ୍ନ ଜାନି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଅରବିନ୍ଦ ସାହୁ, ତ୍ରିନାଥ କଅଁର, ପ୍ରସନ୍ନ କୁମାର ସାହୁ, ପ୍ରଜ୍ଞାପରମିତା ବେହେରା ପ୍ରମୁଖ ସହଯୋଗ କରିଥିଲେ। ଉମା ଉଚ୍ଚ ପ୍ରାଥମିକ ହାଇସ୍କୁଲର ପ୍ରଧାନ ଶିକ୍ଷକ କଷ୍ଟେଶ୍ୱର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିରଞ୍ଚି କାଲସେ ମୁଖ୍ୟଅତିଥି, ସରପଞ୍ଚ ଦୌଲଥ ପାଣ୍ଡେ, ସିଆରସିସି ପୀତାମ୍ବର ଝାଙ୍କର, ବିଜୟ ମାଝୀ, ସୁଶାନ୍ତ କୁମାର ବାରିକ, ସୁରେନ୍ଦ୍ର ଜାନି, କୈଳାସ ମୁଦୁଲି, ଭୂଜନ ବାଘ, ସ୍ମାରକ ସାହୁ, ନବୀନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଆମ୍ବଗାଁ ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷକ ବେଦବ୍ୟାସ ପୁଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରତିମା ରଣା ମୁଖ୍ୟଅତିଥି, ସମିତି ସଭ୍ୟ ଦେବେନ୍ଦ୍ର ରଣା, ସ୍କୁଲ ପରିଚାଳନା କମିଟି ସଭାପତି ବିଦେଶୀ ଚରଣ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଡୁଙ୍ଗୁରିପାଲି,୩।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହ ଠାରେ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪ ଅନୁଷ୍ଠିତ ହୋଇଯାଇଛି ବିଡ଼ିଓ ରୋହିତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ସୁବାଷ ପାତ୍ର ଯୋଗଦେଇ ଭାଷା ହିଁ ଭବିଷ୍ୟତ ନେଇ ଆଲୋକପାତ କରିଥିଲେ। ଏହି ଅବସରରେ ସାହିତ୍ୟିକ ଭିକାରୀ ଚରଣ ପଧାନ, ମଞ୍ଜୁଲତା ମିଶ୍ର, ବିପ୍ରଚରଣ ସାହୁ, ଡ଼ ପାତ୍ରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଏସଏସଓ ପ୍ରବୀଣ ରଥ ଓ ପ୍ରଭୁଦତ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନରେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## କୋଶଲ ସେନା ପକ୍ଷରୁ ବିକ୍ଷୋଭ



ଡୁଙ୍ଗୁରିପାଲି ବ୍ଲକରେ କୋଶଲ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଡୁଙ୍ଗୁରିପାଲି,୩।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ଚାଲିଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମକୁ ବିରୋଧ କରି ଶନିବାର ଡୁଙ୍ଗୁରିପାଲି କୋଶଲ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଫଳରେ କିଛି ସମୟ ସଭା କାର୍ଯ୍ୟ ହୋଇ ପାରି ନ ଥିଲା । ବିକ୍ଷୋଭରେ କୋଶଲ ସେନାର ସରୋଜ ପଧାନ, ଯଦୁମଣି କୁଦେଇ, ପ୍ରଫୁଲ୍ଲ କୁମାର ବାରିକ, ସଚିନ ପାଣ୍ଡେ, ଦେବାଶିଷ ମହାକୁର, ବିକାଶ ପଧାନ, ଚିନ୍ମୟ କୁମାର ବେହେରା ପ୍ରମୁଖ ସାମିଲ ଥିଲେ ।

## ଜିଲା ପୋଲିସ ପକ୍ଷରୁ ଜନମୈତ୍ରୀ କାର୍ଯ୍ୟକ୍ରମ

**ମାଓବାଦୀଙ୍କୁ ଏସ୍‌ପିଙ୍କ ଖୋଲା ଚାଲେଞ୍ଜ**

ଘଣ୍ଟାପଡ଼ା,୩।୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ନାରାୟଣପ୍ରସାଦଠାରେ ଜିଲା ପୋଲିସ ପକ୍ଷରୁ ଶନିବାର ଦିନ ଏକ ଜନମୈତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଓବାଦୀଙ୍କ ଅସାମାଜିକ କାର୍ଯ୍ୟ ନେଇ ସଚେତନ କରାଯିବା ଉଦ୍ଦେଶ୍ୟରେ ଜନମୈତ୍ରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଏସ୍‌ପି ରାଜପ୍ରସାଦ ଯୋଗଦେଇ ମାଓବାଦୀଙ୍କ କାର୍ଯ୍ୟକଳାପ ନେଇ ଭୟଭୀତ ନ ହେବା ସହ ମାଓବାଦୀଙ୍କ ପାଇଁ ରହିଥିବା ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ମାଓବାଦୀଙ୍କୁ ଆତ୍ମସମର୍ପଣ କର ନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଥିଲେ । ଏହାଛଡା ଜନସାଧାରଣ ଯଦି କୌଣସି ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦିଅନ୍ତି ତାହେଲେ ତାଙ୍କ ନାମ ଗୁପ୍ତ ରଖି ବିଭିନ୍ନ ସରକାରୀ ଯୋଜନାରେ ଅର୍ଥରାଶି ଦିଆଯିବାର ବ୍ୟବସ୍ଥା ଥିବା କଥା କହିଥିଲେ। ଉକ୍ତ ଜନମୈତ୍ରୀ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାରେ ତାଲିମ ନେଉଥିବା ନୂତନ ଆଇପିଏସ ବିନୋଦ ପଟେଲ, ସ୍ଥାନୀୟ ସରପଞ୍ଚ ତାରାକାନ୍ତୀ ମାଝୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଆଦିବାସୀ ନେତା ସାମନ୍ତ ମାଝୀ, ବରିଷ୍ଠ ଆଦିବାସୀ ନେତା ଘନଶ୍ୟାମ ବୁଢ଼ାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ପଞ୍ଚାୟତ ଯୁବକମାନଙ୍କୁ ଉତ୍ସାହିତ କରିବା ପାଇଁ ଭଲିବଲ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ବୌଦ୍ଧ-କନ୍ଧମାଳ ଜିଲାର ଉପାନ୍ତ ଅଞ୍ଚଳ ହୋଇଥିବାରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଥିଲା ଏବଂ ଲୋକଙ୍କୁ ବିଭିନ୍ନ ସାମଗ୍ରୀ , ଶୀତବସ୍ତ୍ର, ଧୋତି, ଶାଢ଼ୀ ଆଦି ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଏସଡିପିଓ କୈଳାଶ ଚନ୍ଦ୍ରସେଠୀ, ଘଣ୍ଟାପଡା ଥାନା ଅଧିକାରୀ ବଳଭଦ୍ର ଗଣ୍ଡା, ଏସଆଇ ବିଶାମିତ୍ର ଲୋଇଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ,କର୍ମଚାରୀ ଓ ଆଇଆରବି ଯବାନ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଖଣ୍ଡହତାକୁ ହରାଇ ନୂଆଁଗଡ଼ ଚାମ୍ପିୟନ

**ମା' ବନଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ**

ଅମରପାଲି,୩।୨(ପୀତାମ୍ବର ସାହୁ)




ଅତିଥିଙ୍କ ଗହଣରେ ଚାମ୍ପିୟନ ନୂଆଁଗଡ ଦଳ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ଗ୍ରାମର ଖେଳ ପଡିଆରେ ହେଉଥିବା ୧୩ ତମ ମା' ବନଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଖଣ୍ଡହତାକୁ ହରାଇ ନୂଆଁଗଡ ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଖଣ୍ଡହତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୯୭ ରନ କରିଥିଲା। ଜବାବରେ ନୂଆଁଗଡ ଦଳ ଆବଶ୍ୟକ ୯୮ ରନକୁ ୮ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ଖଣ୍ଡହତା ଦଳ ନିର୍ଦ୍ଧାରିତ ୫ ଓଭରରେ ୨ ଉଇକେଟ ହରାଇ ୪୯ ରନ କରିଥିଲା। ଜବାବରେ ନୂଆଁଗଡ ଦଳ ୩.୩ ଓଭରରେ ୨ ଉଇକେଟ ହରାଇ ୫୦ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ନୂଆଁଗଡ ଚାମ୍ପିୟନ ହୋଇଥିଲା। ଆୟୋଜକ ସଭାପତି ଦିବ୍ୟାଲୋଚନ ଗଡୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ଆକସ୍ମିତା ବଢିଆ, ଆମ୍ବା ଅଧ୍ୟକ୍ଷ ବିବସତି ପଣ୍ଡା, ସମିତି ସଭ୍ୟ ସଇନ୍ଦୁ ସାହୁ, କ୍ରୀଡାବିତ ଶ୍ରୀକାନ୍ତ କର୍ମୀ, ସିପୁନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଁଗଡର ସୁଜିତ ରଥଙ୍କୁ ମ୍ୟାନ୍ ଅଫ ଦି ଫାଇନାଲ ଓ ଅର୍ଜୁନ ରଥଙ୍କୁ ମ୍ୟାନ୍ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ନୂଆଁଗଡ ଦଳକୁ ନଗଦ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ୍ ଖଣ୍ଡହତା ଦଳକୁ ନଗଦ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ମଧୁସୂଦନ ବଢିଆ ଓ ଆଲୋକ ବଢିଆ ପରିଚାଳନା କରିଥିଲେ। ବିଶ୍ୱଜିତ୍ ସାହୁ ସ୍କୋରିଂ ଏବଂ ଧୀରେନ୍ଦ୍ର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଢାବା ମାଲିକଙ୍କ ସମେତ ୨ ଗିରଫ

#### ଯୁବକଙ୍କୁ ମାଡ଼ମାରି ହତ୍ୟା ଘଟଣା

**କୁଆଁରମୁଣ୍ଡା,୩।୨(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ୧୪୩ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପଣ୍ଡା ଢାବାରେ ଜଣେ ଯୁବକଙ୍କୁ ମାଡମାରି ହତ୍ୟା ଘଟଣାରେ ପୋଲିସ ଫେରାର ଥିବା ଢ଼ାବା ମାଲିକ ଓ ତାଙ୍କ ଭାଇଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସନ୍ତୋଷ ପଣ୍ଡା(୪୦) ଓ ତାଙ୍କ ବଡ ଭାଇ ସୁରେଶ ପଣ୍ଡା(୪୩)। ଏନେଇ ବୀରମିତ୍ରପୁର ଥାନାରେ ଦଫା ୩୦୨,୩୪ରେ ଏକ ମାମଲା(ନଂ ୪୮/୨୪) ରୁଜୁ ହୋଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୀରମିତ୍ରପୁର ଥାନା ଆଇଆଇସି ଆଶିଷ ଜେନାଙ୍କ ସୂଚନା ଅନୁସାରେ,ଶୁକ୍ରବାର ସକାଳେ ଢାବାର ଝରକା ଚୋରି ହୋଇଥିବା ନେଇ ଅଭିଯୁକ୍ତ ସନ୍ତୋଷ, ସୁରେଶ ଓ ତାଙ୍କ ସହଯୋଗୀ ବିଜାବାହାଲ ଗ୍ରାମର ସନିକା ଲାକ୍ରା(୪୫)ଙ୍କୁ ଜୋରଜବରଦସ୍ତି ଧରି ନେଇ ଢାବାରେ ବାନ୍ଧି ନିସ୍ତୁକ ମାଡ ମାରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗିରଫ ଭୟରେ ୨ ଭାଇ ଫେରାର ହୋଇଯାଇଥିଲେ। ଶୁକ୍ରବାର ପୋଲିସ ବଡ଼ ଭାଇ ସୁରେଶଙ୍କୁ ଧରି ପଚରାଉଚରା କରୁଥିଲା। ଏହାପରେ ଫେରାର ସନ୍ତୋଷଙ୍କୁ ତାଙ୍କ ଘରୁ ଶନିବାର ଧରି ଘଟଣା ସମ୍ପର୍କରେ ପଚରାଉଚରା କରିବା ପରେ ଉଭୟେ ମାଡ଼ ମାରିଥିବା ସ୍ୱୀକାର କରିଥିଲେ।

### ରାହୁଲ ଗାନ୍ଧୀଙ୍କ ଗସ୍ତ ପ୍ରସ୍ତୁତି

**ସୁନ୍ଦରଗଡ,୩।୨(ଜୟ ନାରାୟଣ ମେଣ୍ଡୁଲି):** ଆସନ୍ତା ୬ ଓ ୭ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଭାରତ ଯୋଡୋ ନ୍ୟାୟ ଯାତ୍ରା ସୁନ୍ଦରଗଡ ଜିଲା ବୀରମିତ୍ରପୁର ଠାରେ ପହଞ୍ଚିବ। ପରେ କୁଆଁରମୁଣ୍ଡା, ରାଉରକେଲା, ରାଜଗାଙ୍ଗପୁର,କୁତ୍ରା,ବଡଗାଁ,କରମଡିହି ଦେଇ ସୁନ୍ଦରଗଡ ସହର ମଧ୍ୟ ଦେଇ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ସାର୍କିଟ ହାଉସଠାରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଏଆଇସିସି ତରଫରୁ ସହପ୍ରଭାରୀ ତଥା ସମ୍ପାଦକ ସାହାନାୱାଜ ଚୌଧୁରୀ, ସମ୍ପାଦକ ତଥା ନ୍ୟାୟ ଯାତ୍ରାର ସଂଯୋଜକ ସନ୍ଦୀପ ଜୀ, ଓଝା ଜୀ, ରାଜ୍ୟ ଭାରତ ଯୋଡୋ ନ୍ୟାୟ ଯାତ୍ରାର ଅଧ୍ୟକ୍ଷ ତଥା ବିଧାୟକ ସନ୍ତୋଷ ସିଂସାଲୁଜା, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ପିସିସି ଉପସଭାପତି ତଥା ବିଧାୟକ ଡା. ସିଏସ ରାଜେନ ଏକ୍କା, ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ନିମାଇଁ ଚରଣ ନାଏକ, ରାଜକିଶୋର ଷଡ଼ଙ୍ଗୀ, ପ୍ରଫୁଲ୍ଲ ସୁନ୍ୟାନୀ, ନିର୍ମଳ ନାଏକ, ଅମିତା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଜିଲା ଉପସଭାପତି ଅଜିତ ପ୍ରସାଦ ବୈଠକ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କଳ୍ପନା ଆପଟ, ଦେବାଶିଷ ଦାସ, ଅରୁଣା ସାମଲ, ମେଘନାଦ ନାଏକ, ନିର୍ମଳ ନାଏକଙ୍କ ସମେତ ବହୁ ନେତାମାନେ ଉପସ୍ଥିତ ଥିଲେ।

# ସବୁ ଭାଷାର ସମାରୋହରେ ସମୃଦ୍ଧ ଓଡ଼ିଆ ଭାଷା ସମ୍ଭବ



କୂଆରମୁଣ୍ଡାରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



ବାଲିଶଙ୍କରାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।



ରାଜଗାଙ୍ଗପୁରରେ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀ।

### ବଡ଼ଗାଁରେ ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀ

**ବଡ଼ଗାଁ,୩।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ପରିସରରେ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଡିଓ ସୁମତି ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତି ଗର୍ଡିଅଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ସୁପ୍ରିୟା ପାଲ, ବଡ଼ଗାଁ ଡିଗ୍ରୀ କଲେଜର ଅଧ୍ୟାପକ ହେମନ୍ତ ପଣ୍ଡା, କବି ହୃଦାନନ୍ଦ ପଟେଲ, ବରଗାଁକଛାର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଗଜେନ୍ଦ୍ର ନାଏକ ବକ୍ତାଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଡ. ପଲ ଇଂରାଜୀ ଭାଷା ପ୍ରତି ମୋହ ଆମ ଭାଷାର ଅପମାନ ବୋଲି ଏକ କାହାଣୀ ମାଧ୍ୟମରେ ଉପସ୍ଥାପନ କରିଥିଲେ। ସେ ଓଡ଼ିଆ ଭାଷାର ଉଦ୍‌ଭବ ଏବଂ ସ୍ରଷ୍ଟାଙ୍କ ମହାନ୍ କୃତିର ସ୍ମୃତି ଚାରଣ କରିଥିଲେ। କବି ହୃଦାନନ୍ଦ ପଟେଲ ସବୁ ଭାଷାର ସମାରୋହରେ ସମୃଦ୍ଧ ଓଡ଼ିଆ ଭାଷା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ପଣ୍ଡା, ଓଡ଼ିଆ ଅସ୍ମିତାର ଗୌରବମୟ ଗାଥା ଅବତାରଣ କରି ଓଡ଼ିଆ ପାଠକ, ସିନେମା, ଯାତ୍ରା ଓ ସଂସ୍କୃତିର ଆଦି ବିଷୟରେ ଆଲୋଚନା କରିଥିଲେ। ବରଗାଁକଛାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ନାଏକ ଓଡ଼ିଆ ବ୍ୟାକରଣ ଓ ଛବିଳ ମଧୁ ବର୍ଣ୍ଣବୋଧର ଉପାଦେୟତା ଉପରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦଶରଥ ନାଏକ, ଅଧ୍ୟାପକ ଧୁଳେଶ୍ୱର ସାହୁ, ଅଧ୍ୟାପକ ସୁଶାନ୍ତ ବିଶି ଉପସ୍ଥିତ ଥିଲେ। ବରିଷ୍ଠ କଳାକାର ଅଶୋକ ରାଜ ମଞ୍ଚ ପରିଚାଳନା କରିଥିଲେ। କଲେଜ ଛାତ୍ରୀଛାତ୍ର ଭାଷା ସାହିତ୍ୟ ଉପରେ ନିଜର ମତ ଉପସ୍ଥାପନ କରିଥିଲେ। ପାଲା ଗୁରୁ ଫକୀର ବାଡା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କତି ଉପରେ ପାଲା ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଉପାଧ୍ୟକ୍ଷା ରଶ୍ମିତା ପଟେଲ, ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ, ଯୋଗାଣ ନୀରିକ୍ଷିକା ଶିବାନୀ ରାଣୀ ବରିହା, ଏପିଓ ତପନ କୁମାର ପୂଜାରୀ, ଗ୍ରାମପଞ୍ଚାୟତ ଅଧିକାରୀ ସୁଜିତ କୁମାର ଦାସ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।



ବଡ଼ଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

### ବାଲିଶଙ୍କରାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ବାଲିଶଙ୍କରା (ହୃଦାନନ୍ଦ ବାରିକ)**

ବାଲିଶଙ୍କରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ବିଡିଓ ଜ୍ୟୋର୍ତିମୟୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ମାନିତ ଅତିଥିଭାବେ ଶିକ୍ଷୟିତ୍ରୀ କମଳିନୀ ସିଂ, ଧର୍ମେନ୍ଦ୍ର ଓଝା, ମଞ୍ଜୁଶ୍ରୀ କାଲୋ, ମନୋଜ କୁମାର ପାଣି, ସାହିତ୍ୟିକ କ୍ଷିତୀଶ ଚନ୍ଦ୍ର ରାଉତ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଜିପିଓ ପାସ୍କାଲ ଲାକଡା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିବ୍ୟଦର୍ଶନୀ ସା, ସିପି ତାପସ ରଞ୍ଜନ ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷାକୁ କିପରି ବଞ୍ଚାଇ ରଖିପାରିବା ସେ ନେଇ କହିଥିଲେ। ଅଞ୍ଚଳର କଳାକାରଙ୍କୁ ନେଇ ପାଲା ସଂକୀର୍ତ୍ତନ୍ୟ କରାଯିବା ସହ ରାଜ୍ୟସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଉକ୍ତ ଭାଷା ସମ୍ମିଳନୀରେ ଛାତ୍ରୀଛାତ୍ର, ସାହତ୍ୟିକ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ ଯୋଗଦେଇଥିଲେ। ଶେଷରେ ଜିପିଓ ପାସ୍କାଲ ଲାକଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଷାର ବିକାଶ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ

**ରାଜଗାଙ୍ଗପୁର (ଅଶୋକ ପାଣି)**

ରାଜଗାଙ୍ଗପୁରରେ ସରବତୀ ଦେବୀ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ବିପିନ୍ ଚୌଧୁରୀ, ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଡ. କମଳ କୁମାରୀ ମିଶ୍ର ଏବଂ ସଦସ୍ୟା ଡ. ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଛାତ୍ରୀଙ୍କୁ ଓଡିଆ ଭାଷାକୁ ଭଲ ପାଇବା ସହିତ ଭାଷାର ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପିକା ଅଧ୍ୟାପକ ତଥା ମହାବିଦ୍ୟାଳୟର ଅନ୍ୟ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଛାତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ରହି ମିଳିତଭାବେ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଓଡିଶାର ବର ପୁତ୍ରମାନଙ୍କ ଦୃଢ ମନୋବୃତ୍ତି ଓ ତ୍ୟାଗକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ପୂର୍ବକ ପୁଷ୍ପ ଅର୍ପଣ କରିଥିଲେ। ବନ୍ଦେ ଉତ୍କଳ ଜନନୀ ସଙ୍ଗୀତରେ ଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବା ସହ ଗଙ୍ଗାଧର ମେହେରଙ୍କ ବିଶ୍ୱ ଦେଖ ମଧୁମୟରେ ଜୀବନ ଗୀତ ଓଡିଆ ବିଭାଗର ଛାତ୍ରୀଙ୍କ ଦ୍ୱାରା ଗାନ କରାଯାଇଥିଲା। ଶେଷରେ ଓଡିଆ ପାରମ୍ପାରିକ ଆରିସା ଓ ଠେଠେରୀ ପିଠା ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ ସମସ୍ତ ଛାତ୍ରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ୍ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ଏବଂ ଓଡିଆ ବିଭାଗୀୟ ମୁଖ୍ୟ ଡ. ଶରିତା କିଣ୍ଡୋ ପରିଚାଳନା କରିଥିଲେ।

### କଟାରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ, ସୃଜନଶୀଳତା ଉତ୍ସବ

**କୁଆଁରମୁଣ୍ଡା,୩।୨(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା କଟାରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ଓ ମୁଖ୍ୟବକ୍ତାଭାବେ ବୀରମିତ୍ରପୁର ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ରଞ୍ଜିତ ଦାସ ଯୋଗଦେଇ ଓଡ଼ିଆ ଭାଷା ପ୍ରତି ସମ୍ମାନ ବୋଧ ଓ ଏହାର ଉନ୍ନତି ଦିଗରେ ସମସ୍ତେ ବଦ୍ଧପରିକର ହେବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଅତିଥିମାନେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକ ପଞ୍ଚାନନ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବୀଣାପାଣି ପାଣି ଓ ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

### ଭଲ ମଣିଷ ହେବାକୁ ପରାମର୍ଶ ଦେଲେ ଜିଲା ଶିକ୍ଷାଧିକାରୀ

**ବାଲିଶଙ୍କରା, ୩।୨( ହୃଦାନନ୍ଦ ବାରିକ)**

ବାଲିଶଙ୍କରା ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ପରିସରରେ ବାର୍ଷିକ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ ଯୋଗଦେଇ ପାଠ ପଢା ସହ ଭଲ ମଣିଷ ହେବା ପାଇଁ ଦିଗଦର୍ଶନ ଦେଇଥିଲେ। ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅଧ୍ୟକ୍ଷ ପ୍ରମୋଦ କୁମାର ପଟେଲ ଏଥିରେ ସଭାପତିତ୍ୱ କରି ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ସୁରଜ କୁମାର ପଟେଲ ସଭା ସଂଚାଳନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ସରୋଜ ଲକ୍ଷ୍ମୀ ନାଏକ, ବିରକାଲଡ଼ିହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କଳାଚାନ୍ଦ ପଟେଲ, ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିବ୍ୟଦର୍ଶନୀ ସା, ସାଧାରଣ ସଂଘ ଶିକ୍ଷକ ଶେଷଦେବ ନନ୍ଦ, ତୁଡ଼ାଲଗା ଉଚ୍ଚ ମାଧ୍ୟମିକ ଅଧ୍ୟକ୍ଷ ବାବୁଲାଲ ପଟେଲ, ତିଲିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ପଟେଲ, ଛତାସର୍ଗି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସସି ବାଦୀ, ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାଏକ, ରାଉଳଡେଗା ସେବାଶ୍ରମ ପ୍ରଧାନ ଶିକ୍ଷକ ଶିକାନ୍ତ ପଟେଲ, ଅଧ୍ୟାପକ ବିମଲ ନାଏକ, ଅଧ୍ୟାପିକା ମଞ୍ଜୁଲତା ପଟେଲ, ଅଧ୍ୟାପକ ସରୋଜ କୁମାର ବେହେରା ପ୍ରମୁଖ ଯୋଗଦେଇ ଥିଲେ। କୃତି ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା। ଶେଷରେ ଶିକ୍ଷକ ସୁରଜ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଲହୁଣୀପଡ଼ା,୩।୨(ଦାଶରଥି ପଣ୍ଡା)**

ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଶରଧା ପୁରୁ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୨ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ୨ଦିନିଆ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ନରହରି କିଷାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ମୋ ସ୍କୁଲ ଅଭିଯାନର ସଭାପତି ଲିଙ୍ଗରାଜ ମାହାନ୍ତ, ମୁଖ୍ୟ ବକ୍ତାଭାବେ କୁମାର ଗୌତମ ବାରିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ଲତା କିଷାନ ଅଧ୍ୟକ୍ଷତା କରିଥିଲେ। ନେତ୍ରାନନ୍ଦ ମାହାନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ବିଭିନ୍ନ ପ୍ରକାର କ୍ରୀଡ଼ାରେ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବା ବେଳେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦୁଃଖ ନାଶନ ବାଗ, ସୀତାକାନ୍ତ ମହାପାତ୍ର, ଘନଶ୍ୟାମ ମାହାନ୍ତ, ଅଭିଜିତ ବେହେରା, ବସନ୍ତ କୁମାର ମାହାନ୍ତ, କଳ୍ପନା କୁମାରୀ ମାହାନ୍ତଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟାସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ରଞ୍ଜନ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

### ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୋଲାବିରା,୩।୨ (ଚିନ୍ମୟ କୁମାର ବହିଦାର)**

କୋଲାବିରାଠାରେ ଶ୍ରୀଶନିଦେବଙ୍କ ନବ ନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିନିଦିନ ଧରି ଯଜ୍ଞ ଓ ପ୍ରାଣପ୍ରତିଷ୍ଠା କରାଯାଇଥିଲା। ଏଥିରେ ରବିନ୍ଦ୍ର ମହାପାତ୍ର ଓ ସ୍ତ୍ରୀ ପୂଜା ମହାପାତ୍ର, ରାକେଶ କୁମାର ଦାସ ଓ ସ୍ତ୍ରୀ ରୁଚି ଦାସ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ପଣ୍ଡିତ ଗୋକୁଲ ମିଶ୍ର ଓ ଅଟଳ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ରଜତ ମିଶ୍ର ପ୍ରମୁଖ ପୂଜାକାର୍ଯ୍ୟ କରିଥିଲେ। ଶୁକ୍ରବାର ହୋମଯଜ୍ଞ ସହିତ ବିଗ୍ରହ ପୂଜା, ଧ୍ୱଜା ରୋହଣ, ଯଜ୍ଞ ପୂର୍ଣ୍ଣାହୁତି, ଦେବତାଙ୍କ ମନ୍ଦିର ପ୍ରବେଶ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ନାମସଂକୀର୍ତ୍ତନ ସହ ପ୍ରବଚନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବୁଲୁ ମହାପାତ୍ର, ଅସିତ କୁମାର ବହିଦାର, ଈଶ୍ୱର ଟଣକାର, ରାଜେଶ ଦାସ, ବାପି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଏନ୍‌ଟିପିସିର ପାୱାର ପ୍ରକଳ୍ପ ଦେଶ ଉଦ୍ଦେଶ୍ୟରେ ଲୋକାର୍ପିତ



**ସୁନ୍ଦରଗଡ,୩।୨(ଜୟ ନାରାୟଣ ମେଣ୍ଡୁଲି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସମ୍ବଲପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏନଟିପିସି ଦର୍ଲିପାଲି ସୁପର ପାୱାର ଷ୍ଟେଶନ,ଏନଏସପିସିଏଲ ରାଉରକେଲା ପିପି-୨ ସମ୍ପ୍ରସାରଣ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଛନ୍ତି। ଏଥିପାଇଁ ମୋଟ ୨୮.୯୭୮ କୋଟି ଟଙ୍କା ବିନିଯୋଗ ହୋଇଛି। ଏଥିସହ ଏନଟିପିସି ତାଳଚେର ଥର୍ମାଲ ପାୱାର ପ୍ରୋଜେକ୍ଟ ଷ୍ଟେଜ-୩ ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳ ସଞ୍ଚାର ଇଲୋକଟ୍ରୋନିକ୍ସ ଏବଂ ସୂଚନା ବିଜ୍ଞାନ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜନଜାତି ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ, ସମ୍ବଲପୁର ଏମ୍‌ପି ନିତୀଶ ଗଙ୍ଗଦେବ, ବିଧାୟକ ନାଉରି ନାୟକ, ଏନ୍‌ଟିପିସିର ସିଏମଡି ଗୁରୁଦୀପ ସିଂହଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।

## ଖେଳପଡ଼ିଆ କାମ ବୁଲିଦେଖିଲେ ବିଧାୟିକା

**ବ୍ରଜରାଜନଗର,୩।୨(ବିଜୟ ବରାଡ଼)**

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଓରିଏଣ୍ଟ ପେପର ମିଲ ଖେଳପଡିଆ କାମ ଶନିବାର ବିଧାୟିକା ଅଳକା ମହାନ୍ତି ବୁଲି ଦେଖିବା ସହ ନିର୍ବାଚନ ପୂର୍ବରୁ କାମ ସାରିବାକୁ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଓରିଏଣ୍ଟ ପେପର ମିଲ ପଡିଆ ବ୍ରଜରାଜନଗର ସହରାଞ୍ଚଳର ଏକମାତ୍ର ଖେଳ ପଡିଆ। ଏଠାରେ ସହରର ସମସ୍ତ ଖେଳ ପ୍ରତିଯୋଗିତା ହୋଇଥାଏ। ପ୍ରତ୍ୟେକ ସ୍କୁଲର ପ୍ରତିଯୋଗିତା ମଧ୍ୟ ଏହି ପଡିଆରେ କରାଯାଇଥାଏ। ପଡିଆର ଉନ୍ନତୀକରଣ ପାଇଁ ପୌର ପ୍ରଶାସନ ତରଫରୁ ୨୦୨୩ ଫେବୃଆରୀରେ କାର୍ଯ୍ୟାରମ୍ଭ କରାଯାଇଥିଲା। ଜୁନରେ ସାରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଶେଷ ହୋଇନାହିଁ। ଏହାକୁ ନେଇ ସହରବାସୀ ଓ କ୍ରୀଡ଼ାପ୍ରେମୀ ବିଧାୟିକାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଶନିବାର ବିଧାୟିକାଙ୍କ ଉପସ୍ଥିତିରେ ନିର୍ବାହୀ ଅଧିକାରୀ, ପୌର ଯନ୍ତ୍ରୀ ଓ ସହରବାସୀ ଖେଳ ପଡିଆର ସ୍ଥିତି ଦେଖିଥିଲେ। ଖୁବ୍‌ଶୀଘ୍ର ପଡିଆର ଆଲୋକୀକରଣ, ଘାସ ଲଗାଇବା ଓ ବାଥ୍‌ରୁମ କାର୍ଯ୍ୟ ଶେଷ କରିବାକୁ ବିଧାୟିକା ନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ବିଧାୟିକଙ୍କ ସହିତ ବରିଷ୍ଠ ଆଇନଜୀବୀ ବିଶ୍ୱନାଥ ନାୟକ, କାରିଗର ସନ୍ତୋଷ ଖେଦକର, ରାମଜୀ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।



ଖେଳପଡିଆ ବୁଲିବା ପରେ ଅଧିକାରୀଙ୍କ ସହ ଆଲେଚନା କରୁଛନ୍ତି ବିଧାୟିକା।

## ପଞ୍ଚଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବାଲିଶଙ୍କରା, ୩।୧( ହୃଦାନନ୍ଦ ବାରିକ)**

ଓଡ଼ିଶା ଝାରଖଣ୍ଡ ସୀମାନ୍ତ ବନଡେଗା ଖେଳ ପଡିଆଠାରେ ୫ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରୀଆ, ସମ୍ମାନିତ ଅତିଥିଭାବେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ମହମ୍ମଦ ହାରୁନ୍ ରସିଦ, ମୁଖ୍ୟବକ୍ତା ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝିଙ୍କ ସମେତ ବନଡେଗା ସମିତି ସଭ୍ୟ ବିନୟ ସାଏ, ଲୁଲୁକିଡିହି ସମିତି ସଭ୍ୟା ସିଆପତି



ଚାମ୍ପିୟନ ଦଳକୁ ଅତିଥିମାନେ ପରୁସ୍କୃତ କରୁଛନ୍ତି।

### ରତନପୁର ଚାମ୍ପିୟନ

ମୁଣ୍ଡୁ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ହୋଇଥିବା ରତନପୁର ଦଳକୁ କପ୍ ଟ୍ରଫି ସହ ନଗଦ ୨୫ ହଜାର ଏବଂ ରନର୍ଶ ଅଫ ବନଡେଗା ଦଳକୁ ନଗଦ ୧୫ହଜାର ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ସେଖ ସେହେବାଜ୍ ଆଲମ୍, କାସିଦ୍ ହୁସେନ, ନାହିଦ ହୁସେନ,ଏମ୍‌ଡି ନସିବ ପ୍ରମୁଖ ପରିଚୋଳନା କରିଥିବା ବେଳେ ଏମ୍‌ଡି ଜାବେଦ ଓ ଏମ୍‌ଡି ଆଜାଦ ଆମ୍ପାୟାର କାର୍ଯ୍ୟ ତୁଲାଇଥିଲେ।

## ସଂକ୍ଷେପରେ

### ଗ୍ରାମପଞ୍ଚାୟତ ସ୍ତରୀୟ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ

**ବରପାଲି,୩।୨(ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ବ୍ଲକ ରେମତା ଓ ବାଗବାଡି ଗ୍ରାମପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଜନସାଧାରଣଙ୍କୁ ଅବଗତି ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ରେମତା ସରପଞ୍ଚ ବିନୟ ଗଡତିଆଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ଆପିକଲ ଅଧକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର, ଜିଲା ବିଜୁ ଜନତା ଦଳ ସଭାପତି ଡ. ପ୍ରଭାସ ସିଂହ, ବ୍ଲକ ଅଧକ୍ଷ ରୀନା ଥଇତ, ସମିତି ସଭ୍ୟା ବିଜୟ ଲକ୍ଷ୍ମୀ ବେହେରା, ରାଜ୍ୟ ସମବାୟ ସମିତି ଉପ ସଭାପତି ବିରୋସନ ସାହୁ, ସରପଞ୍ଚ ସଂଘ ସଭାପତି ଅଧିକାରୀ ବାରିକ, କୃଷକ ସେଲ୍‌ର ତରଣୀ ଦେବତା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ବାଗବାଡି ପଞ୍ଚାୟତଠାରେ ସରପଞ୍ଚ ସୁଷମା ଭୋଇଙ୍କ ନେତୃତ୍ୱରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ରୀନା ଥଇତ, ରାଜ୍ୟ ସମବାୟ ସମିତିର ଉପ ସଭାପତି ବିରୋସନ ସାହୁ, ସରପଞ୍ଚ ସଂଘ ସଭାପତି ଅଧିକାରୀ ବାରିକ ଯୋଗଦାନ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରେମତା ଓ ବାଗବାଡି କାର୍ଯ୍ୟକ୍ରମରେ ବରଗଡ ଜିଲାର ପ୍ରଥମ ମହିଳା ବିଏସ୍‌ଏଫ୍ ରଞ୍ଜନା ଭୋଇ, ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ହର୍ଷ ବେହେରା, ବ୍ରଜ ମେହେରଙ୍କୁ ସମ୍ମାନିତ କରାଯାଇଥିଲା।

### ନାଗରିକ କମିଟି ବୈଠକ

**ପାଇକମାଲ,୩।୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ନାଗରିକ କମିଟିର ଏକ ବୈଠକ ନୃସିଂହନାଥ ଧର୍ମଶାଳା ପରିସରରେ ଶନିବାର ମନୋଜ ତ୍ରିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣିକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଗତ ୧ ତାରିଖରୁ ପଦ୍ମପୁର ଜିଲା ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ଧାରଣାରେ ବସିଥିବାରୁ ଆଜିର ବୈଠକରେ ଏହାକୁ ପୂର୍ଣ୍ଣ ସମର୍ଥନ ଦିଆଯାଇଥିଲା। ଏଥିସହ ପାଇକମାଳକୁ ସରକାର ଶୀଘ୍ର ସିଏସ୍‌ସି ଏବଂ ଏନ୍‌ଏସି ଘୋଷଣା କରି ପୂର୍ବ ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥବଲା। ସମ୍ପାଦକ ନୀଳମଣି ପଣ୍ଡା ଧନ୍ୟବାଦ ପ୍ରଦାନ ଅର୍ପଣ କରିଥିଲେ।

### ଜିଲାସ୍ତରୀୟ ଯାଦବ ମହାସଭା



**ଗାଇସିଲେଟ୍,୩।୨(ଦୁର୍ଗାପ୍ରସାଦ ତ୍ରିବେଦୀ):** ବରଗଡ଼ ଜିଲା ଗାଇସିଲେଟ ସାପ୍ତାହିକ ବଜାର ନିକଟ କଲ୍ୟାଣ ମଣ୍ଡପ ପରିସରରେ ଜିଲାସ୍ତରୀୟ ଯାଦବ ମହାସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ଯାଦବ ସାଂସ୍କୃତିକ ସମାଜର ସଭାପତି ରାଜୁ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଜିଲା କମିଟିର ନୀତି ନିୟମ ସଭାପତି ଅମୃତଲାଲ ବନଛୋର, ସାଧାରଣ ସମ୍ପାଦକ ରାମନାରାୟଣ ଭୋଇ, ଗାଇସିଲେଟ ବ୍ଲକ ସଭାପତି ସପ୍ତସିନ୍ଧୁ ବରର୍ଡ଼ା, ସମ୍ପାଦକ ଛେଳିଆ ପୋଡ଼, ଉପସଭାପତି ଚନ୍ଦ୍ରମଣି ଷାଣ୍ଡ, ସମାଜର ମହିଳା ନେତ୍ରୀ ପଦ୍ମିନୀ ନାଗ, ଉର୍ବଶୀ ପୋଡ଼, ପଦ୍ମପୁର ଉପଖଣ୍ଡ ସଭାପତି କେଶବ ଜାଲ, ସମ୍ପାଦକ ଓମପ୍ରକାଶ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଯାଦବ ସମାଜର ପ୍ରତ୍ୟେକ ପରିବାରର ଶିକ୍ଷା, ସାମାଜିକ, ଅର୍ଥନୈତିକ ଉନ୍ନତି, ଯୁବ ସଙ୍ଗଠନ, ମହିଳା ସଙ୍ଗଠନ ଉପରେ ଆଲୋଚନା ହୋଇଥିଲା। ସମାଜର ବିଭିନ୍ନ ସମସ୍ୟା, କୁସଂସ୍କାର ଦୂର କରିବା ସହିତ ନୀତି ନିୟମ ପ୍ରଣୟନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଯାଦବ ସାଂସ୍କୃତିକ ସମାଜର ସମସ୍ତ ବ୍ଲକସ୍ତରୀୟ କମିଟି ସଦସ୍ୟ, ଗାଇସିଲେଟ ବ୍ଲକ ଯାଦବ ସମାଜର ସମସ୍ତ ପଞ୍ଚାୟତ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଲକ୍ଷ୍ମଣ ଯୁଆଡ଼ି, ଫଗୁନୁ ଚରଣ ବାଗ, ଜଳନ୍ଧର ବାଗ, ସାନନ୍ଦ ଭୋଇ, ସଞ୍ଜିବ ବରର୍ଡ଼ି, ଦୁର୍ଯ୍ୟୋଧନ ମନହୀରା, ସୁବଳ ବରର୍ଡ଼ି ପ୍ରମୁଖ ସହଯୋଗ କରିଥିଲେ ।

# ଆର୍‌ଆଇଙ୍କ କାର୍ଯ୍ୟାଳୟ ଘେରିଲା ଜିଲା କୃଷକ ସଂଘର୍ଷ ସଂଘ

## ଦାବି ପୂରଣରେ ବିଳମ୍ବତା ପ୍ରତିବାଦ

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ଚାଷ ହେଉଥିବା ସରକାରୀ ଜମିର ପଟ୍ଟା ପ୍ରଦାନ, ଭୂମିହିନଙ୍କୁ ଘରଡିହ ପଟ୍ଟା ପ୍ରଦାନ, ଆଦିବାସୀ ଲୋକଙ୍କୁ ଜଙ୍ଗଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ, ରେଙ୍ଗାଳି ବାସହ୍ୟୁତଙ୍କୁ ଜମି ପ୍ରଦାନ ଏବଂ ଜମିର କିସମ ପରିବର୍ତ୍ତନ ଦାବି ପୂରଣରେ ବିଳମ୍ବତା ଦେଖାଦେଇଛି। ତେଣୁ ଏହାର ପ୍ରତିବାଦରେ ଶନିବାର ଦେବଗଡ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ରିଆମାଳ ବ୍ଲକ ନୂଆଁଡିହୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମ ଓ ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ ନୂଆଁଡିହୀ ଗ୍ରାମରେ ଏକତ୍ରିତ ହେବାସହ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହ ନୂଆଁଡିହୀ ରାଜସ୍ୱ ସର୍କଲ ଅଧିନସ୍ଥ ସମସ୍ତ ଗ୍ରାମରେ ଆଗାମୀ ଏକ ସପ୍ତାହ ମଧ୍ୟରେ ଉପରୋକ୍ତ ଦାବି ପୂରଣ ନିମନ୍ତେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ରାଜସ୍ୱ ନିରୀକ୍ଷକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏକ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ସଂଘର୍ଷ ସଂଘ ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଘେରାଉରେ ଅନ୍ୟମାନଙ୍କ ମଧ୍ୟରେ ଝସକେତନ ଦେହୁରୀ, ଗିରିଧାରୀ ପ୍ରଧାନ, ବିନୋଦ ବିହାରୀ ବସନ୍ତରା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭୀମସେନ ଗଡନାୟକ, ପ୍ରଶାନ୍ତ କୁମାର ସାହୁ, ଭାଗ୍ୟ କୁମୁରା, ତେଜରାଜ ପ୍ରଦାନ ଓ ଶିବ ଅଦାବରଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ ଓ କୃଷକ ନେତା ସାମିଲ ଥିଲେ। ଜିଲା କୃଷକ ସଂଘର୍ଷ ସଂଘର ଅଭିଯୋଗ ଅନୁଯାୟୀ, ୨୦୨୩ ନଭେମ୍ବର ୨୨ରେ ଉପରୋକ୍ତ ୫ ଦଫା ଦାବି ନେଇ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଦରଖାସ୍ତ ପ୍ରଦାନ କରାଯାଇଥିଲା। ମାତ୍ର ଅଦ୍ୟାବଧି ଦାବି ପୂରଣ ନେଇ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ଜିଲାର ରାଜସ୍ୱ ନିରୀକ୍ଷକ ଆବେଦନକାରୀଙ୍କ ଦରଖାସ୍ତ ଆଧାରରେ ତଦନ୍ତ ରିପୋର୍ଟ ପ୍ରଦାନରେ ବିଳମ୍ବ କରୁଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ତେଣୁ ଏହାର ପ୍ରତିବାଦରେ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିବା ସଂଘର୍ଷ ସଂଘର ସଭାପତି ହେମ୍ବ୍ରମ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।



ଆର୍‌ଆଇଙ୍କ କାର୍ଯ୍ୟାଳୟ ଘେରିଲା ଜିଲା କୃଷକ ସଂଘର୍ଷ ସଂଘର ସଦସ୍ୟ।

# କାଳିଆପାଳ ଆଶ୍ରମ ବିଦ୍ୟାଳୟରେ ସାହିତ୍ୟ,ସୃଜନଶୀଳତା ଉତ୍ସବ

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅବସରରେ ବାରକୋଟ ବ୍ଲକ କାଳିଆପାଳ ଆଶ୍ରମ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପକୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଉତରାୟ ମୁଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା,ଚିତ୍ରାଙ୍କନ ଓ ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହେବାସହ କୃତୀ ପ୍ରତିଯେଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ବେହେରା କବିତା ମାଧ୍ୟମରେ ଓଡିଆ ଭାଷାର ମହତ୍ୱ ବୁଝାଇବା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ଶିକ୍ଷକ ଶୁକଦେବ ବାଙ୍କିରା, ତପନ କୁମାର ପ୍ରଧାନ, ହରିହର ସାହୁ, ଶିକ୍ଷୟିତ୍ରୀ ଜୁଲୀରାଣୀ ବିଶ୍ୱାଳ ଓ ଶୁଭଲକ୍ଷ୍ମୀ ତ୍ରିପାଠୀ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# ୫ରୁ ଆନ୍ତଃ ଜିଲା ସ୍କୁଲ କ୍ରିକେଟ ପ୍ରତିଯୋଗିତା

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

କ୍ରିକେଟ ଆସୋସିଏସନର ନିଷ୍ପତ୍ତି କ୍ରମେ ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ଆନ୍ତଃ ଜିଲା ସ୍କୁଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆସନ୍ତା ୫ରୁ ଏହି ଟୁର୍ନାମେଣ୍ଟ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଶୁଭାରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି ବୋଲି କ୍ରିକେଟ ସଂଘ ପକ୍ଷରୁ କୁହାଯାଇଛି। ଏଥିରେ ଜିଲାର ୮ଟି ଦଳ ଭାଗ ନେଉଛନ୍ତି। ଦେବଗଡ଼ ସହରର ରାଜା ବାସୁଦେବ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦ୍ରୀୟ ବିଦ୍ୟାଳୟ ରିଆମାଳ ବ୍ଲକର ରିଆମାଳ ହାଇସ୍କୁଲ, ବୁଢ଼ାପାଳ ହାଇସ୍କୁଲ, ବାରକୋଟ ବ୍ଲକର ଆଦର୍ଶ ବିଦ୍ୟାଳୟ, କଣ୍ଢେଇ ହାଇସ୍କୁଲ ଏବଂ ତିଳେଇବନି ବ୍ଲକର ଆଦର୍ଶ ବିଦ୍ୟାଳୟ ଅଂଶ ଗ୍ରହଣ କରୁଛନ୍ତି। ଏନେଇ ପ୍ରସ୍ତୁତି ଚୂଡାନ୍ତ ହେବା ସହ ଛାତ୍ରମାନେ ଅନ ଲାଇନରେ ରେଜିଷ୍ଟ୍ରେସନ କରିଥିବା ନେଇ ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ଦଳ ଓସିଏ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତାରେ ଦେବଗଡ଼ ଜିଲା ତରଫରୁ ପ୍ରତିନଧିତ୍ୱ କରିବ ବୋଲି ଜିଲା କ୍ରିକେଟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



କାର୍ଯ୍ୟକ୍ରମରେ କୃତୀ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜିଲା ପ୍ରଶାସନ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗାନ

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅବସରରେ ଦେବଗଡ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଜିଲାପାଳ ସୋମେଶ କୁମାର ଉପାଧ୍ୟାଙ୍କ ନେତୃତ୍ୱରେ ଉପ ଜିଲାପାଳ ପରକ୍ଷୀତ ସାହୁଙ୍କ ସମେତ ସମସ୍ତ ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି ଅବସରରେ କଲେକ୍ଟରେଟ ପରିସରରେ ଥିବା ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମୀ ବୃନ୍ଦ।

# ଝାରବନ୍ଧରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଝାରବନ୍ଧ,୩।୧(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ସ୍ଥିତ ସଭା ଗୃହରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ଲିପ୍ସା ପ୍ରଧାନ, ବିଜେଡି ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ଝାରବନ୍ଧ ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ମରେଇ, ସନ୍ତୋଷ କୁମାର ବେହେରା, ଅଧ୍ୟାପକ ରଶ୍ମିରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ଭବିଷ୍ୟତ ଉପରେ ମତପ୍ରକାଶ କରିଥିଲେ। ବିପିଏମ୍ ସତ୍ୟ କୁମ୍ଭାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ବ୍ଲକ ଅନ୍ତର୍ଗତ ସମସ୍ତ ଅଙ୍ଗନୱାଡି କର୍ମୀ, ଛାତ୍ରୀଛାତ୍ର ଓ ଜନସାଧାରଣ ଯୋଗଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିପିଓ ସୁଶାନ୍ତ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ମିଶନ ଶକ୍ତି ମହିଳାଙ୍କ କବିତା ପାଠ

ସୋହେଲା,୩।୨(ଅଶ୍ୱିନୀ ପାତ୍ର)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ବ୍ଲକ୍ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଭୁବନେଶ୍ୱର ଜନତା ମଇଦାନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଘାଟନ ଅବସରରେ ରାଜ୍ୟର ସମସ୍ତ ବ୍ଲକ ଓ ପଞ୍ଚାୟତ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲେଖକ ଅଶୋକ ପୂଜାହାରୀ, ଅନୁବାଦକ ଶେଖ୍ ଜଲିଲ, ବିପ୍ଳବୀ କବି ନୀତିଶ ଆଚାର୍ଯ୍ୟ ଓ ସ୍ତମ୍ଭକାର ଅମାତ୍ୟ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଆଭାଷା ଓ ସଂସ୍କୃତି କ୍ଷେତ୍ରରେ ଯୋଗଦାନ ସମ୍ପର୍କିତ ଏକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। ମିଶନ ଶକ୍ତି ମହିଳାଙ୍କ ମଧ୍ୟରେ ସ୍ୱରଚିତ କବିତା ପାଠ ପଠନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜୀବିକା ମିଶନ ସଂଯୋଜିକା ରୋହିଣୀ ବରିହା ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଜିଲା ଶିକ୍ଷା ବିଭାଗ ପକ୍ଷରୁ ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର) ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅବସରରେ ଦେବଗଡ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲା ଶିକ୍ଷା କାର୍ଯ୍ୟାଳୟ ସମେତ ୩ଟି ବ୍ଲକର ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନରେ ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟାଳୟ ପରିସରରେ ସମସ୍ତ କର୍ମଚାରୀ ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏଥିସହ ୩ଟି ବ୍ଲକର ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନରେ ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସେହିପରି ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଉପଲକ୍ଷେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡିଆ ତର୍କ, ଜଣାଅଜଣା, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବାସହ କଳା ସଂସ୍କୃତି ଓ ପରମ୍ପରା ସମ୍ବନ୍ଧିତ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ରବିବାର ବ୍ଲକ ସ୍ତରୀୟ ଓ ୫ ତାରିଖରେ ଜିଲା ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ନିମନ୍ତେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ,ତିଳେଇବଣି ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଶିକରେନ୍ଦ୍ର ଛତ୍ରିଆ ଓ ବାରକୋଟ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଣି ଗାୟତ୍ରୀ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବିଭାଗ ସୂତ୍ରରୁ ସୂଚନା ମିଳିଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ।

# ପତ୍ରାପାଲି ବିଦ୍ୟାଳୟର ବାର୍ଷିକୋତ୍ସବ

ସରଣ୍ଡା,୩।୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ପତ୍ରାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସାଧାରଣ ସଭାରେ ଏବିଇଓ ରବୀନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, କୋଶଲି କବି ମୁନିରାମ କୁମ୍ଭାର ମୁଖ୍ୟ ବକ୍ତା, ଶିକ୍ଷକ ଟୁନା କର୍ଣ୍ଣ, ପୂର୍ବତନ ସ୍କୁଲ ଚେୟାରମ୍ୟାନ ଜ୍ଞାନବନ୍ତ କର୍ଣ୍ଣ, ସିଆରସିସି ନନ୍ଦିଘୋଷ ଭୁଏ, ଗ୍ରାମ କମିଟି ସଭାପତି ରାମକୃଷ୍ଣ ଗେଜୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ନାରାୟଣ ବିଶି ଏବଂ ବିଦ୍ୟାଳୟର ଚେୟାରମ୍ୟାନ ପ୍ରହଲ୍ଲାଦ ଭୁଏ ମଞ୍ଚାସୀନ ଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ବବଲିରାଣୀ ଗଡତିଆ, ରଞ୍ଜିତା କ୍ଷେତି, ମଥୁରା ପଧାନ, ଝରଣା ମହାକୁର ଓ ଶିକ୍ଷକ ସଞ୍ଜୀବ ନାଏକ ଏବଂ ପରିଚାଳନା କମିଟିର ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଯୁବ ସମାଜିକ କର୍ମୀଙ୍କ ଭାଜପାରେ ଯୋଗଦାନ



ମିଶ୍ରଣ ପର୍ବରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ ।

ରିଆମାଳ,୩।୨(ନିରଞ୍ଜନ ବେହେରା)

ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ବଲପୁର ଗସ୍ତରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଦେବଗଡ ଜିଲା ରିଆମାଳ ବ୍ଲକର ମଳେହିପଡା ସମିତିସଭ୍ୟ, ରିଆମାଳ ବିକାଶ ମଞ୍ଚର ସଭାପତି ତଥା ଯୁବ ସମାଜିକ କର୍ମୀ ମୁନସୁନ କୁମାର ସାହୁ ଶନିବାର ଭାଜପାରେ ଯୋଗଦେଇଛନ୍ତି। ମୋଦୀଙ୍କ ବିକାଶ ମୂଳକ କାର୍ଯ୍ୟ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରେରଣା ଯୋଗୁ ଭାଜପାରେ ଯୋଗ ଦେଇଛନ୍ତି ବୋଲି ମୁନସୁନ କହିଛନ୍ତି। ଆଗାମୀ ଦିନରେ ରିଆମାଳ ବ୍ଲକ ତଥା ଦେବଗଡ ବାସୀଙ୍କ ସେବା ତଥା ଅଞ୍ଚଳର ଉନ୍ନତି ପାଇଁ କାର୍ଯ୍ୟ କରିବି ବୋଲି ଜଣେଇଛନ୍ତି। ମିଶ୍ରଣ ପର୍ବ ସମୟରେ ଜିଲା ସଭାପତି ଅରୁଣ କୁମାର ସାହୁ, ରାଜ୍ୟ ସାଧାରଣ ସଂପାଦକ ସୀମାଞ୍ଚଳ ଖଟେଇ, ରେଙ୍ଗାଳି ବିଧାୟକ ନାଉରୀ ନାୟକ, ଦେବଗଡ ଜିଲା ସାଧାରଣ ସଂପାଦକ ରଞ୍ଜିତ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ ପ୍ରସାଶନ ତରଫରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର) ତିଲେଇବଣୀ ବ୍ଲକ କାର୍ଯ୍ୟାଳୟରେ ବ୍ଲକ ପ୍ରସାଶନ ତରଫରୁ ଶନିବାର ବ୍ଲକ ସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ ଏବଂ ଉପାଧ୍ୟକ୍ଷ ଆରତୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସୁମନ୍ତ୍ର କୁମାର ସିଂ, ଜାଜ୍ଞସେନୀ ମହାନନ୍ଦ ମଞ୍ଚାସିନ ଥିଲେ। ଓଡ଼ିଆ ଭାଷାର ବିକାଶ ତଥା ବହୁଳ ପରିମାଣରେ ପଢ଼ିବା ଲେଖିବା ନିମନ୍ତେ ମୁଖ୍ୟ ବକ୍ତା ଶିକ୍ଷାବିତ ଯୁକ୍ତ ଚିତ୍ତରଞ୍ଜନ ଦାସ ଏବଂ ଫକିର ମୋହନ ଦେହୁରୀ ଅଭିଭାଷଣ ରଖି ଉକ୍ତ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସଭାରେ ମୁଖ୍ୟ ଆକର୍ଷଣ ଥିଲା ବ୍ଲକ ସ୍ତରୀୟ ପୁସ୍ତକ ମେଳା। ଏହି ପୁସ୍ତକ ମେଳାକୁ ବ୍ଲକର ବରିଷ୍ଠ ରାଜସ୍ୱ ସହାୟକ ତଥା- ବରିଷ୍ଠ କବୟିତ୍ରୀ ଅଞ୍ଜନା ନାଏକ ଆୟୋଜିତ କରିଥିଲେ। ଏଥିରେ ଘରେ ଘରେ ପରିଚିତ ଓ ଆବଶ୍ୟକ ପୂଜାର୍ଚ୍ଚନା, ଭଜନ,ଗଳ୍ପ କାବ୍ୟ,ପୁସ୍ତକ ସହିତ କବୟିତ୍ରୀ ଅଞ୍ଜନା ନାଏକଙ୍କ ରଚିତ ୨ଟି ପୁସ୍ତକ ଯଥା ମୋ ଗାଁ ମାଟି ଏବଂ ଅପୂର୍ବ ପ୍ରଦର୍ଶିତ ହୋଇଥିଲା। ପ୍ରାୟ ୧୪୫ଟି ପୁସ୍ତକ ବିକ୍ରି ହୋଇଥିଲା। ଏଥିରେ ବ୍ଲକର ବଡ଼ ବାବୁ ଗୀତାଞ୍ଜଳି ନାଏକଙ୍କ ସହିତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଘରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ନୂଆପଡ଼ା,୩।୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଅଧିନସ୍ଥ ସିଆଲଲଟି ପଞ୍ଚାୟତ ଭାଲୁକୋନା ଗାଁ ର ଏକ ଘରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତ୍ରି ପ୍ରାୟ ସାଢେ ଆଠଟାରେ ଘନଶ୍ୟାମ ନାଏକ ଖାଇ ସାରି ବାହାରେ ପରିବାର ଲୋକଙ୍କ ସହ କଥାବାର୍ତ୍ତା ହେଉଥିବାବେଳେ ଘରେ ନିଆଁ ଲାଗିଥିଲା। ପରିବାର ଲୋକେ ଦେଖି ଚିତ୍କାର କରିଥିଲେ। ଗ୍ରାମବାସୀ ଘଟଣାସ୍ଥଳକୁ ଦୌଡି ଆସି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସଟ୍ ସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ୩ ବଖରା ଛପର ଘର ସହ ୩୦ ବସ୍ତା ଧାନ, ୮ ବସ୍ତା ଚାଉଳ, ବାଇକ୍ ଓ ଘରକରଣା ଜିନିଷ ପୋଡି ଛାରଖାର ହୋଇଯାଇଛି।

# ଷ୍ଟ୍ରେଚରରେ ବୁହା ହେଲେ ଗର୍ଭବତୀ

■ ଗାଁକୁ ରାସ୍ତା ନ ଥିବାରୁ ଯାଇପାରିଲାନି ଆମ୍ବୁଲାନ୍ସ

■ ୩କିମି ବୋହିନେଲେ ଆମ୍ବୁଲାନ୍ସ କର୍ମଚାରୀ

କୋକସରା,୩।୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)



ଗର୍ଭବତୀଙ୍କୁ ଆମ୍ବୁଲାନ୍ସ କର୍ମଚାରୀ ଷ୍ଟ୍ରେଚରରେ ବୋହି ନେଉଛନ୍ତି।

କଳାହାଣ୍ଡି ଜିଲାରେ ଶନିବାର ପୁଣି ଜଣେ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୁହା ହୋଇଥିବା ଦେଖିବାକୁ ମିଳିଛି। କୋକସରା ବ୍ଲକ ଆମପାଣି ପଞ୍ଚାୟତର ସାହାଜଖୋଲ ଜଙ୍ଗଲ ମଧ୍ୟରେ ରହିଥିବା ଗିରଳିମାଲ ଗାଁକୁ ଭଲ ରାସ୍ତା ନ ଥିବାରୁ ଯାଇପାରି ନ ଥିଲା ଆମ୍ବୁଲାନ୍ସ। ସକାଳେ ଗାଁର ଲିଙ୍ଗୁରୁ ଖିଲୋଙ୍କ ସ୍ତ୍ରୀ ଦୀପାଲି (୨୪)ଙ୍କ ପ୍ରସବ ବେଦନା ଆରମ୍ଭ ହୋଇଥିଲା। ପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଗର୍ଭବତୀ ମହିଳାଙ୍କୁ ଆଣିବା ପାଇଁ ଯାଇଥିବା ଆମ୍ବୁଲାନ୍ସ ଗାଁର ୩ କିମି ପୂର୍ବରୁ ଆଉ ଯାଇପାରିଲା ନାହିଁ। ଅନ୍ୟପଟେ ପ୍ରସବ ବେଦନାରେ ଛଟପଟ ହେଉଥିବା ମହିଳାଙ୍କୁ କର୍ମଚାରୀମାନେ କୌଣସି ଉପାୟ ନ ପାଇ ମାନବିକତା ଦେଖାଇ ଦୀର୍ଘ ୩ କିଲୋମିଟର ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ପରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଗର୍ଭବତୀଙ୍କ ରକ୍ତହୀନତା ଥିବା କାରଣରୁ ତାଙ୍କୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନା ଭବାନୀପାଟଣାକୁ ସ୍ଥାନାନ୍ତର କରିଥିଲେ। ୧୦୮ ଆମ୍ବୁଲାନ୍ସ ଫାର୍ମାସିଷ୍ଟ ଦେବେନ୍ଦ୍ର ନାଏକ, କର୍ମଚାରୀ ବୈବସ୍ୱତ ଛତ୍ରିଆ, ବେଲାଲସେନ ନାଏକଙ୍କ ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## କିସ୍‌ରେ ସାମୂହିକ ସ୍ୱରରେ 'ବନ୍ଦେ ଉତ୍କଳ ଜନନୀ'



ସାମୂହିକ ସ୍ୱରରେ ବନ୍ଦେ ଉତ୍କଳ ଜନନୀ ଗାନ ପାଇଁ ସମବେତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଭବାନୀପାଟଣା,୩।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି କିସ୍ ପରିସରରେ ଶନିବାର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଦିବସକୁ ସରସ ସୁନ୍ଦର ଭାବରେ ପାଳନ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟର ଛାତ୍ରୀଛାତ୍ର ପଡ଼ିଆରେ ଓଡ଼ିଶାର ମାନଚିତ୍ର ରୂପରେ ଛିଡ଼ାହୋଇ ଏହି ଓଡ଼ିଆ ଭାଷାର ମହାନ କଥାକୁ ଶ୍ରବଣ କରିବା ସହିତ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'କୁ ଛାତ୍ରୀମାନେ ଗାୟନ କରିଥିଲେ। ଏହା ପରେ ରାଜ୍ୟସ୍ତରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଲାଇଭ ଟିଭି ମାଧ୍ୟମରେ ଅବଲୋକନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ଓଡ଼ିଆ ଭାଷା ଉପରେ ହେଉଥିବା ଏହି ମହତ୍ତ୍ୱପୂର୍ଣ୍ଣ କଥାକୁ ବୁଝିବା ସହିତ ଓଡ଼ିଆ ହେବାରେ ନିଜକୁ ଗର୍ବ ଅନୁଭବ କରିଥିଲେ। କିସ୍ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ କିସ୍ କଳାହାଣ୍ଡିର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ, ଉପପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ସହ କିଟ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଅନୁଷ୍ଠାନରେ ରହି ଏହିଭଳି କାର୍ଯ୍ୟକ୍ରମରେ ସୁଯୋଗ ପାଇଥିବାରୁ ସମସ୍ତେ ସାମନ୍ତଙ୍କୁ ପ୍ରଶଂସା କରିଥିଲେ।

## ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳନ

ଖଡ଼ିଆଳ,୩।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ପଞ୍ଚାୟତ ସମିତି ଆନୁକୂଲ୍ୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବ୍ଲକ ସଭାକକ୍ଷରେ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାବେଶରେ ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରସେନ ବେହେରା, ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା ଓ ତନୟା ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଶୁଭ ଉଦ୍‌ଘାଟନ ସମାରୋହ ଭିଡିଓ କନଫରେନ୍ସ ମାଧ୍ୟମରେ ଦେଖାଯାଇଥିଲା। ଏହା ପରେ ମଞ୍ଚାସୀନ ଅତିଥିବୃନ୍ଦ ଓଡ଼ିଆ ଭାଷାର ପ୍ରଚାର ଓ ସମୃଦ୍ଧି ପାଇଁ ମତାମତ ରଖିଥିଲେ। ଖଡ଼ିଆଳର ସୁସାହିତ୍ୟିକ ବଳଭଦ୍ର ମହାନ୍ତି ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. ସୁଶାନ୍ତ କୁମାର ବିଶି ଓଡ଼ିଆ ଭାଷା ସାହିତ୍ୟର ଅସ୍ମିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଖଡ଼ିଆଳ ବ୍ଲକର ଯଶସ୍ୱୀ ସାରସ୍ୱତ ସାଧକ ଓ ପାଲା ଗାୟକ ଅର୍ଜ୍ଜୁନ ଛତ୍ରିଆ, ଡୋଳାମଣି ଦଣ୍ଡସେନା, ଶିରୀଶଙ୍କର ବାରିକ, ଲବଣେଶ୍ୱର ବାରିକ, ମୀନକେତନ ବାରିକ, ଡ. ଶରତ ଚନ୍ଦ୍ର ଚଲାନ, ବଳଭଦ୍ର ମହାନ୍ତି, ଡ. ସୁଶାନ୍ତ କୁମାର ବିଶି, ଲଳିତ ବାରିକ, ତୁମେଶ୍ୱର ଚଲାନ, ହେମରାଜ ଶାସ୍ତ୍ରୀ, ଯୋଗେଶ୍ୱର ରାଉତରାୟ ପ୍ରମୁଖଙ୍କୁ ଜୀବନବ୍ୟାପୀ ଓଡ଼ିଆ ଭାଷା ସାହିତ୍ୟ ସାଧନା ପାଇଁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଅବସରରେ କୃତବିଦ୍ୟ ଗାୟକ ଡୋଳାମଣି ଦଣ୍ଡସେନା ଓ ସାଥୀ ପାଲା ପରିବେଷଣ କରିଥିଲେ।

## ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଧାରଣା, ଦାବିପତ୍ର




ନୂଆପଡ଼ା ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକମାନେ ଧାରଣାରେ ବସିଛନ୍ତି।

ନୂଆପଡ଼ା,୩।୨ (ମକାରୁ ବେମାଲ)

ନୂଆପଡ଼ା ଜିଲା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବିଭିନ୍ନ ସମସ୍ୟାକୁ ନେଇ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସିଥିଲେ। ଓଷ୍ଟା ଜିଲା ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ଯୋଷୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ବିଭିନ୍ନ ସମସ୍ୟାକୁ ନେଇ ଦୀର୍ଘ ଦିନରୁ ଦାବି କରିଆସୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ ପୁଣି ସମସ୍ୟା ଉପରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦେବା ସହ ଆସନ୍ତା ୭ରେ ରାଜ୍ୟ ରାଜଧାନୀଠାରେ ବିଶାଳ ସମାବେଶ କରି ଧାରଣାରେ ବସିବା ପାଇଁ ଚେତାବନୀ ଦେଇଛନ୍ତି। ୧୯୯୪ ଅନୁଦାନ ଆଇନରୁ ବାଦ ପଡିଥିବା ବିଦ୍ୟାଳୟଗୁଡିକୁ ପୂର୍ଣ୍ଣ ଅନୁଦାନ, ଯୋଗ୍ୟ ବିବେଚିତ ସମସ୍ତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନସନ, ୧୯୯୪ ଜୁନ ୭ ରୁ ଅଦ୍ୟାବଧି ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ୨୦୨୩ ନଭେମ୍ବର ୧ରେ ଯୋଗ୍ୟ ୩୯୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କର ୬ଟି ନୋସନାଲ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ଅଫିସ କାର୍ଯ୍ୟରତ ସହାୟକମାନଙ୍କର ଯୋଗ୍ୟତା ଭିତ୍ତିକ ପଦୋନ୍ନତି ସହ ଉଚ୍ଚତର ଗ୍ରେଡପେ ହାରରେ ଦରମା, ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତି ବିଦ୍ୟାଳୟରେ ଖାଲି ପଡିଥିବା ପଦବୀ ପୂରଣ, ଷଷ୍ଠରୁ ଦଶମ ପିଲାଙ୍କ ପାଇଁ ଶାରୀରିକ ଶିକ୍ଷା ପାଠ୍ୟକ୍ରମ ପ୍ରଚଳନ କରିବା, ଚାକିରୀ ସର୍ତ୍ତାବଳୀ ଓ ଅବସରକାଳୀନ ସମସ୍ତ ସୁବିଧା ଯୋଗାଇ ଦେବା ଦାବି କରିଛନ୍ତି। ଏହି ସମୟରେ ଜିଲା ସଭାପତି ବନବିହାରୀ ମେହେର, ଉପସଭାପତି ଭରତ ଚନ୍ଦ୍ର ବେହେରା, ସଦର ବ୍ଲକ ସଭାପତି ପଣ୍ଡୁରାମ ପାଣ୍ଡେ, ସଂଗ୍ରାମ କିଶୋର ପ୍ରଧାନ, ନିରଞ୍ଜନ ବିଶ୍ୱାଳ, ଉପେନ୍ଦ୍ର ପାଢୀ, ଦୁର୍ବଦଳ ସାହୁ, ପଦ୍ମନାଭ ସାହୁ, ପ୍ରଫୁଲ୍ଲ ମହାରଣା, ଚିତ୍ତରଞ୍ଜନ ଦାସ ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ।

## ପେଟରୁ ସୁରକ୍ଷିତ ଭାବେ କଢ଼ା ହେଲା ଲୁହାରଡ଼

**ନୂଆ ଜୀବନ ପାଇଲେ ବାଳକ**

ଭବାନୀପାଟଣା,୩।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଦଶପୁର ଗ୍ରାମର ବିମଳ ସେଠି (୧୧) ନାମକ ଜଣେ ନାବାଳକ ଶୁକ୍ରବାର ଅପରାହ୍ନରେ ଖେଳୁଥିବାବେଳେ ହଠାତ୍ ଛାତ ତଳକୁ ପଡିଯାଇଥିଲେ। ଏହି ସମୟରେ ତାଙ୍କର ପେଟରେ ଏକ ଲୁହାରଡ ପଶି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣା ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ହସ୍ତକ୍ଷେପ ପରେ ତୁରନ୍ତ ନାବାଳକଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ମେଡିକାଲ କଲେଜର ସର୍ଜନ ବିଭାଗର ସହକାରୀ ପ୍ରଫେସର ଡାକ୍ତର ଅବିନାଶ ପଟ୍ଟଯୋଷୀଙ୍କ ନେତୃତ୍ୱରେ ଉକ୍ତ ଦିନ ସନ୍ଧ୍ୟାରେ ବିମଳଙ୍କୁ ବିଭିନ୍ନ ପରୀକ୍ଷା କରିବା ପରେ ଅସ୍ତ୍ରୋପଚାର କରାଯାଇଥିଲା। କିଛି ସମୟ ପରେ ସୁରକ୍ଷିତ ଭାବରେ ପ୍ରାୟ ଦେଢଫୁଟର ଅଧିକ ଲୁହାରଡକୁ ବିମଳଙ୍କ ପେଟରୁ କଢାଯାଇଥିଲା। ବର୍ତ୍ତମାନ ବିମଳ ସୁସ୍ଥ ହୋଇ ମେଡିକାଲରେ ଥିବା ଜଣାପଡିଛି। ଘଟଣାଦିନ ବାଳକଙ୍କୁ ସ୍ଥାନୀୟ ସରପଞ୍ଚ ରଞ୍ଜନସାହୁ, ସାମାଜିକ କର୍ମୀ ପର୍ମାନନ୍ଦ ପାୟାସିଂହ, ରବୀନ୍ଦ୍ର ସାହୁ, ଗୋରାଙ୍ଗ ବାଗଙ୍କ ସହାୟତାରେ ପରିବାରବର୍ଗ ତୁରନ୍ତ ମେଡିକାଲ କଲେଜକୁ ପହଞ୍ଚାଇଥିଲେ।

## ଶାହରୁଖ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ସମନ୍ୱୟ କମିଟିରେ ମନୋନୀତ

ନୂଆପଡ଼ା,୩।୨ (ମକାରୁ ବେମାଲ)

ଓଡିଶାରେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମିଳିନ୍ଦ ଗୌତମ ଓ ସହ ପ୍ରଭାରୀ ଅଭିନବ ସିଦ୍ଧାର୍ଥଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭାପତି ରଞ୍ଜିତ ପାତ୍ର ସମନ୍ୱୟ କମିଟି ତାଲିକା ପ୍ରକାଶ କରିଛନ୍ତି। ଏହି କମିଟିରେ ନୂଆପଡା ଜିଲା ସକ୍ରିୟ ଯୁବ କଂଗ୍ରେସ ନେତା ତଥା ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଶାହାରୁଖ ଖାନଙ୍କୁ ମନୋନୀତ କରାଯାଇଛି। ଭାରତ ଯୋଡ ନ୍ୟାୟ ଯାତ୍ରା ସମନ୍ୱୟ କମିଟି ତାଲିକାରେ ଖାନଙ୍କ ନାମ ପ୍ରକାଶ ପାଇବା ପରେ ନୂଆପଡା ଜିଲାର ସମସ୍ତ କଂଗ୍ରେସ କର୍ମକର୍ତ୍ତା ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ରାଜ୍ୟ ପୁରସ୍କୃତ ଶିକ୍ଷକ ଦ୍ୱୟଙ୍କୁ ସମ୍ବର୍ଦ୍ଧନା



ଶିକ୍ଷକ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଡ଼ିଆଳ,୩।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଏବଂ ଓଡ଼ିଆ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନସ୍ଥ ରାଜ୍ୟ ପୁରସ୍କାରପ୍ରାପ୍ତ କରିଥିବାରୁ ବିଦ୍ୟାଳୟ ତରଫରୁ ଉଭୟଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ମହୋତ୍ସବ ପାଳନ କମିଟି ଅଧ୍ୟକ୍ଷ ତଥା ବିଶିଷ୍ଟ ସମାଜସେବୀ ଜିତେନ୍ଦ୍ରନାଥ ପଟ୍ଟନାୟକ, ମହୋତ୍ସବ ପାଳନ କମିଟି ସମ୍ପାଦକ ସୁନୀଲ ସାହୁ, ଶିକ୍ଷାବିତ ଯଶୋବନ୍ତ ନାରାୟଣ ପଣ୍ଡା, ଗୋବିନ୍ଦ ପଣ୍ଡା, ବିଭୂତି ଭୂଷଣ ବିଶି ପ୍ରମୁଖ ଉଭୟ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବିଦ୍ୟାଳୟର ଅତିଥି ଶିକ୍ଷକ ଅକ୍ଷୟ କୁମାର ରଥ, ବରିଷ୍ଠ ଶିକ୍ଷକ ଗୌରୀ ଶଙ୍କର ଦୁବେ, ନାରାୟଣ ମୁଣ୍ଡ, ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଅଭିନନ୍ଦନ ଜଣାଇଥିଲେ। ଉଭୟ ଶିକ୍ଷକ ପୂର୍ବରୁ ଜିଲା ସମ୍ମାନରେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ଏହି ପୁରସ୍କାର ଆହୁରି କର୍ତ୍ତବ୍ୟାଭିମୁଖୀ କରିବା ସହିତ ଅଭିପ୍ରେରିତ କରିବ ବୋଲି ପ୍ରତିକ୍ରିୟାରେ କୃତୀ ଶିକ୍ଷକ ଦ୍ୱୟ ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ନୂଆପଡ଼ା,୩।୨ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି ପଞ୍ଚାୟତ ଦଳଦଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମଲାଲ ସତନାମୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ଶୁଭେଚ୍ଛା ଜଣାଯାଇଛି। ଏହି ଅବସରରେ ବିଦ୍ୟାଳୟଠାରେ ଏକ ସ୍ୱାଗତ ସଭା ଆୟୋଜନ କରାଯାଇ ପ୍ରଧାନ ଶିକ୍ଷକ ସତନାମୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ପରେ ଶିକ୍ଷକ ଗାଁ ବାଗମୁଣ୍ଡା ଠାରେ ଗ୍ରାମବାସୀ, ପରିବାରବର୍ଗ, ଶିକ୍ଷକ ଓ ଯୁବକମାନଙ୍କ ଦ୍ୱାରା ତାଙ୍କୁ ସ୍ୱାଗତ ଜ୍ଞାପନ କରାଯାଇଛି। ଏହି ସମୟରେ ବାଗମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମର ସିଂ ମାଝି, ଇନ୍ଦ୍ରଜିତ ସତନାମୀ, ଲଳିତ ବାଗ, ଗୌନ୍ତିଆ ଖେରା ମଟାରୀ, ମାନିକରାମ ସତନାମୀ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ପଲମ,୩।୨ (ଭିକାରି ଗଉଡ):** ନର୍ଲା ବ୍ଲକ ପଲମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ପଲମ ସରପଞ୍ଚ ହେମକିଶୋର ନାଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ବିଜେଡି ସଭାପତି ଚିତ୍ତରଞ୍ଜନ ମଣ୍ଡଳ, ସମ୍ମାନିତ ଅତିଥି ଭାବରେ ନର୍ଲା ୧ନଂ. ଜୋନର ଜିଲା ପରିଷଦ ସଦସ୍ୟା ନମ୍ରତା ସାହୁ, ନର୍ଲା ୨ନଂ ଜୋନର ଜିଲା ପରିଷଦ ହରିଶଙ୍କର ମାଝି, ପଲମ ପଞ୍ଚାୟତ ସମିତି ସଭ୍ୟ ଭକ୍ତି ନାଗ, ସରପଞ୍ଚ ସଂଘ ସଭାପତି ଅନନ୍ତରାମ ମାଝି, ଟକର୍ଲା ସରପଞ୍ଚ ରାମଚନ୍ଦ୍ର ସାହୁ, ସେତେଗେଡ ସରପଞ୍ଚ ରାହୁଲ ସାହୁ, ବାଗପୁର ସରପଞ୍ଚ ଗୋପାଲ ହାତୀ ପ୍ରମୁଖ ଯୋଗଦାନ ଦେଇଥିଲେ। ନର୍ଲା ଯୋଗାଣ ନିରୀକ୍ଷକ ଶିବପ୍ରସାଦ ମହାନ୍ତି ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦାନ କରି ନିଜର ପ୍ରକଳ୍ପ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ।

# ଦାବି ପୂରଣ ନ ହେଲା ଯାଏ ଆନ୍ଦୋଳନ ଜାରିରହିବ

ଭବାନୀପାଟଣା,୩।୨ (ଉତ୍ତମ କୁମାର ଦାଶ)




ପ୍ରାଣୀ ଚିକିତ୍ସକ ସଂଘର ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଆବଶ୍ୟକତା ସମ୍ପର୍କରେ ଓଡିଶା ପ୍ରାଣୀ ଚିକିତ୍ସା ସେବା ସଂଘର ନିଷ୍ପତ୍ତି କ୍ରମେ ଗତ ଜାନୁଆରୀ ୧୮ରୁ ୪ଦଫା ଦାବି ନେଇ କଳାହାଣ୍ଡି ଜିଲାରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକ ସମୂହ ଛୁଟିରେ ରହିଛନ୍ତି। ଇତିମଧ୍ୟରେ ୧୭ଦିନ ବିତିଯାଇଥିଲେ ମଧ୍ୟ ସରକାର ସେମାନଙ୍କୁ ଦାବିକୁ କର୍ଣ୍ଣପାତ କରିନାହାନ୍ତି। ଯାହାକୁ ନେଇ ପ୍ରାଣୀ ଚିକିତ୍ସକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଶନିବାର ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଅଫିସ ପରିସରରେ ଥିବା ତାଲିମ ଗୃହରେ କଳାହାଣ୍ଡି ଜିଲା ପ୍ରାଣୀ ଚିକିତ୍ସକ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ଯଥା–୨୪ ଘଣ୍ଟା ସେବା ବ୍ୟବସ୍ଥା, ବିଶେଷଜ୍ଞ ବ୍ୟବସ୍ଥା, ଜଟିଳ ରୋଗାକ୍ରାନ୍ତ ପ୍ରାଣୀର ସ୍ଥାନାନ୍ତରଣ ସୁବିଧା, ନିଶୁଳ୍କ ସେବା ପ୍ରଭୃତି ଦାବିକୁ ସରକାର ଶୀଘ୍ର ଗ୍ରହଣ କରିବାକୁ ସେମାନେ ନିବେଦନ କରିଥିଲେ। ସେହିପରି ଓଡ଼ିଶାର ପ୍ରାଣୀଚିକିତ୍ସକମାନଙ୍କୁ କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନଙ୍କ ସହ ସମାନ ପଦୋନ୍ନତି (ଡିଏସିପି)ସୁବିଧା ଓ ଉକ୍ତ ହାରରେ ଏନପିଏ ପ୍ରଦାନ ସମେତ ରାଜ୍ୟରେ ପ୍ରାଣୀ ଗଣନା ଓ ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି କରିବା ସହ ଡାକ୍ତର ନିଯୁକ୍ତି ଓ କ୍ୟାଡର ପୁନର୍ଗଠନ ଆଦି ଦାବି କରାଯାଇଥିଲା। ଉପରୋକ୍ତ ଦାବି ଗୁଡିକୁ ସରକାର ନ ଶୁଣିବା ଯାଏ ଏହି ଆନ୍ଦଳନ ଚାଲିବ ବୋଲି ସଂଘର ଜିଲା ସଭାପତି ଡା.ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଡା.କେଦାରନାଥ ଖମାରୀ, ଜିଲା ପ୍ରତିନିଧି ଡା.ଦିବ୍ୟରଞ୍ଜନ ଲେଙ୍କା, ଜିଲା ସଂଯୋଜକ ଡା.ଅଜୟ କୁମାର ମାଝି, ବରିଷ୍ଠ ପ୍ରାଣୀ ଚିକିତ୍ସକ ରଞ୍ଜିତ କୁମାର ସାହୁ ଓ ଡା.ପ୍ରିତିମଞ୍ଜରୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଆନ୍ଦୋଳନରେ କଳାହାଣ୍ଡି ଜିଲାର ୧୩ ଟି ବ୍ଲକରେ କାର୍ଯ୍ୟରତ ୪୦ ଜଣ ପ୍ରାଣୀଚିକିତ୍ସକ ସାମିଲ ହୋଇଛନ୍ତି। ଯଦ୍ୱାରା ଜିଲାର ୧୩ଟି ବ୍ଲକରେ ଥିବା ୨୧ଟି ଚିକିତ୍ସାଳୟରେ କାର୍ଯ୍ୟ ସମ୍ପାଦନା ପ୍ରଭାବିତ ହେଉଥିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ, ପ୍ରାଣୀ ଚିକିତ୍ସକମାନେ ସମୂହ ଛୁଟିରେ ଯିବା ପରେ ଉପରୋକ୍ତ ଡାକ୍ତରଖାନାଗୁଡିକୁ ଚାଲୁରଖିବା ପାଇଁ ଏଲଆଇ ଓ ଭେଟନାରୀ ଟେକ୍ନିସିଆନ, ସର୍ଜନମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ନିୟୋଜିତ କରିଛୁ ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରଜନୀକାନ୍ତ ରଥ ପ୍ରକାଶ କରିଥିଲେ। ଏଲଆଇ, ଭେଟନାରୀ ଟେକ୍ନିସିଆନ, ସର୍ଜନମାନେ ପ୍ରାଣୀ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ ଚିକିତ୍ସା, ଟିକାକରଣ, କୃତିମ ପ୍ରଜନନ କରୁଥିବାବେଳେ ସେମାନେ ଲାଇସେନ୍ସପ୍ରାପ୍ତ କିମ୍ବା ଡିଗ୍ରୀ ଧାରୀ ହୋଇ ନ ଥିବାରୁ ପ୍ରେସକ୍ରିପ୍ସନ, ଶବ ବ୍ୟବଚ୍ଛେଦ ଆଦି କେମିତି କରିବେ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଲାଞ୍ଜିଗଡ଼/କୋକସରା/କର୍ଲାମୁଣ୍ଡା,୩।୨ (ରମେଶ ଚନ୍ଦ୍ର ନାୟକ/ ଦୁଷ୍ମନ୍ତ କୁମାର ପାଟଯୋଷୀ/ ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼, କୋକସରା ଓ କର୍ଲାମୁଣ୍ଡା ବ୍ଲକରେ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ବ୍ଲକ କାର୍ଯ୍ୟାଳୟଠାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ କିରଣ କୁମାର ମହାନ୍ତି, ଏଇ ସାଲକୋ ହେମ୍ବ୍ରମ, ବ୍ଲକ ବିଏସଏସଓ ଅରବିନ୍ଦ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଲେଖକ, ପ୍ରାବନ୍ଧିକ, ବକ୍ତା ଭାବେ ତପନ କୁମାର ଭୋଇ, କବି, ମହିମା ଗୀତ ଗାୟକ ଭାବେ କାହ୍ନୁଚରଣ ବାବା, କବି,ଲେଖକ, ପ୍ରବନ୍ଧ ପୁସ୍ତକ 'କୋହ'ର ଲେଖକ ଭାବେ ସୁଶୀଲ କୁମାର ବାଗ, ନାରୀ କବି ଭାବେ ମାନସୀ ତୁଳ ଏବଂ ଅର୍ଚ୍ଚନା ମିଶ୍ର ସମେତ ପାଞ୍ଚ ଜଣକୁ ପୁଷ୍ପଗୁଚ୍ଛ, ଉପଢୌକନ ଏବଂ ମାନପତ୍ର ଦେଇ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବ୍ଲକ ଜିପିଓ ସରୋଜ କୁମାର ପ୍ରଧାନ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ, ଏମଆଇ ଦିଲୀପ କୁମାର ନାଏକ, ବିଭାଗ ଅଧିକାରୀ ପ୍ରଦ୍ୟୁମ୍ନ ପଣ୍ଡା, ସିନିଅର ଆସିଷ୍ଟାଣ୍ଟ ଭୋଳାନାଥ ଭୋଇ, ଜଗଜୀବନ ମାଝି, ଝସକେତନ ଦୁର୍ଗାଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅରବିନ୍ଦ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଲାଞ୍ଜିଗଡ ତହସିଲଦାର କିରଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କୋକସରା ବିଡ଼ିଓ ସ୍ନେହାପ୍ରଭା ମାଝିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ କୋକସରା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପୁଷ୍ପରାଜ ମେହେର, ତହସିଲଦାର ନବୀନ କିଶୋର ପାଢ଼ୀ, ସାହିତ୍ୟିକ ଲେଖକ ଅଧ୍ୟାପକ ମୋହନ ଚରଣ ବିଶି, ବିଇଓ ରଶ୍ମିତା ନେତମ ପ୍ରମୁଖ ଉପସ୍ଥିତ ରହି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିବା ପରେ ଭୁବନେଶ୍ୱରରୁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖାଯାଇଥିଲା। ଏହି ଅବସରରେ ଭାଷା ଓ ସାହିତ୍ୟ କ୍ଷେତ୍ରରେ ପାରଦର୍ଶିତା ରଖିଥିବା କୋକସରା ବ୍ଲକରୁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଜ୍ୟୋତି ବିହାରରେ ଓଡ଼ିଆ ବିଭାଗର ପ୍ରଫେସର ଥିବା ଡକ୍ଟର ଗୋପୀନାଥ ବାଗ, ପୂର୍ବାଞ୍ଚଳ ଭାଷାକେନ୍ଦ୍ର ଭୁବନେଶ୍ୱରର ସହକାରୀ ପ୍ରାଧ୍ୟାପକ ଓଡ଼ିଆ ବିଭାଗ ଡ. ସଞ୍ଜୟ କୁମାର ବାଗ, ନାଟକ ଲେଖକ ଚିନ୍ତାମଣି ପଟେଲ, ଯୁବ କବି ପଙ୍କଜ ମୁଖ ଚୌଧୁରୀ ଓ ଲୋକନାଥ ପଟ୍ଟନାୟକ ଓ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ସଂଯୋଜନା ଜବାହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ବିଡ଼ିଓ ସ୍ନେହାପ୍ରଭା ମାଝି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ବିଏସଏସଓ ଦୀପକ କୁମାର ବେହେରା ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବା ଭବନଠାରେ ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଏଥିରେ ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ ଅରୁଣ ବର୍ଗେ, ଅବସରପ୍ରାପ୍ତ ସହକାରୀ ଶିକ୍ଷକ ମାର୍କଣ୍ଡ ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସମାଜସେବୀ ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯୁବ ଗାଳ୍ପିକ ତଥା ସାହିତ୍ୟିକ ପ୍ରଶାନ୍ତ କୁମାର ଦାସ, ସଞ୍ଜୀବ କୁମାର ନାଗ, ଭାଗୀରଥି, ନରୋତ୍ତମ ସେଲମାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ଗ୍ରାମପଞ୍ଚାୟତ ସ୍ତରୀୟ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ

**ବରପାଲି,୩।୨(ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ବ୍ଲକ ରେମତା ଓ ବାଗବାଡି ଗ୍ରାମପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଜନସାଧାରଣଙ୍କୁ ଅବଗତି ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ରେମତା ସରପଞ୍ଚ ବିନୟ ଗଡତିଆଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ଆପିକଲ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର, ଜିଲା ବିଜୁ ଜନତା ଦଳ ସଭାପତି ଡ. ପ୍ରଭାସ ସିଂହ, ବ୍ଲକ ଅଧ୍ୟକ୍ଷ ରୀନା ଥଇତ, ସମିତି ସଭ୍ୟା ବିଜୟ ଲକ୍ଷ୍ମୀ ବେହେରା, ରାଜ୍ୟ ସମବାୟ ସମିତି ଉପ ସଭାପତି ବିରୋସନ ସାହୁ, ସରପଞ୍ଚ ସଂଘ ସଭାପତି ଅଧିକାରୀ ବାରିକ, କୃଷକ ସେଲ୍‌ର ତରଣୀ ଦେବତା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ । ସେହିପରି ବାଗବାଡି ପଞ୍ଚାୟତଠାରେ ସରପଞ୍ଚ ସୁଷମା ଭୋଇଙ୍କ ନେତୃତ୍ୱରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ରୀନା ଥଇତ, ରାଜ୍ୟ ସମବାୟ ସମିତିର ଉପ ସଭାପତି ବିରୋସନ ସାହୁ, ସରପଞ୍ଚ ସଂଘ ସଭାପତି ଅଧିକାରୀ ବାରିକ ଯୋଗଦାନ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ରେମତା ଓ ବାଗବାଡି କାର୍ଯ୍ୟକ୍ରମରେ ବରଗଡ ଜିଲାର ପ୍ରଥମ ମହିଳା ବିଏସ୍‌ଏଫ୍ ରଞ୍ଜନା ଭୋଇ, ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ହର୍ଷ ବେହେରା, ବ୍ରଜ ମେହେରଙ୍କୁ ସମ୍ମାନିତ କରାଯାଇଥିଲା ।

### ନାଗରିକ କମିଟି ବୈଠକ

**ପାଇକମାଲ,୩।୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ନାଗରିକ କମିଟିର ଏକ ବୈଠକ ନୃସିଂହନାଥ ଧର୍ମଶାଳା ପରିସରରେ ଶନିବାର ମନୋଜ ତ୍ରିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଣିକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଗତ ୧ ତାରିଖରୁ ପଦ୍ମପୁର ଜିଲା ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ଧାରଣାରେ ବସିଥିବାରୁ ଆଜିର ବୈଠକରେ ଏହାକୁ ପୂର୍ଣ୍ଣ ସମର୍ଥନ ଦିଆଯାଇଥିଲା । ଏଥିସହ ପାଇକମାଲକୁ ସରକାର ଶୀଘ୍ର ସିଏଚ୍‌ସି ଏବଂ ଏନ୍‌ଏସି ଘୋଷଣା କରି ପୂର୍ବ ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥବଲା । ସମ୍ପାଦକ ନୀଳମଣି ପଣ୍ଡା ଧନ୍ୟବାଦ ପ୍ରଦାନ ଅର୍ପଣ କରିଥିଲେ ।

### ଜିଲାସ୍ତରୀୟ ଯାଦବ ମହାସଭା



**ଗାଇସିଲେଟ୍,୩।୨(ଦୁର୍ଗାପ୍ରସାଦ ତ୍ରିବେଦୀ):** ବରଗଡ଼ ଜିଲା ଗାଇସିଲେଟ ସାପ୍ତାହିକ ବଜାର ନିକଟ କଲ୍ୟାଣ ମଣ୍ଡପ ପରିସରରେ ଜିଲାସ୍ତରୀୟ ଯାଦବ ମହାସଭା ଅନୁଷ୍ଠିତ ହୋଇଯାଇଛି । ଜିଲା ଯାଦବ ସାଂସ୍କୃତିକ ସମାଜର ସଭାପତି ରାଜୁ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଜିଲା କମିଟିର ନୀତି ନିୟମ ସଭାପତି ଅମୃତଲାଲ ବନଛୋର, ସାଧାରଣ ସମ୍ପାଦକ ରାମନାରାୟଣ ଭୋଇ, ଗାଇସିଲେଟ ବ୍ଲକ ସଭାପତି ସପ୍ତସିନ୍ଧୁ ବଗର୍ତ୍ତୀ, ସମ୍ପାଦକ ଛେଲିଆ ପୋଡ଼, ଉପସଭାପତି ଚନ୍ଦ୍ରମଣି ଷାଣ୍ଡ, ସମାଜର ମହିଳା ନେତ୍ରୀ ପଦ୍ମିନୀ ନାଗ, ଉର୍ବଶୀ ପୋଡ଼, ପଦ୍ମପୁର ଉପଖଣ୍ଡ ସଭାପତି କେଶବ ଜାଲ, ସମ୍ପାଦକ ଓମପ୍ରକାଶ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ । ଯାଦବ ସମାଜର ପ୍ରତ୍ୟେକ ପରିବାରର ଶିକ୍ଷା, ସାମାଜିକ, ଅର୍ଥନୈତିକ ଉନ୍ନତି, ଯୁବ ସଙ୍ଗଠନ, ମହିଳା ସଙ୍ଗଠନ ଉପରେ ଆଲୋଚନା ହୋଇଥିଲା । ସମାଜର ବିଭିନ୍ନ ସମସ୍ୟା, କୁସଂସ୍କାର ଦୂର କରିବା ସହିତ ନୀତି ନିୟମ ପ୍ରଣୟନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ଯାଦବ ସାଂସ୍କୃତିକ ସମାଜର ସମସ୍ତ ବ୍ଲକସ୍ତରୀୟ କମିଟି ସଦସ୍ୟ, ଗାଇସିଲେଟ ବ୍ଲକ ଯାଦବ ସମାଜର ସମସ୍ତ ପଞ୍ଚାୟତ କମିଟି ସଦସ୍ୟ ଉପସ୍ଥିତ ଥିଲେ । ଲକ୍ଷ୍ମଣ ଯୁଆଡ଼ି, ଫଗୁନୁ ଚରଣ ବାଗ, ଜଳନ୍ଧର ବାଗ, ସାନନ୍ଦ ଭୋଇ, ସଞ୍ଜିବ ବଗର୍ତ୍ତି, ଦୁର୍ଯ୍ୟୋଧନ ମନହୀରା, ସୁବଳ ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ ।



ଓଡ଼ିଆ କବି ସମ୍ମିଳନୀରେ ମଞ୍ଚାସୀନ ଅତିଥି, ଏସ୍‌ଏଚ୍‌ଜି ସଦସ୍ୟା ।

# ଭାଷା ହିଁ ଏକତା, ଅଖଣ୍ଡତାର ସୂତ୍ର

**ବରଗଡ଼,୩।୨(ପ୍ରେମାନନ୍ଦ ଖମାରୀ)**

ଭାଷା ହେଉଛି ଭାବ ବିନିମୟର ମାଧ୍ୟମ । ଭାଷା ବ୍ୟାବାହାରରେ ସମୃଦ୍ଧିର ବାଟ ଫିଟେ । ଭାଷା ହିଁ ଏକତା, ଅଖଣ୍ଡତାର ସୂତ୍ର ବୋଲି ଶନିବାର ବରଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି । ଏବିଡ଼ିଓ ପୁଷ୍ପାଞ୍ଜଳି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ରାଜ୍ୟ ସରକାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆରମ୍ଭ କରିଥିବାରୁ ବିଧାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗକୁ କୃତଜ୍ଞତା ଜଣାଇଥିଲେ । ଡ. ପ୍ରଦୀପ ହୋତା ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଓଡ଼ିଆ



ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ଭାଷାର ମହନୀୟତା ଉପରେ ବକ୍ତବ୍ୟ ରଖିଥିଲେ । ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ଓଡ଼ିଆଙ୍କ ପାଇଁ ଗର୍ବ ବୋଲି କହିଥିଲେ । ଏହି ଅବସରରେ ବରଗଡ଼ ବ୍ଲକର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ସାମୂହିକ ଭାବେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ।

ସେହିପରି ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସିଡ଼ିପିଓ ପାର୍ବତୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଏବିଡ଼ିଓ ପୁଷ୍ପାଞ୍ଜଳି ନାଏକ ଉଦ୍‌ଘାଟନ କରିଥିଲେ । ମା'ମାନଙ୍କ ଭିତରେ ଲୁକ୍କାୟିତ ସୃଜନଶୀଳ ଶକ୍ତି ପ୍ରକାଶିତ ପାଇଁ ଏଭଳି କବି ସମ୍ମିଳନୀ ଏକ ପ୍ରକୃଷ୍ଟ ମଞ୍ଚ ବୋଲି ସେ କହିଥିଲେ । ଗ୍ରାମାଞ୍ଚଳ ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ଶର୍ମିଷ୍ଠା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଓଏଲଏମ୍ ପ୍ରଣତୀ ବାଗ, ଶିକ୍ଷାବିତ୍ ଗୋପବନ୍ଧୁ ପୁରୋହିତ, ବ୍ଲକସ୍ତରୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଝରଣା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବିତାଗୁଡ଼ିକର ମୂଲ୍ୟାଙ୍କନ, ସମୀକ୍ଷା କରିଥିଲେ । ଏହି ଅବସରରେ ବରଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ । ସମ୍ମିଳନୀରେ ଗାଇସୀମାର ମାଁ ଇଷ୍ଟଦେବୀ ଏସ୍‌ଏଚ୍‌ଜି ସଦସ୍ୟା ବୃନ୍ଦାବତୀ ତାଣ୍ଡି ପ୍ରଥମ, ଅଡ଼ଗାଁର ମାଁ ସିଦ୍ଧିଦାତ୍ରୀ ଏସ୍‌ଏଚ୍‌ଜି ସଦସ୍ୟା ଅହଲ୍ୟା ସାହୁ ଦ୍ୱିତୀୟ ଏବଂ ଡୁମ୍ବେରପାଲିର ଶ୍ରୀମା, ଶ୍ରୀ ଅରବିନ୍ଦ ଏସ୍‌ଏଚ୍‌ଜି ସଦସ୍ୟା ଗାୟତ୍ରୀ ସାହୁ ଓ ଅଡ଼ଗାଁର ସଂଘମିତ୍ରା ଏସ୍‌ଏଚ୍‌ଜି ସଦସ୍ୟା ଧରିତ୍ରୀ ପ୍ରଧାନ ଯୁଗ୍ମ ତୃତୀୟ ଭାବେ ପୁରସ୍କୃତ ହୋଇଥିଲେ । ସମସ୍ତ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସିଡ଼ିପିଓ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଷା ପ୍ରତି ରୁଚି ରହିବା ବିଧେୟ

**ବରଗଡ଼,୩।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରେ ଶନିବାର ବିଦ୍ୟାଳୟ ସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୃଜନଶୀଳତା ସମାରୋହ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଖବରଦାତା ବିଶ୍ୱରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠପଢ଼ା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ପରିପ୍ରକାଶର ଉଦ୍ୟମକୁ ପ୍ରଶଂସା କରିଥିଲେ । ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଛାତ୍ରୀଛାତ୍ରଙ୍କ ରୁଚି ରହିବା ଆବଶ୍ୟକ ବୋଲି ସେ କହିଥିଲେ । ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ, ସତ୍ୟେନ୍ଦ୍ରୀୟ ଦେବତା, ନୀଳିମା ପ୍ରଧାନ, ଦୀପିକା କୁଲୁ, ଜ୍ୟୋତି ବେହେରା, ଗୀତା ଜାଲ, କବିତା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଶିକ୍ଷୟିତ୍ରୀ ସୁନୀତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଭାରତୀ ଶିଶୁ ସାହିତ୍ୟ ସଂସଦର ସଭାନେତ୍ରୀ ରେଣୁକା ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

ସେହିପରି ଧାଙ୍ଗେରସ୍ଥିତ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟସ୍ତରୀୟ ସୃଜନଶୀଳତା ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ, କ୍ରୀଡ଼ାଙ୍ଗନ ଆଦି କ୍ଲବର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ସ୍ଥାନୀୟ ସରପଞ୍ଚ ଋତୁରାଜ ବାଗ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଧାଙ୍ଗେର ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ଅଲେଖ ଜାଲ, ଗୋବିନ୍ଦ ଭୋଇ, ପଙ୍କଜ ଦାଶ, ଅମିତା ସାହୁ, ପ୍ରଫୁଲ୍ଲ ଭୋଇ, ସିଆରସିସି ନାରାୟଣ ବାଗ, ପୂର୍ବତନ ଶିକ୍ଷକ ଶଙ୍କର୍ଷଣ ସେଟ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ଲବ ସାହୁ, ସନ୍ତୋଷ ଷଡ଼ଙ୍ଗୀ, ଗୀତାଞ୍ଜଳି ଦୋରା, ମୀନକେତନ ବାଗ, ବିଭୂତି ଷଣ୍ଢ, ବବିତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।



ସୃଜନଶୀଳ ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ରବୃନ୍ଦ ।



କାର୍ଯ୍ୟକ୍ରମରେ କୃତୀ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ମିଶନ ଶକ୍ତି ମହିଳାଙ୍କ କବିତା ପାଠ

**ସୋହେଲା,୩।୨(ଅଶ୍ୱିନୀ ପାତ୍ର)**

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ବ୍ଲକ୍ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଭୁବନେଶ୍ୱର ଜନତା ମଇଦାନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଘାଟନ ଅବସରରେ ରାଜ୍ୟର ସମସ୍ତ ବ୍ଲକ ଓ ପଞ୍ଚାୟତ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲେଖକ ଅଶୋକ ପୂଜାହାରୀ, ଅନୁବାଦକ ଶେଖ୍ ଜଲିଲ, ବିପ୍ଳବୀ କବି ନୀତିଶ ଆଚାର୍ଯ୍ୟ ଓ ସ୍ତମ୍ଭକାର ଅମାତ୍ୟ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡିଆଭାଷା ଓ ସଂସ୍କୃତି କ୍ଷେତ୍ରରେ ଯୋଗଦାନ ସମ୍ପର୍କିତ ଏକ ଆଲୋଚନା ଚକ୍ର ମଧ ଅନୁଷ୍ଠିତ ହୋଇଥିଲା । ମିଶନ ଶକ୍ତି ମହିଳାଙ୍କ ମଧ୍ୟରେ ସ୍ୱରଚିତ କବିତା ପାଠ ପଠନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା । ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜୀବିକା ମିଶନ ସଂଯୋଜିକା ରୋହିଣୀ ବରିହା ଧନ୍ୟବାଦ୍ ଅର୍ପଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

### ଝାରବନ୍ଧରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଝାରବନ୍ଧ,୩।୧(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ସ୍ଥିତ ସଭା ଗୃହରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ, ବିଜେଡି ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ଝାରବନ୍ଧ ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ମରେଇ, ସନ୍ତୋଷ କୁମାର ବେହେରା, ଅଧ୍ୟାପକ ରଶ୍ମିରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ଭବିଷ୍ୟତ ଉପରେ ମତପ୍ରକାଶ କରିଥିଲେ । ବିପିଏମ୍ ସତ୍ୟ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ସମ୍ମିଳନୀରେ ବ୍ଲକ ଅନ୍ତର୍ଗତ ସମସ୍ତ ଅଙ୍ଗନୱାଡି କର୍ମୀ, ଛାତ୍ରୀଛାତ୍ର ଓ ଜନସାଧାରଣ ଯୋଗଦାନ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଜିପିଓ ସୁଶାନ୍ତ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଷା ସୁରକ୍ଷା ପାଇଁ ଉଦ୍ୟମ ଆବଶ୍ୟକ

**ବରପାଲି,୩।୨(ଚିତ୍ତରଞ୍ଜନ ସାହୁ)**

ଓଡ଼ିଆ ଭାଷା ସାହିତ୍ୟ ଏତେ ସମୃଦ୍ଧ ଯେ ଏହା ବିଶ୍ୱ ଦରବାରରେ ପ୍ରତିଷ୍ଠିତ ହୋଇ ପାରିଛି ବୋଲି ଏକ ଆଲୋଚନାଚକ୍ରରେ ବିଶିଷ୍ଟ ବ୍ୟକ୍ତି ମତପ୍ରକାଶ କରିଛନ୍ତି । ବରପାଲି ମହଦା ସରପଞ୍ଚ ତପସ୍ୱିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଏମ୍‌ପି ତଥା ବିଜେଡି ଜିଲା ସଭାପତି ଡ. ପ୍ରଭାସ କୁମାର ସିଂ ମୁଖ୍ୟ ଅତିଥି, ପ୍ରବଚକ ଦୀପ୍ତି କୁମାର ସିଂ, ଖବରଦାତା ବାଳକିଶୋର ଖାଡଙ୍ଗା, ଭଟିଗାଁ ସରପଞ୍ଚ ହିମାଞ୍ଚଳ ସାହୁ ସମ୍ମାନିତ ଅତିଥି ଏବଂ ଓଡ଼ିଆ ଅଧ୍ୟାପକ ବିଶ୍ୱନାଥ ଠାକୁର ଓ ବିଶ୍ୱନାଥ ସାହୁ ପ୍ରମୁଖ ବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ରକ୍ଷା କରିବା ପାଇଁ ସବୁସ୍ତରରେ ଉଦ୍ୟମ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ହର୍ଷ ବେହେରାଙ୍କ ସମେତ ଅଙ୍ଗନୱାଡି, ଆଶା କର୍ମୀ ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପାକ୍ସ ସଭାପତି ବିରୋସନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରତିମା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ପତ୍ରାପାଲି ବିଦ୍ୟାଳୟର ବାର୍ଷିକୋତ୍ସବ

**ସରଣ୍ଡା,୩।୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ପତ୍ରାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସାଧାରଣ ସଭାରେ ଏବିଇଓ ରବୀନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, କୋଶଲି କବି ମୁନିରାମ କୁମ୍ଭାର ମୁଖ୍ୟ ବକ୍ତା, ଶିକ୍ଷକ ଗୁନା କର୍ଣ୍ଣ, ପୂର୍ବତନ ସ୍କୁଲ ଚେୟାରମ୍ୟାନ ଜ୍ଞାନବନ୍ତ କର୍ଣ୍ଣ, ସିଆରସିସି ନନ୍ଦିଘୋଷ ଭୁଏ, ଗ୍ରାମ କମିଟି ସଭାପତି ରାମକୃଷ୍ଣ ଗେଜୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ପ୍ରଧାନ ଶିକ୍ଷକ ନାରାୟଣ ବିଶି ଏବଂ ବିଦ୍ୟାଳୟର ଚେୟାରମ୍ୟାନ ପ୍ରହ୍ଲାଦ ଭୁଏ ମଞ୍ଚାସୀନ ଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ବବଲିରାଣୀ ଗଡତିଆ, ରଞ୍ଜିତା କ୍ଷେତି, ମଥୁରା ପଧାନ, ଝରଣା ମହାକୁର ଓ ଶିକ୍ଷକ ସଞ୍ଜୀବ ନାଏକ ଏବଂ ପରିଚାଳନା କମିଟିର ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ ।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

## ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଗାଇସିଲେଟ୍,୩।୨(ଦୁର୍ଗାପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡା ଖେଳ ପଡ଼ିଆରେ ବିରେନ୍ଦ୍ର କୁମାର ସାହୁ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାକୁ ଗ୍ରାମର ଗୌନ୍ତିଆ ଶିକ୍ଷାବିତ୍ ଭୂବନ୍ଦେ ସାହୁ ଉଦ୍‌ଘାଟନ କରିଥିଲେ । ଜାମୁଟପାଲି ସମିତିସଭ୍ୟ ସରୋଜ ଶ୍ରୀଭୂଷଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ଦିବସରେ ସତାରସେନ ପ୍ରଧାନ, ଗୌରାଙ୍ଗ ପାଣ୍ଡେ, ପ୍ରଦୀପ କୁମାର ଦାଶ, ସୁରେଶ ନାୟକ ଖେଳ ପରିଚାଳନା କରିଥିଲେ । ସିଦ୍ଧେଶ୍ୱର ଛତର, ପ୍ରେମରଞ୍ଜନ ବାଗ, ବାବୁଲୁ ଗଡ଼ତିଆ, ଆଶୁତୋଷ ସାହୁ, ପ୍ରଭାସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।



ଫୁଟବଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରାଯାଉଛି ।

## ଗୁଣାତ୍ମକ ମାନରେ ଉନ୍ନତି ଆଣିବାକୁ ଉଦ୍ୟମ

**ବରଗଡ଼,୩।୨(ପ୍ରେମାନନ୍ଦ ଖମାରୀ)**

**ବରଗଡ଼ ଧନୁଯାତ୍ରା ମହୋତ୍ସବ**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ଗୁଣାତ୍ମକ ମାନ ଦିନକୁ ଦିନ କ୍ଷୟ ହେବାରେ ଲାଗିଛି । ଏହାର ସମୀକ୍ଷା କରି ଏଥିରେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି ବୋଲି ଶୁକ୍ରବାର ବରଗଡ଼ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ସଭାପତି ସୁରେନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମତପ୍ରକାଶ ପାଇଛି । ଏହି କ୍ରମରେ ବରଗଡ଼ ଧନୁଯାତ୍ରାରେ ଦେଖାଯାଉଥିବା ଅସଙ୍ଗତିରୁ ଶିକ୍ଷାଲାଭ କରି ଆଗାମୀ ଦିନରେ ଧନୁଯାତ୍ରାର ଗୁଣାତ୍ମକ ମାନ ବୃଦ୍ଧି ନେଇ ଆଲୋଚନା କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ, ବରଗଡ଼ ଜିଲା ଓକିଲ ସଂଘ, ମର୍ଚ୍ଚାଣ୍ଟ ଆସୋସିଏଶନ, ଚ୍ୟାମ୍ବର ଅଫ୍ କମର୍ସ ସମେତ ବିଭିନ୍ନ ସାମାଜିକ ସଙ୍ଗଠନ, ରାଜନୈତିକ ଦଳର ମୁଖ୍ୟମାନଙ୍କୁ ସାମିଲ କରି ଆଗାମୀ ବରଗଡ଼ ଧନୁଯାତ୍ରାର ରୂପରେଖ ନିର୍ଣ୍ଣୟ କରାଯିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।ଏହି ପରିପ୍ରେକ୍ଷୀରେ ବରଗଡ଼ ଧନୁଯାତ୍ରାର ସମ୍ଭାବ୍ୟ ସଂସ୍କାର ସମ୍ପର୍କରେ ସ୍ଥାନୀୟ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କଠାରୁ ଲିଖିତ ମତାମତ ଆହ୍ୱାନ କରାଯାଇଛି । ଜନସାଧାରଣ ଏହି ପରାମର୍ଶକୁ ଭିତ୍ତି କରି ଖୁବ୍‌ଶୀଘ୍ର ବରଗଡ଼ ଧନୁଯାତ୍ରାର ଗୁଣାତ୍ମକ ଉନ୍ନତି ଓ ସଂସ୍କାର ସମ୍ପର୍କରେ ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଏକ ବୃହତ ବୈଠକ କରିବା ପାଇଁ ନିଷ୍ପତ୍ତି ହୋଇଛି । ସେହିପରି ବରଗଡ଼ରେ ସାମ୍ବାଦିକତାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଯୋଜନା ପ୍ରଣୟନ ସାଙ୍ଗକୁ ଖବରଦାତାମାନେ ସାମ୍ବାଦିକତା ସହିତ ଜଡ଼ିତ ବ୍ୟକ୍ତିଙ୍କ ବିରୁଦ୍ଧରେ ସର୍ବସାଧାରଣ ସ୍ଥାନ ଏବଂ ସାମାଜିକ ଗଣମାଧ୍ୟମରେ କୌଣସି ପ୍ରକାର କୁତ୍ସାରଟନା କରିବାରୁ ନିବୃତ୍ତ ରହିବା ପାଇଁ ସଂଘ ସଭାପତି ହୋତା ପରାମର୍ଶ ଦେଇଥିଲେ । ଗୁଣାତ୍ମକ ସାମ୍ବାଦିକତା, ସଙ୍ଗଠନର ନୀତି, ଆଦର୍ଶ ଉପରେ ବିଶ୍ୱାସ ରଖୁଥିବା ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସଂଘର ନୂତନ ସଦସ୍ୟ ଭାବେ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ସଂଘର ବାର୍ଷିକୋତ୍ସବ ପାଳନ ପାଇଁ ମଧ୍ୟ ଯୋଜନା କରାଯାଇଥିଲା । ସଂଘ ଉପସଭାପତି ବିରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ୩ ବୃହତ୍ ଜାତୀୟ ରାଜପଥ ପ୍ରକଳ୍ପ ଲୋକାର୍ପିତ

**ରାଉରକେଲା,୩।୨(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ବାଲୁଘାଟସ୍ଥିତ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଶନିବାର ୩ଟି ବୃହତ୍ ଜାତୀୟ ରାଜପଥ ପ୍ରକଳ୍ପ ଲୋକାର୍ପିତ ହୋଇଛି। ସମ୍ବଲପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାଷୀ ମାଧ୍ୟମରେ ବୀରମିତ୍ରପୁର-ରାଜମୁଣ୍ଡା ଏନ୍‌ଏଚ୍-୧୪୩ ବେଦବ୍ୟାସ ୪ ଲେନ ବିଶିଷ୍ଟ ଫ୍ଲାଏ ଓଭର, ବ୍ରାହ୍ମଣୀ ନଦୀରେ ୪୭୩ମିଟର ୬ଲେନ ବିଶିଷ୍ଟ ବ୍ରିଜ୍, ଏନଏଚ-୧୪୩ର ବୀରମିତ୍ରପୁର ବ୍ରାହ୍ମଣୀ ନଦୀ ବାଇପାସ୍‌ରୁ ରାଜମୁଣ୍ଡା ସେକ୍ସନ ପର୍ଯ୍ୟନ୍ତ ନିର୍ମିତ ଜାତୀୟ ରାଜପଥ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଶନିବାର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୦୪୫କୋଟିର ନବନିର୍ମିତ ଜାତୀୟ ରାଜପଥ ପ୍ରକଳ୍ପ ଲୋକାର୍ପିତ ହୋଇଥିଲା। ବାଲୁଘାଟରେ ଆୟୋଜିତ ଏହି ଆଭାଷୀ କାର୍ଯ୍ୟକ୍ରମରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ଭି. ସାମନ୍ତସିଂହାର, ରାଉରକେଲା ଏନ୍‌ଏଚ୍‌ଆଇ ବୈଷୟିକ ବିଭାଗ ପରିଚାଳକ ଆଶିଷ ବିର୍ଲା ଏବଂ ବିଭାଗୀୟ ଯନ୍ତ୍ରୀ ସଚ୍ଚିନ୍ଦ୍ର ଚୌଧୁରୀ ଉପସ୍ଥିତ ଥିଲେ।

### ପୋଲ ତଳକୁ ଖସିଲା କାର୍, ୫ ଆହତ

**ସୁନ୍ଦରଗଡ,୩।୨(ଜୟ ନାରାୟଣ ମେଣ୍ଡୁଲି ):** ଧରୁଆଡିହି ଥାନା ଅନ୍ତର୍ଗତ କେନ୍ଦମାଲଠାରେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ କାର୍ ଭାରସାମ୍ୟ ହରାଇ ପ୍ରାୟ ୧୫ ଫୁଟ ତଳକୁ ଖସି ପଡିଥିଲା। ଏଥିରେ ଡ୍ରାଇଭରଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମଝାପଡାର ରଶ୍ମିତା ଶେଖର ଦେଓ, ରୁଦ୍ର ପ୍ରତାପ ଦେଓ, ଅମୀୟ ସିଂ, ଆକାକ୍ଷା ସିଂ ଓ ଜିତେନ୍ଦ୍ର ସିଂ। ଧରୁଆଡିହି ଥାନା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି କାରକୁ ଜବତ କରିବା ସହ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ୫ ଜଣ ମଝାପଡାରୁ ସୁନ୍ଦରଗଡକୁ ଆସୁଥିବା ବେଳେ କେନ୍ଦମାଲଠାରେ ଭାରସାମ୍ୟ ହରାଇ ୧୫ଫୁଟ ତଳକୁ ଖସି ପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଶିଶୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ରାଉରକେଲା,୩।୨(ସଙ୍ଗୀତା ଜେନା):** ସୁନ୍ଦରଗଡ଼ ଜିଲା ସାମାଜିକ ସୁରକ୍ଷା ବିଭାଗ ଓ ରାଉରକେଲା ମହାନଗର ନିଗମର ମିଳିତ ଆନୁକୂଲ୍ୟରେ କୋଏଲନଗର ସ୍ଥିତ କଲ୍ୟାଣ ମଣ୍ଡପରେ ଶନିବାର ଭିମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏସ୍‌ଏସ୍‌ଏସ୍‌ଓ ମୀନୁ ତାଣ୍ଡିଆ ଶୁଭାରମ୍ଭ କରିଥିଲେ। ରାଉରକେଲା ଓ ଆଖପାଖ ଅଞ୍ଚଳର ହଜାରେରୁ ଉର୍ଦ୍ଧ୍ୱ ହିତାଧିକାରୀ ଯୋଗ ଦେଇଥିଲେ। ଶିବିରରେ ଶାରୀରିକ ଭିନ୍ନକ୍ଷମ ୧୯୨, ଦୃଷ୍ଟିହୀନ ୪୬, ଶ୍ରବଣ ବାଧିତ ୨୩, ମାନସିକ ମାନ୍ୟତା ୯୦, ମଧୁବାବୁ ପେନସନ ୧୫, ଡିଆରଆଇ ଋଣ ୬, ଆର୍‌ଆଇ ରିପୋର୍ଟ ୨୨, ଖାଦ୍ୟ ନିରାପତ୍ତା କାର୍ଡ ଆବେଦନକାରୀ ୨୦, ବସ୍ ଦେୟ ରିହାତି ଆବେଦନକାରୀ ୯୦ ଜଣ ପଞ୍ଜୀକରଣ ହୋଇଥିଲେ। ସେହିପରି ଡାକ୍ତର ଏସ୍. କେ. ନାୟକ (ଅସ୍ଥିଶଲ୍ୟ), ଏସ୍. କେ. ପାତ୍ର(ଚକ୍ଷୁ), ଏମ୍. କେ. ପାଣିଗ୍ରାହୀ (ଇଏନ୍‌ଟି), ଦୁର୍ଗେଶ ସାଓ (ଔଷଧ ବିଶେଷଜ୍ଞ) ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା କରିଥିଲେ। ରାଉରକେଲା ମହାନଗର ସାମାଜିକ ସୁରକ୍ଷା ଅଧିକାରୀ ମାକ୍ସୱେଲ ଟପ୍ପୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଆସନ୍ତା ୭ତାରିଖରେ କୁଆଁରମୁଣ୍ଡାରେ ଏଭଳି ଶିବିର ଆୟୋଜନ ହେବ ବୋଲି ଟପ୍ପୋ ସୂଚନା ପ୍ରଦାନ କରିଛନ୍ତି।

# ଭାରିଯାନକୁ ଡାଇଭର୍ସନ ରାସ୍ତା

## ଜାତୀୟ ରାଜପଥରେ ଉଚ୍ଚଶକ୍ତିସମ୍ପନ୍ନ ଟାୱାର

**ରାଉରକେଲା,୩।୨(ସଙ୍ଗୀତା ଜେନା)**



ତରକେରା ନିକଟରେ ବିଦ୍ୟୁତ୍ ଟାୱାର ଯୋଗୁ ରାସ୍ତା ଡାଇଭର୍ସନ କରାଯାଇଛି।

ଦେଶର ବିକାଶରେ ଗମନାଗମନକୁ ପ୍ରାଧାନ୍ୟ ଦିଆଯାଇଛି। ସୁଗମ ରାସ୍ତାଘାଟ ଯୋଗୁ ବିକାଶଧାରା ତ୍ୱରାନ୍ୱିତ ହେବା ଲକ୍ଷ୍ୟରେ ଭାରତୀୟ ଜାତୀୟ ସଡ଼କ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଦ୍ୱାରା ସମଗ୍ର ଦେଶରେ ଜାତୀୟ ରାଜପଥଗୁଡ଼ିକୁ ଉନ୍ନତ ଓ ଦୁର୍ଘଟଣାରହିତ, ସୁରକ୍ଷିତ ଭାବେ ନିର୍ମାଣ ଲକ୍ଷ୍ୟ ରଖାଯାଇଛି। ସେହିପରି ଓଡ଼ିଶାକୁ ଅନ୍ୟ ରାଜ୍ୟ ସହ ସଂଯୋଗ କରିବାକୁ ଜାତୀୟ ରାଜପଥ ୧୪୩ (ପୂର୍ବରୁ ୨୩)କୁ ବିରମିତ୍ରପୁର-ବାରକୋଟ ପର୍ଯ୍ୟନ୍ତ ୪ ଥାକିଆ କରାଯାଇଛି। ତେବେ ଏହି ଜାତୀୟ ରାଜପଥର ପ୍ରାୟ ୮୦ରୁ ୧୦୦ ମିଟର ଡାଇଭର୍ସନ ଅତ୍ୟନ୍ତ ବିପଜ୍ଜନକ ସ୍ଥିତିରେ ରହିଥିବା ଦେଖାଯାଇଛି।

ଲାଠିକଟାରୁ ତରକେରା ପର୍ଯ୍ୟନ୍ତ ଏହି ରାସ୍ତାର ତରକେରା ମନ୍ଦିର ନିକଟରେ ପ୍ରାୟ ୮୦ ମିଟରରୁ ଉର୍ଦ୍ଧ୍ୱ ରାସ୍ତାରେ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ୍) ୨୨୦କେଭି ଲାଇନ୍‌ର ଏକ ହାଇଟେନାନ ଟାୱାର ରହିଛି। ଜାତୀୟ ରାଜପଥ ନିର୍ମାଣ ହେବା ପରେ ଟାୱାରର ଉଚ୍ଚତା ହ୍ରାସ ପାଇଛି। ଅଧିକ ଉଚ୍ଚ ରାସ୍ତା ନିର୍ମାଣ ଯୋଗୁ ଏପରି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଯାତ୍ରୀବାହୀ ବସ୍, ଟ୍ରେଲର, ହାଇୱା, ଶବବୁହା ଗାଡ଼ି ଓ ଅନ୍ୟ ଭାରିଯାନଗୁଡ଼ିକ ଏହି ଟାୱାର ନିକଟରେ ଅତିକ୍ରମ କରିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ସମ୍ଭାବନା ରହିଛି। ତେଣୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଦୀର୍ଘ ବର୍ଷେ ହେଲା ଏହି ସ୍ଥାନରେ ଭାରିଯାନ ପାଇଁ ଏକ ଡାଇଭର୍ସନ୍ ତିଆରି କରିଛନ୍ତି। ଏଥିଯୋଗୁ ଗମନାଗମନରେ ସମସ୍ୟା ଉପୁଜିଛି।

ସ୍ଥାନୀୟ ବାସିନ୍ଦା ରମେଶ କୁମାର ଅଭିଯୋଗ କରିଛନ୍ତି, ଜବରଦଖଲ ଉଚ୍ଛେଦ ପରେ ଏହି ସଡ଼କ ନିର୍ମାଣ କରାଗଲା। ହେଲେ ଗମନାଗମନ ସୁଗମ ହୋଇପାରିଲା ନାହିଁ। ମୁଖ୍ୟ ସଡ଼କରୁ ଭାରିଯାନଗୁଡ଼ିକ ପ୍ରାୟ ୬ ଫୁଟ୍ ଓହ୍ଲାଇ ଡାଇଭର୍ସନ ଦେଇ ଯାଆସ କରୁଛନ୍ତି। ଝାଡ଼ଖଣ୍ଡ ସୀମା ନିକଟରେ ଏହି ଅଞ୍ଚଳ ଥିବା ଯୋଗୁ ଆନ୍ତଃରାଜ୍ୟ ଭାରିଯାନ ଗୁଡ଼ିକ ଅଧିକ ସଂଖ୍ୟାରେ ଚଳାଚଳ କରୁଛି। ସେହିପରି ନିକଟରେ ପ୍ରସିଦ୍ଧ ଶୈବପୀଠ ମଧ୍ୟ ରହିଛି । ମେଳା ମହୋତ୍ସବରେ ଏଠାରେ ଭକ୍ତଙ୍କ ସମାଗମ ହୋଇଥାଏ। ତେଣୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ବୋଲି ରମେଶ କହିଛନ୍ତି। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇର ବରିଷ୍ଠ ଯନ୍ତ୍ରୀ ସଚ୍ଚିନ୍ଦ୍ର ଚୌଧୁରୀଙ୍କୁ ପଚରାଯିବାରୁ ସେ କହିଥିଲେ, ଉକ୍ତ ୪ ଲେନ୍ ରେନ୍‌ଫୋର୍ସର୍ଡ ସିମେଣ୍ଟ କଂକ୍ରିଟ (ଆର୍‌ସିସି) ରୋଡ୍‌ରେ ଟାୱାର ସମସ୍ୟା ରହିଛି। ଦୁର୍ଘଟଣାରହିତ କରିବାକୁ ଡାଇଭର୍ସନ କରାଯାଇଛି। ଆସନ୍ତା ଜୁନ୍ ମାସରେ ଏହାର ସମାଧାନ ହୋଇଯିବ ବୋଲି ଚୌଧୁରୀ କହିଥିଲେ। ଅନୁରୂପ ଭାବେ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ୟାମ୍‌ଙ୍କୁ ପଚରାଯିବାରୁ ସେ କହିଥିଲେ, ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ହେଲେ ମୁଖ୍ୟ ସମସ୍ୟା ସାଜିଛି ଓପିଟିସିଏଲ୍ ଟାୱାର। ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପ୍ରସ୍ତାବ ଦିଆଯାଇଛି। ହେଲେ ଟାୱାର ସ୍ଥାନାନ୍ତର ହେବାକୁ ଥିବା ଜମି ବର୍ଷତମାମ ୱାଟରଲଗିଂ ରହୁଛି। ଫଳରେ ଟାୱାର ସ୍ଥାନାନ୍ତରରେ ବାଧା ସୃଷ୍ଟି ହେଉଛି। ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି। ଯଥାଶୀଘ୍ର ଏହାର ସମାଧାନ କରାଯିବ ବୋଲି ୟାମ୍ କହିଥିଲେ।



ତାଲିମପ୍ରାପ୍ତ ଛାତ୍ରୀଙ୍କ ସହ ଅତିଥିଗଣ।

## ଆତ୍ମରକ୍ଷା କୌଶଳର ସଦ୍‌ବିନିଯୋଗ ଆବଶ୍ୟକ

**ରାଉରକେଲା,୩।୨(ରଞ୍ଜନ ଦାଶ)**

ରାଉରକେଲା ଉତ୍କଳ ଗୌରବ ମଧୁସୂଦନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଅଧକ୍ଷା ସୁଶ୍ରୀ ମୁଲତା ଦେହିରୀ ଅଧକ୍ଷତା କରିଥିଲେ। ଛାତ୍ରୀ ସମାଜ ଆତ୍ମରକ୍ଷା କୌଶଳତାରେ ନିପୁଣ ହୋଇ କୌଶଳର ସଦ୍‌ବିନିଯୋଗ କରିବା ପାଇଁ ଦେହେରୀ ପରାମର୍ଶ ଦେଇଥିଲେ। ଶିବିରରେ ପ୍ରଶିକ୍ଷକା ଭାବେ ତେଜସ୍ୱିନୀ ଷଡଙ୍ଗୀ ଆତ୍ମରକ୍ଷାର ନୂଆ କୌଶଳ ଛାତ୍ରୀମାନଙ୍କୁ ଶିଖାଇଥିଲେ। ଉଦ୍‌ଯାପନୀ ସଭାରେ ବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ଅଧାପିକା ରୀତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରୂପ ଭାବେ ରାଉରକେଲା ସେକ୍ଟର-୨ ସ୍ଥିତ ସୁଶୀଳାବତୀ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତ ୨ ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହ ଜିଲା ସଂଯୋଜିକା ସୁଶ୍ରୀ କ୍ଷିପ୍ରମୟୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଅଜୟ କୁମାର ନାୟକ ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜ ସଭାପତି ସ୍ନେହଲତା ଧରୁଆ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳରେ ନିପୁଣ ହେବା ପାଇଁ ପରାମର୍ଶ ଦେଇଥିଲେ। ପରେ କଲେଜର ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବନିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଦେ ଉତ୍କଳ ଜନନୀ ଗାନ, ଶପଥ ପାଠ

**ରାଉରକେଲା,୩।୨(ଦିନେଶ ମିଶ୍ର)**

ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପାଳନ ଉପଲକ୍ଷେ ରାଉରକେଲା ଷ୍ଟେଶନ ରୋଡ୍‌ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନର କମକର୍ତ୍ତା ଉପସ୍ଥିତ ରହି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଓଡିଆ ଭାଷାର ସୁରକ୍ଷା ଦିଗରେ ସାମୂହିକ ଶପଥ ପାଠ କରିଥିଲେ। ଉତ୍କଳ ସମ୍ମିଳନୀ ସଭାପତି ସୁଦାମ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଚିତ୍ତରଞ୍ଜନ ଦାଶ, ଡ. କିଶୋରୀ ଦାସ, ରଶ୍ମିରଞ୍ଜନ ବୋଇତେଇ ଓଡିଆ ଭାଷାର ପ୍ରାଚୀନତା ଓ ଆଧୁନିକତା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଗତି ଉତ୍କଳ ସଂଘ ରାଧାମୋହନ ନାୟକଙ୍କ ସହ ହରିହର ଶତପଥୀ, ଅନୀଲ ଦାଶ, ସନ୍ତୋଷ କୁମାର ନାୟକ, ଚାନ୍ଦମଣି ବେହେରା, ଭାରତ ଦାସ, ଅକ୍ଷୟ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଭାଷା ଅତୀତର ଅସ୍ତିତ୍ୱ ସଚେତନତା ରଥ ଉଦ୍‌ଘାଟିତ

**ରାଉରକେଲା,୩।୨ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)**

ରାଉରକେଲା ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଥମ ବିଶ୍ୱ ଓଡିଆ ଭାଷା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ମହାନଗର ନିଗମ ଆୟୁକ୍ତ ଡ. ଆଶୁତୋଷ କୁଲକର୍ଣ୍ଣୀ ରାଉରକେଲା ମଧୁସୁଦନ ମାର୍ଗରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ ନାମକ ଏକ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ଆରଏମସି ସଭାଗୃହରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲ। ଆଲୋଚନାଚକ୍ରରେ ଆୟୁକ୍ତ କୁଲକର୍ଣ୍ଣୀ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ସାହିତ୍ୟିକ ଡ. କୃପାସିନ୍ଧୁ ନାୟକ, ଡା. ପ୍ରଭାତ ମଲ୍ଲିକ, ମୋନାଲିସା ମିଶ୍ର, ରାଜକୁମାର ମହାନ୍ତି, ଅଙ୍ଗୁରବାଳା ପରିଡା ଏବଂ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ରାଜୀବ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଉପାୟୁକ୍ତ ସୁଧାଂଶୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

# କେନ୍ଦ୍ର ବଜେଟକୁ ନେଇ କୃଷକ ସଭାର ସମୀକ୍ଷା ବୈଠକ

**ରାଉରକେଲା,୩।୨(ଦିନେଶ ମିଶ୍ର)**

ଅଲ ଓଡିଶା କୃଷକ ସଭା ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ଚଳିତ କେନ୍ଦ୍ର ବଜେଟକୁ ନେଇ ଶକ୍ତିନଗର ସ୍ଥିତ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କମିଟିର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ବଜେଟ୍ ଚାଷୀ ଓ ଗରିବ ଜନସାଧାରଣଙ୍କ ବିରୋଧୀ ବୋଲି କହିଥିଲେ। ଏହି ବଜେଟ୍‌ରେ କୃଷି, ଗ୍ରାମୀଣ ବିକାଶ, ଖାଦ୍ୟ ସୁରକ୍ଷା, ମନରେଗା ଏବଂ ଗ୍ରାମୀଣ ଋଣ ପ୍ରଦାନ କ୍ଷେତ୍ର ପାଇଁ ଅନୁଦାନ ଅତି ନୈରାଶଜନକ। ପ୍ରଧାନମନ୍ତ୍ରୀ କୃଷକ ସମ୍ପଦ ଯୋଜନା, ବିଭିନ୍ନ ମଣ୍ଡିକୁ ଜାତୀୟ ଡିଜିଟାଲ ବଜାର ସହିତ ସଂଯୋଗ କରିବା, ଦୁଗ୍ଧ ଚାଷୀମାନଙ୍କୁ ପ୍ରୋତ୍ସାହନ ଘୋଷଣା, ପିଏମ୍ କିଷାନ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ପାଇଁ ଅର୍ଥ ଅନୁଦାନକୁ ହିସାବ କଲେ ଆବଶ୍ୟକତା ଅନୁଯାୟୀ ଏହି ସବୁ ଘୋଷଣା ଫମ୍ପା ଆୱାଜ ବୋଲି କୃଷକ ସଭା ପକ୍ଷରୁ କୁହାଯାଇଛି। କୃଷି ଓ ତତ୍‌ସମ୍ପର୍କୀୟ କ୍ଷେତ୍ରଗୁଡିକୁ ୨୦୨୩-୨୦୨୪ ରିଭାଇଜ୍‌ଡ ବଜେଟଠାରୁ ୬ପ୍ରତିଶତ କମ୍ ରହିଛି। ୨୦୨୨-୨୦୨୩ର ପ୍ରକୃତ ଖର୍ଚ୍ଚଠାରୁ ୨୨.୩ ପ୍ରତିଶତ ଅନୁଦାନ କମିଛି। କୃଷକର ଆୟ ବୃଦ୍ଧି, ଚାଷୀ ଆତ୍ମହତ୍ୟା ରୋକିବା ପାଇଁ ଗରିବ ଓ ଚାଷୀଙ୍କ ଋଣଛାଡ, ଗ୍ରାମୀଣ ରୋଜଗାର ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନୁଦାନ ବୃଦ୍ଧି କ୍ଷେତ୍ରରେ କେନ୍ଦ୍ର ବଜେଟ୍ ବିଭିନ୍ନ ଚାଷୀ, ଗ୍ରାମୀଣ ଶ୍ରମିକ ଓ ବେକାର ଯୁବତୀ ଯୁବକମାନଙ୍କୁ ହତାଶ କରିଛି। ଆସନ୍ତା ମେ' ମାସରେ ହେବାକୁ ଥିବା ବଜେଟ୍‌ରେ ନିଶ୍ଚିତ କୃଷକମାନଙ୍କ ହିତ ପାଇଁ ବଜେଟ ହେବ ବୋଲି କମିଟି କର୍ମକର୍ତ୍ତା ଆଶା କରିଛନ୍ତି।

# ରାଉରକେଲାରେ ହେବ ରୋଡ୍ ଶୋ

## ରାହୁଲ ଗାନ୍ଧୀଙ୍କ ଗସ୍ତ ନେଇ ପ୍ରସ୍ତୁତି

**ରାଉରକେଲା, ୩।୨(ସଙ୍ଗୀତା ଜେନା)**



ରାଉରକେଲା ହାଉସରେ କଂଗ୍ରେସର ବରିଷ୍ଠ ନେତୃମଣ୍ଡଳୀ।

ଆସନ୍ତା ୬ ତାରିଖରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରା ସୁନ୍ଦରଗଡ଼ରେ ପହଞ୍ଚିବ। ଏ ନେଇ ରାଉରକେଲା ଓ ସୁନ୍ଦରଗଡ଼ ଜିଲା କଂଗ୍ରେସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି କ୍ରମରେ ପିସିସି ସଭାପତି ଶରତ ପଟ୍ଟନାୟକ, ଏଆଇସିସିର ସାହାନୱାଜ ହୁସେନ୍, ସନ୍ଦୀପ କୁମାର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, କଂଗ୍ରେସର ନିର୍ବାଚନ ପ୍ରଚାର କମିଟି ଅଧକ୍ଷ ବିଜୟ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ନେତୃମଣ୍ଡଳୀ ଆସି ଇସ୍ପାତ ସହରରେ ପହଞ୍ଚିଛନ୍ତି। ଶୁକ୍ରବାର ରାତିରେ ଏହି ପ୍ରତିନିଧିମଣ୍ଡଳୀ ରାଉରକେଲାରେ ପହଞ୍ଚିଥିବା ବେଳେ ସେକ୍ଟର-୨୦ସ୍ଥିତ ରାଉରକେଲା ହାଉସରେ ଅବସ୍ଥାନ କରିଛନ୍ତି। ଇତିମଧ୍ୟରେ ରାହୁଲଙ୍କ ଯାତ୍ରା ପାଇଁ ଘନ ଘନ ବୈଠକ କରାଯାଉଛି। ୬ ତାରିଖରେ ଝାଡଖଣ୍ଡରୁ ବିରମିତ୍ରପୁର ନିକଟରେ ଓଡ଼ିଶାକୁ ପ୍ରବେଶ କରିବା ପରଠାରୁ ରାହୁଲଙ୍କ ସମସ୍ତ କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରାଯାଇଛି। ବିରମିତ୍ରପୁର ସ୍ଥିତ ରାମପାଲ ଛକ ପଡିଆରେ ରାତ୍ରି ରହଣି, ଉଦିତନଗର-ପାନପୋଷ ପର୍ଯ୍ୟନ୍ତ ରୋଡ୍ ଶୋ ଆଦିର ରୁଟ୍‌ଚାର୍ଟ ପ୍ରସ୍ତୁତ କରାଯାଇଛି। ଏହାସହ ଯୁବ, ମହିଳା, ଛାତ୍ର, ସେବାଦଳ, ତୃଣମୂଳ ସ୍ତରର କଂଗ୍ରେସ କର୍ମୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ରାଉରକେଲା ଡିସିସି ସଭାପତି ରଶ୍ମି ରଞ୍ଜନ ପାଢ଼ୀ, ପ୍ରାକ୍ତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ଡିସିସି ସଭାପତି ରବି ରାୟ, ବିରେନ ସେନାପତି, ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଇଜାଜ୍ ଅଖତାର, ନିରୁପମା ବଳିଆରସିଂହ, ସୂର୍ଯ୍ୟକାନ୍ତ ବାରିକ, ସାବିର ହୁସେନ, ରାଜେଶ ଟପ୍ପୋଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଉଦ୍‌ଯାପିତ

**ରାଉରକେଲା,୩।୨(ଦିନେଶ ମିଶ୍ର)**

ବାସନ୍ତୀ କଲୋନୀ ସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ୟୁଥ୍ କ୍ରିକେଟ୍ କ୍ଲବ ପକ୍ଷରୁ ଶନିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୱାଇସିସି 'ଏ' ଦଳ ଓ ୱାଇସିସି 'ବି' ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ୱାଇସିସି ଏ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ଉଇକେଟ ହରାଇ ୧୯୮ରନ କରିଥିଲେ। ଦଳ ପକ୍ଷରୁ କୋସ୍ତିକ ମହାନ୍ତି ୫୯ ବଲ ଖେଳି ସର୍ବାଧିକ ୫୩ ରନ କରିଥିଲେ। ୱାଇସିସି 'ବି' ଦଳ ପକ୍ଷରୁ ଶ୍ରୀକାନ୍ତ ବିଶ୍ୱାଳ ୬ ଓଭର ବୋଲିଂ କରି ୪୨ ରନ ଦେଇ ସର୍ବାଧିକ ୫୨ ରନ ସଂଗ୍ରହ କରିଥିଲେ। ଜବାବରେ ୱାଇସିସି 'ବି' ଦଳ ୨୯ ଓଭରେ ୯ ୱିକେଟ ହରାଇ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସାହେବ ସିଂ ୪୩ ବଲ ଖେଳି ସର୍ବାଧିକ ୬୫ ରନ୍ ସଂଗ୍ରହ କରିଥିଲେ। ଏହି ମ୍ୟାଚ୍‌କୁ ସୁବେନ୍ଦୁ ମହାପାତ୍ର ଓ ବିଶ୍ୱଜିତ ସାହୁ ପରିଚାଳନା କରିଥିଲେ। ଏହି ମ୍ୟାଚକୁ ଅଭିଷେକ ସଦୱାଲ, ତୋସିଫ ଅହମ୍ମଦ, ସଞ୍ଜୀପ୍ତ ଆଚାର୍ଯ୍ୟ, ଅଂଶୁମାନ ଗୋପ,ଏମ୍‌ଡି ଆକ୍ରମ, ଶିବୁ ପ୍ରଧାନ, ସମ୍ପାଦକ ସୌରଭ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ସମାଜ ମଙ୍ଗଳ କେନ୍ଦ୍ରର ଭୂମିପୂଜନ

**ରାଉରକେଲା, ୩।୨(ସଙ୍ଗୀତା ଜେନା)**

ରାଉରାକେଲା ସିଭିଲଟାଉନଶିପ୍ ଶାସ୍ତ୍ରୀ ଛକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଶନିବାର ସମାଜ ମଙ୍ଗଳ କେନ୍ଦ୍ର (କମ୍ୟୁନିଟି ହଲ୍)ର ଭୂମିପୂଜନ କରାଯାଇଛି। ଶ୍ରମ ମନ୍ତ୍ରୀ ସାରଦା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଭୂମିପୂଜନ କରିଥିଲେ। ଉକ୍ତ କେନ୍ଦ୍ର ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। କାର୍ଯ୍ୟକ୍ରମରେ ୯ ନଂ. ୱାର୍ଡର ପିଙ୍କୁ ଜସୱାଲ, ଜାଗରଣ ଅନୁଷ୍ଠାନର ସମ୍ପାଦକ ପି. କେ. ଦାଶ, ଉପଦେଷ୍ଟା ଭଗବାନ ପତି, ପ୍ରକାଶ ପାଣିଗ୍ରାହୀ, ଘାସିରାମ ଶତପଥୀ, ଡା. ପି. କେ. ବର୍ମା, ଡି. କେ. ଦାଶ, ବି. ବି. ରାଣା, ଏ. ମହାପାତ୍ର, ପୁଷ୍ପା ଲେଙ୍କା, ପି. ସ୍ୱାଇଁ, ଇ. ରାୟ, ବି. ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ।

# ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ

**ରାଉରକେଲା,୩।୨(ଦିନେଶ ମିଶ୍ର)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର ବିଶ୍ୱ ଆର୍ଦ୍ରଭୂମି ଦିବସ ଅଧକ୍ଷ ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ସମୀର ସୌରଭ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧକ୍ଷ ଡକ୍ଟର ବେହେରା ତାଙ୍କ ବକ୍ତବ୍ୟରେ ଆର୍ଦ୍ରଭୂମିର ସୁରକ୍ଷା ଓ ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇ ବିଶ୍ୱସ୍ତରରେ ଆରମ୍ଭ ହୋଇଥିବା ରାମସର ଅଞ୍ଚଳ ଚିଲିକା ହ୍ରଦ ୧୯୮୧ରେ ଦେଶର ପ୍ରଥମ ରାମସର୍ ସ୍ଥଳୀ ଭାବେ ସ୍ୱୀକୃତି ପାଇଥିଲା ବୋଲି କହିଥିଲେ। ଏହାସହିତ ସମ୍ପ୍ରତି ସମଗ୍ର ଦେଶରେ ରହିଥିବା ୮୦ଟି ରାମସାର ଅଞ୍ଚଳ ମଧ୍ୟରୁ ଓଡିଶାରେ ଚିଲିକା ସମେତ ଅଂଶୁପା ହ୍ରଦ, ଭିତରକନିକାର ହେନ୍ତାଳ ବନାଞ୍ଚଳ, ସାତକୋଶିଆ, ଓ ଗଞ୍ଜାମର ତାମ୍ପରା ହ୍ରଦ ଭଳି ୬ଟି ରାମସାର ଅଞ୍ଚଳ ସମ୍ପର୍କରେ ଡ. ବେହେରା ସୂଚନା ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ଆମି ଜର୍ଶ୍ଲିନ କୁଜୁର ଆଦ୍ରଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ଆଦ୍ରଭୂମି କହିଲେ ଓଦାଭୂମିକୁ ବୁଝାଏ। ଜଳ ଧାରଣବିଶିଷ୍ଟ ଅଳ୍ପ ଗଭୀର ଯେଉଁ ନିମ୍ନଭୂମିକୁ ଆମେ ବୁଝିଥାଉ ତାହା ଜୀବ ପରିସଂସ୍ଥାନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପାଣିର ଭଟ୍ଟା ସମୟରେ ଯେଉଁ ଅଞ୍ଚଳରେ ୬ ମିଟରରୁ କମ୍ ଗଭୀରତାର ଜଳ ସଞ୍ଚିତ ରୁହେ ତାହାକୁ ଆର୍ଦ୍ରଭୂମି କୁହାଯାଇଥାଏ ବୋଲି କୁଜୁର ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଲାରିକ ମହନ୍ତ, ରାଧାକୁମାରୀ, ମଧୁସ୍ମିତା ପରିଡା, ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଆକାଶ କୁମାର ସାହୁ, ରାୟମଣି କିସ୍କ, ଲମ୍ବୋଦର ନାୟକ, ନିଖିଳ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଆଇଆଇଏମ୍ ମଞ୍ଚରୁ ଭାରତ ରତ୍ନ ଘୋଷଣା

**ସମ୍ବଲପୁର,୩।୨(ଭବାନୀ ଶଙ୍କର ଭୋଇ):** ଭାରତର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରିବାକୁ ସରକାରଙ୍କ ନିଷ୍ପତ୍ତି ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଇଆଇଏମ୍ ମଞ୍ଚରୁ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ଆନନ୍ଦ ପ୍ରକାଶ କରି କହିଥିଲେ, ପୂର୍ବତନ ଉପପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବରେ ଆଡଭାନୀଙ୍କ ଅତୁଳନୀୟ ଅବଦାନ ରହିଛି। ଜଣେ ବିଶିଷ୍ଟ ତଥା ବିଶ୍ୱସ୍ତ ସାଂସଦ ଭାବରେ ତାଙ୍କର ଅଭିଜ୍ଞତାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଭାରତ ରତ୍ନ ସହିତ ଆଡଭାନୀ ଜୀଙ୍କୁ ସମ୍ମାନ ଦେବା ହେଉଛି ଏକ ପ୍ରତୀକ। ଯେଉଁମାନେ ଦେଶ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରନ୍ତି ସେମାନଙ୍କୁ ଦେଶ ଭୁଲିବ ନାହିଁ। ଲାଲକୃଷ୍ଣ ଆଡଭାନୀଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ପାଇଥିବାରୁ ସେ ନିଜକୁ ଧନ୍ୟମନେ କରନ୍ତି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ସମସ୍ତ ନାଗରିକଙ୍କ ତରଫରୁ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ।

### ଭାଜପା ମହିଳା ମୋର୍ଚ୍ଚା ବୈଠକ, କର୍ମକର୍ତ୍ତା ନିର୍ବାଚନ

**କୁଚିଣ୍ଡା,୩।୨(ବିରଞ୍ଚି ଦର୍ଙ୍ଗା):** ଭାଜପା ପକ୍ଷରୁ ଶୁକ୍ରବାର ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ବଡଡୁମ୍ବେରମୁଣ୍ଡାଠାରେ ପଞ୍ଚାୟତ ସ୍ତରୀୟ ମହିଳା ମୋର୍ଚ୍ଚା ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଳା ମୋର୍ଚ୍ଚା ମଣ୍ଡଳ ଉପସଭାନେତ୍ରୀ ପୂଜା ନାଏକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସମ୍ବଲପୁର ଜିଲା ଭାଜପା ସାଧାରଣ ସମ୍ପାଦକ ଶୁଶିଳ କର, ମଣ୍ଡଳ ପ୍ରଭାରୀ ପଦ୍ମଚରଣ ଗୁରୁ, ମଣ୍ଡଳ ସଭାପତି ନରେଶ ସିଂ ଠାକୁର, ମଣ୍ଡଳ ମହିଳା ମୋର୍ଚ୍ଚା ଅନ୍ୟତମ ଉପସଭାନେତ୍ରୀ କଲ୍ୟାଣୀ ଦୁବେ, ସମ୍ପାଦିକା ଚନ୍ଦ୍ରିକା ବେସନ ପ୍ରମୁଖ ଯୋଗଦେଇ ସଂଗଠନକୁ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଦଳର ବିଜୟ ଦିଗରେ ରଣନୀତି ପ୍ରସ୍ତୁତ କରାଯାଇଥିଲା।ପରେ ଗୋବିନ୍ଦପୁର ପଞ୍ଚାୟତ ସ୍ତରୀୟ ମହିଳା ମୋର୍ଚ୍ଚା କମିଟି ଗଠନ କରାଯାଇଥିଲା। ଏଥିରେ କୁମୋଦିନୀ ରୋହିଦାସ ସଭାନେତ୍ରୀ, ଗାୟତ୍ରୀ ଜିତ, ନୀରମା ପଟେଲ ଓ ବିଜୟା ଜୟପୁରିଆ ଉପସଭାନେତ୍ରୀ, ମାନୀ ଧୁରୁଆ ସାଧାରଣ ସମ୍ପାଦିକା, ଫୁଲ ରକ୍ସା, କରୁଣା ମୁଣ୍ଡା ଓ ସସ୍ମିତା ଭଇଁଷା ସମ୍ପାଦିକା ଭାବେ ମନୋନୀତ ହୋଇଛନ୍ତି। ବୈଠକରେ ବାମରା ମଣ୍ଡଳ ସାଧାରଣ ସମ୍ପାଦକ ବିଷ୍ଣୁ ଅଗ୍ରୱାଲ, ବରିଷ୍ଠ ନେତା ପ୍ରମୋଦ କୁମାର ନାୟକ ଯୋଗ ଦେଇଥିଲେ।

### ଇଣ୍ଡିଆନ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ଭିମ୍‌ସାର ପରିଦର୍ଶନ

**ସମ୍ବଲପୁର,୩।୨(ବି.ଶଙ୍କର):** ସମ୍ବଲପୁରସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲର ଜୀବବିଜ୍ଞାନର ଛାତ୍ରୀଛାତ୍ରମାନେ ଶୁକ୍ରବାର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର) ପରିଦର୍ଶନ କରିଛନ୍ତି। ଆନାଟୋମି ବିଭାଗର ପ୍ରଫେସର ଡା. ଶ୍ରୀକାନ୍ତ କୁମାର ମିଶ୍ର ଓ ଡା. ପ୍ରୀତି ଗାୟତ୍ରୀ ଦାସ ଛାତ୍ରୀଛାତ୍ରଙ୍କୁ ଆନାଟୋମି, ଫିଜିଓଲୋଜି ବିଷୟରେ ଧାରଣା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପୂର୍ଣ୍ଣାଙ୍ଗ ଉନ୍ନତି ପାଇଁ ପ୍ରଧାନଶିକ୍ଷକ ସଚିନ ପାଠକ ଗୁରୁତ୍ୱ ଦେଇ ଆସୁଛନ୍ତି । ବିଦ୍ୟାଳୟର ସହ-ପ୍ରଧାନ ଶିକ୍ଷୟିତ୍ରୀ ପୂଜା ସିଂ, ନମିତା ମିଶ୍ର, ମୃଣାଳମୟ ମହାନ୍ତି, ରୋଶନୀ ସିଂ ଓ ମଧୁସୂଦନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ପରିଦର୍ଶନରେ ଯାଇ ଜୀବବିଜ୍ଞାନ ସହ ଜଡିତ ବିଭିନ୍ନ ଜ୍ଞାନ ଆହରଣ କରିଥିଲେ।



ସମ୍ବଲପୁରରେ ଅନୁଷ୍ଠିତ ଗ୍ୟାରେଣ୍ଟି ସମାବେଶରେ ସମବେତ ଜନସାଧାରଣ।



ଏହି ଅବସରରେ ତୃତୀୟ ମଞ୍ଚରେ କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ପରିବେଷଣ।

# ମୌର୍ଯ୍ୟ ଏକ୍ସପ୍ରେସ୍ ସମ୍ବଲପୁରକୁ ସମ୍ପ୍ରସାରଣ ନିଷ୍ପତ୍ତି

## ରେଳ ଷ୍ଟେଶନର ସମୀକ୍ଷା କଲେ ରେଳମନ୍ତ୍ରୀ

**ସମ୍ବଲପୁର,୩।୨(ପ୍ରମୋଦ ବହିଦାର)**

ହାଟିଆରୁ ଗୋରଖପୁର ମଧ୍ୟରେ ଚାଲିଥିବା ୧୫୦୨୭/୧୫୦୨୮ ନମ୍ବର ମୌର୍ଯ୍ୟ ଏକ୍ସପ୍ରେସ୍ ଟ୍ରେନ୍ ସମ୍ବଲପୁରକୁ ସମ୍ପ୍ରସାରଣ ପାଇଁ ନିଷ୍ପତ୍ତି ହୋଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ସମ୍ବଲପୁର ରେଳଷ୍ଟେଶନର ସମୀକ୍ଷା କରିଛନ୍ତି। ରେଳମନ୍ତ୍ରୀ ଏକ ସେଲୁନ୍ (ସ୍ୱତନ୍ତ୍ର ଟ୍ରେନ୍)ରେ ଆସି ପୂର୍ବାହ୍ନ ୯ଟାରେ ସମ୍ବଲପୁରରେ ପହଞ୍ଚିଥିଲେ। ଏହି ଅବସରରେ ସେ କହିଛନ୍ତି, ଏହି ଟ୍ରେନ୍ ସମ୍ବଲପୁରକୁ ସମ୍ପ୍ରସାରଣ ହେବା ଦ୍ୱାରା ସମ୍ବଲପୁର ସହିତ ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ର ରହୁଥିବା ଯାତ୍ରୀ ବିଶେଷ କରି ଭୋଜପୁରୀବାସୀ ଉପକୃତ ହେବେ।



ସମ୍ବଲପୁର ଷ୍ଟେଶନରେ ସମୀକ୍ଷା କରୁଛନ୍ତି ରେଳମନ୍ତ୍ରୀ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରମବର୍ଦ୍ଧିଷ୍ଣୁ ସମ୍ବଲପୁର ସହରର ଆବାଶ୍ୟକତା ଦୃଷ୍ଟିରୁ ସମ୍ବଲପୁର ରେଳଷ୍ଟେଶନକୁ ଏକ ଅନ୍ତର୍ଜାତୀୟ ସ୍ତରର ଷ୍ଟେଶନରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେ ଏହାର ଶିଳାନ୍ୟାସ କରିବେ ବୋଲି କହିଛନ୍ତି। ଏହା ନିର୍ମାଣ ହେଲେ ଷ୍ଟେଶନରେ ସମସ୍ତ ପ୍ରକାଶ ଆଧୁନିକ ସୁବିଧା ଉପଲବ୍ଧ ହେବ। ଏହାବ୍ୟତୀତ ରେଳବାଇ ପକ୍ଷରୁ ଘୋଷିତ ବାର୍ଷିକ ଆର୍‌ଆର୍‌ବି ରିକ୍ରୁଟମେଣ୍ଟ ସମ୍ପର୍କରେ ସେ କହିଛନ୍ତି, ରେଳବାଇ ନିଯୁକ୍ତି ପାଇଁ ପରୀକ୍ଷାରେ ପ୍ରଥମଥର ଯୋଗ୍ୟତା ହାସଲ କରିବାରେ ବିଫଳ ହେଉଥିବା ପ୍ରାର୍ଥୀଙ୍କ ପାଇଁ ପୁଣି ଥରେ ସୁଯୋଗ ମିଳିବ। ତାଙ୍କ ସହିତ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତି ପାଣ୍ଡେ, ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମୌର୍ଯ୍ୟ ଏକ୍ସପ୍ରେସ୍ ସମ୍ବଲପୁର ସମ୍ପ୍ରସାରିତ ହୋଇଥିବାରୁ ଭୋଜପୁରୀ ସମାଜ ପକ୍ଷରୁ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସମାଜର ଶତାଧିକ ସଦସ୍ୟ ତାଙ୍କୁ ରେଳ ଷ୍ଟେଶନରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଧନ୍ୟବାଦ ଜଣାଇଥିଲେ। ସୂଚନାଯୋଗ୍ୟ, ଆର୍‌ଆର୍‌ବି ନିଯୁକ୍ତି ପାଇଁ ଟେକ୍ନିସିଆନଙ୍କ ଲାଗି ପ୍ରତିବର୍ଷ ଏପ୍ରିଲ୍‌ରୁ ଜୁନ ମଧ୍ୟରେ ଆବେଦନର ସୁଯୋଗ ମିଳିବ। ସେହିପରି ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ସ୍ନାତକ ଡିଗ୍ରୀଧାରୀ ନନ୍‌ଟେକ୍ନିକାଲ ପପୁଲାର କାଟାଗୋରୀ ଓ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ମିନିଷ୍ଟ୍ରିଆଲ ଓ ଆଇସୋଲେଟେଡ୍ କାଟାଗୋରୀ ପାଇଁ ଆବେଦନର ସୁଯୋଗ ମିଳିବ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଏପାଖସେପାଖ

### ଓଡ଼ିଶାର ବିକାଶ ଉପରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ

ଆଇଆଇଏମ୍ ସମ୍ବଲପୁର ସ୍ଥାୟୀ କ୍ୟାମ୍ପସ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଗୌରବ ଓ ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ଦେଶରେ ଷ୍ଟାର୍ଟଅପ୍ ପ୍ରୋତ୍ସାହନ ଦିଗରେ ଓଡିଶା ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଓଡ଼ିଶାକୁ ପୂର୍ବ ଭାରତର ଉତ୍ପାଦନ ହବ୍ ଭାବେ ତିଆରି କରିବା ଦିଗରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଥିଲେ। ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯାଉଥିବା ମୁଖମନ୍ତ୍ରୀ ସୂଚନା ଦେଇଥିଲେ।

### ବୀର ସୁରେନ୍ଦ୍ର ସାଏ, ଗଙ୍ଗାଧର ମେହେରଙ୍କ ଫଟୋଚିତ୍ର ଉପହାର

ଆଇଆଇଏମ୍ ସମ୍ବଲପୁର ସ୍ଥାୟୀ କ୍ୟାମ୍ପସ୍ ଉଦ୍‌ଘାଟନୀ ସଭାରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ପ୍ରଧାନମନ୍ତ୍ରୀଙ୍କୁ ବୀର ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ର ଉପହାର ଦେଇଥିଲେ। ସେହିପରି ରେମେଡଠାରେ ବିଶାଳ ଗ୍ୟାରେଣ୍ଟି ସମାବେଶରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ର ଉପହାର ଦେଇଥିଲେ।

### ଭିଭିଆଇପି ଗେଟ୍‌ରେ ପଶିପାରିଲେନି ସ୍ୱାସ୍ଥ୍ୟମନ୍ତ୍ରୀ

ଆଇଆଇଏମ୍ ସମ୍ବଲପୁର ସ୍ଥାୟୀ କ୍ୟାମ୍ପସ୍ ଉଦ୍‌ଘାଟନ ଅବସରରେ ବହୁ ନିମନ୍ତ୍ରିତ ଅତିଥି ଯୋଗଦେଇଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଭିଭିଆଇପି ଗେଟରେ ପଶିପାରି ନ ଥିଲେ। ପରେ ସେ ଅନ୍ୟ ଅତିଥିଙ୍କ ପାଇଁ ରହିଥିବା ୨ ନମ୍ବର ଗେଟରେ ପ୍ରବେଶ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅନେକ ନିମନ୍ତ୍ରିତ ଅତିଥିଙ୍କ ପାଖରେ ଗେଟ୍ ପାସ୍ ନ ଥିବାରୁ ଏସପିଜି ସୁରକ୍ଷା କର୍ମୀ ସେମାନଙ୍କୁ ଭିଭିଆଇପି ଗେଟରୁ ଫେରାଇ ଦେଇଥିଲେ।

### ସମର୍ଥକଙ୍କୁ ନିରାଶ କଲେ ଜୟନାରାୟଣ

ଭାଜପା ବିଧାୟକ ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ସୁପ୍ରିମକୋର୍ଟରୁ ଅନ୍ତରୀଣ ସୁରକ୍ଷା ମିଳିବା ପରେ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିବେ ବୋଲି ସମର୍ଥକମାନେ ଆଶା ବାନ୍ଧିଥିଲେ। ହେଲେ ଅସୁସ୍ଥତା କାରଣରୁ ସେ ସମ୍ବଲପୁର ଆସିପାରି ନ ଥିଲେ। ଫଳରେ ଅନେକ ଭାଜପା କର୍ମୀ ତଥା ତାଙ୍କ ସମର୍ଥକ ନିରାଶ ହୋଇଥିଲେ।

### ଦ୍ୱିତୀୟ ମଞ୍ଚରେ ଶୁଭଶ୍ରୀ

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସମ୍ବଲପୁର ଆସିପାରି ନ ଥିଲେ। ତେବେ ରେମେଡ ସମାବେଶରେ ତିଆରି ହୋଇଥିବା ଦ୍ୱିତୀୟ ମଞ୍ଚରେ ଜୟନାରାୟଣଙ୍କ ଝିଅ ଶୁଭଶ୍ରୀ ବସିଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ହୋଇଥିଲା।

### ସଭାସ୍ଥଳୀକୁ ବିଧାୟକ ପଶିପାରିଲେନି

ପ୍ରଧାନମନ୍ତ୍ରୀଙ୍କ ରେମେଡ ସଭାସ୍ଥଳୀକୁ କେତେଜଣ ଦଳୀୟ ବିଧାୟକ ମଧ ପ୍ରବେଶ କରିପାରି ନ ଥିଲେ। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ବିରମିତ୍ରପୁର ବିଧାୟକ ଶଙ୍କର ଓରାମ ସଭାସ୍ଥଳୀକୁ ପଶିବାକୁ ଚେଷ୍ଟା କରୁଥିବା ବେଳେ ସୁରକ୍ଷାରେ ଥିବା ପୋଲିସ ତାଙ୍କୁ ପଶିବାକୁ ଦେଇ ନ ଥିଲା। ଶେଷରେ ସଭାମଞ୍ଚ ଉପରୁ ଭାଜପା ରାଜ୍ୟ ସଭାପତି ଡାକବାଜି ଯନ୍ତ୍ରରେ ବିଧାୟକମାନଙ୍କୁ ସଭାମଞ୍ଚକୁ ଛାଡିବାକୁ ପୋଲିସକୁ ନିବେଦନ କରିଥିଲେ। ଆଇଜିଙ୍କ ହସ୍ତକ୍ଷେପ ପରେ ବାହାରେ ଥିବା ବିଧାୟକମାନେ ସଭାମଞ୍ଚକୁ ପ୍ରବେଶ କରିପାରିଥିଲେ।

### ମୋଦି ବେଶରେ ଯୁବକ

ରେମେଡ ସଭାସ୍ଥଳରେ ମୋଦିଙ୍କ ବେଶଧାରୀ କେତେଜଣ ଯୁବକଙ୍କୁ ଦେଖିବାକୁ ମିଳିଥିଲା। ଏହାକୁ ଦେଖି ସମବେତ ଯୁବବର୍ଗ ଓ ମହିଳାଙ୍କ ମଧ୍ୟରେ ବେଶ କୌତୁହଳ ସୃଷ୍ଟି ହୋଇଥିଲା। ବେଶଧାରୀ ଯୁବକଙ୍କ ସହିତ ମହିଳା ଓ ଯୁବକମାନେ ସେଲ୍‌ଫି ଏବଂ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା।

### ପୁରୁଷଙ୍କୁ ଟପିଲେ ମହିଳା

ରେମେଡ ସମାବେଶ ଜନସମୁଦ୍ରରେ ପରିଣତ ହୋଇଥିଲା। ଏଥିରେ ୫ଟି ସଂସଦୀୟ କ୍ଷେତ୍ରର ଲୋକ ସାମିଲ ହୋଇଥିଲେ। ତେବେ ସଭାସ୍ଥଳରେ ପୁରୁଷଙ୍କ ସଖ୍ୟା ସାଧାରଣ ଭାବେ ଅଧିକ ରହିଥାଏ । ତେବେ ମୋଦିଙ୍କ ସଭାରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ସଂଖ୍ୟା ଅଧିକ ରହିଥିବା ଦେଖିବାକୁ ମିଳିଥିଲା। ଦୁଇଟି ତମ୍ବୁରେ ମହିଳା ରହିଥିବା ବେଳେ ଗୋଟିଏ ତମ୍ବୁରେ ପୁରୁଷ ରହିଥିଲେ।

### ଦେଖାଦେଲେ ନୀତେଶ ଗଙ୍ଗଦେବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଇଆଇଏମ୍ ସମ୍ବଲପୁର ସ୍ଥାୟୀ କ୍ୟାମ୍ପସ୍ ଉଦ୍‌ଘାଟନ ଓ ଗ୍ୟାରେଣ୍ଟି ସମାବେଶ କାର୍ଯ୍ୟକ୍ରମ ରହିଥିଲା। ତେବେ ସମ୍ବଲପୁରବାସୀଙ୍କ ପାଇଁ ଚର୍ଚ୍ଚାର ବିଷୟ ରହିଥିଲେ ସାଂସଦ ନୀତେଶ ଗଙ୍ଗଦେବଙ୍କ ଉପସ୍ଥିତି। ଦୀର୍ଘ ସମୟ ଧରି ସେ ସମ୍ବଲପୁର ଆସି ନ ଥିବା ବେଳେ ବିରୋଧୀ ନିଖୋଜ ହୋଇଥିବା ଅଭିଯୋଗ କରୁଥିଲେ। ତେବେ ହଠାତ୍ ନୀତେଶଙ୍କ ଆଗମନ ଜଣାପଡିବା ପରେ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ମନ୍ତବ୍ୟ ଦେଖିବାକୁ ମିଳିଥିଲା।

–ଭବାନୀ ଶଙ୍କର ଭୋଇ, ପ୍ରମୋଦ ବହିଦାର

# ବିଶ୍ୱ ଓଡ଼ିଆ ଭାଷା, ସଂସ୍କୃତି ସମ୍ମିଳନୀ



ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଅଧ୍ୟାପିକାଅଧ୍ୟାପକ।

**କୁଚିଣ୍ଡା/ ନାକଟିଦେଉଳ,୩।୨ (ବିରଞ୍ଚି ଦର୍ଙ୍ଗା/ବୈକୁଣ୍ଠନାଥ ସାହୁ)**

ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଶୁକ୍ରବାର ବିଶ୍ୱ ଓଡ଼ିଆ ଭାଷା ଓ ସଂସ୍କୃତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦୟାସାଗର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀ ପରିପ୍ରେକ୍ଷୀରେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା, ପାଠଚକ୍ର ଓ ସିନେମା ପ୍ରଦର୍ଶନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଓଡ଼ିଆ ସାହିତ୍ୟ ସଂସ୍କୃତିରେ ଶ୍ରୀଜଗନ୍ନାଥ ବିଷୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଓଡ଼ିଆ ବିଭାଗ ଅଧ୍ୟାପିକା ମନୋରମା ପଟେଲଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ହସ୍ତାକ୍ଷର ଓ ଜଗନ୍ନାଥ ସଂସ୍କୃତି ଉପରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଏହାକୁ ମୁଖ୍ୟ ନୋଡାଲ ଅଫିସର ଅଧ୍ୟାପକ ହରେଶ ସାହୁ, ଅଧ୍ୟାପିକା ନମିତା ନାଏକ, ମନୀଷା ବେହେରା, ସୁସ୍ମିତା କିଷାନ, ଅଧ୍ୟାପକ ଅଙ୍କିତ ଦାସ, ସିଦ୍ଧାନ୍ତ ଖଣ୍ଡେଲୱାଲ, ସୌମ୍ୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

ନାକଟିଦେଉଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକ କନ୍ଦର୍ପ ବେହେରା, କବି ଅଚ୍ୟୁତାନନ୍ଦ ବିଶ୍ୱାଳ, କବି ସୁଶାନ୍ତ କୁମାର ସାହୁ, ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, କବୟିତ୍ରୀ କଳ୍ପନା ମଞ୍ଜରୀ ଶତପଥୀ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିଥିଲେ। ଅତିଥିମାନେ ଓଡ଼ିଆ ଭାଷାରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

### ଶ୍ୱଶୁର ଟାଙ୍ଗିଆ ଚୋଟରେ ବୋହୂ ଗୁରୁତର

**କୁଚିଣ୍ଡା,୩।୨(ବିରଞ୍ଚି ଦର୍ଙ୍ଗା)**

ମହୁଲପାଲି ଥାନା ଅନ୍ତର୍ଗତ କେଶାଇବାହାଲ ପଞ୍ଚାୟତ ସୋଲବଗା (ଭଟାଗୁଡା)ଠାରେ ଶନିବାର ଶ୍ୱଶୁରଙ୍କ ଟାଙ୍ଗିଆ ଚୋଟରେ ବିଧବା ବୋହୂ ଗୁରୁତର ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆକ୍ରମଣକାରୀ ଶ୍ୱଶୁର ହେଉଛନ୍ତି ଆମତୁନି ବାର୍ଲା(୭୦) ଏବଂ ଆହତ ବୋହୂ ବୁଦୁନି ବାର୍ଲା (୪୫)। ସୂଚନା ଅନୁଯାୟୀ,ପ୍ରାୟ ୧୦ ବର୍ଷ ପୂର୍ବରୁ ଆମତୁନିଙ୍କ ପୁଅ ସୁନୀଲ ବାର୍ଲାଙ୍କ ମୃତ୍ୟୁ ହୋଇସାରିଛି। ଏହାପରେ ଆମତୁନି ନିଜର ବିଧବା ବୋହୂ ବୁଦୁନିଙ୍କ ଓ ନାତି ସୁଶାନ୍ତ(୨୦)ଙ୍କ ସହ ଏକତ୍ର ରହିଆସୁଛନ୍ତି। ଗତ ୨/୩ ଦିନ ତଳେ ଆମତୁନି ନିଜର ରାଶନ କାର୍ଡରେ ୨୦ କେଜି ଚାଉଳ ଆଣି ଘରେ ରଖିଥିଲେ। ଗଚ୍ଛିତ ଚାଉଳରୁ ଆମତୁନି କୁଆଡେ ୧୦କେଜି ବିକ୍ରିକରି ମଦ ପିଇଦେଇଥିଲେ। ଏହାକୁ ନେଇ ଉଭୟ ଶ୍ୱଶୁର ଓ ବୋହୂଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଆମତୁନି ଘରେ ଥିବା ଏକ ଟାଙ୍ଗିଆରେ ବୋହୂଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁବୁଜୁବୁ ଅବସ୍ଥାରେ ପଡିଥିବା ବୁଦୁନିଙ୍କ ଚିତ୍କାର ଶୁଣି ସାହିପଡିଶା ଦୌଡ଼ି ଆସି ତାଙ୍କୁ ଉଦ୍ଧାର କରିଥିଲେ। ଏହାଦେଖି ଶ୍ୱଶୁର ଆମତୁନି ସେଠାରୁ ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ବୁଦୁନିଙ୍କୁ ଆମ୍ବୁଲାନ୍ସରେ ବାମରା ଡାକ୍ତରଖାନାକୁ ନିଆଯାଇଛି। ଏନେଇ ମହୁଲପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି।

# ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ନାକଟିଦେଉଳ,୩।୨(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଶନିବାର ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ନୂଆପଡ଼ା ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ପଣ୍ଡିତ ରୋହିତ ଦାଶ ମୁଖ୍ୟଅତିଥି, ବୌଦ୍ଧ ଗୌରୀ ଗୋପାଳ ଆଶ୍ରମର ମଠାଧୀଶ ସଚ୍ଚିଦାନନ୍ଦ ମହାପାତ୍ର ମୁଖ୍ୟବକ୍ତା ଓ ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ଡ. ଉମାକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟର ଐତିହ୍ୟ, ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସାମୂହିକ ଭାବେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଶେଷରେ ଅଧ୍ୟାପକ ଦେବେଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ଘର ଭାଙ୍ଗିଲା ହାତୀ, ଅଳ୍ପକେ ବର୍ତ୍ତିଲେ ପରିବାର

**ନାକଟିଦେଉଳ,୩।୧(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବନାଞ୍ଚଳ ବାଟଗାଁ ଫରେଷ୍ଟ ସେକ୍ସନ ଅନ୍ତର୍ଗତ କେଲୋବେର୍ଣ୍ଣୀ ଓ ବାଟଗାଁ ବିଶ୍ୱାଳ ସାହିରେ ଶୁକ୍ରବାର ରାତିରେ ହାତୀ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏପରି କି ହାତୀ ଉପଦ୍ରବରେ ଗୋଟିଏ ପରିବାରର ୪ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ରାତି ପ୍ରାୟ ସାଢେ ୧୨ଟା ସମୟରେ ନିକଟ ଜଙ୍ଗଲରୁ ଏକ ଦନ୍ତା ହାତୀ କେଲୋବେର୍ଣ୍ଣୀ ଗ୍ରାମର ପଶି ବିଧବା ଲଳିତା କିଷାନଙ୍କ ଘର କାନ୍ଥ ଓ ଆଜବେଷ୍ଟସ୍ ଭାଙ୍ଗିଦେଇଛି। ଝିଅପୁଅ ସହ ଲଳିତା ଓ ତାଙ୍କ ଶ୍ୱଶୁର ଶୋଇଥିବା ବେଳେ ଏହା ଜାଣିପାରି ପ୍ରାଣ ବିକଳରେ ବାହାରକୁ ଚାଲିଯାଇଥିଲେ। ପାଖପଡ଼ିଶା ଲୋକେ ସେଠାରେ ପହଞ୍ଚି ହାତୀ ଘଉଡ଼ାଇଥିଲେ। ହାତୀଟି ଘରେ ଥିବା ଧାନ ଚାଉଳ ଖାଇ ଏଣେ ତେଣେ ଫୋପାଡ଼ି ଦେଇଛି।

ସେହିପରି ବାଟଗାଁ ବିଶ୍ୱାଳ ସାହିର କୀର୍ତ୍ତନ ରାଉତଙ୍କ ଘରର କାନ୍ଥ ହାତୀ ଉପଦ୍ରବରେ ଭାଙ୍ଗିଯାଇଥିବା ବେଳେ ବାଡ଼ିରେ ଥିବା ବାଇଗଣ, ମକା ଚାଷ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବାରମ୍ବାରଏଭଳି ଘଟଣା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



ହାତୀ ଭାଙ୍ଗିଥିବା ଘର।

# ଜରାଜୀର୍ଣ୍ଣ ଅବସ୍ଥାରେ ୨ ମନ୍ଦିର

**ଲୋଇସିଂହା,୩।୨ (ସୁଶାନ୍ତ ବାରିକ)**


ବୁର୍ଡା ଜଗନ୍ନାଥ ମନ୍ଦିର।


ନୀଳକଣ୍ଠେଶ୍ୱର ବାବା ମନ୍ଦିର।

ରାଜ୍ୟ ସରକାର ମଠ, ମନ୍ଦିର ଭଳି ଆଧ୍ୟାତ୍ମିକ ପୀଠର ରୂପାନ୍ତରୀକରଣ କରୁଛନ୍ତି। ଏଥିପାଇଁ ପର୍ଯ୍ୟାପ୍ତ ପରିମାଣର ଅନୁଦାନ ଦିଆଯାଉଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଜଗନ୍ନାଥ ମନ୍ଦିର ଏବଂ ବାଦିମୁଣ୍ଡା ପଞ୍ଚାୟତ ମାହାରପାଲି ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରକୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଅନୁଦାନ ମିଳିନାହିଁ। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବାଦିମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ପାହାଡରେ ନୀଳକଣ୍ଠେଶ୍ୱର ବାବାଙ୍କ ମନ୍ଦିର ରହିଛି। ୧୮୩୬ ମସିହାରେ ଉକ୍ତ ମନ୍ଦିର ପ୍ରତିଷ୍ଠା ହୋଇଥିଲା ବୋଲି କୁହାଯାଏ। ଏହି ମନ୍ଦିରକୁ ମାହାରପାଲି ଗ୍ରାମ ଗଣ୍ଡ ସମ୍ପ୍ରଦାୟର ଗୌନ୍ତିଆ ସ୍ୱର୍ଗତ ଦେବାନନ୍ଦ କାଲସାଏ ପ୍ରତିଷ୍ଠା କରିଥିଲେ। ପୁରାତନ ମନ୍ଦିର ହୋଇଥିଲେ ସୁଦ୍ଧା ଏଠାରେ ନାହିଁ ଆନୁସଙ୍ଗିକ ସୁବିଧା। ମନୋରମ ପରିବେଶରେ ଅବସ୍ଥିତ ଉକ୍ତ ମନ୍ଦିରକୁ ବ୍ଲକର ୩୪ ନଂ ଜିଲା ପରିଷଦ ଜୋନ ଅଧିବାସୀଙ୍କ ସମେତ ସୀମାନ୍ତ ବରଗଡ ଜିଲା ଗାଇସିଲାଟ ଅଞ୍ଚଳର ଭକ୍ତ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି। ବିଭିନ୍ନ ପର୍ବପର୍ବାଣୀରେ ଏଠାରେ ଭକ୍ତଙ୍କ ଭିଡ ଲାଗି ରହିଥାଏ। କିଛିବର୍ଷ ତଳେ ବଜ୍ରପାତରେ ମନ୍ଦିର ଶିଖର ଧସି ପଡିଥିଲା। ମନ୍ଦିର ପ୍ରତିଷ୍ଠାତାଙ୍କ ଉତ୍ତରାଧିକାରୀ ବଂଶୀଧର କାଲସାଏ ଏହାର ମରାମତି କରିଥିଲେ। ଏବେ ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିର ଅବସ୍ଥା ଶୋଚନୀୟ ହୋଇପଡିଛି। ପ୍ରତିଷ୍ଠାତାଙ୍କ ପରିବାର ତରଫରୁ ମନ୍ଦିରର ନୀତିକାନ୍ତି ଏବଂ ସେବାୟତ ପରିବାର ଭରଣପୋଷଣ ପାଇଁ ୯ ଏକର ଚାଷଜମି ଦିଆଯାଇଛି। ଏଥିରେ ଯାହା ଅମଳ ହୁଏ ବର୍ଷତମାମ ନୀତିକାନ୍ତି ଏବଂ ସେବାୟତ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ଅନ୍ୟ କୌଣସି ଉତ୍ସ ନ ଥିବାରୁ ମନ୍ଦିର ରକ୍ଷଣାବେକ୍ଷଣ କରିବା ସମ୍ଭବ ହେଉନାହିଁ। ରୂପାନ୍ତରୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠି ସହାୟକ ହେବ ବୋଲି ଅଞ୍ଚଳବାସୀ ଆଶା ବାନ୍ଧିଥିଲେ। ଗତ ଜୁଲାଇ ମାସରେ ଲୋଇସିଂହା କଲେଜ ପଡିଆରେ ଆୟୋଜିତ ୫-ଟି ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମରେ ଏହି ମନ୍ଦିର ଉନ୍ନତୀକରଣ ପାଇଁ ଦରଖାସ୍ତ ଦେଇଥିଲେ । ହେଲେ ଏଥିପ୍ରତି ବିଚାର କରା ଯାଇ ନ ଥିବା ବଂଶୀଧର କାଲସାଏ କହିଛନ୍ତି।

> ■ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଅନୁଦାନ ମିଳିନି
>
> ■ ରୂପାନ୍ତରୀକରଣ ଯୋଜନାରେ ସାମିଲ କରିବାକୁ ଶ୍ରଦ୍ଧାଳୁଙ୍କ ଦାବି

ସେହିପରି ବୁର୍ଡା ପଞ୍ଚାୟତ ସଦର ଗ୍ରାମରେ ଜଗନ୍ନାଥ ମନ୍ଦିର ଛାତରୁ ସିମେଣ୍ଟ ଅତଡା ଖସୁଛି। ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ମନ୍ଦିରରେ ନିୟମିତ ନୀତିକାନ୍ତି କରାଯାଉଛି। ପ୍ରତି ଗୁରୁବାର ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଗହଣରେ ମହାଆଳତୀ ଏବଂ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ନିକଟରେ ଆଳତୀ ପାର୍ଟି ପକ୍ଷରୁ ହୋମଯଜ୍ଞ ସାମପନ ହୋଇଛି । ମନ୍ଦିର ରୂପାନ୍ତର ପାଇଁ ପୂଜକ ଏବଂ ଗ୍ରାମ୍ୟ କମିଟି ତରଫରୁ ୫-ଟି ଅଧ୍ୟକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲା। ହେଲେ ଏହି ପୁରାତନ ମନ୍ଦିରକୁ ଅନୁଦାନ ମିଳି ନ ଥିବା ପୂଜକ ମନୋଜ ଦାଶ କହିଛନ୍ତି। ଏହି ଦୁଇ ପୁରାତନ ମନ୍ଦିରର ରୂପାନ୍ତରୀକରଣ ପାଇଁ ପ୍ରତି ୫-ଟି ଅଧ୍ୟକ୍ଷ ଏବଂ ରାଜ୍ୟ ସରକାର ଦୃଷ୍ଟିଦେଇ ଅବଶ୍ୟକ ଅନୁଦାନ ଯୋଗାଇ ନେବାକୁ ସାଧାରଣରେ ଦାବି ହେଉଛି।

# କୂପ ଖୋଳିବା ପରେ ଆଗଉନି କାମ

**ଲାଠୋର,୩।୨ (ଭୁବନେଶ୍ୱର ବାରିକ)**

> **ମେଗା ଜଳ ଯୋଗାଣ ପ୍ରକଳ୍ପ**
>
> ■ ୧୫ଦିନ ମଧ୍ୟରେ କାମ ଆରମ୍ଭ ନହେଲେ ଆନ୍ଦୋଳନ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମରେ ୧୫ ଦିନ ମଧ୍ୟରେ ମେଗା ଜଳ ଯୋଗାଣ ପ୍ରକଳ୍ପ କାମ ଆରମ୍ଭ କରା ନଗଲେ ଅଞ୍ଚଳବାସୀ ଆନ୍ଦୋଳନ କୁ ଓହ୍ଲାଇବେ। ପଞ୍ଚାୟତ ମାସିକ ବୈଠକରେ ଏ ନେଇ ରେଜ୍ୟୁଲିସନ ପାସ ହୋଇଛି। ଲାଠୋର ଗ୍ରାମରେ ଦୁଇଟି ଜଳ ଯୋଗାଣ ପ୍ରକଳ୍ପ ରହିଛି। ଏହାସତ୍ତ୍ୱେ ଲୋକେ ସ୍ୱଚ୍ଛ ପାନୀୟ ଜଳ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଲକ୍ଷ୍ୟ କରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ଗ୍ରାମରେ ଏକ ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ୭ କୋଟି ୭ଲକ୍ଷ ୩ ହଜାର ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ରାଜସ୍ଥାନର କପିଲ କନଷ୍ଟ୍ରକଶନ ନାମରେ ମଞ୍ଜୁର ହେଲା। ଟେଣ୍ଡର ପାଇବାର ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଛି। ଏହି ସମୟ ମଧ୍ୟରେ କେବଳ ଗୋଟିଏ ଗଭୀର କୂପ ଖୋଳିବା ଛଡ଼ା ଅନ୍ୟ କୌଣସି କାମ ଆରମ୍ଭ ହୋଇନାହିଁ। ତେବେ କେଉଁଠାରେ ଓଭରହେଡ ଟ୍ୟାଙ୍କ ନିର୍ମାଣ ହେବ ସେନେଇ ଜମି ଚିହ୍ନଟ ଅଦ୍ୟାବଧି ହୋଇନାହିଁ । ଟେଣ୍ଡର ପାଇବାର ୧୮ ମାସ ଭିତରେ କାମ ଶେଷ କରିବାକୁ ଥିବା ବେଳେ ଏବେ ୩ମାସ ପରେ ବି କାମ ଆରମ୍ଭ ହୋଇନାହିଁ। ଆଗାମୀ ୧୫ ଦିନ ମଧ୍ୟରେ କାମ ଆରମ୍ଭ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ପଞ୍ଚାୟତର ମାସିକ ବୈଠକରେ ରେଜ୍ୟୁଲେଶନ ପାସ୍ କରି କଡ଼ା ଚେତାବନୀ ଦିଆଯାଇଛି। ଏନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରୁ କାମ ଆରମ୍ଭ କରିବା ନେଇ ଆମେ ସଂପୃକ୍ତ ସଂସ୍ଥାକୁ ଚିଠି କରି ସାରିଛୁ। ଯଦି ସେ କାମ ଆରମ୍ଭ ନ କରନ୍ତି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କହିଥିଲେ।

# ମହିପୁର ଆଶ୍ରମ ବିଦ୍ୟାଳୟ ବାର୍ଷିକ କ୍ରୀଡା


ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

**ଗୁଡଭେଲା,୩।୨ (ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ମହିପୁର ସରକାରୀ ଆଶ୍ରମ ବିଦ୍ୟାଳୟରେ ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମା' ମେଟାକାନିଙ୍କଠାରେ ପୂଜାର୍ଚ୍ଚନା ପରେ ମଶାଲକୁ ଶୋଭାଯାତ୍ରାରେ ଅଣାଯାଇ ବିଦ୍ୟାଳୟ ଖେଳ ପଡିଆରେ ସ୍ଥାପନ କରାଯାଇଥିଲା। ଏହି କ୍ରୀଡା ପ୍ରତିଯୋଗିତାକୁ ତୁଷୁରା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭକ୍ତିଚରଣ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଅନୁସୂୟା ପାତ୍ର, ସ୍ୱରୂପା ପାଢ଼ୀ ଓ ବିନ୍ଧ୍ୟପ୍ରଭା ନାଗ ମଞ୍ଚାସୀନ ହୋଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୋଦ ଭୋଇ ଏହି କ୍ରୀଡ଼ା ମହୋତ୍ସବର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର, ଲମ୍ଫଡିଆଁ, ଉଚ୍ଚଡିଆଁ ଆଦି ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା ।

## ସଂକ୍ଷେପରେ

### ପଦ୍ମଶ୍ରୀ ସାଧୁ ମେହେରଙ୍କ ବିୟୋଗରେ ସ୍ମୃତି ସଭା

**ଡୁଙ୍ଗୁରିପାଲି,୩।୨ (ଦୀନବନ୍ଧୁ ସୁନା)**

ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ, ଲେଖକ ଓ ପ୍ରଯୋଜକ ସାଧୁ ମେହେରଙ୍କ ବିୟୋଗରେ ଡୁଙ୍ଗୁରିପାଲି ଭୁଲିଆ ସମାଜ ପକ୍ଷରୁ ଏକ ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଭୁଲିଆ ସମାଜର ସଭାପତି ଡୁଳାମଣି ମେହେର ସଭାପତିତ୍ୱ କରିଥିଲେ। ଭୁଲିଆ ସମାଜର ବନମାଳୀ ମେହେର, ଡା. ସିଦ୍ଧେଶ୍ୱର ମେହେର, ଅରକ୍ଷିତ ମେହେର, ମୁକୁନ୍ଦ ମେହେର,ଚକା ମେହେର ପ୍ରମୁଖ ଉପସ୍ଥିତ ଥିଲେ । ବକ୍ତାମାନେ ସ୍ୱର୍ଗତ ମେହେରଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

### କଳାପଥର କଲେଜରେ ଆଲୋଚନାଚକ୍ର

**ଅମରପାଲି,୩।୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ କଳପଥରସ୍ଥିତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଶ୍ରୀକାନ୍ତ ପଧାନ ସଭାପତିତ୍ୱ କରି ସାହିତ୍ୟ ସମାଜର ଦର୍ପଣ ସଦୃଶ ବୋଲି କହିଥିଲେ। ଐତିହାସିକ ତଥା ଗବେଷକ ସୁଦାମ ଚରଣ ନାଏକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ପରମ୍ପରାର ମୂଳତତ୍ତ୍ୱଠାରୁ ଆରମ୍ଭ କରି ଭୀମଭୋଇଙ୍କ ଦର୍ଶନ ଓ ମହାନଦୀରୁ ମହୋଦଧିର ବାର୍ତ୍ତା ଉପସ୍ଥାପନା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ, ସାହିତ୍ୟିକ, ଗବେଷକ, ନାଟ୍ୟକାର ଡ଼. ଦ୍ୱାରିକାନାଥ ନାୟକ ଓଡ଼ିଆ ଭାଷା ସାହିତ୍ୟ, ଗଳ୍ପ, ଉପନ୍ୟାସ, ଲୋକସାହିତ୍ୟ, ଗଙ୍ଗାଧରଙ୍କ ଠାରୁ ହଳଧରଙ୍କ ପର୍ଯ୍ୟନ୍ତ ସାହିତ୍ୟର ଧାରା ନେଇ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ୱରଚିତ କବିତା ଲିଖନ, ପଠନ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୁଭେନ୍ଦୁ ମେହେର, ପ୍ରହ୍ଲାଦ ନାଏକ ଓ ହୃଷୀକେଶ ଚାନ୍ଦ ନିମନ୍ତ୍ରିତ କବି ଭାବେ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସଂଯୋଜକ ଭାବେ ଅଧ୍ୟାପକ ରାମ ପଧାନ ଦାୟିତ୍ୱ ତୁଲାଇଥିବା ବେଳେ ଅଧ୍ୟାପିକା ଦେବଯାନୀ ମେଶ୍ରୁଆ ପରିଚାଳନା କରିଥିଲେ । ଅଧ୍ୟାପିକା ପ୍ରତିମା ବାରିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅତିଥି ମାନଙ୍କୁ ଦ୍ୱାରା ପ୍ରାଚୀର ପତ୍ରିକା ସ୍ପନ୍ଦନ ଉନ୍ମୋଚିତ ହୋଇଥିଲା । ବିଭିନ୍ନ ସାହିତ୍ୟ ଓ ସୃଜନଶୀଳ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ନଗଦ ଅର୍ଥ ରାଶି ଦେଇ ଉତ୍ସାହିତ କରାଯାଇଥିଲା ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ


ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ଅମାତ ଓ ଅନ୍ୟମାନେ।

**ବୌଦ୍ଧ,୩।୨ (ଅଜିତ କୁମାର ବାରିକ)**

ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟଗୁଡିକର ସଫଳତା ନେଇ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ପଞ୍ଚାୟତରେ ଅନୁଷ୍ଠିତ ହେଉଛି । ଏନେଇ ଶନିବାର ଦିନ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବାଣୀଭୂଷଣପୁର ଗ୍ରାମ ପଞ୍ଚୟତ ପକ୍ଷରୁ ଚାରିଛକସ୍ଥିତ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଆମ ଓଡିଶା ନବୀନ ଓଡିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ ହେବାକୁ ଯାଉଛି ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ପଞ୍ଚାୟତ ପକ୍ଷରୁ ସଫଳ କାର୍ଯ୍ୟଗୁଡିକ ଉପରେ ଏକ ପୁସ୍ତକ ବଣ୍ଟନ କରାଯାଇଥିଲା। ପୁସ୍ତକରେ ବାଣୀଭୂଷଣପୁର ପଞ୍ଚାୟତର ୧୩ ଗୋଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଅନୁଦାନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜାନରେ ୨୫୪୭ ଜଣ ହିତାଧିକାରୀ ଅର୍ନ୍ତଭୁକ୍ତ, ୧୫୬ ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା, ୧୨୫୩ ପରିବାରକୁ ରାଶନ କାର୍ଡ, ୧୧ଜଣଙ୍କୁ ବିଜୁ ପକ୍କା ଘର, ୨୩୫ ଜଣ ଗର୍ଭବତୀ ମହିଳାଙ୍କୁ ମମତା ଯୋଜନାରେ ସାମିଲ, ୨୫ ଗୋଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ବିନା ସୁଧରେ ୭୪ ଲକ୍ଷ ଟଙ୍କା ଋଣ ପ୍ରଦାନ ଆଦି ସଫଳତା ଉପରେ ଉଲ୍ଲେଖ ରହିଛି । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ ଓ ବାଣୀଭୁଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେର ଯୋଗ ଦେଇଥିଲେ। ଏହି ସଚେତନା କାର୍ଯ୍ୟକ୍ରମ ଜିଲାର ସମସ୍ତ ପଞ୍ଚାୟତରେ ଆଗାମୀ ଦିନରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ହରିହର ଯୋର କେନାଲରୁ ମହିଳାଙ୍କ ମୃତଦେହ ଜବତ

**ଅମରପାଲି,୩।୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କୁଞ୍ଜାପାଲି ଦେଇ ଯାଇଥିବା ହରିହର ଯୋର କେନାଲରୁ ଜଣେ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ମୃତ ମହିଳା ହେଲେ ଦୁର୍ଜନତୈଲୋ ପଞ୍ଚାୟତ ସାଗଯୋରି( ମୁଣ୍ଡାପଡ଼ା) ଗ୍ରାମର ସୁରୁ ମୁଣ୍ଡାଙ୍କ ସ୍ତ୍ରୀ ଫୁଲ ମୁଣ୍ଡା(୫୨)। ଗତ ଶୁକ୍ରବାର ମଧ୍ୟାହ୍ନରେ ଫୁଲ ଗାଧୋଇବାକୁ ହରିହର ଯୋର କେନାଲକୁ ଯାଇଥିଲେ। ଗାଧୋଇବା ବେଳେ ସେ କେନାଲ ପାଣିରେ ଭାସି ଯାଇଥିଲେ। ମହିଳା ଜଣକ ଘରକୁ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ଶନିବାର ସକାଳୁ କୁଞ୍ଜାପାଲି ଗ୍ରାମର କେତେଜଣ ଯୁବକ ଗାଧୋଇବାକୁ ଆସିଥିବା ବେଳେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଉପସ୍ଥିତିରେ ପରିବାର ଲୋକ ମୃତଦେହ ଚିହ୍ନଟ କରିଥିଲେ। ଏନେଇ ମହିଳାଙ୍କ ସ୍ୱାମୀ ସୁରୁଙ୍କ ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ୩/୨୪) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ହରିହର ଯୋର ଫାଣ୍ଡି ଅଧିକାରୀ ଅରକ୍ଷିତ ମାଝୀ ଏହାର ତଦନ୍ତ କରୁଛନ୍ତି।

# ଗାଁସାଥୀ ସଂଘର ବିଡିଓଙ୍କୁ ଦାବିପତ୍ର

**ଖପ୍ରାଖୋଲ, ୩।୨ (ଅଭୟ ତ୍ରିପାଠୀ)**

ସାରା ରାଜ୍ୟରେ ବିଭିନ୍ନ ଦାବି ନେଇ ଗାଁସାଥୀ ସଂଘ ତରଫରୁ ଆନ୍ଦୋଳନ ଡାକରା ଦିଆଯାଇଥିବା ବେଳେ ସଂଘର ଖପ୍ରାଖୋଲ ବ୍ଲକ ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶନିବାର ବିଡିଓ ବିଜୟ କୁମାର ହୋତାଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଗାଁ ସାଥୀ ତଥା ମେଟମାନଙ୍କୁ ମାସିକ ୧୦ହଜାର ଟଙ୍କା ଦରମା ପ୍ରଦାନ ସହ ସରକାରୀ ମାନ୍ୟତା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତ ଯୋଜନାର କଣ୍ଟିଜେନ୍ସି ଫଣ୍ଡରୁ ସ୍ମାର୍ଟ ଫୋନ ପ୍ରଦାନ କରିବା ଆଦି ଦାବି ରହିଛି। ଏହି ଅବସରରେ ସଂଘ ବ୍ଲକ ସଭାପତି ତପିନ୍ଦ୍ର ସୁନା, ବୈଜୟନ୍ତ ସରାଫ, ସମ୍ପାଦକ ବିନୋଦ ପ୍ରଧାନ, ସରୋଜ ସାହୁ, ରୋହିତ ଭୋଇ ପ୍ରମୁଖ ଶତାଧିକ ଗାଁ ସାଥୀ ଉପସ୍ଥିତ ଥିଲେ।

# ଯୁବୋଦୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ବଲାଙ୍ଗୀର,୩।୨ (ବୀରେନ୍ଦ୍ର କୁମାର ଝାଙ୍କର)**

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ସମଗ୍ର ରାଜ୍ୟରେ ସମାନ ସମୟରେ ବନ୍ଦେ ଉତ୍କଳ ଜନନୀ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବଲାଙ୍ଗୀର ଜିଲା ସକମା ସ୍ଥିତ ଯୁବୋଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ମାନେ ବନ୍ଦେ ଉତ୍କଳ ଜନନୀ ଗୀତ ଗାନ କରିଥିଲେ। ତା' ପୂର୍ବରୁ ଯୁବୋଦୟର ଓଡିଆ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ଛାତ୍ରୀଛାତ୍ରଙ୍କୁ ଓଡିଆ ଭାଷାର ପ୍ରାଚୀନତା, ସମୃଦ୍ଧ ସାହିତ୍ଯ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଯୁବୋଦୟ ନିର୍ଦ୍ଦେଶକ ଅମ୍ବରୀଶ ଦାଶଙ୍କ ମାତୃ ବିୟୋଗ ଯୋଗୁଁ ସମବେତ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଜଗମୋହନ ପାଢୀ, ସୁବାସ ମାହାତୋ, ରାଜଶେଖର ହୋତା ପରିଚାଳନା କରିଥିଲେ। ଯୁବୋଦୟ ଯୁକ୍ତ ୩ ବିଜ୍ଞାନ, ବିସିଏ ଓ ବିବିଏ ବିଭାଗରେ ମଧ୍ୟ ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।


ଯୁବୋଦୟ କଲେଜ କ୍ୟାମ୍ପସରେ ଛାତ୍ରୀଛାତ୍ରମନେ ବନ୍ଦେ ଉତ୍କଳ ସଙ୍ଗୀତ ଗାନ କରୁଛନ୍ତି।

# ଫଳ ମାର୍କେଟ ପଛପଟେ ଅସାମାଜିକ କାର୍ଯ୍ୟ

**ବଲାଙ୍ଗୀର,୩।୨ (ବୀରେନ୍ଦ୍ର କୁମାର ଝାଙ୍କର)**

**ଆବର୍ଜନାପୂର୍ଣ୍ଣ ହୋଇପଡିଛି ଫଳ ମାର୍କେଟ ପିଣ୍ଡି**


ମଇଳା ଓ ଆବର୍ଜନା ପୂର୍ଣ୍ଣ ହୋଇପଡିଛି ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖ ଫଳ ମାର୍କେଟ ପଛପାର୍ଶ୍ୱ।

ବଲାଙ୍ଗୀର ସହର ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ନିକଟରେ ରହିଛି ଫଳ ମାର୍କେଟ। ଏହି ଫଳ ମାର୍କେଟର ପଛପଟ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବହୁବର୍ଷ ଧରି ସହର କେନ୍ଦ୍ରସ୍ଥଳରେ ଥିବା ଏହି ବହୁମୂଲ୍ୟ ଜମିରେ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ରହିଥିଲା। ତେବେ ସହର ମୁଖ୍ୟ ରାସ୍ତାକଡ ବିଶେଷ କରି ସରକାରୀ ବସ୍‌ଷ୍ଟାଣ୍ଡରୁ ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଉଠାଦୋକାନୀ ଫଳ ଦୋକାନ ଲଗାଇଥିଲେ। ଫଳରେ ଅନେକ ସମୟରେ ଟ୍ରାଫିକ୍ ଜାମ ସ୍ଥିତି ଉପୁଜୁଥିଲା। ଦୁର୍ଘଟଣା ଘଟି ଜୀବନହାନୀ ହେଉଥିଲା। ରାସ୍ତାକଡରୁ ଉଠା ଦୋକାନୀଙ୍କୁ ଉଠାଇଲେ ଲୋକେ ଆନ୍ଦୋଳନ କରୁଥିଲେ। ରାସ୍ତାକଡରୁ ଦୋକାନ ହଟାଇବାର କିଛିଦିନ ପରେ ଲୋକେ ରାସ୍ତାକଡରେ ପୁଣି ଦୋକାନ ଲଗାଉଥିଲେ। ଏଭଳି ସ୍ଥିତିର ସମାଧାନ ପାଇଁ ରାସ୍ତାକଡ ଉଠା ଦୋକାନୀଙ୍କୁ ସ୍ଥାୟୀ ଭାବେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୋକାନ ଘର ଉପଲବ୍ଧ କରାଇବା ଦିଗରେ ଉଦ୍ୟମ ଆରମ୍ଭ କରାଯାଇଥିଲା। କୋଭିଡ ମହାମାରୀ ସମୟରେ ପୁରୁଣା ଉପଜିଲାପାଳ କାର୍ଯ୍ୟାଳୟ ଭାଙ୍ଗି ଦିଆଯାଇ ସେହି ସ୍ଥାନରେ ଫଳ ମାର୍କେଟ ତିଆରି କରାଯାଇଥିଲା। ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ୬୦ଲକ୍ଷ ଟଙ୍କା ବ୍ୟୟରେ ସେଠାରେ ଫଳ ଓ ମାଛ ମାର୍କେଟ ତିଆରି କରାଯାଇଥିଲା। ଏଠାରେ ୧୧୧ଟି ଦୋକାନ ଘର ବା ପିଣ୍ଡି ତିଆରି କରାଯାଇଥିଲା। ବିଧାୟକ ନରସିଂହ ମିଶ୍ର ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏହାପରେ ରାସ୍ତାକଡରେ ଫଳ ଠେଲା ଲଗାଉଥିବା ବ୍ୟବସାୟୀଙ୍କୁ ଏଠାକାର ଦୋକାନ ଆବଣ୍ଟନ କରାଯାଇଥିଲା। ତେବେ ମାତ୍ର ଦୁଇବର୍ଷ ଭିତରେ ଏହି ଫଳ ମାର୍କେଟର ପଛ ପଟ ଅଧିକାଂଶ ପିଣ୍ଡି ଏବେ ଫାଙ୍କା ହୋଇଯାଇଛି। ଆବର୍ଜନା ଏବଂ ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଟାଉନ୍ ଥାନାଠାରୁ ପ୍ରାୟ ୧୦୦ ମିଟର ଦୂରରେ ଥିବା ଏହି ସ୍ଥାନଟି ସନ୍ଧ୍ୟା ହେଲେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଭଳିକି କିଛି ଲୋକ ଦିନବେଳା ଏଠାକୁ ଆସି ମଦ ଓ ଗଞ୍ଜେଇ ଖାଉଥିବା ଅଭିଯୋଗ ହେଉଛି। ନୂଆ ବସ୍ ଟର୍ମିନାଲ ତିଆରି ହେବା ପରେ ସରକାରୀ ଓ ବେସରକାରୀ ଯାତ୍ରୀବାହୀ ବସ୍ ନୂଆ ବସ୍‌ଷ୍ଟାଣ୍ଡରେ ଅଟକୁଛନ୍ତି। କିଛି ସରକାରୀ ବସ୍ ପୁରୁଣା ବସଷ୍ଟାଣ୍ଡକୁ ଆସୁଥିଲେ ମଧ୍ୟ ପୂର୍ବର ସେଇ ଭିଡ ଏବଂ ପରିବେଶ ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ନାହିଁ। ଦୋକାନ ବଜାର ଚଳୁନାହିଁ। ଫଳରେ ଲୋକଙ୍କ ଭିଡ ଢ଼େର ମାତ୍ରାରେ କମି ଯାଇଛି। ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ସେଠାରେ ଆଡ୍ଡା ଜମାଇଛନ୍ତି। ପୋଲିସ ସବୁ କଥା ଜାଣି ନ ଦେଖିଲା ଭଳି ରହୁଛି। ଯଥାଶୀଘ୍ର ବିକଳ୍ପ ବ୍ୟବସ୍ଥା ଗ୍ରହଣ ନ କଲେ ଅବସ୍ଥା ଅସମ୍ଭାଳ ହେବା ସ୍ଥିତି ଉପୁଜିବ।



# ଟେକ୍ ଷ୍ଟାର୍ଟଅପ୍



**ବର୍ତ୍ତମାନ ଜବ୍ ବଦଳରେ ଅନେକେ ବିଭିନ୍ନ ଷ୍ଟାର୍ଟଅପ୍ ବିଜ୍ନେସ୍‌କୁ ନିଜର କ୍ୟାରିୟର ଅପ୍ସନ ଭାବେ ବାଛୁଥିବା ଦେଖିବାକୁ ମିଳୁଛି। ଯାହାକୁ ଗ୍ରୋ କରିବା ଲାଗି ସବୁଠୁ ଅଧିକ ଆବଶ୍ୟକ ହେଉଛି ଟେକ୍ନୋଲୋଜି। ତେଣୁ ଡିଜିଟାଲ ଟେକ୍ନୋଲୋଜିର ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖି ଯୁବପିଢ଼ିଙ୍କ ମଧ୍ୟରେ ଟେକ୍ ବେସ୍‌ଡ ଷ୍ଟାର୍ଟଅପ୍‌ର ଡିମାଣ୍ଡ ବଢ଼ିବାରେ ଲାଗିଛି...**

ବର୍ତ୍ତମାନ ଟେକ୍ନୋଲୋଜି ବିନା କିଛି ବି କାର୍ଯ୍ୟର ପରିକଳ୍ପନା ଯେପରି ଅସମ୍ଭବ ମନେ ହେଉଛି। ତେଣୁ ସର୍ବଦା କିଛି ଭିନ୍ନ କରିବାକୁ ଆଗ୍ରହୀ ଆଜିର ଯୁବପିଢ଼ି ଟେକ୍ନୋଲୋଜି ବେସ୍‌ଡ ଷ୍ଟାର୍ଟଅପ୍‌କୁ ନେଇ କ୍ୟାରିୟର ଗଢ଼ିବା ପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ଧୀରେ ଧୀରେ ଏହି କ୍ଷେତ୍ର ଦ୍ରୁତ ଗତିରେ ବଢ଼ୁଛି। ଆମେରିକା, ୟୁରୋପ ଭଳି ଉନ୍ନତ ଦେଶଗୁଡ଼ିକରେ ଏଭଳି ଷ୍ଟାର୍ଟଅପ୍ ସର୍ବାଧିକ ଥିବା ବେଳେ ଆମ ଦେଶରେ ବର୍ତ୍ତମାନ ଏଥିପ୍ରତି ଯୁବପିଢ଼ିଙ୍କର ଆଗ୍ରହ ବଢ଼ୁଥିବା ଦେଖିବାକୁ ମିଳୁଛି। ଆସନ୍ତୁ ଜାଣିବା ସବୁଠୁ ଭଲ ଟେକ୍ନୋଲୋଜି ବେସ୍‌ଡ ଷ୍ଟାର୍ଟଅପ୍‌ଗୁଡ଼ିକ ବିଷୟରେ...

**ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ:** ଟେକ୍ ବେସ୍‌ଡ ଷ୍ଟାର୍ଟଅପ୍ କହିଲେ ସବୁଠୁ ଅଧିକ ଡିମାଣ୍ଡରେ ଅଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ। କାରଣ ସମଗ୍ର ପୃଥିବୀରେ ବର୍ତ୍ତମାନ ଅଧିକାଂଶ ଲୋକ ଆର୍ଟିଫିସିଆଲ ଟେକ୍ନୋଲୋଜିର ବ୍ୟବହାର କରୁଛନ୍ତି, ଯାହାକି ୨୦୨୫ ସୁଦ୍ଧା ୯୭ ମିଲିଅନ୍‌ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଏହା ଡିଜିଟାଲ ମାର୍କେଟିଂ, କଷ୍ଟମର ସର୍ଭିସ୍ ପ୍ଲାଟଫର୍ମ, ଡିଜିଟାଲ ଆଡ୍, ସ୍ମାର୍ଟଫୋନ୍ ଆଦିରେ ବହୁଳ ଭାବେ ବ୍ୟବହାର କରାଯାଉଛି। ଆମ ଦେଶରେ ଇ-କମର୍ସ ସେକ୍ଟରରେ ଏହା ସବୁଠୁ ଅଧିକ ବ୍ୟବହାର କରାଯାଉଛି। ଆଇଟି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିବାକୁ ଚାହୁଁଥିବା ଅନେକ ଛାତ୍ରୀଛାତ୍ର ଏଥିପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି।

**ଡିଜିଟାଲ୍ ମାର୍କେଟିଂ:** ବର୍ତ୍ତମାନ ଆମ ଦେଶରେ ସବୁଠୁ ଅଧିକ ଷ୍ଟାର୍ଟଅପ୍ ଏହି କ୍ଷେତ୍ରରେ ଦେଖିବାକୁ ମିଳୁଛି। ଅନେକ ଯୁବତୀଯୁବକ ବିଭିନ୍ନ କମ୍ପାନୀର ପ୍ରଡକ୍ଟକୁ ଗ୍ରାହକଙ୍କ ପାଖରେ ପହଞ୍ଚାଇବା ହେଉ କିମ୍ବା ନିଜର ହାତ ତିଆରି ଯେପରି ପୋଷାକ, ଖାଦ୍ୟ, ଆର୍ଟ ଆଣ୍ଡ କ୍ରାଫ୍ଟ ଭଳି ବିଭିନ୍ନ ପ୍ରଡକ୍ଟ ଲୋକଙ୍କ ପାଖରେ ପହଞ୍ଚାଇ ଭଲ ରୋଜଗାର କରିପାରୁଛନ୍ତି। କେବଳ ଏତିକି ନୁହେଁ, ସେମାନେ ଅନେକଙ୍କୁ ରୋଜଗାରକ୍ଷମ ହେବାର ସୁଯୋଗ ମଧ୍ୟ ଦେଇପାରୁଛନ୍ତି।

**କ୍ଲାଉଡ୍ କମ୍ପ୍ୟୁଟିଂ:** କ୍ଲାଉଡ୍ କମ୍ପ୍ୟୁଟିଂରେ ଇଣ୍ଟରନେଟ୍ ବ୍ୟବହାର କରାଯାଇ ଇନ୍‌ଫ୍ରାଷ୍ଟ୍ରକ୍ଚର, ପ୍ଲାଟଫର୍ମ, ଆପ୍ଲିକେଶନ୍, ଷ୍ଟୋରେଜ୍ ସ୍ପେସ୍ ଭଳି ବିଭିନ୍ନ ପ୍ରକାରର କାର୍ଯ୍ୟ କରାଯାଇଥାଏ। କ୍ଲାଉଡ୍ ଡିଷ୍ଟ୍ରିବ୍ୟୁଟେଡ୍ କମ୍ପ୍ୟୁଟିଂ ଟେକ୍ନୋଲୋଜି ଦ୍ୱାରା ବ୍ୟବହୃତ । ସର୍ବଦା ବିଜ୍ନେସ୍ ଆକ୍ଟିଭିଟି ସହ ଯୋଡ଼ିହୋଇ ରହୁଥିବାରୁ ଏଥିରେ ଷ୍ଟାର୍ଟଅପ୍ ଲାଗି ଅନେକେ ଆଗ୍ରହୀ ହେଉଛନ୍ତି।

**ଇ-କନ୍‌ସଲ୍‌ଟାଣ୍ଟ ଆଡଭାଇସ୍ ବିଜ୍ନେସ୍:** ବର୍ତ୍ତମାନ ଆମ ଦେଶରେ ଏହି କ୍ଷେତ୍ରରେ ଅନେକ ଯୁବପିଢ଼ି ସଫଳତା ହାସଲ କରୁଥିବା ଦେଖିବାକୁ ମିଳୁଛି। ଯଦି ଆପଣଙ୍କର ଅନ୍‌ଲାଇନ୍ ବିଜ୍ନେସ୍ ଉପରେ ଭରପୂର ଜ୍ଞାନ ରହିଛି, ତେବେ ନିଜର ଏକ ଷ୍ଟାର୍ଟଅପ୍ ଆରମ୍ଭ କରି ନୂଆ ଅନ୍‌ଲାଇନ୍ ବିଜ୍ନେସ୍ ଆରମ୍ଭ କରୁଥିବା ଯୁବପିଢ଼ିଙ୍କ ପାଇଁ ବିଜ୍ନେସ୍ କନ୍‌ସଲ୍‌ଟାଣ୍ଟ ବା ଆଡ୍‌ଭାଇଜର୍ ଭାବେ କାମ କରିପାରିବେ। ସେମାନଙ୍କୁ ସର୍ଚ୍ଚ ଇଞ୍ଜିନ୍ ଅପ୍ଟିମାଇଜେଶନ୍ ଏବଂ ନିସ୍ ସମ୍ପର୍କରେ ଜ୍ଞାନ ଦେଇପାରିବେ। ଏଭଳି ଷ୍ଟାର୍ଟଅପ୍‌ରେ ଥରେ ଜଣେ ଉପକୃତ ହେବା ପରେ ବିଶେଷ କରି ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଭଳି ସୋସିଆଲ୍ ମିଡିଆରେ ବିଜ୍ନେସ୍ ପାଇଁ ଇଚ୍ଛୁକ ଅନ୍ୟମାନେ ମଧ୍ୟ ଆପଣଙ୍କ ସହାୟତା ଲୋଡ଼ିବେ। ଯାହାଫଳରେ ନିଜର ଏକ ପରିଚୟ ସୃଷ୍ଟି ହେବା ସହ ବେଶ୍ ଭଲ ରୋଜଗାର ମଧ୍ୟ ହୋଇପାରିବ।





**ଭଏସ୍ ରେକଗ୍‌ନାଇଜ୍ ଟେକ୍ନୋଲୋଜି:** ଗୁଗଲ୍, ଆପଲ୍ ଭଳି ବଡ଼ ବଡ଼ ଟେକ୍ନୋଲୋଜି ସେକ୍ଟର ହେଉ କିମ୍ବା ଆମାଜନ ଭଳି ବଡ଼ ଇ-ଶପିଂ ବ୍ରାଣ୍ଡରେ ବର୍ତ୍ତମାନ ଭଏସ୍ ରେକଗ୍‌ନାଇଜ୍ ଟେକ୍ନୋଲୋଜି ବହୁତ ବ୍ୟବହାର ହେଉଛି। ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ଏହି ଟେକ୍ନୋଲୋଜି ଏବଂ ଏହା ସହ ଜଡ଼ିତ ଅନ୍ୟ ପ୍ରଡକ୍ଟର ବ୍ୟବହାରକାରୀଙ୍କ ସଂଖ୍ୟା ବର୍ତ୍ତମାନ ୪୦%ରୁ ଅଧିକ। ହେଲେ ଏହି ସେକ୍ଟରର ଅନ୍ୟାନ୍ୟ ସର୍ଭେ ରିପୋର୍ଟ ଅନୁଯାୟୀ ୨୦୨୫ ମସିହା ସୁଦ୍ଧା ଏହି ଟେକ୍ନୋଲୋଜି ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୫୫%ରୁ ଅଧିକ ହୋଇଯିବ। ବର୍ତ୍ତମାନ ଆମେରିକାରେ ଏହାର ବ୍ୟବହାର ସର୍ବାଧିକ। ଯେଉଁମାନେ ଏଥିରେ ଷ୍ଟାର୍ଟଅପ୍ କରିବା ଲାଗି ଚାହାନ୍ତି; ସେମାନଙ୍କ ଲାଗି ହେଲ୍‌ଥ କେୟାର, ଫାର୍ମା, ମାନୁଫ୍ୟାକ୍ଚରିଂ, ଫିଲ୍ଡ ସର୍ଭିସ୍, ସଫ୍ଟୱେର ଏବଂ ମୋବାଇଲ ଆପ୍ ମେକିଂ ଆଦି ଦିଗ ବେଷ୍ଟ ଅପ୍ସନ।



## ୟୁଥ୍ ଫ୍ୟାଶନ୍

# ଅଜବ ହେଲ୍‌ମେଟ୍

**ଗାଡ଼ି ଚଲାଇବା ବେଳେ ସୁରକ୍ଷା ପାଇଁ ହେଲ୍‌ମେଟ୍ ବ୍ୟବହାର କରାଯାଏ। ଯେଉଁଥିପାଇଁ ମାର୍କେଟ୍‌ରେ ବିଭିନ୍ନ କମ୍ପାନିର ଭଳିକି ଭଳି ଡିଜାଇନ୍ ଏବଂ କଲରର ହେଲମେଟ୍ ଉପଲବ୍ଧ। ହେଲେ କେତେକ ଯୁବପିଢ଼ି ସୁରକ୍ଷା ସହିତ ଫ୍ୟାଶନେବଲ୍ ଲୁକ୍ ପାଇଁ ଏମିତି କିଛି ଅଜବ ଡିଜାଇନ୍‌ର ହେଲ୍‌ମେଟ୍ ବ୍ୟବହାର କରୁଛନ୍ତି, ଯାହାକୁ ଦେଖିଲେ ଯେକେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଜାଣିବା ସେଭଳି କେତେକ ଅଜବ ହେଲ୍‌ମେଟ୍ ସମ୍ପର୍କରେ...**



**ହେୟାର୍ ହେଲ୍‌ମେଟ୍:** ଏହି ହେଲ୍‌ମେଟ୍ ଦେଖିବାକୁ ଖୁବ୍ ଆକର୍ଷଣୀୟ। ଏହାକୁ ପିନ୍ଧିବା ପରେ ଜଣେ ହେଲ୍‌ମେଟ୍ ଲଗାଇଛି କି ନାହିଁ ଜାଣିବା ମୁସ୍କିଲ୍। କାରଣ ଏଥିରେ ହେଲମେଟ୍ ଉପରେ ଏଭଳି ଭାବେ ଚୁଟି ଲଗାଯାଇଛି, ଯାହାକୁ ଦେଖିଲେ ସତ ଭଳି ମନେହେବ। ଫ୍ୟାଶନ୍ ସହିତ ସୁରକ୍ଷା ମିଳୁଥିବାରୁ ଯୁବପିଢ଼ି ବିଶେଷ କରି ଯୁବତୀମାନେ ଏଭଳି ହେଲମେଟ୍ ପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି।

**ଏଲ୍‌ଇଡି ହର୍ନ ହେଲ୍‌ମେଟ୍:** ଭିଡ଼ରେ ସବୁଠୁ ଭିନ୍ନ ଦେଖାଯିବାକୁ ଚାହୁଁଥିବା ଯୁବପିଢ଼ିଙ୍କ ପାଇଁ ଏହି ହେଲ୍‌ମେଟ୍ ବେଷ୍ଟ ଅପ୍ସନ। କାରଣ ଏହି ହେଲ୍‌ମେଟ୍‌କୁ ମେଟାଲିକ୍ ଡିଜାଇନ୍ କରାଯାଇଥିବା ବେଳେ ଏଥିରେ ଦୁଇଟି ସିଙ୍ଘ ରହିଛି, ଯେଉଁଥିରେ ଏଲ୍‌ଇଡି ଲାଇଟ୍ ଫିଟ୍ କରାଯାଇଥିବାରୁ ରାତିରେ ଏହା ଜଳିଥାଏ। ଟିଭି ପରଦାରେ ଦେଖିଥିବା କାଳ୍ପନିକ ଅସୁର ଚରିତ୍ରମାନଙ୍କ ସିଙ୍ଘ ପରି ଡିଜାଇନ୍ କରାଯାଇଥିବା ଏହି ହେଲ୍‌ମେଟ୍ ନା କେବଳ ସୁରକ୍ଷା ଦେଇଥାଏ ବରଂ ଡିଫରେଣ୍ଟ ଓ ଫନି ଲୁକ୍ ବି ଦେଇଥାଏ।

**ବାର୍ଡ ଏବଂ ଆନିମଲ୍ ଫେସ୍ ହେଲ୍‌ମେଟ୍:** ବର୍ତ୍ତମାନ ଆଙ୍ଗ୍ରି ବାର୍ଡ, ଟର୍କି, ଇଗଲ ଭଳି ବିଭିନ୍ନ ବାର୍ଡ ହେଉ କିମ୍ବା ବନି ବା ର୍ୟାବିଟ୍, ଟାଇଗର୍, ଡାଇନୋସର, ଫ୍ରଗ୍ ଭଳି ଅନେକ ଆନିମଲ୍‌ଙ୍କ ଫେସ୍ ଆକୃତିର ହେଲ୍‌ମେଟ୍‌ର ଡିମାଣ୍ଡ ବଢ଼ୁଥିବାର ଦେଖିବାକୁ ମିଳୁଛି। ହେଲ୍‌ମେଟ୍ ଉପରେ ବିଭିନ୍ନ ବାର୍ଡ, ଆନିମଲ୍ ଫେସ୍‌ର ସଫ୍ଟଟଏ ଡିଜାଇନ୍ କରାଯାଉଛି, ଯାହାକି ଦେଖିବାକୁ ବେଶ୍ ଫନି ଏବଂ ଅନ୍ୟମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ତେଣୁ ଯୁବବର୍ଗଙ୍କ ମଧ୍ୟରେ ଏଭଳି ହେଲ୍‌ମେଟ୍‌ର ଡିମାଣ୍ଡ ବଢ଼ୁଥିବାର ଦେଖିବାକୁ ମିଳୁଛି।









## ଏ ସପ୍ତାହର ପ୍ରଶ୍ନ

୧- ଭାରତୀୟ ସହର ............ ପୂର୍ବରୁ କୁସୁମପୁରା ଭାବେ ପରିଚିତ ଥିଲା ?
୨- ପୃଥିବୀର କ୍ଷୁଦ୍ରତମ ଚଢ଼େଇ ............ ?
୩- ବଜରଙ୍ଗ ବାଣ .............. ରଚନା କରିଥିଲେ ?
୪- ମୟୂରାକ୍ଷୀ ନଦୀ ଭାରତୀୟ ରାଜ୍ୟ ........... ରାଜ୍ୟ ଦେଇ ପ୍ରବାହିତ ହେଉଛି ?
୫- ୱାର୍ଲ୍ଡ ୟୁଏଫ୍‌ଓ ଡେ' ................. ତାରିଖରେ ପାଳନ କରାଯାଏ ?

## ଗତ ସପ୍ତାହର ଉତ୍ତର

୧ ମିନିଷ୍ଟ୍ରି ଅଫ୍ କର୍ପୋରେଟ୍ ଆଫାୟାର୍ସ
୨ ଚାରୁ ନିବେଦିତା
୩ ହରିୟାଣା
୪ ରଘୁରାମ ଆୟାର
୫ ବାଂଲାଦେଶ

## ଉତ୍ତରଦାତା



ଲକ୍ଷ୍ମୀପ୍ରିୟା ଦଳାଇ, କଟକ



ନିର୍ବିକଳ୍ପ ନାଥ, ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ / ୧୦

### ପୃଥିବୀର ଉଚ୍ଚତମ ଷ୍ଟାଚ୍ୟୁ



୧- ଷ୍ଟାଚ୍ୟୁ ଅଫ୍ ୟୁନିଟି (ଭାରତ)................................. ୫୯୭ ଫୁଟ୍
୨- ସ୍ପ୍ରିଙ୍ଗ୍ ଟେମ୍ପଲ୍ ବୁଦ୍ଧ (ଚାଇନା)................................. ୪୨୦ ଫୁଟ୍
୩- ଲେକ୍ୟୁନ୍ ସେକ୍ୟା (ମ୍ୟାନ୍‌ମାର୍)................................. ୩୮୦ ଫୁଟ୍
୪- ବିଶ୍ୱାସ ସ୍ୱରୂପମ୍ (ଭାରତ)................................. ୩୪୮ ଫୁଟ୍
୫- ଉଶିକୁ ଦୈବୁସୁ (ଜାପାନ)................................. ୩୩୦ ଫୁଟ୍
୬- ସେଣ୍ଡାଇ ଡାଇକାନୁନ୍ (ଜାପାନ)................................. ୩୩୦ ଫୁଟ୍
୭- ଗୁଇଶାନ୍ ଗୁଆନିନ୍ (ଚାଇନା)................................. ୩୨୫ ଫୁଟ୍
୮- ଗ୍ରେଟ୍ ବୁଦ୍ଧ ଅଫ୍ ଥାଇଲାଣ୍ଡ ................................. ୩୦୫ ଫୁଟ୍
୯- କିଟା ନୋ ମିୟାକୋ ପାର୍କସ୍ ଡାଇ କ୍ୟାନନ୍ (ଜାପାନ).............. ୨୮୯ ଫୁଟ୍
୧୦- ମଦର ଅଫ୍ ଅଲ୍ ଏସିଆ- ଟାୱାର ଅଫ୍ ପିସ୍ (ଫିଲିପାଇନ୍ସ)..... ୨୮୯ ଫୁଟ୍

## ଯୁବ ପ୍ରତିଭା

# ମଡେଲିଂ ଦେଇଛି ପରିଚୟ



ପେସାରେ ସେ ଜଣେ ଇଞ୍ଜିନିୟର ହେଲେ ମଧ୍ୟ ନିଶା ତାଙ୍କର ମଡେଲିଂ। ଆଉ ଯାହା ତାଙ୍କୁ ଆଜି ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ଗତ ଜାନୁଆରୀ ୬ରେ ଦିଲ୍ଲୀଠାରେ ଏମ୍‌ଡିସି ଗ୍ଲୋବ ପକ୍ଷରୁ ଆୟୋଜିତ ମିଷ୍ଟର ଆଣ୍ଡ ମିସ୍ ଏମ୍‌ଡିସି ଗ୍ଲୋବ୍-୨୦୨୪ ପ୍ରତିଯୋଗିତାର ବିଜୟୀ ହୋଇ ମିଷ୍ଟର ଇଣ୍ଡିଆ ମୁକୁଟ ହାସଲ କରି ସେ ଓଡ଼ିଶା ପାଇଁ ଗୌରବ ଆଣିଦେଇଛନ୍ତି। ସେ ହେଉଛନ୍ତି ଗଞ୍ଜାମ ଜିଲା ବେଲଗୁଣ୍ଠାରେ ରହୁଥିବା ଚନ୍ଦ୍ରମା ଏବଂ ବାଉରୀବନ୍ଧୁ ସାହୁଙ୍କ ପୁଅ ମାଧବ। ସେ ବର୍ତ୍ତମାନ ସଫ୍ଟୱେର ଡେଭ୍‌ଲପର ଭାବେ ଭୁବନେଶ୍ୱରସ୍ଥିତ ଡେଲଏଟ୍ କମ୍ପାନିରେ କାର୍ଯ୍ୟରତ। ସେ କୁହନ୍ତି, ଆକ୍ଟିଂ, ଡାନ୍ସିଂ ଏବଂ ମଡେଲିଂ ପ୍ରତି ପିଲାଟିବେଳୁ ଅହେତୁକ ଦୁର୍ବଳତା ରହିଆସିଛି। ତେଣୁ ପାଠପଢ଼ା ପରେ ପେସା ସହିତ ନିଶାକୁ ମଧ୍ୟ ସମାନ ସମୟ ଦେବାକୁ ଚେଷ୍ଟା କରିଆସୁଛି। ଚଳିତବର୍ଷ ଦିଲ୍ଲୀଠାରେ ଏମ୍‌ଡିସି ପକ୍ଷରୁ ଆୟୋଜିତ ମିଷ୍ଟର ଇଣ୍ଡିଆ-୨୦୨୪ ପ୍ରତିଯୋଗିତାରେ ଭାରତ ସମେତ ଫିଲିପାଇନ୍ସ, ୟୁଏସ୍, ଇଂଲଣ୍ଡ, ଅଷ୍ଟ୍ରେଲିଆ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ଭଳି ଦେଶରୁ ଅଂଶଗ୍ରହଣ କରିଥିବା ୬୦ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ବିଜୟ ମୁକୁଟ ହାସଲ କରିବା ମୋ ପାଇଁ ଗର୍ବର କଥା। ମାଧବ ୨୦୧୯ରେ ମଧ୍ୟ ମିଷ୍ଟର ଓଡିଶା ଇଣ୍ଟରନାଶନାଲ୍ ପ୍ରତିଯୋଗିତାରେ ବିଜୟୀ ହୋଇ ସାରିଛନ୍ତି। ସେ କେବଳ ମଡେଲିଂ ଦୁନିଆରେ ସଫଳ ନୁହନ୍ତି ବରଂ ଓଲିଉଡ୍ ଅଭିନୟ ଜଗତରେ ମଧ୍ୟ ତାଙ୍କର ବିଶେଷ ଛାପ ରହିଛି। ସେ ତୋ ବିନା ପ୍ରିୟା, ସୁରମୟୀ ଆଖିରେ, ଓଢ଼ଣି ପଡ଼ିଛି ନୂଆ ନୂଆ, ଝିଅ ଚାଲି ନ ଜାଣଇ ଲୋ, ହାରିଗଲି ପ୍ରେମରେ ମୁଁ ଭଳି ୧୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଆଲ୍‌ବମରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ଆଉଟିଛନ୍ତି। ସେହିପରି ତରଙ୍ଗ ଚ୍ୟାନେଲରେ ପ୍ରସାରିତ ରଖିଲେ ସିଏ ମାରିବ କିଏ ଧାରାବାହିକରେ ନିଜ ନିଖୁଣ ଅଭିନୟର ଯାଦୁ ଦେଖାଇ ଘରେ ଘରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ମାଧବ କୁହନ୍ତି, ସୁଯୋଗ ମିଳିଲେ ନିଜ ଅଭିନୟ ଜରିଆରେ ଲୋକଙ୍କ ମନୋରଞ୍ଜନ କରିବା ସହ ଜଣେ ସଫଳ ମଡେଲ ଭାବେ ଅନ୍ତର୍ଜାତୀୟ ସ୍ତରରେ ନିଜ ଦେଶର ପ୍ରତିନିଧିତ୍ୱ କରି ମିଷ୍ଟର ୱାର୍ଲ୍ଡ ପ୍ରତିଯୋଗିତା ବିଜୟୀ ହେବା ହେଉଛି ତାଙ୍କ ସ୍ୱପ୍ନ।

– ତନୁଶ୍ରୀ ନାହାକ

# ଦ୍ୱିତୀୟ ଟେଷ୍ଟ: ଡ୍ରାଇଭର ସିଟ୍‌ରେ ଭାରତ

## ଜୟସ୍ୱାଲଙ୍କ ଦ୍ୱିଶତକ, ବୁମ୍‌ରାଙ୍କୁ ୬ ଉଇକେଟ

**ବିଶାଖାପାଟଣା,୩।୨(ପି.ଟି.)**

ଯଶସ୍ୱୀ ଜୟସ୍ୱାଲଙ୍କ ଦ୍ୱିଶତକ ଓ ଯଶପ୍ରୀତ୍ ବୁମ୍‌ରାଙ୍କ ୫ ଉଇକେଟ ସଫଳତା ବଳରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଡ୍ରାଇଭର ସିଟ୍‌ରେ ରହିଛି ଭାରତ। ବିଶାଖାପାଟଣାରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟରେ ଜୟସ୍ୱାଲ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଥିବା ବେଳେ ଭାରତ ପ୍ରଥମ ଇନିଂସରେ ୩୯୬ ରନ୍ ସ୍କୋର କରିଥିଲା। ପରେ ଯଶପ୍ରୀତ୍ ବୁମ୍‌ରାଙ୍କ ୬ ଉଇକେଟ ସଫଳତା କାରଣରୁ ଇଂଲଣ୍ଡ ପ୍ରଥମ ଇନିଂସ ୨୫୩ ରନ୍‌ରେ ସୀମିତ ରହିଥିଲା। ଦ୍ୱିତୀୟ ଦିନର ଷ୍ଟମ୍ପ୍‌ସ ଅପସାରଣ ବେଳକୁ ଭାରତ ବିନା କ୍ଷତିରେ ୨୮ ରନ୍ କରିଥିବା ବେଳେ ୧୭୧ ରନରେ ଆଗୁଆ ରହିଛି।

### ଯଶସ୍ୱୀଙ୍କ ଦ୍ୱିଶତକ

ଭାରତର ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଥିବା ବେଳେ ଭାରତ ୩୯୬ ରନ୍ ସ୍କୋର କରିଥିଲା। ପ୍ରଥମ ଦିନ ଶେଷ ସୁଦ୍ଧା ଜୟସ୍ୱାଲ ୧୭୯ ରନ୍‌ରେ ଅପରାଜିତ ରହିଥିଲେ। ଦ୍ୱିତୀୟ ଦିନ ଆରମ୍ଭରୁ ସେ ଆକ୍ରମଣାତ୍ମକ ବ୍ୟାଟିଂ କରି କ୍ୟାରିୟରର ପ୍ରଥମ ଦ୍ୱିଶତକ ସମ୍ପୂର୍ଣ୍ଣ କରିଥିଲେ। ଇନିଂସର ୧୦୨ ତମ ଓଭରରେ ଶୋଏବ ବଶିରଙ୍କୁ ଛକା ଓ ଚୌକା ମାରି ଷ୍ଟାଇଲରେ ଦ୍ୱିଶତକ ପୂର୍ଣ୍ଣ କରିଥିଲେ ଜୟସ୍ୱାଲ। ନିମ୍ନକ୍ରମ ବ୍ୟାଟରଙ୍କ ମଧ୍ୟରେ ରବିଚନ୍ଦ୍ରନ ଅଶ୍ୱିନ(୨୦) ଓ କୁଲଦୀପ ଯାଦବ(୮)ଙ୍କ ସାହାଯ୍ୟରେ ସେ ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ୨୯୦ ବଲ୍‌ର ଏହି ଇନିଂସରେ ସେ ୧୯ ଚୌକା ଓ ୭ ଛକା ମାରିଥିଲେ। ଜୟସ୍ୱାଲଙ୍କ ବ୍ୟତୀତ ଜଣେ ହେଲେ ଭାରତୀୟ ଖେଳାଳି ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ଶୁବମନ୍ ଗିଲ୍ ୩୪, ରଜତ ପଟିଦାର ୩୨, ଶ୍ରେୟସ ଆୟର ଓ ଅକ୍ଷର ପଟେଲ ୨୭ ରନ୍‌ର ଇନିଂସ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ ଶୋଏବ ବଶିର, ରେହାନ ଅହମଦ ଓ ଜେମ୍ସ ଆଣ୍ଡରସନ ୩ଟି ଲେଖାଏ ଉଇକେଟ ନେଇଥିଲେ।

### ବୁମ୍‌ରାଙ୍କ ୬ ଉଇକେଟ

ଇଂଲଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ପ୍ରଥମ ଉଇକେଟରେ ୫୯ ରନ୍ ଯୋଡିଥିଲା।



ଉଇକେଟ ନେବା ପରେ ବୁମ୍‌ରାଙ୍କୁ ବଧେଇ ଜଣାଉଛନ୍ତି କୁଲଦୀପ।



ଦ୍ୱିଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ।

ଦୁଇ ଓପନର ଜ୍ୟାକ୍ କ୍ରଲି(୭୬) ଓ ବେନ୍ ଡକେଟ୍(୨୧) ଦ୍ରୁତ ଆରମ୍ଭ କରିଥିଲେ। ବେନ୍ ଡକେଟ୍‌ଙ୍କୁ ଆଉଟ କରି କୁଲଦୀପ ଯାଦବ ଭାରତକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ଜ୍ୟାକ୍ କ୍ରଲି ୭୮ ବଲ୍‌ରୁ ୧୧ ଚୌକା ଓ ୨ ଛକା ସହିତ ୭୬ ରନ୍ କରି ଅକ୍ଷର ପଟେଲଙ୍କ ବଲରେ ଆଉଟ ହୋଇଥିଲେ। ଏହାପରେ ବିଶାଖାପାଟଣାରେ ଦେଖିବାକୁ ମିଳିଥିଲା ବୁମ୍‌ରା ମ୍ୟାଜିକ୍। ଜୋ ରୁଟ୍(୩), ଓଲି ପୋପ୍(୨୩), ଜନି ବେୟାରଷ୍ଟୋ(୨୫) ଓ ବେନ୍ ଷ୍ଟୋକ୍ସ(୪୭)ଙ୍କୁ ଆଉଟ କରି ବୁମ୍‌ରା ଇଂଲଣ୍ଡ ମଧ୍ୟକ୍ରମକୁ ଶେଷ କରି ଦେଇଥିଲେ। ଓଲି ପୋପ୍‌ଙ୍କୁ ଏକ ଚମତ୍କାର ୟର୍କର ଜରିଆରେ ବୋଲ୍ଡ କରି ସେ ଭାରତ ନିକଟକୁ ମ୍ୟାଚ୍‌କୁ ଫେରାଇ ଆଣିଥିଲେ। ଶେଷ ଭାଗରେ ଟମ୍ ହାର୍ଟଲେ ୨୧ ରନ୍ ସ୍କୋର କରିବାରୁ ଇଂଲଣ୍ଡ ୨୫୦ ରନ୍ ଅତିକ୍ରମ କରିଥିଲା। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୬ ଉଇକେଟ ନେଇଥିବା ବେଳେ କୁଲଦୀପ ଯାଦବ ୩ ଓ ଅକ୍ଷର ପଟେଲ ୧ ଉଇକେଟ ନେଇଥିଲେ। ଷ୍ଟମ୍ପ୍‌ସ ଅପସାରଣ ପାଇଁ ମାତ୍ର ୫ ଓଭର ବାକି ରହିଥିବା ବେଳେ ଦୁଇ ଭାରତୀୟ ଓପନର ସତର୍କତାର ସହ ଖେଳି ଉଇକେଟ ପଡିବାକୁ ଦେଇ ନ ଥିଲେ। ରୋହିତ ଶର୍ମା(୧୩) ଓ ଯଶସ୍ୱୀ ଜୟସ୍ୱାଲ(୧୫) ବ୍ୟାଟିଂ କରୁଛନ୍ତି। ଭାରତ ବିନା କ୍ଷତିରେ ୨୮ ରନ୍ କରି ୧୭୧ ରନ୍‌ରେ ଆଗୁଆ ରହିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ ୧୧୨ ଓଭରରେ ୩୯୬/୧୦ (ଯଶସ୍ୱୀ ଜୟସ୍ୱାଲ-୨୦୯, ଶୁବମନ ଗିଲ୍-୩୪, ରଜତ ପଟିଦାର-୩୨, ଜେମ୍ସ ଆଣ୍ଡରସନ୍-୩/୪୭, ରେହାନ ଅହମଦ-୩/୬୫, ଶୋଏବ ବଶିର-୩/୧୩୮)।

ଇଂଲଣ୍ଡ ୫୫.୫ ଓଭରରେ ୨୫୩/୧୦ (ଜ୍ୟାକ୍ କ୍ରଲି-୭୬, ବେନ୍ ଷ୍ଟୋକ୍ସ-୪୭, ଜନି ବେୟାରଷ୍ଟୋ-୨୫, ଯଶପ୍ରୀତ୍ ବୁମ୍‌ରା-୬/୪୫, କୁଲଦୀପ ଯାଦବ-୩/୭୧, ଅକ୍ଷର ପଟେଲ-୧/୨୪)।

### ୧୫୦ ଉଇକେଟ କ୍ଲବରେ ବୁମ୍‌ରା

ଯଶପ୍ରୀତ୍ ବୁମ୍‌ରା ଦ୍ରୁତତମ ଭାରତୀୟ ପେସ୍ ବୋଲର ଭାବରେ ୧୫୦ ଉଇକେଟ ହାସଲ କରିଛନ୍ତି। ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ୬ ଉଇକେଟ ନେବା ସହ ସେ ଏହି ସଫଳତା ହାସଲ କରିଛନ୍ତି। ଟେଷ୍ଟ କ୍ୟାରିୟରର ୩୪ ତମ ମ୍ୟାଚ୍‌ରେ ସେ ଏହି ସଫଳତା ପାଇଛନ୍ତି। ଟେଷ୍ଟ କ୍ୟାରିୟରରେ ଦଶମ ଥର ପାଇଁ ବୁମ୍‌ରା ୫ ଉଇକେଟ ସଫଳତା ହାସଲ କରିଥିବା ବେଳେ ଭାରତୀୟ ଉପମହାଦେଶରେ ଦ୍ୱିତୀୟ ଥର ସେ ଏହି ସଫଳତା ହାସଲ କରିଛନ୍ତି। ତେବେ ଭାରତୀୟଙ୍କ ମଧ୍ୟରେ ରବିଚନ୍ଦ୍ରନ ଅଶ୍ୱିନ ୨୯ ମ୍ୟାଚ୍‌ରେ ୧୫୦ ସଫଳତା ହାସଲ କରିଥିଲେ। ପାକିସ୍ତାନୀ ପେସ୍ ବୋଲର ୱାକାର ୟୁନିସ ୨୭ ଟେଷ୍ଟରେ ୧୫୦ ସଫଳତା ହାସଲ କରି ପେସ୍ ବୋଲରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି।

### ଜୟସ୍ୱାଲ ତୃତୀୟ ସର୍ବକନିଷ୍ଠ

ଭାରତୀୟ ଖେଳାଳିଙ୍କ ମଧ୍ୟରେ ତୃତୀୟ ସର୍ବକନିଷ୍ଠ ଖେଳାଳି ଭାବେ ଦ୍ୱିଶତକ ଅର୍ଜନ କରିଛନ୍ତି ଯଶସ୍ୱୀ ଜୟସ୍ୱାଲ। ୨୨ ବର୍ଷ ୩୭ ଦିନରେ ସେ ଦ୍ୱିଶତକ ସମ୍ପୂର୍ଣ୍ଣ କରିଥିବା ବେଳେ ବିନୋଦ କାମ୍ବଲି ୨୧ ବର୍ଷ ୩୫ ଦିନରେ ଏହି ରେକର୍ଡ ନିଜ ନାମରେ କରିଛନ୍ତି। ୧୯୯୩ ମସିହାରେ ସେ ଇଂଲଣ୍ଡ ବିପକ୍ଷରେ ୨୨୪ ରନ୍‌ର ଇନିଂସ ଖେଳିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ୨୧ ବର୍ଷ ୨୮୩ ଦିନରେ ଦ୍ୱିଶତକ ହାସଲ କରି ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ସବୁଠାରୁ କମ୍ ଇନିଂସରେ ଦ୍ୱିଶତକ ହାସଲ କରିଥିବା ଭାରତୀୟ ଖେଳାଳିଙ୍କ ମଧ୍ୟରେ ଜୟସ୍ୱାଲ ଷଷ୍ଠ ସ୍ଥାନରେ ରହିଛନ୍ତି। ଜୟସ୍ୱାଲ ଦଶମ ଟେଷ୍ଟ ଇନିଂସରେ ଦ୍ୱିଶତକ ହାସଲ କରିଥିବା ବେଳେ କରୁଣ ନାୟର ୩ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି। ବିନୋଦ କାମ୍ବଲି ନିଜ ଚତୁର୍ଥ ଟେଷ୍ଟ ଇନିଂସରେ ଦ୍ୱିଶତକ ହାସଲ କରିଥିବା ବେଳେ ସୁନୀଲ ଗାଭାସ୍କର, ମୟଙ୍କ ଅଗ୍ରୱାଲ ଓ ଚେତେଶ୍ୱର ପୂଜାରା ଅଷ୍ଟମ ଇନିଂସରେ ଦ୍ୱିଶତକ ଅର୍ଜନ କରିଥିଲେ।

## ସଂକ୍ଷେପରେ

### ପାକିସ୍ତାନ ବିପକ୍ଷରେ ଭାରତ ୨-୦ରେ ଅଗ୍ରଣୀ

**ଇସ୍‌ଲାମାବାଦ, ୩।୨(ପି.ଟି.)**

**ଡେଭିସ କପ୍**

ପାକିସ୍ତାନ ବିପକ୍ଷ ଡେଭିସ କପ୍ ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେଅଫ୍ ମୁକାବିଲାରେ ରାମକୁମାର ରମାନାଥନ ଓ ଏନ୍. ଶ୍ରୀରାମ ବାଲାଜୀ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରି ଭାରତକୁ ୨-୦ରେ ଅଗ୍ରଣୀ କରାଇଛନ୍ତି। ପ୍ରଥମ ମ୍ୟାଚରେ ଆୟୋଜକ ପାକିସ୍ତାନର ଆଇଜାମ ଉଲଖ ହକ୍ କଡ଼ା ଟକ୍କର ଦେଇଥିଲେ। ତେବେ ରାମକୁମାର ୬-୭ (୩), ୭-୬(୪), ୬-୦ରେ ଏହି ମ୍ୟାଚ ଜିତି ନେଇଥିଲେ। ମ୍ୟାଚରେ ୪୩ ବର୍ଷୀୟ ଆଇଜାମଙ୍କର ୧୦ ଡବଲ ଫଲ୍ଟ ରହିଥିଲା। ବାଲାଜୀ ହେଉଛନ୍ତି ଜଣେ ଡବଲ୍ସ ସ୍ପେଶାଲିଷ୍ଟ। ବର୍ଷାରେ ବାଧାପ୍ରାପ୍ତ ଦ୍ୱିତୀୟ ସିଙ୍ଗଲ୍ସରେ ତାଙ୍କୁ ଅକିଲ ଖାନ୍ ଚ୍ୟାଲେଞ୍ଜ ଦେଇଥିଲେ। କିନ୍ତୁ ଭେଟେରାନ ଭାରତୀୟ ଖେଳାଳି ତାଙ୍କୁ ୭-୫, ୬-୩ରେ ହରାଇ ଦେଇଥିଲେ। ୱାର୍ଲ୍ଡ ଗ୍ରୁପ୍-୧କୁ ଉନ୍ନୀତ ହେବା ଲାଗି ଭାରତକୁ ଆଉ ଗୋଟିଏ ମାତ୍ର ବିଜୟ ଆବଶ୍ୟକ ରହିଛି। ରବିବାର ତୃତୀୟ ମ୍ୟାଚ ୟୁକି ଭାମ୍ବ୍ରି ଓ ସାକେତ ମାଇନେନି ପ୍ରତିପକ୍ଷ ଯୋଡ଼ି ମୁଜାମିଲ ମୁର୍ତାଜା ଓ ବର୍କତ ଉଲ୍ଲାଙ୍କ ମଧ୍ୟରେ ହେବ। ବର୍ଷାଜନିତ ଥଣ୍ଡା ପାଗ ଖେଳାଳିମାନଙ୍କ ଲାଗି ଏକ ଚ୍ୟାଲେଞ୍ଜ ହୋଇଥିଲା।

### ଦୃଷ୍ଟିବାଧିତ ନାଗେଶ ଟ୍ରଫି କର୍ଣ୍ଣାଟକ ସହ ସେମିଫାଇନାଲ ଖେଳିବ ଓଡ଼ିଶା

**ଭୁବନେଶ୍ୱର,୩।୨(ସରୋଜ ଜେନା)**

ନାଗପୁରରେ ଅନୁଷ୍ଠିତ ଦୃଷ୍ଟିବାଧିତ ନାଗେଶ ଟ୍ରଫି ସେମି ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା। ଶନିବାର ଆନ୍ଧ୍ର ପ୍ରଦେଶ ନିକଟରୁ ୯ ଉଇକେଟରେ ପରାଜିତ ହୋଇ ଗ୍ରୁପରେ ଦ୍ୱିତୀୟ ସ୍ଥାନରେ ରହି ଓଡ଼ିଶା ସେମିରେ ପ୍ରବେଶ କରିଛି। ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟରେ ୨୦୧ ରନ୍ କରିଥିଲା। ସୁଖରାମ ମାଝୀ ୪୫ ରନ୍ ସ୍କୋର କରିଥିବା ବେଳେ ପଙ୍କଜ ଭୁଏ ୩୯ ଓ ହିକିମ ମୁର୍ମୁ ୩୪ ରନ୍ କରିଥିଲେ। ଜବାବରେ ଆନ୍ଧ୍ରପ୍ରଦେଶ ୧୯ ଓଭରରେ ୧ ଉଇକେଟ ହରାଇ ୨୦୨ ରନ୍ କରି ମ୍ୟାଚ ଜିତି ନେଇଥିଲା। ଡି. ଭେଙ୍କଟେଶ ରାଓ ୯୮ ଓ ରବି ୬୯ ରନ୍ କରିଥିଲେ। ରବିବାର ଓଡ଼ିଶା ସେମି ଫାଇନାଲରେ କର୍ଣ୍ଣାଟକକୁ ଭେଟିବ।

### ସାଇ ସୁଦର୍ଶନଙ୍କ ଶତକ

**ଅହମଦାବାଦ, ୩।୨ (ପି.ଟି.)**

ଭରଦ୍ୱାଜ ସାଇ ସୁଦର୍ଶନଙ୍କ ଶତକ ଯୋଗୁ ଏଠାରେ ଚାଲିଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ଭାରତ 'ଏ' ସୁବିଧାଜନକ ସ୍ଥିତିରେ ରହିଛି। ସୁଦର୍ଶନ ୨୪୦ ବଲ୍‌ରୁ ୧୧୭ ରନ କରିଛନ୍ତି। ଫଳରେ ପୂର୍ବଦିନର ଅସମାପ୍ତ ସ୍କୋର ୧୪୮/୩ରୁ ଖେଳ ଆରମ୍ଭ କରିଥିବା ଘରୋଇ ଦଳ ଏହାର ଦ୍ୱିତୀୟ ଇନିଂସରେ ୪୦୯ ରନ କରିବା ସହ ଓଭର ଅଲ ୪୦୨ ରନରେ ଅଗ୍ରଣୀ ଲାଭ କରିପାରିଥିଲା। ୪୦୩ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ପିଛା କରି ଲାୟନ୍ସ ଦଳ ସେମାନଙ୍କ ଦ୍ୱିତୀୟ ଇନିଂସରେ ଶନିବାର ଖେଳ ଶେଷ ସୁଦ୍ଧା ୨ ଉଇକେଟରେ ୮୩ ରନ ସଂଗ୍ରହ କରିଛି। ଓପନର ଆଲେକ୍ସ ଲିଜ୍ ୪୧ ରନ କରି ଅପରାଜିତ ରହିଛନ୍ତି। ମ୍ୟାଚ ଜିତି ସିରିଜକୁ ବରାବର କରିବାକୁ ହେଲେ ଭ୍ରମଣକାରୀ ଦଳକୁ ରବିବାର ଅନ୍ତିମ ଦିବସରେ ଆଇ ୩୨୦ରନ ଆବଶ୍ୟକ। ସିରିଜରେ ଭାରତ 'ଏ' ୧-୦ରେ ଆଗୁଆ ରହିଛି।

### ସେମିଫାଇନାଲରେ ହାରିଗଲେ ଅସ୍ମିତା

**ବ୍ୟାଙ୍କକ୍, ୩।୨(ପି.ଟି.)**

ଥାଇଲାଣ୍ଡ ମାଷ୍ଟର୍ସ ସୁପର ୩୦୦ ଟୁର୍ନାମେଣ୍ଟରେ ଭାରତର ପ୍ରତିଭାବାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଅସ୍ମିତା ଚଲିଆଙ୍କ ଅଭିଯାନ ଶେଷ ହୋଇଛି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ଗୁଆହାଟୀର ଏହି ୨୪ ବର୍ଷୀୟା ସ୍ଥାନୀୟ ତଥା ବିଶ୍ୱର ୧୭ ନମ୍ବର ମାନ୍ୟତାପ୍ରାପ୍ତ ସୁପାନିଦା କେଟ୍‌ଥଙ୍ଗ୍‌ଙ୍କଠାରୁ ୧୩-୨୧, ୧୨-୨୧ରେ ହାରିଯାଇଛନ୍ତି। ଦୁଇ ବାମହାତୀ ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଏକତରଫା ବିଶିଷ୍ଟ ଥିଲା। ମ୍ୟାଚଟି ମାତ୍ର ୩୫ ମିନିଟରେ ଶେଷ ହୋଇଯାଇଥିଲା।

## ଦୃଷ୍ଟିବାଧିତ ଦଳରେ ଓଡ଼ିଶାରୁ ୪

**ଭୁବନେଶ୍ୱର,୩।୨(ବିଜୟ ରଣା)**

ଦୁବାଇରେ ଖେଳାଯିବାକୁଥିବା ତ୍ରିରାଷ୍ଟ୍ରୀୟ ଦୃଷ୍ଟିବାଧିତ କ୍ରିକେଟ ସିରିଜ ପାଇଁ ଶନିବାର ୧୭ ଜଣିଆ ଭାରତୀୟ ପୁରୁଷ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ବେଦରାଜ ବେହେରା, ପଙ୍କଜ ଭୁଏ, ନକୁଳ ବଡ଼ନାୟକ ଓ ସୁଖରାମ ମାଝି। ଟୁର୍ନାମେଣ୍ଟରେ ଭାଗ ନେଉଥିବା ଅନ୍ୟ ଦୁଇଟି ଦଳ ହେଲେ ପାକିସ୍ତାନ ଓ ଶ୍ରୀଲଙ୍କା। ଭାରତୀୟ ଦଳର କୋଚିଂ କ୍ୟାମ୍ପ ଚଳିତ ମାସ ୮ରୁ ୨୦ ତାରିଖ ପର୍ଯ୍ୟନ୍ତ ବାଙ୍ଗାଲୋରଠାରେ ହେବ। ଟୁର୍ନାମେଣ୍ଟ ଫେବୃୟାରୀ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବ। ଏଥିରେ ପାକିସ୍ତାନ ଓ ଶ୍ରୀଲଙ୍କା ବିପକ୍ଷରେ ଭାରତ ଗୋଟିଏ ଲେଖାଏଁ ମ୍ୟାଚ ଖେଳିବ। ପଏଣ୍ଟ ଭିତ୍ତିରେ ଶ୍ରେଷ୍ଠ ଦୁଇ ଦଳ ୨୫ ତାରିଖରେ ଫାଇନାଲ ଖେଳିବେ।

ଭାରତୀୟ ଦୃଷ୍ଟି ବାଧିତ କ୍ରିକେଟ ଦଳ: ନରେଶଭାଇ ବାଲୁଭାଇ ତୁମଡା, ନିଲେଶ ଯାଦବ, ଅଜୟକୁମାର ରେଡ୍ଡୀ ଇଲୁରି, ଦେବରାଜ ବେହେରା, ଗୁଡାଡାପା, ସଞ୍ଜୟ କୁମାର ଶାହା, ଭେଙ୍କଟେଶ୍ୱର ରାଓ ଦୁନା, ପଙ୍କଜ ଭୁଏ, ଲୋକେଶ, ନକୁଳ ବଡ଼ନାୟକ, ମଙ୍ଗୁତା ସାଇ, ଦୁର୍ଗା ରାଓ ଟମ୍ପାକି, ସୁନିଲ ରମେଶ, ସୁଖରାମ ମାଝି, ରବି ଆମିତି, ଦୀନେଶ ରଥବା, ଧୀନାଗର ଜି.।





ଦେବରାଜ ବେହେରା

## ରାଇଜିଂ ଷ୍ଟାର ଚାମ୍ପିୟନ

### ତମାଣ୍ଡୋ ପ୍ରିମିୟର ଲିଗ୍

**ଭୁବନେଶ୍ୱର, ୩।୨ (ବିଜୟ ରଣା)**

ଜାଆଁଳାର ବ୍ଲୁ ରକ୍ ଷ୍ଟାରକୁ ୮ ରନରେ ହରାଇ କୁମାରବସ୍ତର ରାଇଜିଂ ଷ୍ଟାର ଏଠାରେ ଚାଲିଥିବା ୬ଷ୍ଠ ତମାଣ୍ଡୋ ପ୍ରିମିୟର ଲିଗ୍ ଚାମ୍ପିୟନ ହୋଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ରାଇଜିଂ ଷ୍ଟାର ୧୯.୩ ଓଭରରେ ୧୭୯ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଶେଖର ସ୍ୱାଇଁ ୪୮ ଓ ଉତ୍ତମ ମହାନ୍ତି ୩୫ ରନ କରିଥିଲେ। ବିପକ୍ଷ ଦଳର ଏସ୍‌କେ ସଲମନ ଶ୍ରେଷ୍ଠ ବୋଲିଂ କରି ୨୫ ରନ ବିନିମୟରେ ୩ ଉଇକେଟ ନେଇଥିଲେ। ଜବାବରେ ବ୍ଲୁ ରକ୍‌ଷ୍ଟାର ୧୯. ୩ ଓଭରରେ ୧୭୧ ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଏସ୍‌କେ ସଲମନ ସର୍ବାଧିକ ୫୧ ଏବଂ ରଶ୍ମି ରଞ୍ଜନ ୩୬ ରନ କରିଥିଲେ। ରାଇଜିଂ ଷ୍ଟାରର ସଫଳ ବୋଲର ବିକାଶ ରାଉତ ୩୬ ରନ ଦେଇ ୪ ଉଇକେଟ ହାସଲ କରିଥିଲେ। ତମାଣ୍ଡୋ କ୍ରିକେଟ କ୍ଲବ ସଭାପତି ଆଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରଶାସନିକ ଅଧିକାରୀ ରଶ୍ମି ରଞ୍ଜନ ସାହୁ ଓ ଜନ୍ମେଜୟ ସାହୁ ମୁଖ୍ୟ ଅତିଥି ଏବଂ ସାମାଜିକ କର୍ମୀ ଶିଶିର କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।





ଟ୍ରଫି ସହ ଚାମ୍ପିୟନ ଦଳ।

## ନିଲାମ ହେବ ମେସିଙ୍କ ରୁମାଲ

**ଲଣ୍ଡନ, ୩।୨(ଏପି)**

ମେସିଙ୍କର ଏକ ରୁମାଲ ନିଲାମ ହେବ, ଯାହାର ପ୍ରଥମ ଡାକ ମୂଲ୍ୟ ୩,୦୦,୦୦୦ ପାଉଣ୍ଡ (୩,୭୯,୦୦୦ ଡଲାର) ରଖାଯାଇଛି। ଏହା ଏକ ସାଧାରଣ ରୁମାଲ ନୁହେଁ, ଏଥିରେ ବାର୍ସିଲୋନା ସହ କ୍ୟାରିୟର ରେକର୍ଡ ଭଙ୍ଗକାରୀ ଚୁକ୍ତିନାମା ଲିପିବଦ୍ଧ ହୋଇଛି। ବ୍ରିଟିଶ ନିଲାମକାରୀ ସଂସ୍ଥା ବନହାମ୍ସ ତରଫରୁ ମାର୍ଚ୍ଚ ୧୮ରୁ ୨୭ ମଧ୍ୟରେ ଅନ୍‌ଲାଇନରେ ମେସିଙ୍କର ଜଣେ ଏଜେଣ୍ଟ ହୋରାସିଓ ଗାଗିଓଲିଙ୍କ ଜରିଆରେ ନିଲାମ ହେବ। କାଗଜ ରୁମାଲଟିରେ ୨୦୦୦ ଡିସେମ୍ବର ୧୪ ତାରିଖ ଲେଖା ରହିଛି। ସେଥିରେ ଗାଗିଓଲିଙ୍କ ବ୍ୟତୀତ ଅନ୍ୟ ଜଣେ ଏଜେଣ୍ଟ ଜୋସେପ ମାରିଆ ମିଙ୍ଗୁଏଲା ଏବଂ ବାର୍ସିଲୋନାର ତତ୍କାଳୀନ ନିର୍ଦ୍ଦେଶକ ଚାଲ୍ସ ରେକ୍ସାଙ୍କ ଦସ୍ତଖତ ରହିଛି।

## ବାପା ହେବେ ବିରାଟ କୋହଲି

**ନୂଆଦିଲ୍ଲୀ,୩।୨:** ଭାରତୀୟ କ୍ରିକେଟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ଦ୍ୱିତୀୟ ସନ୍ତାନର ପିତା ହେବାକୁ ଯାଉଛନ୍ତି। ଭାରତ ବର୍ତ୍ତମାନ ଇଂଲଣ୍ଡ ସହିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳୁଥିବା ବେଳେ କୋହଲି ପ୍ରଥମ ଦୁଇ ଟେଷ୍ଟ ପାଇଁ ବିଶ୍ରାମ ନେଇଛନ୍ତି। ତେବେ ବିଶ୍ରାମର କାରଣ କୋହଲି ବ୍ୟକ୍ତିଗତ ବୋଲି କହିଥିବା ବେଳେ ଏହା ଉପରୁ ପରଦା ଉଠାଇଛନ୍ତି ଏବି ଡିଭିଲର୍ସ। ଆଇପିଏଲ ଫ୍ରାଞ୍ଚାଇଜ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରରେ କୋହଲିଙ୍କ ସହ ଖେଳୁଥିବା ଏବି ଡିଭିଲର୍ସ ଏହି ଘଟଣା ଉପରୁ ପରଦା ଉଠାଇଛନ୍ତି। ଏକ ପୋଡକାଷ୍ଟରେ ସେ କହିଛନ୍ତି 'ବିରାଟ ଓ ଅନୁଷ୍କା ସେମାନଙ୍କ ଦ୍ୱିତୀୟ ସନ୍ତାନ ଅପେକ୍ଷାରେ ଅଛନ୍ତି'। ଦ୍ୱିତୀୟ ଥର ପାଇଁ ପିତା ହେବାକୁ ଯାଉଥିବାରୁ ବିରାଟ ନିଜ ପରିବାର ସହ ସମୟ ବିତାଇବା ପାଇଁ ବିରତି ନେଇଛନ୍ତି। ସେ ମେସେଜ୍ କରିଥିବା ବେଳେ ଏହି ଉତ୍ତର ମିଳିଥିବା ଡିଭିଲର୍ସ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ସନ୍ତାନ ଭାମିକା ଜନ୍ମ ନେବା ସମୟରେ ମଧ୍ୟ ବିରାଟ ଦଳରୁ ଛୁଟି ନେଇଥିଲେ।



## ଚାଇନାଠାରୁ ହାରିଲା ଭାରତ

### ମହିଳା ପ୍ରୋ ଲିଗ୍ ହକି

**ଭୁବନେଶ୍ୱର,୩।୨(ସରୋଜ ଜେନା)**

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମହିଳା ପ୍ରୋ ଲିଗ୍ ହକିରେ ପରାଜୟରୁ ଅଭିଯାନ ଆରମ୍ଭ କରିଛି ଭାରତ। ଚାଇନା ଏହି ମ୍ୟାଚ୍‌କୁ ୨-୧ ବ୍ୟବଧାନରେ ଜିତି ନେଇଥିଲା। ଘରୋଇ ଦଳ ପକ୍ଷରୁ ବନ୍ଦନା କାଟାରିୟା(୧୫ ମିନିଟ)ରେ ସ୍କୋର କରିଥିବା ବେଳେ ଚାଇନା ପକ୍ଷରୁ ୱେନ୍ ଡାନ୍(୩୮ ମିନିଟ), ଗୁ ବିଙ୍ଗଫେଙ୍ଗ(୫୨ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ପ୍ରଥମ କ୍ୱାର୍ଟରରେ ଉଭୟ ଦଳ ରକ୍ଷଣାତ୍ମକ ଢଙ୍ଗରେ ଆରମ୍ଭ କରିଥିଲେ। ତେବେ ପ୍ରଥମ କ୍ୱାର୍ଟର ଶେଷ ହେବାର ଠିକ୍ ପୂର୍ବରୁ ଭାରତ ପକ୍ଷରୁ ଫରୱାର୍ଡ ବନ୍ଦନା କାଟାରିୟା ସ୍କୋର କରିଥିଲେ। ବନ୍ଦନା ଏକ ଫିଲ୍ଡ ଗୋଲ ଜରିଆରେ ଭାରତକୁ ଆଗୁଆ ରଖିଥିଲେ। ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ଭାରତ ରକ୍ଷଣାତ୍ମକ ରଣନୀତି ସହ ଓହ୍ଲାଇଥିଲା। ଏହି କ୍ୱାର୍ଟରଟି ଗୋଲ୍ ଶୂନ୍ୟ ରହିଥିଲା। ତେବେ ତୃତୀୟ କ୍ୱାର୍ଟରରେ ଭାରତୀୟ ଦଳର ଡିଫେନ୍ସ ଅତ୍ୟନ୍ତ ସାଧାରଣ ରହିଥିଲା। ଚାଇନା ଏକାଧିକ ଥର ଭାରତୀୟ ସର୍କଲ ଭେଦ କରିବାରେ ସମର୍ଥ ହୋଇଥିଲା। ୩୮ ତମ ମିନିଟରେ ୱେନ୍ ଡାନ୍ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ତୃତୀୟ କ୍ୱାର୍ଟରର ଅନ୍ତିମ ମିନିଟରେ ଭାରତ ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଏହାକୁ ଗୋଲରେ ରୂପାନ୍ତର କରିବାରେ ବିଫଳ ହୋଇଥିଲା। ଚତୁର୍ଥ କ୍ୱାର୍ଟରରେ ଚାଇନା ଆକ୍ରମଣକୁ ଆହୁରି ଜୋରଦାର କରିଥିଲା। ୫୦ ମିନିଟରୁ ୫୨ ତମ ମିନିଟ ମଧ୍ୟରେ ଚାଇନା ଲଗାତାର ୫ ପେନାଲ୍ଟି କର୍ଣ୍ଣର ପାଇଥିବା ବେଳେ ଗୁ ବିଙ୍ଗଫେଙ୍ଗ ଏକ ଗୋଲ ଦେଇ ଦଳକୁ ୨-୧ରେ ଆଗୁଆ କରିଥିଲେ। ଅନ୍ତିମ ହୁଟର ବାଜିବା ସହ ଭାରତ ମ୍ୟାଚ୍ ହାରି ଯାଇଥିଲା। ରବିବାର ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ନେଦରଲାଣ୍ଡକୁ ଭେଟିବ।



ପ୍ରଥମ ଗୋଲ୍ ଦେବାପରେ ଉଲ୍ଲସିତ ଭାରତୀୟ ଖେଳାଳି। (ଫଟୋ: ବିକାଶ ନାୟକ)

### ନେଦରଲାଣ୍ଡ୍ସର ବୃହତ୍ ବିଜୟ

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମହିଳା ପ୍ରୋ ଲିଗ୍ ହକିରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ନେଦରଲାଣ୍ଡ୍ସ। ଶନିବାର ପ୍ରଥମ ମ୍ୟାଚ୍‌ରେ ୟୁଏସ୍‌ଏକୁ ୭-୦ ଗୋଲରେ ପରାସ୍ତ କରିଥିଲା ନେଦରଲାଣ୍ଡ୍ସ। ଦଳ ପକ୍ଷରୁ ଡିକେ ପିଏନ୍ (୧୪, ୩୪, ୩୮ ଓ ୪୬) ମିନିଟରେ ହ୍ୟାଟ୍ରିକ ସହ ୪ଟି ଗୋଲ ସ୍କୋର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜାନସେନ୍ ୟିବି(୫୬ ଓ ୫୮) ମିନିଟରେ ଡବଲ୍ ଗୋଲ ସ୍କୋର କରିଥିବା ବେଳେ ଫୋକେ ଲୁନା(୧୩)ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ମ୍ୟାଚ୍‌ର ପ୍ରଥମ ୧୦ ମିନିଟ ଉଭୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ତେବେ ନେଦରଲାଣ୍ଡ୍ସ ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ପରେ ଆମେରିକୀୟ ଖେଳାଳିଙ୍କ ନିକଟରେ ଏହାର ଜବାବ ନ ଥିଲା। ୧୩ ତମ ମିନିଟରେ ଲୁନା ପ୍ରଥମ ଫିଲ୍ଡ ଗୋଲ ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ....................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅବିବାହିତ ମା'ଙ୍କ ୧୯ ପିଲା

**କଲମ୍ବିଆ**



ଦୁନିଆରେ ପିଲାମାନେ ଈଶ୍ୱରଙ୍କ ଉପହାର ବୋଲି ବିବେଚନା କରାଯାଏ। ସନ୍ତାନ ଜନ୍ମ କରିବା ଭାଗ୍ୟର କଥା ବୋଲି ବିବେଚନା କରାଯାଇଥାଏ। ଅନେକ ମହିଳା ପିଲାଟିଏ ପାଇବା ପାଇଁ କେତେ ଦିଅଁଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। କିନ୍ତୁ ଜଣେ ଅବିବାହିତା ମହିଳା ଏପର୍ଯ୍ୟନ୍ତ ୧୯ ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି ଏବଂ ୨୦ତମ ସନ୍ତାନକୁ ଜନ୍ମ ଦେବାକୁ ଯାଉଛନ୍ତି। ସମସ୍ତ ସନ୍ତାନଙ୍କର ପିତା ଭିନ୍ନ ଭିନ୍ନ ଅଟନ୍ତି। ସେ ସମସ୍ତଙ୍କୁ ଏକାକୀ ପାଳନ କରୁଛନ୍ତି। ଅଧିକ ସନ୍ତାନର ରହସ୍ୟ ମଧ୍ୟ ମହିଳା ଜଣକ କହିଛନ୍ତି, ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଏପରି ଅଜବ ମାମଲା ଦେଖିବାକୁ ମିଳିଛି କଲମ୍ବିଆରେ। ମାର୍ଥା ନାମକ ଏହି ୩୯ ବର୍ଷୀୟା ମହିଳା ସମସ୍ତ ପିଲାଙ୍କୁ ଜନ୍ମଦେଇ ଲାଳନ ପାଳନ କରୁଛନ୍ତି। ତଥାପି ସେ ଅଧିକ ସନ୍ତାନ ପାଇବାକୁ ଚାହୁଁଛନ୍ତି। ତାଙ୍କର ୧୭ ପିଲା ଏପର୍ଯ୍ୟନ୍ତ ସାବାଳକ ହୋଇନାହାନ୍ତି। ସେ କହିଛନ୍ତି, ଯେ ପର୍ଯ୍ୟନ୍ତ ସେ ସନ୍ତାନ ଜନ୍ମ କରିବା ପାଇଁ ସକ୍ଷମ ଥିବେ ସେ ପର୍ଯ୍ୟନ୍ତ ଜନ୍ମ କରି ଚାଲିବେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ମାର୍ଥା ଏହାକୁ ଏକ ଲାଭଜନକ ବ୍ୟବସାୟ ଭାବେ ଧରିନେଇଛନ୍ତି। ତାଙ୍କ ମତରେ ପ୍ରକୃତରେ ମା' ହେବା ଏକ ବ୍ୟବସାୟ ପରି। ସେ ସନ୍ତାନ ପ୍ରସବ ଜାରି ରଖିବେ, ଯେତେବେଳେ ବର୍ତ୍ତମାନର ପିଲମାନେ ବଡ଼ ହୋଇ ଘରୁ ବାହାରିଯିବେ। ପିତାଙ୍କ ବିଷୟରେ କୁହନ୍ତି, ସେମାନେ ସମସ୍ତେ ଦାୟିତ୍ୱହୀନ। ମାର୍ଥା କହିଛନ୍ତି, ସେ ପ୍ରତ୍ୟେକ ପିଲାଙ୍କ ପାଇଁ ସରକାରଙ୍କଠାରୁ ଆର୍ଥିକ ସହାୟତା ପାଆନ୍ତି ଏବଂ ଏହା ତାଙ୍କୁ ଅଧିକ ସନ୍ତାନ ପ୍ରାପ୍ତ କରିବାକୁ ପ୍ରେରଣା ଦେଇଥାଏ। ସେ କହିଛନ୍ତି, ବଡ଼ ସନ୍ତାନ ପାଇଁ ସେ ପ୍ରାୟ ୬୩୦୦ ଟଙ୍କା ଏବଂ ସାନ ପାଇଁ ୨୫୦୦ ଟଙ୍କା ପାଇଥାନ୍ତି। କଲମ୍ବିଆ ସରକାର ପ୍ରତି ମାସରେ ମାର୍ଥାଙ୍କୁ ପ୍ରାୟ ୪୨୦୦୦ ଟଙ୍କା ଦିଅନ୍ତି। ମାର୍ଥା ସ୍ଥାନୀୟ ଚର୍ଚ୍ଚ ଏବଂ ପଡ଼ୋଶୀମାନଙ୍କଠାରୁ ମଧ୍ୟ ସାହାଯ୍ୟ ପାଆନ୍ତି। ୧୯ ପିଲା ତିନି ବଖରା ଘରେ ରହୁଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ଏବଂ ବେଳେବେଳେ ସେ ସମସ୍ତ ପିଲାମାନଙ୍କୁ ପେଟପୂରା ଖାଇବାକୁ ଦେବାକୁ ସକ୍ଷମ ନୁହନ୍ତି। ତଥାପି ମାର୍ଥା କହିଛନ୍ତି, ଯେପର୍ଯ୍ୟନ୍ତ ଅଧିକ ସନ୍ତାନ ଜନ୍ମ ହେବା ସମ୍ଭବ, ସେ ଏହା ଜାରି ରଖିବେ।

# ପରୀକ୍ଷା ଖାତାରେ 'ସାଜନ ଗୀତ' ଲେଖିଲେ ଛାତ୍ର

ପିଲା ବର୍ଷଯାକ କେତେ ପାଠ ପଢ଼ିଛନ୍ତି ତାହା ପରୀକ୍ଷାରୁ ଜଣାପଡିଥାଏ। କେତେଜଣ ପିଲା ପରୀକ୍ଷାରେ ବେଶ୍ ଉତ୍ସାହଜନକ ପ୍ରଦର୍ଶନ କରୁଥିବାବେଳେ ଅନ୍ୟମାନେ ଭଲ ପ୍ରଦର୍ଶନ କରିପାରି ନ ଥାନ୍ତି। ତେବେ ପରୀକ୍ଷା ଖାତାରେ ଫିଲ୍ମ ଗୀତ ଲେଖିବା ନୂଆ ଘଟଣା। ନିକଟରେ ଜଣେ ଛାତ୍ରଙ୍କର ପରୀକ୍ଷା ଖାତା ଭାଇରାଲ ହୋଇଛି। ଯାହାକୁ ଆପଣ ଦେଖି ହସି ହସି ବେଦମ ହୋଇଯିବେ। ପରିବେଶ ବିଜ୍ଞାନ ପରୀକ୍ଷା ଖାତାରେ ପ୍ରଦୂଷଣ ରୋକିବା ପାଇଁ ପ୍ରଶ୍ନ ପଚରାଯାଇଥିଲା। ଯେଉଁଥିରେ ଛାତ୍ରଜଣକ ଯାନବାହନ ବିଷାକ୍ତ ଗ୍ୟାସ ଉତ୍ସର୍ଜନ, କାରଖାନା ବର୍ଜ୍ୟବସ୍ତୁକୁ ନେଇ ଉତ୍ତର ଲେଖିବା ଆରମ୍ଭ କରିଥିଲେ। ଅଳ୍ପ କିଛି ଲେଖିବା ପରେ ସେ ୧୯୯୧ ଫିଲ୍ମ 'ସାଜନ'ର ଗୀତ ଲେଖିବା ଆରମ୍ଭ କରିଥିଲେ। ପୁଣି ଗୀତରୁ ଫେରି ପଚରାଯାଇଥିବା ପ୍ରଶ୍ନର ଉତ୍ତର ଲେଖି ଶେଷ କରିଥିଲେ। ଛାତ୍ରଙ୍କର ଏହି କାରନାମା ପରୀକ୍ଷକଙ୍କୁ ଯେତିକି ଆଶ୍ଚର୍ଯ୍ୟ କରିଛି ସେତିକି ସେ ହସି ହସି ବେଦମ ହୋଇଛନ୍ତି।

# ଗୀତ ଗାଇଲେ ଅକ୍ଷୟ



**ମୁମ୍ବାଇ:** ଫିଲ୍ମ ବ୍ୟତୀତ ବଲିଉଡ ଖିଲାଡି ବୟ ଅକ୍ଷୟ କୁମାର ମ୍ୟୁଜିକ ଭିଡିଓ ପାଇଁ ପ୍ରଶଂସା ପାଇଛନ୍ତି। ପୁଣି ଥରେ ସେ ଏକ ମ୍ୟୁଜିକ ଭିଡିଓ ସହିତ ଆସୁଛନ୍ତି। ସୋସିଆଲ ମିଡିଆରେ ସେ ତାଙ୍କର ଆଗାମୀ ମ୍ୟୁଜିକ ଭିଡିଓ 'ଶମ୍ଭୁ'ର ଟିଜର ରିଲିଜ କରିଛନ୍ତି। ଫିଲ୍ମ 'ଓଏମ୍‌ଜି ୨'ରେ ଭଗବାନ ଶିବଙ୍କ ଭୂମିକାରେ ଅଭିନୟ କରିବା ପରେ ଅକ୍ଷୟ କୁମାର ପୁଣି ଥରେ ମହାଦେବଙ୍କ ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ଆକର୍ଷିତ କରିବାକୁ ପ୍ରସ୍ତୁତ ଅଛନ୍ତି। ଟିଜରରେ ଅଭିନେତା ମହାଦେବଙ୍କ ଚରିତ୍ରରେ ତାଣ୍ଡବ କରୁଥିବା ନଜର ଆସିଛନ୍ତି। ଅକ୍ଷୟ ବେଳେବେଳେ ଭୟଙ୍କର ଏବଂ ବେଳେବେଳେ ଖୁସିର 'ଶମ୍ଭୁ'ର ଅବତାରରେ ପ୍ରଶଂସକଙ୍କ ହୃଦୟ ଜିତିଛନ୍ତି। ଏହି ଗୀତ ୫ ଫେବୃଆରୀ ୨୦୨୪ ରେ ରିଲିଜ ହେବ।


## ପଦାର୍ଥ ବିଜ୍ଞାନ ରେ PhD ଲାଭ



ଗବେଷକ ସୁଶୀଲ୍ କୁମାର ପଣ୍ଡା Ravenshaw University ରୁ ପଦାର୍ଥ ବିଜ୍ଞାନ (Physics) ରେ ସମ୍ମାନଜନକ ଡ଼କ୍ଟୋରେଟ୍ (PhD) ଉପାଧି ଲାଭ କରିଛନ୍ତି।
ସେ Prof Rita Paikray, Guide (Ravenshaw University) ଏବଂ Prof Bedangadas Mohanty, Co-Guide (NISER, Bhubaneswar) ଙ୍କ ତତ୍ତ୍ୱାବଧାନରେ High Energy Physics ର "Freeze-out and Thermodynamic Scenario of the Systems Produced During High Energy Collisions" ଉପରେ ଗବେଷଣା କରୁଥିଲେ।
Shri Panda ଏହା ପୂର୍ବରୁ Institute of Physics, BBSR ରୁ Pre-Doctoral ଏବଂ Utkal University Vani Vihar ରୁ Physics ରେ MPhil Degree ହାସଲ କରିଥିଲେ।
ସେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅନ୍ତର୍ଗତ ଗଗନଧୂଳି ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ପର୍ଶୁରାମ ପଣ୍ଡା ଓ ଶ୍ରୀମତି ତୁଳସୀମଣି ପଣ୍ଡାଙ୍କ ମଧ୍ୟମ ପୁତ୍ର ଏବଂ ବର୍ତ୍ତମାନ BSNL Bhubaneswar Telecom District ରେ ଜଣେ AGM ଭାବେ କାର୍ଯ୍ୟରତ।
ଶ୍ରୀ ପଣ୍ଡା ଏହାର ଶ୍ରେୟ ପାଇଁ Guide Prof Rita Paikray, Co Guide Prof Bedangadas Mohanty, NISER Bhubaneswar ର Collaborator Dr Subhasish Samant, Dr Ajay Kumar Dash, Referee Prof Sadhana Das ( IIT, Bombay ), Prof Anju Bhasin ଏବଂ ନିଜର ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।
ଧ-୭୫୫୧୬



## Classified Everyday

0674-2580101, 2549949




### GROOM WANTED

ବୟସ 30, Government Nurse, ସୁନ୍ଦର ନିଃସନ୍ତାନ Divorcee ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ । 9124021207. D-71384

Beautiful Gudia Girl 26+/BSC/MBA/SBI PO/ Bhubaneswar. 9938199964. D-2427




### SALE

**Semifurnished 3BHK flat at Jharpada 80' road side near Ganesh Mandap Chhak. Contact No.- 9437307086, 7978209277.** D-2362

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75705

Contact for house construction @ 250 and interior design (Modular Kitchen/TV Unit/Wardrobe) @ 250. 7008550473, 8249630501. D-2412

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ **30'** ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292

Duplex sale at Bhubaneswar @ 57 lakhs only. Contact: 9777433701. D-75300

**Ready to move 5 Bed-room New Construction duplex house sale at Gita Engineering College, Bhubaneswar (only 500Mtrs distance from NH-5 Goharia Chhak) cost @ 90Lakh (only genuine buyer plz contact) 9938867397.** D-2405

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

Flat in Kalinga Nagar, Ghatikia, Bhubaneswar for sale 1631 x 5500. 6371837547. D-2410

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-2271

ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

**Gharabari plot 2700sft. yellowzone, 10 meters from Malipada Main Road, 30 feet road Bhubaneswar @ 2600 per sqft., Contact ROJA 7991080014.** D-2406

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2272




**Rent Esplanade Bhubaneswar Office space 1432sqft., Furnished, Parking. Call- 9776505301.** D-2322




Newly open health benefits SPA special offer @ 999 Bapujinagar. 8018429809. D-75195

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Newly health benefited Spa Expert Therapist at Mastercanteen. Contact: 7749034655. D-75193

Refreshments Body massage Therapy with experienced Therapists, Ashirvad Panchakarma Spa, Keshari Mall, Bhubaneswar, 8926173473. D-67128

Newly open SPA positively health benefits (Expert therapist). Contact: 9124527170. D-75197

Spa Kerala body Massage best Therapist @699/- Bhubaneswar. kajal-9337672475. D-2397

### AFFIDAVIT

I, Manasa Devi, W/o Late Uchabo Sabath resident at Jail Road, Lanjipalli, Brahmapur, Odisha-760008 Born on 04.04.1940 have changed my name from Manasa Devi to Manas Devi Saboth vide Affidavit No.- 69AA 457202 dt. 31.01.2024 before Executive Magistrate, Berhampur. D-2425

I, Thota Devi, W/o Dugana Duryadhana, At/ P.O.- Jayantipur, Dist.- Ganjam PIN-761004 declare by this affidavit No.- 249 dtd. 19.01.2024 that now onwards I shall be known as DUGANA DEVI for all future purposes. D-2428

By virtue of an affidavit before the Executive Magistrate, Bolagarh. I, Budhi Pradhan alias Purusottam (54yr), S/o Kruttibas Pradhan, Village- Arakhapalli, P.O.-Arakhapalli, P.S.- Bolagarh, Dist.- Khordha solemnly affirm that in Aadhaar Card my Father's name is Kruttibas Pradhan & in Odisha Gramya Bank Passbook my Father's name mentioned as Krutibas Pradhan of the above address. But in my LIC Policy No.- 589610181 wherein my name mentioned as Purusottam Pradhan, S/o Krutiibas Pradhan. Where as my actual name is Budhi Pradhan, S/o Kruttibas Pradhan as mentioned in Aadhaar Card for all purposes. D-2430

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**TO-LET FOR OFFICE**
(1000 sqft to 4000 sqft)
Wide parking area, Lift facility & Security facility
At Jharapada Ganesh Mandap Chhack, Bhubaneswar
7978450312
8908183997

**OAS HUB**
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି


**ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰କାଞ୍ଚନ କୁମାରୀ ତ୍ରିପାଠୀ**
ଲକ୍ଷ୍ମୀସାଗର, ଭୁବନେଶ୍ୱର
ସ୍ୱାମୀ– ମାଧବ ମିଶ୍ର
ଆବିର୍ଭାବ: ୧୯୫୦
ତିରୋଧାନ: ୦୬।୦୨।୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମିତହାସ୍ୟ ଆମର ଅଭୁଲା ସ୍ମୃତି ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୫୭୦୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୌଦାମିନୀ ମହାପାତ୍ର**
ସ୍ଥାନ: ଏମ୍-୧୫୬, ଫେଜ୍-୨, ଭୀମଟାଙ୍ଗୀ, ଗୁରୁ କେଳୁଚରଣ ମାର୍ଗ, ଲେନ୍-୪, ଭୁବନେଶ୍ୱର
ଆବିର୍ଭାବ: ୧୩।୦୫।୧୯୪୬
ତିରୋଧାନ: ୨୫।୦୧।୨୦୨୪
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମିତହାସ୍ୟ ଆମର ଅଭୁଲା ସ୍ମୃତି ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଶୋକସନ୍ତପ୍ତ: ଶୁଭଙ୍କର ପରିଡ଼ା (ବାପି), ସୀମା, ଶିଳାଲିପି (ଲିପି), ସୁନୀଲ, ରିକି, ଆର୍ଯ୍ୟନ୍, ଟୁପୁଲ୍, ରିୟଲ୍
ଧ-୨୪୧୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଦ୍ୱିଜବର ବେହେରା**
ବଳରାମପୁର, କୁଜଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ-୧୭।୦୨।୧୯୪୧
ତିରୋଧାନ- ୨୫।୦୧।୨୦୨୪
ଚାହୁଁ ଚାହୁଁ ୧୧ଦିନ ହେଲା ତୁମେ ଆମକୁ ଛାଡ଼ି ଆରପାରିକୁ ଚାଲିଗଲ। ତୁମର ସ୍ନେହ, ମମତା ଓ ତ୍ୟାଗ ସବୁ ଦିନ ଆମପାଇଁ ସ୍ମରଣୀୟ ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର: ସ୍ମୃତିରଞ୍ଜନ, ଶକ୍ତି ରଞ୍ଜନ, ସୁଧିରଞ୍ଜନ, ଝିଅ: ସ୍ନିଗ୍ଧାରାଣୀ (କୁଇନା), ପୁତ୍ରବଧୂ: ଦିପ୍ତିରେଖା, ତପସ୍ୱିନୀ, ନିରୋଜନଳିନୀ, ଜାମାତା: ରମେଶ ଚନ୍ଦ୍ର, ପୁତୁରା: ସଞ୍ଜିତ, ଭଣଜା-ଭଣଜାବୋହୂ: ପୁଟୁ-ଜିନି, ଭାଣିଜୀ-ଭାଣିଜୀଜ୍ୱାଇଁ: କବିତା- ସବ୍ୟସାଚୀ, ନାତି, ନାତୁଣୀ ଓ ବନ୍ଧୁ ଏବଂ ପରିବାରବର୍ଗ।
ଧ-୨୪୨୬

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ସମୀର କୁମାର ପରିଡ଼ା**
(ଭୁବନେଶ୍ୱର)
ଆବିର୍ଭାବ: ୧୮/୦୪/୧୯୭୦ • ତିରୋଧାନ: ୨୪/୦୧/୨୦୨୪
ସମୟ ଅତିକ୍ରାନ୍ତ ହୁଏ, ଅଟକାଇ ହୁଏ ନାହିଁ। ମୃତ୍ୟୁ ଚାଲିଆସେ, ସମୟ ଅସମୟ ଜାଣେ ନାହିଁ। ଜୀବନ ଆଗେଇ ଚାଲେ, ଦୁଃଖ ଭୁଲି ହୁଏ ନାହିଁ। ତୁମର ଅକାଳ ମୃତ୍ୟୁ ଆମ ସମସ୍ତଙ୍କୁ ଘୋର ଆଘାତ ଦେଇଛି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୭୫୫୧୫

**ଏକାଦଶାହ ଉପଲକ୍ଷେ**



**୰କଳ୍ପତରୁ ମଙ୍ଗରାଜ**
ଚନ୍ଦକା, ଭୁବନେଶ୍ୱର
ଆବିର୍ଭାବ: ୦୫।୦୩।୧୯୨୭
ତିରୋଧାନ: ୨୫।୦୧।୨୦୨୪
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମିତହାସ୍ୟ ଆମର ଅଭୁଲା ସ୍ମୃତି ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ହତଭାଗ୍ୟ ପୁତ୍ର: ସନ୍ତୋଷ, ସଞ୍ଜୟ, ଆତ୍ମୀୟସ୍ୱଜନ ଓ ଶୋକସନ୍ତପ୍ତ ମଙ୍ଗରାଜ ପରିବାରବର୍ଗ।
ଧ-୬୦୯୮

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

DSPL-617

# ଓଡ଼ିଶାରେ ଲକ୍ଷ୍ମୀ



LAXMI
**ଘରେ ଘରେ ଲକ୍ଷ୍ମୀ**

ଓଡ଼ିଶା ସମୃଦ୍ଧ ସଂସ୍କୃତି ଏବଂ ବିବିଧ ଭୌଗୋଳିକ ସ୍ଥିତି ପାଇଁ ବେଶ୍ ପରିଚିତ। ଏହାହିଁ ବିଭିନ୍ନ ସମ୍ପ୍ରଦାୟକୁ ଏକ ସୂତ୍ରରେ ବାନ୍ଧି ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏଥି ସହିତ ରାଜ୍ୟର ୯୦ ପ୍ରତିଶତରୁ ଅଧିକ ଗ୍ରାମ ପଞ୍ଚାୟତକୁ ସବୁଦିନିଆ ରାସ୍ତା ମାଧ୍ୟମରେ ସଂଯୋଗ କରୁଥିବା ରୋଡ ନେଟୱର୍କ ରାଜ୍ୟ ଅଭିବୃଦ୍ଧିର ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି । ସଫଳତାର ସହ ୧୮୨ ବସ ଷ୍ଟାଣ୍ଡ ପ୍ରତିଷ୍ଠା କରିଥିବା 'ଆମ ବସ ଷ୍ଟାଣ୍ଡ' ଯୋଜନା ଏକ ଦୃଢ ପରିବହନ ନେଟୱର୍କ ପାଇଁ ମୂଳଦୁଆ ପକାଇଛି। ବିଭିନ୍ନ କ୍ଷେତ୍ରରେ ଓଡିଶା ଦ୍ରୁତ ଅଭିବୃଦ୍ଧି ଜାରି ରଖିଥିବା ବେଳେ ଏକ ସୁଦୂର ପ୍ରସାରୀ ତଥା ଦୃଢ ପରିବହନ ନେଟୱର୍କର ଆବଶ୍ୟକତା ରହିଛି। ଏହି ଆକାଂକ୍ଷା ପରିପୂରଣ ଲାଗି ଲକ୍ଷ୍ମୀ (ଲୋକେଶନ ଆକ୍ସେସିବଲ ମଲ୍ଟି-ମୋଡାଲ ଇନିସିଏଟିଭ) ଯୋଜନାର ଆରମ୍ଭ। ସୂଚନାଯୋଗ୍ୟ, ଲକ୍ଷ୍ମୀ ବସ୍ ଯୋଜନା ସମସ୍ତ ଗ୍ରାମ ପଞ୍ଚାୟତକୁ ସଂଯୋଗ କରି ଜନସାଧାରଣ ପରିବହନରେ ସହଜ ରୂପାନ୍ତରଣ ପାଇଁ ପରିକଳ୍ପନା କରାଯାଇଛି, ଯାହା ଦ୍ୱାରା ଉପଲବ୍ଧତା, ନିରାପତ୍ତା ଏବଂ ସେବା ଦକ୍ଷତାକୁ ବିକଶିତ କରାଯାଇପାରିବ। ମହିଳା ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦେଇ ବଜାର, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରେ ସମାନ ସୁବିଧା ସୁନିଶ୍ଚିତ କରିବା ସହ ଗ୍ରାମାଞ୍ଚଳ-ସହରୀ ବିଭେଦକୁ ଦୂର କରିବାକୁ ଏହି ଯୋଜନା ଲକ୍ଷ୍ୟ ରଖିଛି। ସାର୍ବଜନୀନ-ବେସରକାରୀ ସହଭାଗିତା ଏବଂ ସ୍ଥାୟିତ୍ୱକୁ ପ୍ରାଥମିକତା ଦେଇ, ଲକ୍ଷ୍ମୀ କେବଳ ପର୍ଯ୍ୟଟନ, ଅର୍ଥନୈତିକ ଅଭିବୃଦ୍ଧିକୁ ବଢାଏ ନାହିଁ ବରଂ ଏକ ଅଧିକ ଅନ୍ତର୍ଭୁକ୍ତିକରଣ ଏବଂ ପରସ୍ପର ସହ ସଂଯୁକ୍ତ ଗୋଷ୍ଠୀର ସହଯୋଗିତାକୁ ମଧ୍ୟ ବିକଶିତ କରେ।



## ମହିଳା ସଶକ୍ତୀକରଣ

ଲକ୍ଷ୍ମୀ ବସ୍ ଯୋଜନାର ଏକ ଅନନ୍ୟ ବୈଶିଷ୍ଟ୍ୟ ବିଭିନ୍ନ ଗୋଷ୍ଠୀର ଅଂଶଗ୍ରହଣ ଏବଂ ମହିଳା ସଶକ୍ତିକରଣ ଉପରେ ଏହାର ଗୁରୁତ୍ୱାରୋପ। ପ୍ରତ୍ୟେକ ଜିଲାରେ ରକ୍ଷଣାବେକ୍ଷଣ, ପରିଚାଳନା ଏବଂ କାର୍ଯ୍ୟରେ ଭୂମିକା ଗ୍ରହଣ କରି ମହିଳା-ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି) ଦ୍ୱାରା ନିର୍ଦ୍ଦିଷ୍ଟ ମାର୍ଗରେ ପରିଚାଳିତ କରିବା। ଏହି ଯୋଜନା କେବଳ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଲକ୍ଷ୍ମୀକୁ ସାମାଜିକ ପରିବର୍ତ୍ତନର ଏକ ଆଲୋକ ବର୍ତ୍ତିକା ଭାବରେ ଗ୍ରହଣ କରି ଗୋଷ୍ଠୀର କଲ୍ୟାଣକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଏହା ସଶକ୍ତିକରଣ ରୋଜଗାର ଯୋଗାଇଥାଏ। ଏହା ଆତ୍ମବିଶ୍ୱାସ ସୃଷ୍ଟି କରେ ଏବଂ ମହିଳାମାନଙ୍କ ମଧ୍ୟରେ ନେତୃତ୍ୱ ଗୁଣ ବୃଦ୍ଧି କରି ସାମାଜିକ ପରିବର୍ତ୍ତନରେ ସହାୟକ ହୋଇଥାଏ।





## ପର୍ଯ୍ୟଟକ ବୃଦ୍ଧି

ଉଭୟ ଘରୋଇ ତଥା ଅନ୍ତର୍ଜାତୀୟ ପର୍ଯ୍ୟଟକମାନେ ବର୍ତ୍ତମାନ ଓଡିଶାର ସମୃଦ୍ଧ ସାଂସ୍କୃତିକ ତଥା ପ୍ରାକୃତିକ ଐତିହ୍ୟକୁ ସହଜ କରି ପାରିଛନ୍ତି। ଲକ୍ଷ୍ମୀର ଏହି ପଦକ୍ଷେପ ଯୋଗୁ ଏହାକୁ ଧନ୍ୟବାଦ। ଯାହା ରାଜ୍ୟରେ ପର୍ଯ୍ୟଟନକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହାର ନେଟୱର୍କରେ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀକୁ ଅନ୍ତର୍ଭୁକ୍ତ କରି, ଲକ୍ଷ୍ମୀ ପର୍ଯ୍ୟଟକଙ୍କ ସଂଖ୍ୟା ଏହି ଅଞ୍ଚଳରେ ବୃଦ୍ଧି କରିବ। ଏହି ଉନ୍ନତ ସଂଯୋଗୀକରଣ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର ସମ୍ଭାବନା ଅଛି, ଯାହା କେବଳ ଆଞ୍ଚଳିକ ପର୍ଯ୍ୟଟନକୁ ଲାଭଦାୟକ ନୁହେଁ ବରଂ ଅଧିକ ଜୀବିକା ସୁଯୋଗ ସୃଷ୍ଟି କରି ସ୍ଥାନୀୟ ଗୋଷ୍ଠୀଙ୍କ ପାଇଁ ମଧ୍ୟ ସହାୟକ ହେବ।

## କାର୍ଯ୍ୟାନ୍ୱୟନ ସ୍ଥିତି

ଲକ୍ଷ୍ମୀ ବସ୍ ଯୋଜନା ଅକ୍ଟୋବର ୧୨ରେ ମାଲକାନଗିରିରେ ଉଦଘାଟନ ସହିତ କାର୍ଯ୍ୟ ଆରମ୍ଭ କରିଥିଲା। ସେହିପରି ଅକ୍ଟୋବର ୨୦ରେ ଗଜପତି, ନଭେମ୍ବର ୧ରେ କଳାହାଣ୍ଡି, ନଭେମ୍ବର ୨୫ରେ ରାୟଗଡା, ନଭେମ୍ବର ୩୦ରେ ନବରଙ୍ଗପୁର ଏବଂ ଡିସେମ୍ବର ୧୩ରେ କୋରାପୁଟରେ କ୍ଲଷ୍ଟର୧ରେ ଆରମ୍ଭ ହୋଇଥିଲା। ଆସନ୍ତା କିଛି ମାସ ମଧ୍ୟରେ ଲକ୍ଷ୍ମୀ ରାଜ୍ୟର ଅବଶିଷ୍ଟ ଜିଲାରେ ଆରମ୍ଭ ହେବ।



## ରୂପାନ୍ତରଣ ପ୍ରଭାବ

ଲକ୍ଷ୍ମୀ ଯୋଜନା ୬୨,୨୯୧ ଶିକ୍ଷାନୁଷ୍ଠାନକୁ ସଂଯୋଗ କରିବା ଏବଂ ଏକାଡେମିକ କାର୍ଯ୍ୟସୂଚୀ ତଥା ପରିବହନ ସହିତ ବିଶେଷ ଭାବରେ ଗ୍ରାମାଞ୍ଚଳ ମହିଳା, ଛାତ୍ରୀମାନଙ୍କୁ ପରିବହନ କରି ଶିକ୍ଷା ଉପଲବ୍ଧତାକୁ ଯଥେଷ୍ଟ ବୃଦ୍ଧି କରିଥାଏ। ଲକ୍ଷ୍ମୀର ବସ ସମୟ,କାର୍ଯ୍ୟସୂଚୀ ବିଦ୍ୟାଳୟ ଏବଂ କଲେଜର ସମୟ ସହିତ ସମାନ କରାଯାଇଛି। ଏହି ଯୋଜନା ନିଶ୍ଚିତ କରେ ଯେ, ପରିବହନ ଦ୍ୱାରା ଶିକ୍ଷା ଆଉ ବାଧାପ୍ରାପ୍ତ ହେବ ନାହିଁ। ଏହି ପଦକ୍ଷେପ ୩୭,୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବାକୁ ସ୍ଥିର ହୋଇଛି, ଯାହା ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇ ପାରିବ। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହା ୪,୫୦୦କୋଟିରୁ ଅଧିକ ରାଜସ୍ୱ ସଂଗ୍ରହ କରିବ ବୋଲି ଆଶା କରାଯାଉଛି। ଯାହାକି ନିଯୁକ୍ତି ସୃଷ୍ଟି ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ଏକ ସକାରାତ୍ମକ ଧାରାକୁ ପ୍ରତିଫଳିତ କରିଥାଏ।






## ଜୀବନକୁ ସହଜ କରିଛି

ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି, କୋରାପୁଟ ଜିଲା ପରେ ଲକ୍ଷ୍ମୀ ବସ୍ ଯୋଜନାରେ ଯୋଡ଼ି ହୋଇଛି ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲା। ଫେବୃଆରୀ ୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସ ଜରିଆରେ ଏହାର ଶୁଭାରମ୍ଭ କରିଛନ୍ତି। ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲାର ୪୪୦ ପଞ୍ଚାୟତରେ ୧୦୧ ବସ୍ ଚାଲିବ। ଏହା ଦ୍ୱାରା ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ଦେବଗଡ଼ର ୬୯ ପଞ୍ଚାୟତରେ ୧୭ ବସ୍ ଚାଲିବ ଏବଂ ୩ ଲକ୍ଷ ଲୋକ ଉପକୃତ ହେବେ। ଅନୁଗୋଳର ୧୭୬ଟି ପଞ୍ଚାୟତରେ ୨୯ ବସ୍ ଚାଲିବ ଏବଂ ୧୧ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ । ସେହିପରି ଢେଙ୍କାନାଳର ୧୯୫ ପଞ୍ଚାୟତରେ ୫୫ ବସ୍ ଚାଲିବ ଏବଂ ୧୩ ଲକ୍ଷ ଲୋକ ଉପକୃତ ହେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି,ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ କରିଛି।



OIPR-38002/13/0037/2324

# ଓଡ଼ିଆ ଐତିହ୍ୟର ପରିଚୟ | ଭାଷା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ବୟନଶିଳ୍ପ, ଖବରକାଗଜ

## ପରବର୍ତ୍ତୀ ପିଢ଼ି ପାଇଁ ରାଜ୍ୟ ସରକାରଙ୍କ ବିଶେଷ ପ୍ରୟାସ

ଓଡ଼ିଆ ଅସ୍ମିତାର ପ୍ରତିନିଧି ହେଉଛି ଓଡ଼ିଆ ଭାଷା। ଓଡ଼ିଶାର ଗୌରବମୟ ଇତିହାସଠାରୁ ସ୍ୱର୍ଣ୍ଣିମ ଭବିଷ୍ୟତ ଯାଏ ରହିଛି ଓଡ଼ିଆ ଭାଷାର ସ୍ୱର୍ଣ୍ଣିମ ସ୍ୱାକ୍ଷର। ଓଡ଼ିଆ ଭାଷାର ଜୟଯାତ୍ରା କାଳାତୀତ ହୋଇ ସମଗ୍ର ଓଡ଼ିଆ ଚେତନା ଓ ଅସ୍ମିତାର ପ୍ରତୀକ ହେଉଛି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ଓଡ଼ିଶାର ବିକାଶ ଯାତ୍ରା ଓ ଏହି ଓଡ଼ିଆ ଜାତିର ଗୌରବର ବାର୍ତ୍ତା ସମଗ୍ର ବିଶ୍ୱ ସମ୍ମୁଖରେ ପ୍ରତିଷ୍ଠିତ।

ଭୁବନେଶ୍ୱର ଜନତା ମଇଦାନରେ ଶନିବାର ଆରମ୍ଭ ହୋଇଛି ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀ। ଏଠାରେ ପ୍ରଦର୍ଶିତ ଷ୍ଟଲ୍‌ଗୁଡ଼ିକ ଓଡ଼ିଆ ଐତିହ୍ୟର ଗାଥା ବହନ କରୁଛି।

### ମତାମତ

ମୁଁ ପ୍ରକୃତରେ ବହୁତ ଖୁସି। ମାତୃଭାଷାର ବହୁତ ଗୁରୁତ୍ୱ ରହିଛି ଏବଂ ରାଜ୍ୟ ସରକାରଙ୍କ ଏହି ପ୍ରୟାସକୁ ମୁଁ ପ୍ରଶଂସା କରୁଛି। ମୁଁ ଓଡ଼ିଆ ଭାଷା ସମ୍ପର୍କରେ ଗବେଷଣା କରିବା ପାଇଁ ଆସିଥିଲି। ମୋ ପାଇଁ ରାଜ୍ୟର ଏହି ନୂଆ ସଂସ୍କୃତିକୁ ଜାଣିବାରେ ବିଶେଷ ଇଚ୍ଛା ହୋଇଥିଲା। ମୁଁ ଏ ଭାଷାକୁ ଶିଖିଲି, ଆଉ ଆଗକୁ ମଧ କିଛି କରି ଏହି ଭାଷାର ଅଗ୍ରଗତି ପାଇଁ ଚେଷ୍ଟା କରିବି।

**-ଅନ୍ତର୍ଜାତୀୟ ବୈଦିକ ଭାଷା ବିଜ୍ଞାନ ପ୍ରଫେସର ଆର୍ଲୋ ଗ୍ରୀଫିଥ୍ସ, ଫ୍ରାନ୍ସ**

ଭାଷାକୁ ନେଇ ଏତେ ବଡ଼ ସମ୍ମିଳନୀ ହେଉଛି। ଏହା କେବଳ ଓଡ଼ିଶାରେ ସୀମିତ ନ ରହି ଅନ୍ତର୍ଜାତୀୟ ସ୍ତରରେ ମଧ ପ୍ରଚାର ପ୍ରସାର ହେଉ। ଆମ ଆଗାମୀ ପିଢ଼ି ଭାଷାକୁ ଜାଣନ୍ତୁ ବୋଲି ମୋର ଆନ୍ତରିକ ଇଚ୍ଛା।

**-ଭାଗ୍ୟଶ୍ରୀ ସିଂ, ୟୁନାଇଟେଡ୍ କିଙ୍ଗଡମ୍**

ଆମେରିକାରେ ଓଡ଼ିଆମାନଙ୍କୁ ଏକାଠି କରି ରଥଯାତ୍ରା କରୁଛୁ ଏବଂ ଓଡ଼ିଆ ଭାଷାର ପ୍ରଚାରପ୍ରସାର କରୁଛୁ। ଏହାସହ ସେଠାରେ ଲାଇବ୍ରେରୀ ନିର୍ମାଣ କରିବାକୁ ପଦକ୍ଷେପ ନେଉଛୁ।

**-ନୀଳାମ୍ବର ଜେନା, ଆମେରିକା**

ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଶୁଭାରମ୍ଭଠାରୁ ମୁଁ ଏଠି ଅଛି। ବିଶେଷ ଖୁସି ଅଛୁ ଯେ, ଓଡ଼ିଶା ସରକାର ଆମକୁ ଏହି ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି। କାଲିଫର୍ନିଆରେ ଆଗକୁ ପିଲାଙ୍କ ପାଇଁ ଓଡ଼ିଆ ସ୍କୁଲ ମାଧମରେ ଆମ ଭବିଷ୍ୟତ ପିଢ଼ିକୁ ଭାଷା ସମ୍ପର୍କରେ ସଚେତନ କରିବୁ।

**-ସୁନୀଲ ସାବତ, କାଲିଫର୍ନିଆ**

ଓଡ଼ିଆ ଭାଷାଭାଷୀଙ୍କୁ ନେଇ ସଂଗଠନ ଗଠନ କରାଯାଇଛି। ଓଡ଼ିଆଙ୍କ ପାଇଁ ଆମେ ସାଉଦିଆରବରେ ବିଭିନ୍ନ ପ୍ରତିଯୋଗିତା ମଧ ଆୟୋଜନ କରୁଛୁ।

**-ଲକ୍ଷ୍ମୀଧର ଭଞ୍ଜ, ସାଉଦିଆରବ**




## ଭାଷାର ଇତିହାସ ବଖାଣୁଛି ଖବରକାଗଜ

ଖବରକାଗଜ ଆମ ସମାଜର ମୁଖପତ୍ର। ସ୍ୱାଧୀନତା ସଂଗ୍ରାମରେ ଖବରକାଗଜ ଥିଲା ଆମ ଭାରତୀୟଙ୍କ ପ୍ରମୁଖ ଅସ୍ତ୍ର। ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ଗଠନ ଦିଗରେ ଖବରକାଗଜ ଓଡ଼ିଆଙ୍କ ମଧ୍ୟରେ ଐକ୍ୟଭାବ ଜାଗରଣ କରିବାରେ ସହାୟକ ହୋଇଥିଲା। ଓଡ଼ିଆ ଭାଷାର କ୍ରମବିକାଶ ହେବା ଫଳରେ ଖବରକାଗଜର ଲେଖନୀ ଓ ଖବର ପ୍ରକାଶନରେ ନୂତନତ୍ୱ ଦେଖିବାକୁ ମିଳିଛି। ଓଡ଼ିଆ ଭାଷାର ବିକାଶରେ ପ୍ରମୁଖ ଭୂମିକା ନେଇଥିବା ଖବରକାଗଜକୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ସ୍ଥାନ ଦିଆଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଭାରତର ପେପରମ୍ୟାନ ଶଶାଙ୍କ ଶେଖର ଦାସଙ୍କ ପ୍ରୟାସରେ ଏକ ବିଶେଷ ଷ୍ଟଲର ଆୟୋଜନ କରାଯାଇଛି। ଏହି ଷ୍ଟଲରେ ୧୯୨୯ରୁ ସଂଗୃହୀତ ଖବରକାଗଜକୁ ଏଠାରେ ସ୍ଥାନ ଦିଆଯାଇଛି। ଷ୍ଟଲରେ 'ଅ' ଠାରୁ ଆରମ୍ଭ କରି 'ଳ' ଯାଏଁ ସମସ୍ତ ବର୍ଣ୍ଣମାଳାର ଖବରକାଗଜ ଦେଖିବାକୁ ପାଇବେ। ଉତ୍କଳ ପ୍ରସଙ୍ଗର ସ୍ୱତନ୍ତ୍ର ଉତ୍କଳ ଦିବସର ପ୍ରକାଶନକୁ ଏଠାରେ ପ୍ରଦର୍ଶିତ କରାଯାଇଛି। ସେହିପରି ବିଭିନ୍ନ ଲୁପ୍ତପ୍ରାୟ ଖବରକାଗଜ ଓ ପୁସ୍ତକକୁ ସଂଗ୍ରହ କରାଯାଇ ସ୍ଥାନିତ କରାଯାଇଛି।



## ବୟନିକା

ଓଡ଼ିଶାର ବୟନଶିଳ୍ପ ଏହାର ଗୌରବମୟ ଇତିହାସର ପ୍ରମାଣ। ପ୍ରାକ୍ ଐତିହାସିକ ଯୁଗରୁ ଓଡ଼ିଶା ବୟନଶିଳ୍ପ କାରିଗରିର କଳାଚାତୁରୀ ସମଗ୍ର ବିଶ୍ୱ ଦେଖିଆସିଛି। ଏହି ସମସ୍ତ ଐତିହାସିକ ତଥ୍ୟରୁ ବୟନିକା ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ବୟନିକାର ଏକ ସ୍ୱତନ୍ତ୍ର ଷ୍ଟଲରେ ଏହି ସମସ୍ତ ପାରମ୍ପରିକ ବସ୍ତ୍ର ଏବଂ ଭୌଗୋଳିକ ପରିଚୟ (ଜିଆଇ) ପ୍ରାପ୍ତ ହସ୍ତତନ୍ତଗୁଡ଼ିକ ସ୍ଥାନିତ ହୋଇଛି। ଏହି ସବୁକୁ ଦେଖି ନୂଆପିଢ଼ି ସମସ୍ତ ହସ୍ତତନ୍ତର ସମୃଦ୍ଧ ବିଭବକୁ ଅନୁଭବ କରିପାରିବେ।

## ହସ୍ତତନ୍ତରେ ଗଜାନନ

ବିଦ୍ୟା ଓ ବୁଦ୍ଧିର ପ୍ରମୁଖ ଦେବତା ଭାବେ ଲୋକଙ୍କର ବିଶ୍ୱାସର ପ୍ରତୀକ ହେଉଛନ୍ତି ଗଜାନନ। ବୟନିକା ପକ୍ଷରୁ ଗଣେଶଙ୍କର ବିଭିନ୍ନ ସ୍ୱରୂପକୁ ନେଇ ଏକ ବିଶେଷ ବୟନ ସଂସ୍କରଣ ପ୍ରସ୍ତୁତ କରାଯାଇଛି। ଏଥିରେ ଗଣେଶ ବନ୍ଦନା ସହ ତାଙ୍କର ବିଭିନ୍ନ ନାମ ହାତରେ ବୁଣାଯାଇଛି। ଏହାର ମଧ ଭାଗରେ ପଞ୍ଚମୁଖୀ ଗଣେଶଙ୍କ ହସ୍ତତନ୍ତ ବିଶେଷ ଆକର୍ଷଣୀୟ ହୋଇଛି।

### ପ୍ରଦର୍ଶିତ ହସ୍ତତନ୍ତ

**୧. ଓଡ଼ିଶା ଇକ୍‌ତ (ଜିଆଇ ନଂ-୨୨)**
ମୁଖ୍ୟତଃ ଓଡ଼ିଶାର ପଶ୍ଚିମାଞ୍ଚଳରେ ଯଥା- ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି ଓ କଟକ ଜିଲାର କିଛି ସ୍ଥାନରେ ବୁଣାଯାଇଥାଏ। ଏହା ଜିଆଇ ଟ୍ୟାଗ୍ ପ୍ରାପ୍ତ ହୋଇ ବିଶେଷ ଭାବେ ସୁରକ୍ଷିତ ହୋଇଛି।

**୨. ବୋମକାଇ (ଜିଆଇ ନଂ-୨୧୭)**
ବୋମକାଇ ଶାଢ଼ି ସୂତା ଓ ରେଶମରେ ତିଆରି ହୋଇଥାଏ। ଏହାର ଉତ୍ପତ୍ତି ଗଞ୍ଜାମ ଜିଲାର ବୋମକାଇ ଗ୍ରାମରେ ହୋଇଥିଲା। ବର୍ତ୍ତମାନ ଏହା ମୁଖ୍ୟତଃ ସୁବର୍ଣ୍ଣପୁର, ବୌଦ୍ଧ, ଢେଙ୍କାନାଳ ଓ ଗଞ୍ଜାମରେ ବୁଣାଯାଉଛି।

**୩. ଗୋପାଳପୁରର ଟସର ଶିଳ୍ପ (ଜିଆଇ ନଂ-୧୬୭)**
ଗୋପାଳପୁର ଟସର କାମ ପାଇଁ ପ୍ରସିଦ୍ଧ। ଏଠାରୁ ଆରମ୍ଭ ହୋଇଥିବା ଟସର କାମ ଏବେ ଓଡ଼ିଶାର ଯାଜପୁର ଜିଲାର ବଡ଼ଚଣା, ଧର୍ମଶାଳା ଓ ରସୁଲପୁର ଅଞ୍ଚଳରେ ଚାଲିଛି।

**୪. ଧଳାପଥର ପରଦା ଶିଳ୍ପ (ଜିଆଇ ନଂ- ୨୦୭)**
ଧଳାପଥର ପରଦା ବିଶେଷ ଭାବରେ ସ୍ୱୀକୃତି ଲାଭ କରିପାରିଛି। ଏହା ଖୋର୍ଦ୍ଧା ଜିଲାର ଧଳାପଥର ଗ୍ରାମରେ ପ୍ରସ୍ତୁତ ହୋଇଥାଏ।

**୫. ସମ୍ବଲପୁରୀ ବାନ୍ଧ ଶିଳ୍ପ (ଜିଆଇ ନଂ- ୨୦୮ )**
ଓଡ଼ିଶାର ସମ୍ବଲପୁରୀ ବସ୍ତ୍ର ବିଶ୍ୱପ୍ରସିଦ୍ଧ। ଏହା ମୁଖ୍ୟତଃ ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ସମ୍ବଲପୁର ଓ ନୂଆପଡା ଜିଲାରେ ବୁଣାଯାଏ।

**୬. କୋଟପାଡ଼ (ଜିଆଇ ନଂ-୧୦)**
ବୃକ୍ଷର ବିଭିନ୍ନ ଅଂଶରୁ ପ୍ରସ୍ତୁତ ହୋଇଥିବା ପ୍ରାକୃତିକ ରଙ୍ଗରୁ ପ୍ରସ୍ତୁତ ହୋଇଥାଏ କୋଟପାଡ଼। ଏହା ମୁଖ୍ୟତଃ କୋରାପୁଟ ଜିଲାର କୋଟପାଡ ଅଞ୍ଚଳରେ ପ୍ରସ୍ତୁତ ହୋଇଥାଏ।

**୭. ହବସପୁରୀ (ଜିଆଇ ନଂ- ୨୧୯ )**
ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ହବସପୁରୀ ବସ୍ତ୍ର ବିଶେଷ ଭାବରେ ଖ୍ୟାତି ଅର୍ଜନ କରିଛି। ଏହା ମୁଖ୍ୟତଃ କଳାହାଣ୍ଡି ଜିଲା ହବସପୁର ଗ୍ରାମରେ ବୁଣାଯାଇଥାଏ।

**୮. ଖଣ୍ଡୁଆ (ଜିଆଇ ନଂ- ୧୩୦)**
ଏହା କଟକ ଜିଲାର ବଡ଼ମ୍ବା, ତିଗିରିଆ, ବାଙ୍କୀ ଅଞ୍ଚଳରେ ବୁଣାଯାଇଥାଏ। ଜଗନ୍ନାଥ ସଂସ୍କୃତିରେ ଏହି ବସ୍ତ୍ରର ବିଶେଷ ମାନ୍ୟତା ରହିଛି।

**୯. ବ୍ରହ୍ମପୁର ପାଟ ଓ ଯୋଡ଼ (ଜିଆଇ ନଂ- ୨୨୦)**
ଗଞ୍ଜାମ ଜିଲାର ବ୍ରହ୍ମପୁରରେ ବୁଣାଯାଉଥିବା ବ୍ରହ୍ମପୁର ପାଟ ଶାଢ଼ି ଓ ଯୋଡ଼ ଏହାର ଧଡି କାମ ପାଇଁ ବିଶେଷ ଭାବରେ ପ୍ରସିଦ୍ଧି ଲାଭ କରିଛି।




## ଉତ୍କଳିକାରେ ଓଡ଼ିଶାର ହସ୍ତଶିଳ୍ପ

ଓଡ଼ିଶାର ହସ୍ତଶିଳ୍ପ ସମଗ୍ର ବିଶ୍ୱରେ ପରିଚିତ। ପିପିଲିର ଚାନ୍ଦୁଆ ହେଉ କିମ୍ବା କଟକର ରୁପାତାରକସି କାମ ସବୁଥିରେ ଓଡ଼ିଶାର ସ୍ୱତନ୍ତ୍ର କଳାର ପରିଚୟ ରହିଛି। ଏହାକୁ ପ୍ରଦର୍ଶିତ କରିବା ପାଇଁ ଉତ୍କଳିକାର ଏକ ସ୍ୱତନ୍ତ୍ର ଷ୍ଟଲ୍‌ର ଆୟୋଜନ କରାଯାଇଛି। ଏହି ଷ୍ଟଲ୍‌ରେ ପଟ୍ଟଚିତ୍ର, କାଠଖୋଦେଇ କାମ, କଂସା ଓ ପିତଳ ସାମଗ୍ରୀ, ଛଣ ତିଆରି ହସ୍ତଶିଳ୍ପ, ପିପିଲି ଚାନ୍ଦୁଆ, ତାଳପତ୍ର ଖୋଦେଇ ଆଦି ହସ୍ତକଳାକୁ ସ୍ଥାନ ଦିଆଯାଇଛି।

## ଉତ୍କଳୀୟ ମନ୍ଦିରର ସ୍ଥାପତ୍ୟରୁ ଓଡ଼ିଆ ଲିପିର ପରିଚୟ

କଳିଙ୍ଗ ମନ୍ଦିରର ସ୍ଥାପତ୍ୟ ସପ୍ତମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧରେ ବିକଶିତ ହୋଇଛି। ପ୍ରାଚୀନ କଳିଙ୍ଗ ବର୍ତ୍ତମାନର ପୂର୍ବଭାରତୀୟ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଉତ୍ତର ଆନ୍ଧ୍ରପ୍ରଦେଶକୁ ଘେରି ରହିଥିଲା। ଯଦିଓ ଦେଖାଯାଏ ଯେ କଳିଙ୍ଗ ମନ୍ଦିରର ସ୍ଥାପତ୍ୟ ଶୈଳୀ ଉତ୍ତରଭାରତୀୟ ନାଗରା ଶୈଳୀ ଦ୍ୱାରା ପ୍ରଭାବିତ ହେଲେ ମଧ ଏହାର ଏକ ନିର୍ଦ୍ଦିଷ୍ଟ ସ୍ୱତନ୍ତ୍ରତା ରହିଛି।

### ଲିଙ୍ଗରାଜ ମନ୍ଦିର

କଳିଙ୍ଗ ଶିଳ୍ପୀମାନଙ୍କ ସ୍ଥାପତ୍ୟ କଳାର ବିଶାଳତମ କୃତି ହେଉଛି ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର। ଏହାର ସ୍ଥାପତ୍ୟ ଅତି ନିଆରା। ଏଠାରେ ଖୋଦିତ ବିଭିନ୍ନ କାରୁକାର୍ଯ୍ୟକୁ ସମ୍ମିଳନୀର ପ୍ରଦର୍ଶନୀ କକ୍ଷରେ ପ୍ରଦର୍ଶିତ ହୋଇଛି। ବିଭିନ୍ନ ଦେବତା, ସୁନ୍ଦର ମନୁଷ୍ୟର ଚିତ୍ର, ଇନ୍ଦ୍ର, ଗଜକାନ୍ତ, ଶାଳଭଞ୍ଜିକା, ସୁରସୁନ୍ଦରୀ, ଅଳସକନ୍ୟା ଚିତ୍ର ଖୋଦିତ ହୋଇଥିବା ସ୍ଥାପତ୍ୟର ଝଲକ ଦେଖିବାକୁ ମିଳିଛି।

### ଶ୍ରୀଜଗନ୍ନାଥ ମନ୍ଦିର

ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓଡ଼ିଶାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଶିଳ୍ପକଳାର ଏକ ଅପୂର୍ବ ନିଦର୍ଶନ। ବଡ଼ଦେଉଳକୁ ଶିଳ୍ପଶାସ୍ତ୍ରର ବିମାନ କିମ୍ବା ରେଖା ଦେଉଳ କୁହାଯାଏ। ଜଗନ୍ନାଥ ମନ୍ଦିର ଭୋଗମଣ୍ଡପର ସ୍ଥାପତ୍ୟକୁ ଏହି ପ୍ରଦର୍ଶନୀ କକ୍ଷରେ ସ୍ଥାନ ଦିଆଯାଇଛି। ସ୍ଥାପତ୍ୟରେ ନଟେଶ ଶିବ, ନାରୀ ଚିତ୍ର, ଭାରବାହକ, ନବଗ୍ରହ, ଗଜଲକ୍ଷ୍ମୀ, ଯମୁନା, କୃଷ୍ଣ, ଗଙ୍ଗା ଆଦି ଖୋଦିତ ହୋଇଛି। ଦ୍ୱାର ଉପରେ ନବଗ୍ରହଙ୍କୁ ଖୋଦିତ କରାଯାଇଛି। ସାହାଣ ପଥରରେ ଏହି କାରୁକାର୍ଯ୍ୟ କରାଯାଇଛି।

### ମନ୍ଦିର ସଂସ୍କୃତିରେ ଓଡ଼ିଆ ଭାଷା ଓ ଲିପିର ପ୍ରମାଣ

ଉତ୍କଳ ହେଉଛି ପବିତ୍ର ଜଗନ୍ନାଥ କ୍ଷେତ୍ର, ଧର୍ମ ଚେତନାର ବିଚିତ୍ର ଲୀଳାସ୍ଥଳ। ସ୍ୱୟଂ ଜଗନ୍ନାଥ ହେଉଛନ୍ତି ଉତ୍କଳର ଧର୍ମ ଚେତନାର ପ୍ରାଣକେନ୍ଦ୍ର। ଓଡ଼ିଶାର ସଂସ୍କୃତି ହେଉଛି ସୁଦୂରପ୍ରସାରି। ଓଡ଼ିଶାର ମନ୍ଦିର ଏହାର ସ୍ୱତନ୍ତ୍ର ପରିଚୟ ବହନ କରେ। ଓଡ଼ିଶାର ଶିଳାଲେଖ, ଅଭିଲେଖ, ତାମ୍ରଫଳକରୁ ମିଳେ ଓଡ଼ିଶା ସଂସ୍କୃତିର ମହକ। ବିଶ୍ୱ ଓଡ଼ିଆ ସମ୍ମିଳନୀରେ ଏହାର ଝଲକ ଦେଖିବାକୁ ମିଳିଛି।





## ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକରେ ବିଜ୍ଞାନର ଭୂମିକା

ସମାଜରେ ରହିଆସିଥିବା ଭ୍ରାନ୍ତଧାରଣା ଓ ଅନ୍ଧବିଶ୍ୱାସକୁ ଦୂରୀକରଣରେ ବିଜ୍ଞାନର ପ୍ରମୁଖ ଭୂମିକା ରହିଛି। ଏନେଇ ଜନସଚେତନତା ବୃଦ୍ଧି କରିବା ଓ ମାନବୀୟ ଅଭିବୃଦ୍ଧି ନିମନ୍ତେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ସହିତ ଜଡିତ ଓଡ଼ିଶା ବିଜ୍ଞାନ ଏକାଡେମୀ, ପଠାଣି ସାମନ୍ତ ପ୍ଲାନେଟାରିୟମ, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ, ଜୈବ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମିଳିତ ଉଦ୍ୟମରେ ଏକ ଷ୍ଟଲକୁ ସମ୍ମିଳନୀରେ ସାମିଲ କରାଯାଇଛି। ଏହି ଷ୍ଟଲରେ ମାସିକ ପତ୍ରିକା ବିଜ୍ଞାନ ଦିଗନ୍ତକୁ ପ୍ରଦର୍ଶିତ କରାଯାଇଛି। ଦୃଷ୍ଟିବାଧିତଙ୍କ ସୃଜନଶୀଳତା ବୃଦ୍ଧି ପାଇଁ ବ୍ରେଲି ଲିପିରେ ମଧ ଲେଖାଯାଉଥିବା ବିଜ୍ଞାନ ଦିଗନ୍ତକୁ ଏଠାରେ ସ୍ଥାନିତ କରାଯାଇଛି। ଏହାସହ ଏହି କକ୍ଷରେ ଡାକରୁମ ଓ ମୋ ସ୍କୁଲ ଅଭିଯାନ ପକ୍ଷରୁ ଡାକଟିକଟ ପ୍ରଦର୍ଶନୀ ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧରେ ଓଡ଼ିଆ ଭାଷା ପ୍ରତି ଭଲପାଇବା ଓ ସମ୍ବେଦନଶୀଳତା ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରତିଯୋଗିତାର ମଧ ଆୟୋଜନ କରାଯାଇଛି।



## ଶିଳାଲେଖରେ ଓଡ଼ିଆ ଭାଷା

### ନଟରାଜ ଶିଳାଲେଖ

ନାଗବଂଶର ରାଜା ଶତ୍ରୁଭଞ୍ଜଙ୍କ ଦ୍ୱାରା ନିର୍ମିତ ଶୈବମନ୍ଦିର ସମ୍ବନ୍ଧରେ ଏହା ତଥ୍ୟ ପ୍ରଦାନ କରେ। ଏହି ଶିଳାଲେଖ ଓଡ଼ିଶାରେ ପ୍ରଚଳିତ ଥିବା ଶୈବଧର୍ମ ସମ୍ବନ୍ଧରେ ପ୍ରଥମ ଐତିହାସିକ ତଥ୍ୟ ପ୍ରଦାନ କରେ। ଏହା କେନ୍ଦୁଝରର ଅସନପଟରେ ଅବସ୍ଥିତ। ଏଠାରେ ଗୁପ୍ତବ୍ରାହ୍ମୀ ଲିପି ଦେଖିବାକୁ ମିଳେ।

### ମେଘେଶ୍ୱର ମନ୍ଦିର ଶିଳାଲେଖ

ଦ୍ୱାଦଶ ଶତାବ୍ଦୀରେ ସ୍ୱପ୍ନେଶ୍ୱର ଦେବଙ୍କ ଦ୍ୱାରା ନିର୍ମିତ ଏହି ମନ୍ଦିରରେ ନାଗରୀ ଲିପି ଦେଖିବାକୁ ମିଳିଥାଏ। ଏହି ମନ୍ଦିରରେ ଦେବଦାସୀ ନିୟୋଜିତ କରାଯାଇଥିବା ସୂଚନା ମିଳେ।

### ବ୍ରହ୍ମେଶ୍ୱର ଶିଳାଲେଖ

ସୋମବଂଶୀ ରାଜା ଉଦ୍ୟୋତକେଶରୀଙ୍କ ମାତା କୋଳାବତୀ ଦେବୀ ଏହି ଶୈବପୀଠ ନିର୍ମାଣ କରିଥିଲେ। ଏଠାରେ ପ୍ରତ୍ନ ନାଗରୀ ଲିପି ଦେଖିବାକୁ ମିଳେ।

### ଖଣ୍ଡଗିରି-ଉଦୟଗିରି ହାତୀଗୁମ୍ଫା ଶିଳାଲେଖ

ଏହି ଶିଳାଲେଖ ସମ୍ରାଟ ମହାମେଘବାହନ ଐରଖାରବେଳଙ୍କ ୧୩ ବର୍ଷର କୃତି ଓ କୀର୍ତ୍ତି ସମ୍ବନ୍ଧରେ ତଥ୍ୟ ପ୍ରଦାନ କରେ। ଏଠାରେ ବ୍ରାହ୍ମୀ ଲିପି ମୁଖ୍ୟତଃ ଦେଖିବାକୁ ମିଳେ।

### ଉର୍ଜାମ ଶିଳାଲେଖ

ଏହି ଶିଳାଲିପିରୁ ଓଡ଼ିଆ ଭାଷାର ପ୍ରାଥମିକ ସ୍ୱରୂପ ସ୍ପଷ୍ଟ ହୋଇଥାଏ। ଏଥିରେ ନାଗରୀ ଲିପି ସମ୍ପର୍କରେ ଜାଣିବାକୁ ମିଳେ। ଏହାବ୍ୟତୀତ କପିଳାସ ମନ୍ଦିରର ଶିଳାଲେଖ, କପିଳେନ୍ଦ୍ର ଦେବଙ୍କ ଲକ୍ଷ୍ମୀ ନରସିଂହ ମନ୍ଦିର, ସୋନପୁରର ସ୍ତମ୍ଭେଶ୍ୱରୀ ମନ୍ଦିର ଆଦିକୁ ମଧ ପ୍ରଦର୍ଶନୀ କକ୍ଷରେ ସ୍ଥାନିତ କରାଯାଇଛି।

## ତାଳପତ୍ର ଲେଖାରେ ଓଡ଼ିଆ ସାହିତ୍ୟ

ଦ୍ୱାଦଶ ଶତାବ୍ଦୀରେ ଜୟଦେବଙ୍କ ଦ୍ୱାରା ତାଳପତ୍ରରେ ଲିଖିତ ଗୀତଗୋବିନ୍ଦରେ କୃଷ୍ଣଙ୍କର ଜୀବନ କାହାଣୀ ଚିତ୍ରିତ ହୋଇଛି। ଏଥିରେ ବିଷ୍ଣୁ ଅବତାର ଓ ରାଧାକୃଷ୍ଣଙ୍କ ବିଷୟରେ ବର୍ଣ୍ଣନା ଅଛି। ଶିବ ଏବଂ ସତୀ, ଶିବ-ପାର୍ବତୀଙ୍କ ପ୍ରେମ, ହରିହର ଯୁଦ୍ଧ ଆଦି ସମ୍ପର୍କରେ ତାଳପତ୍ର ଖୋଦିତ ପ୍ରମାଣକୁ ଏଠାରେ ସ୍ଥାନିତ କରାଯାଇଛି।






# ଦୃଢ଼ ସ୍ଥିତିରେ ଓଡ଼ିଶା

ଭୁବନେଶ୍ୱର,୩।୨(ସରୋଜ ଜେନା)

କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପୁଡୁଚେରୀ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ଦୃଢ ସ୍ଥିତିରେ ରହିଛି ଓଡ଼ିଶା। ଅଭିଜ୍ଞ ଖେଳାଳି ବିପ୍ଳବ ସାମନ୍ତରାୟଙ୍କ ୮୨ ରନ୍ ବଳରେ ଓଡ଼ିଶା ୩୨୨ ରନ୍ କରିଥିବା ବେଳେ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ପୁଡୁଚେରୀ ୪ ଉଇକେଟରେ ୧୨୭ ରନ୍ କରିଛି। ହାତରେ ୬ ଉଇକେଟ ରହିଥିବା ବେଳେ ୧୯୫ ରନ୍ ପଛରେ ରହିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୨୩୦/୪ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ପୂର୍ବ ଦିନରୁ ୪୧

## ବିପ୍ଳବ ସାମନ୍ତରାୟଙ୍କ ଅର୍ଦ୍ଧଶତକ

ରନ୍‌ରେ ଅପରାଜିତ ଥିବା ବିପ୍ଳବ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଆଉ ୪୧ ରନ୍ ଯୋଡିଥିଲେ। ବିପ୍ଳବଙ୍କ ୮୨ ରନ୍ ବଳରେ ଓଡ଼ିଶା ୧୨୦.୨ ଓଭରରେ ୩୨୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ସେ ୨୦୫ ବଲ୍ ଖେଳି ୮ ଚୌକା ଓ ୧ ଛକା ମାରିଥିଲେ। ଉଇକେଟ କିପର ଆଶୀର୍ବାଦ ସ୍ୱାଇଁ ଉପଯୋଗୀ ୪୦ ରନ୍ ସ୍କୋର କରିଥିଲେ। ଉଭୟ ଖେଳାଳି ଷଷ୍ଠ ଉଇକେଟରେ ୭୧ ରନ୍ ଯୋଡିଥିଲେ। ଏକଦା ୩୦୧/୫ ଥିବା ଓଡ଼ିଶା ଅନ୍ତିମ ୫ ଉଇକେଟ ମାତ୍ର ୨୧ ରନରେ ହରାଇଥିଲା। ପୁଡୁଚେରୀ ପକ୍ଷରୁ ଗୌରବ ଯାଦବ ୫ ଓ ସୌରଭ ଯାଦବ ୪ ଉଇକେଟ ନେଇଥିଲେ।

ପୁଡୁଚେରୀର ଆରମ୍ଭ ଅତ୍ୟନ୍ତ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ରାଜେଶ ମହାନ୍ତି ନିଜ ଚମତ୍କାର ଫର୍ମ ବଜାୟ ରଖି ମ୍ୟାଚ୍‌ର ପଞ୍ଚମ ଓଭରରେ ଓଡ଼ିଶାକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ଆକାଶ କରଗାଭେ(୪)ଙ୍କୁ ସେ ବୋଲ୍ଡ କରିଥିଲେ। ସନ୍ତୋଷ ରତ୍ନପାର୍ଖେ(୦) ଓ ପାରସ ଡୋଗ୍ରା(୧) ସହଜରେ ଆଉଟ ହେବାରୁ ଦଳ ୮ ରନ୍‌ରେ ୩ ଉଇକେଟ ହରାଇଥିଲା। ପରେ ଜୟ ପାଣ୍ଡେ (୧୦) ରନ୍ ଆଉଟ ହେବା ଫଳରେ ପୁଡୁଚେରୀ ୫୬ ରନ୍‌ରେ ୪ ଉଇକେଟ ହରାଇଥିଲା। ତେବେ ଅଧିନାୟକ


ବିପ୍ଳବ ସାମନ୍ତରାୟ

ତଥା ଉଇକେଟକିପର କେ.ବି. ଅରୁଣ କାର୍ତ୍ତିକ କାଉଣ୍ଟର ଆଟାକ କରି ୭୭ ରନ୍ ସ୍କୋର କରିଥିଲେ। ଫାବିଦ୍ ଅହମଦ୍(୩୧*)ଙ୍କ ସହ ମିଶି ସେ ପଞ୍ଚମ ଉଇକେଟରେ ଅବିଭାଜିତ ୭୧ ରନ୍ ଯୋଡିଥିଲେ। କାର୍ତ୍ତିକ ୧୦୪ ବଲ୍ ଖେଳି ୧୨ ଚୌକା ସହ ୭୭ ରନ୍ କରିଛନ୍ତି। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ୨ ଓ ଦେବବ୍ରତ ପ୍ରଧାନ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୧୨୦.୨ ଓଭରରେ ୩୨୨/୧୦( ବିପ୍ଳବ ସାମନ୍ତରାୟ-୮୨, ଗୋବିନ୍ଦ ପୋଦ୍ଦାର-୮୦, ସନ୍ଦୀପ ପଟ୍ଟନାୟକ-୪୪, ଗୌରବ ଯାଦବ-୫/୬୯, ସୌରଭ ଯାଦବ-୪/୮୧, ଆର୍. ଯାଦବ-୧/୫୪)।

ପୁଡୁଚେରୀ ୪୩ ଓଭରରେ ୧୨୭/୪(ଅରୁଣ କାର୍ତ୍ତିକ-୭୭*, ଫାବିଦ ଅହମଦ-୩୧*, ରାଜେଶ ମହାନ୍ତି-୨/୩୫, ଦେବବ୍ରତ ପ୍ରଧାନ-୧/୧୬)।




## ରାଜେଶ ମହାନ୍ତିଙ୍କୁ ୧୦୦ ଉଇକେଟ

**ଭୁବନେଶ୍ୱର,୩।୨(ସରୋଜ ଜେନା):** କଟକର ବାରବାଟୀ ଷ୍ଟାଡିୟମରେ ପୁଡୁଚେରୀ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ଓଡ଼ିଆ ପେସ୍ ବୋଲର ରାଜେଶ ମହାନ୍ତି ଏକ ନିଆରା ସଫଳତା ହାସଲ କରିଛନ୍ତି। ସେ ପ୍ରଥମ ଶ୍ରେଣୀ କ୍ୟାରିୟରରେ ୧୦୦ ତମ ଉଇକେଟ ହାସଲ କରିଛନ୍ତି। ରାଜେଶ ୨୪ ତମ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ଏହି ସଫଳତା ହାସଲ କରିଛନ୍ତି। ଚଳିତ ସିଜନରେ ସେ ପ୍ରଥମ ୩ ମ୍ୟାଚ୍‌ରେ ୨୨ ଉଇକେଟ ନେଇସାରିଥିବା ବେଳେ ପୁଡୁଚେରୀ ବିପକ୍ଷ ମ୍ୟାଚ୍‌ରେ ଅଦ୍ୟାବଧି ୨ ଉଇକେଟ ନେଇସାରିଲେଣି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ